


ନବରାତ୍ର ଉପଚାର

ମା'ଙ୍କ ଚନ୍ଦ୍ରଘଣ୍ଟା ବେଶ

RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-111 ♦WEDNESDAY ♦14 OCTOBER 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୧୧୧ ♦ବୁଧବାର ♦୧୪ ଅକ୍ଟୋବର ୨୦୨୬ ♦ପୃଷ୍ଠା-୧୨ ♦ଟ.୬.୦୦

ଇଣ୍ଡିଆ ମେଣ୍ଟର 'ମିସନ ଜ୍ଞାନେଶ'

■ ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): ଏସ୍‌ଆଇଆର୍ ପ୍ରସଙ୍ଗକୁ ନେଇ ନିର୍ବାଚନ କମିସନ ମତଭେଦ ପରେ ସାରା ଦେଶରେ ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ସୃଷ୍ଟି ହୋଇଛି ଆକ୍ରୋଶ। ବିରୋଧୀ ଇଣ୍ଡିଆ ମେଣ୍ଟ, କକ୍ରୋଚ୍ ଜନତା ପାର୍ଟି, ବିଭିନ୍ନ ସାମାଜିକ ସଂଗଠନ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି ଆସୁଛନ୍ତି। ଯେ ପର୍ଯ୍ୟନ୍ତ ସିଇସି ନିଜ ପଦବୀରୁ ଇସ୍ତଫା ଦେଇନାହାନ୍ତି, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ବିରୋଧୀ ଇଣ୍ଡିଆ ମେଣ୍ଟ ଘୋଷଣା କରିଛି। ଗତ ଏକ ସପ୍ତାହ ମଧ୍ୟରେ ଇଣ୍ଡିଆ ମେଣ୍ଟର ସଦସ୍ୟ, ରାଜନୈତିକ ଦଳଗୁଡିକ କ୍ରମାଗତ ଭାବରେ ଦିଲ୍ଲୀରେ ଆନ୍ଦୋଳନ ଜାରି ରଖିଛନ୍ତି। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ▶ପୃଷ୍ଠା-୭

ଇଣ୍ଡିଆ ମେଣ୍ଟ ଏବଂ ସାମାଜିକ କର୍ମୀ ଏକାଠି

ଆନ୍ଦୋଳନ ନିମନ୍ତେ ଗୋପନ ରଣନୀତି ପ୍ରସ୍ତୁତ

ସିଇସିଙ୍କ ଇସ୍ତଫା ଯାଏ ଲଢ଼େଇ: ରାହୁଲ



■ ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): ଆମେ ଏକାଠି ଅଛୁ। ଆମର ଆନ୍ଦୋଳନ ମିଳିତ ଭାବେ ଚାଲିଛି। ଆମର ଉଦ୍ଦେଶ୍ୟ ହେଉଛି ଗୋଟିଏ। ତାହା ହେଲା ଗଣତନ୍ତ୍ରର ସୁରକ୍ଷା। ଆଜି ରାହୁଲଙ୍କ ସରକାରୀ ବାସଭବନରେ ଅନୁଷ୍ଠିତ ମିଳିତ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳର ନେତାମାନେ ଏକାଠି ହୋଇ ସରକାର ଏବଂ ନିର୍ବାଚନ କମିସନରଙ୍କ ଉପରେ ବର୍ଷିଛନ୍ତି। ଏହି ସମ୍ମିଳନୀରେ ଇଣ୍ଡିଆ ମେଣ୍ଟର ନେତାଙ୍କ ସମେତ ଛାତ୍ର ସଂଗଠନ ଏବଂ ▶ପୃଷ୍ଠା-୭

ପୂର୍ବରୁ ହାରୁଥିଲେ, ଆଗକୁ ବି ହାରିବେ: ଶାହ



■ ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): ଏସ୍‌ଆଇଆର ବିବାଦରେ ଫସିଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ବିରୋଧୀ ଦଳ ଆନ୍ଦୋଳନ ଚଳାଇଥିବା ବେଳେ ଏହି ଘଟଣାରେ ରାହୁଲ ଗାନ୍ଧୀଙ୍କୁ ଘେରିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ। ସେ କହିଛନ୍ତି ଯେ ଆସନ୍ତା ୨୦୨୯ରେ ହେବାକୁ ଯାଉଥିବା ସାଧାରଣ ନିର୍ବାଚନରେ ମଧ୍ୟ ବିରୋଧୀ ମେଣ୍ଟର ଶୋଚନୀୟ ପରାଜୟ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିଜେପି ଏବଂ ଏନଡିଏ ପ୍ରତି ଲୋକମାନଙ୍କର ଆସ୍ଥା ରହିଛି ଏବଂ ଏହି ମେଣ୍ଟ ପୁଣି ବଜୟା ହେବ। ସେ କହିଲେ ଯେ କଂଗ୍ରେସ ନକରାତ୍ମକ ରାଜନୀତି କରୁଛି ଏବଂ ଏହା ବିରୋଧୀ ମେଣ୍ଟକୁ କୌଣସି ଫାଇଦା ଦେବନାହିଁ। ▶ପୃଷ୍ଠା-୭

ଦୀପାବଳି ପରେ ୟୁପିଆଇ ଶୁଳ୍କ

ଅକ୍ଟୋବର ୧୫ ତାରିଖରୁ ଲାଗୁ ପାଇଁ ହୋଇଥିଲା ଘୋଷଣା



■ ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): ଶେଷରେ ନଇଁଲେ କେନ୍ଦ୍ର ସରକାର। ୟୁପିଆଇ ପେମେଣ୍ଟ ଉପରେ ମର୍ଚ୍ଚାଣ୍ଟ ଫି' ପ୍ରସଙ୍ଗରେ ସାରା ଦେଶରେ ତୀବ୍ର ବିରୋଧକୁ ନଜରରେ ରଖି କେନ୍ଦ୍ର ସରକାର ୟୁପିଆଇ ପେମେଣ୍ଟରେ ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍(ଏମ୍‌ଡିଆର୍) ଚାର୍ଜ କାର୍ଯ୍ୟକାରିତାକୁ ବର୍ତ୍ତମାନ ସ୍ଥଗିତ ରଖିଛନ୍ତି। ଶେଷରେ ନ୍ୟାସନାଲ ପେମେଣ୍ଟ୍ସ କର୍ପୋରେସନ ଅଫ ଇଣ୍ଡିଆ ୨୦୦୦ ଟଙ୍କାରୁ ଅଧିକ ୟୁପିଆଇ ପେମେଣ୍ଟ ଉପରେ ୦.୪ ପ୍ରତିଶତ ଏମ୍‌ଡିଆର ଫି' ଲାଗୁ ନିଷ୍ପତ୍ତିକୁ ଦୀପାବଳି ପର୍ଯ୍ୟନ୍ତ ଘୁଞ୍ଚାଇଦେଇଛି। ସୂଚନାଯୋଗ୍ୟ ଯେ, ଏହି ଫି' ଅକ୍ଟୋବର ୧୫ରୁ ଲାଗୁ ହେବାର ଥିଲା। ପାର୍ବଣ ସମୟରେ ଗ୍ରାହକ ଏବଂ ବ୍ୟବସାୟୀଙ୍କ ଉପରେ ଯେମିତି ଅତିରିକ୍ତ ଆର୍ଥିକ ବୋଝ ନ ପଡ଼ିବ ସେଥିପାଇଁ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ପାର୍ବଣ ସମୟରେ ବ୍ୟବସାୟ କାରବାର ଭଲ ରହିଥାଏ। ତେଣୁ ବ୍ୟବସାୟୀ ସଂଗଠନ ଫିଟନେକ୍ ଏବଂ ପେମେଣ୍ଟ କମ୍ପାନୀ ଏହି ଫି' ଲାଗୁ ନିଷ୍ପତ୍ତି ଘୁଞ୍ଚାଇବାକୁ ବାରମ୍ବାର ଦାବି କରିଆସୁଥିଲେ। ସେମାନଙ୍କ କହିବା କଥା ଏମ୍‌ଡିଆର ଅଲଗା ଅଲଗା ଦର ଏବଂ ନିୟମକୁ ନେଇ ଆହୁରି ସ୍ପଷ୍ଟତା ଜରୁରୀ। ଏପରିକି ବ୍ୟବସାୟୀ ମହଲରେ ▶ପୃଷ୍ଠା-୭

ରାଜ୍ୟସଭା ଓ କେନ୍ଦ୍ରମନ୍ତ୍ରୀ ପଦରୁ ମୁରୁଗାନଙ୍କ ଇସ୍ତଫା

ବଢ଼ିଲା କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମ୍ଭାବନା



■ ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଆଜି ଅଚାନକ ଇସ୍ତଫା ପ୍ରଦାନ କରିଛନ୍ତି ଏଲ. ମୁରୁଗାନ। କେନ୍ଦ୍ରରେ ସୂଚନା ଓ ପ୍ରସାରଣ ବିଭାଗ ସହିତ ସଂସଦୀୟ ବ୍ୟାପାର ବିଭାଗରେ ରାଷ୍ଟ୍ର ମନ୍ତ୍ରୀ ଥିବା ମୁରୁଗାନ ରାଜ୍ୟସଭାର ସଭ୍ୟ ପଦରୁ ମଧ୍ୟ ଇସ୍ତଫା ଦେଇଛନ୍ତି। ଇସ୍ତଫାର ପ୍ରକୃତ କାରଣ ଜଣାପଡ଼ି ନଥିଲେ ମଧ୍ୟ ତାମିଲନାଡୁରେ ବିଜେପି ସଂଗଠନକୁ ମଜବୁତ କରିବା ଲାଗି ସେ ଇସ୍ତଫା ଦେଇଥିବା ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଲେଖିଥିବା ପତ୍ରରେ ତାଙ୍କୁ ଦାୟିତ୍ୱମୁକ୍ତ କରିବା ଲାଗି ଅନୁରୋଧ କରିଛନ୍ତି ମୁରୁଗାନ। ସେ କହିଛନ୍ତି ଯେ ତାମିଲନାଡୁରେ ବିଜେପି ସଂଗଠନକୁ ମଜବୁତ କରିବା ଲାଗି ସେ ସଂପୂର୍ଣ୍ଣ ସମୟ ଦେବେ। ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ରାଜ୍ୟରେ ପାର୍ଟିକୁ ସେ ସୁଦୃଢ଼ କରିବାକୁ ଚାହାନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ସେ ଉଲ୍ଲେଖ କରିଛନ୍ତି ଯେ 'ତାମିଲନାଡୁ ରାଜନୀତିକୁ ଫେରି ମଇଦାନରେ କାର୍ଯ୍ୟକର୍ତ୍ତାଙ୍କ ସହ ମିଶି ୨୦୨୯ ପୂର୍ବରୁ ବିଜେପିକୁ ମଜବୁତ କରିବି। ରାଷ୍ଟ୍ର ପ୍ରଥମ, ଏହାପରେ ଦଳ ଏବଂ ▶ପୃଷ୍ଠା-୭

ମମତାଙ୍କୁ ହତ୍ୟା ଉଦ୍ୟମ



■ କୋଲକାତା, ୧୩।୧୦ (ଏଜେନ୍ସି): ପଶ୍ଚିମ ବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀଙ୍କୁ ଆଜି ହତ୍ୟା କରିବାକୁ ଉଦ୍ୟମ ହୋଇଛି। ହତ୍ୟା ଉଦ୍ୟମ କରିଥିବା ଜଣେ ମହିଳାଙ୍କୁ ଟିଏମସି କର୍ମୀ କାବୁ କରି ପୁଲିସ ଜିମା ଦେଇଛନ୍ତି। ଟିଏମସି ସୂତ୍ରରୁ ପ୍ରକାଶ ଯେ ଆଜି ସନ୍ଧ୍ୟାରେ ଏକ ପୂଜା ପେଣ୍ଡାଲ ଉଦଘାଟନ କରିବା ଲାଗି ମମତା ତାଙ୍କର କାଲିଘାଟ ବାସଭବନରୁ ବାହାରକୁ ଆସୁଥିବା ବେଳେ ମହିଳା ଜଣକ ▶ପୃଷ୍ଠା-୭

ଶାସନ ମୁଖ୍ୟ ଭାବରେ ୨୫ ବର୍ଷ ପୂର୍ତ୍ତି

କ୍ୟାବିନେଟ୍‌ରେ ମୋଦୀଙ୍କୁ 'ଅଭିନନ୍ଦନ ସଂକଳ୍ପ'

ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭କୁ ସାକାର କରିବା ଉପରେ ପ୍ରଧାନମନ୍ତ୍ରୀଙ୍କ ରହିଛି ସ୍ୱତନ୍ତ୍ର ଫୋକସ: ମୁଖ୍ୟମନ୍ତ୍ରୀ



■ ଭୁବନେଶ୍ୱର, ୧୩।୧୦ (ସମିସ): ଶାସନ ମୁଖ୍ୟ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର କାର୍ଯ୍ୟକାଳ ପୂରଣ ଅବସରରେ ତାଙ୍କୁ ଅଭିନନ୍ଦନ ଜଣାଇ ଓଡ଼ିଶା ରାଜ୍ୟ କ୍ୟାବିନେଟ ଏକ ସଂକଳ୍ପ ପାରିତ କରିଛି। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏହି ସଂକଳ୍ପ ପାରିତ ହୋଇଥିବା ବେଳେ ଦୀର୍ଘ ୨୫ ବର୍ଷର ଜନସେବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇ ଏହି ସଂକଳ୍ପ ଗୃହୀତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଭାବେ ମୋଦୀ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଓଡ଼ିଶାର ବିକାଶମୂଳକ ପଦକ୍ଷେପଗୁଡ଼ିକୁ ମଧ୍ୟ ସ୍ୱତନ୍ତ୍ର ଗୁରୁତ୍ୱ ମିଳିଛି। ଓଡ଼ିଶାରେ ଆମ ସରକାର ଗଠନ ହେବା ପରଠାରୁ ପ୍ରଧାନମନ୍ତ୍ରୀ ୮ ଥର ଓଡ଼ିଶା ଆସି ରାଜ୍ୟର ▶ପୃଷ୍ଠା-୭

ବିଶେଷ ଟିପ୍ପଣୀ



ଭଦ୍ରୋଥ ଜିଲ୍ଲା ପଞ୍ଚାୟତ ଉପନିର୍ବାଚନରେ ଆପ୍‌ର ଐତିହାସିକ ବିଜୟ ହାସଲ କରିଛି। ଏହା ପ୍ରମାଣ କରୁଛି ଯେ ଗୁଜରାଟର ଚାଷୀଙ୍କ ବିଶ୍ୱାସ ଆପ୍ ସହିତ ରହିଛି। ମରୁଡ଼ି ପରିସ୍ଥିତିରେ ଚାଷୀଙ୍କୁ ନ୍ୟାୟ ନ ଦେବାରୁ ବିଜେପି ସରକାରକୁ ଚାଷୀଙ୍କ ଉଚିତ୍ ଜବାବ୍ ମିଳିଛି।

ଅରବିନ୍ଦ କେଜ୍ରିୱାଲ (ଆପ୍ ସଭାପତି)



ସରକାର ଆମକୁ ପରସ୍ପର ବିରୁଦ୍ଧରେ ଲଢ଼ାଇବାକୁ ଚେଷ୍ଟା କରୁଛନ୍ତି। ତଥ୍ୟକୁ ଭିନ୍ନ ଭାବରେ ବ୍ୟବହାର କରି ସନ୍ଦେହ ଏବଂ ଅବିଶ୍ୱାସ ସୃଷ୍ଟି କରୁଛନ୍ତି। ଆମେ ଏକ ହୋଇ କାର୍ଯ୍ୟ କରିବା ଉଚିତ୍। ପରସ୍ପରକୁ ସନ୍ଦେହ କରିବା ପରିବର୍ତ୍ତେ କ୍ଷମତାରେ ଥିବା ଲୋକଙ୍କୁ ପ୍ରଶ୍ନ କରିବା। ଷଡ଼ଯନ୍ତ୍ର ତତ୍ତ୍ୱଗୁଡ଼ିକୁ ଆମକୁ ବିଭାଜିତ ନକରୁ। ଲଢେଇ ଜ୍ଞାନେଶ କୁମାର ଏବଂ ତାଙ୍କୁ ସୁରକ୍ଷା ଦେଉଥିବା ଲୋକଙ୍କ ବିରୁଦ୍ଧରେ। ଏହାକୁ ଭୁଲିଯିବା ନାହିଁ।

-ଅଭିଜିତ୍ ଦୀପ୍‌କେ (ସିଜେପି ସଂସ୍ଥାପକ)

ଜେନ୍ Z

ପ୍ରଧାନମନ୍ତ୍ରୀଙ୍କୁ ମୋର ଅନୁରୋଧ ବିଶ୍ୱର ସମୃଦ୍ଧିରେ ଯୋଗ ଦେବା ବିଷୟରେ ପରେ ଆଲୋଚନା କରିବା। ପ୍ରଥମେ, ଭାରତକୁ ସମୃଦ୍ଧ କରିବା ଉପରେ ଧ୍ୟାନ ଦିଅନ୍ତୁ। କେବଳ ଏହା ହିଁ ଏହି ଦେଶର ଲୋକଙ୍କ ପାଇଁ ଏକ ବଡ଼ ସଫଳତା ହେବ।

-ବୀଣା ପାଣ୍ଡେ @veenapa63862707

ପଞ୍ଜାବ ମେଡିସିନ ଷ୍ଟୋରରେ ଡ୍ରଗ୍ସ ବିକ୍ରି, ବିରୋଧ କରିବାରୁ ସମାଜସେବୀଙ୍କୁ ଗୁଳିକରି ହତ୍ୟା

ଚଣ୍ଡୀଗଡ/ମାନସା,୧୩।୧୦ (ଏଜେନ୍ସି): ପଞ୍ଜାବର ମାନସା ଜିଲ୍ଲାରେ ଜଣେ ନିଶା ନିବାରଣ କର୍ମୀ ପରବିନ୍ଦର ସିଂହ ଝୋଟାଙ୍କୁ ବେଆଇନ୍ ନିଶା ଔଷଧ (ଡ୍ରଗ୍ସ) ବିକ୍ରିକୁ ନେଇ ଜଣେ ମେଡିକାଲ୍ ଷ୍ଟୋର୍ ମାଲିକ ଗୁଳି କରି ହତ୍ୟା କରିଛନ୍ତି। ସମ୍ପୂର୍ଣ୍ଣ ଘଟଣାଟି ତାଙ୍କ ଫେସବୁକ୍ ଲାଇଭ୍ ଷ୍ଟ୍ରିମ୍ ସମୟରେ ଘଟିଛି। ସୂଚନା ଅନୁସାରେ, ପରବିନ୍ଦର ବେଆଇନ୍ ଡ୍ରଗ୍ସ କାରବାର ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ବେଶ୍ ଜଣାଶୁଣା। ଲାଇଭ୍ ସେସନ୍ ସମୟରେ ସେ ମାନସାର ଜଣେ ମେଡିକାଲ୍ ଷ୍ଟୋର୍ ମାଲିକଙ୍କୁ ଡ୍ରଗ୍ସ ବିକ୍ରି ସମ୍ପର୍କରେ ପ୍ରଶ୍ନ କରିଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ତୀବ୍ର ଯୁକ୍ତିତର୍କ ହୋଇଥିଲା। ଉତ୍ତେଜନା ବଢ଼ିବାରୁ ଦୋକାନୀ ଜଣକ ବନ୍ଧୁକ ବାହାର କରି ପରବିନ୍ଦରଙ୍କ ଉପରକୁ ଗୁଳି ଚଳାଇଥିଲେ।



ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଗୁଳି ବାଜିବା ପରେ ତାଙ୍କ ମୋବାଇଲ୍ ଫୋନ୍‌ଟି ତଳେ ପଡ଼ିଯାଇଥିଲା ଏବଂ ଲାଇଭ୍ ରେକର୍ଡିଂ ବନ୍ଦ ହୋଇଯାଇଥିଲା। ଅଭିଯୁକ୍ତ ଦୋକାନୀ ବର୍ତ୍ତମାନ ଫେରାର ଅଛନ୍ତି। ଏହି ହତ୍ୟାକାଣ୍ଡ ପଞ୍ଜାବରେ ଗଭୀର ରାଜନୈତିକ ଆଲୋଡ଼ନ ସୃଷ୍ଟି କରିଛି। ଆପ୍ ସରକାରଙ୍କ ଆଇନ ଶୃଙ୍ଖଳା ଓ 'ଯୁଦ୍ଧ ନଶିଆଁ ବିରୁଦ୍ଧ' ଅଭିଯାନର ବିଫଳତାକୁ ନେଇ ବିଜେପି, କଂଗ୍ରେସ ଏବଂ ଶିରୋମଣି ଅକାଳୀ ଦଳ ସରକାରଙ୍କୁ ଘେରିଛନ୍ତି। ଏହି ଘଟଣା ରାଜ୍ୟରେ ବୃଦ୍ଧି ପାଉଥିବା ନିଶାଦ୍ରବ୍ୟ କାରବାର ସମସ୍ୟାକୁ ପୁଣି ଥରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁକୁ ଆଣିଦେଇଛି।

ହର୍ମୁଜ ଶୁଳ୍କ ବିରୋଧରେ ୬୦ରୁ ଊର୍ଦ୍ଧ୍ୱ ଦେଶ ଏକାଠି

ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): ଅନ୍ତର୍ଜାତୀୟ ଜଳପଥ ଦେଇ ଯାତାୟାତ କରୁଥିବା ଜାହାଜଗୁଡ଼ିକ ଉପରେ ବେଆଇନ ଶୁଳ୍କ ଲାଗୁ କରିବା ପ୍ରଚେଷ୍ଟା ବିରୋଧରେ ବିଶ୍ୱର ୬୦ରୁ ଅଧିକ ଦେଶ ଏକଜୁଟ ହୋଇଛନ୍ତି। ୟୁରୋପୀୟ ୟୁନିଅନ (ଇୟୁ) ଦ୍ୱାରା ଆରମ୍ଭ କରାଯାଇଥିବା "ନୋ ଫି, ନୋ ଟୋଲ୍' ବିଶ୍ୱସ୍ତରୀୟ ସଂକଳ୍ପକୁ ବ୍ରିଟେନ, ଜାପାନ, କାନାଡା, ଅଷ୍ଟ୍ରେଲିଆ



ଓ ସିଙ୍ଗାପୁର ସମେତ ୬୦ରୁ ଅଧିକ ଦେଶ ସମର୍ଥନ ଜଣାଇଛନ୍ତି। ହର୍ମୁଜ ପ୍ରଣାଳୀରେ ଚାଲିଥିବା ଅଶାନ୍ତି ଏବଂ ଇରାନ ଦ୍ୱାରା ଜାହାଜ ଚଳାଚଳ ଉପରେ ଶୁଳ୍କ ଆଦାୟର ଦାବି ପରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଇୟୁର ବୈଦେଶିକ ନୀତି ପ୍ରମୁଖ କାଜା କାଲାସ ପ୍ରକାଶ କରିଛନ୍ତି ଯେ ଅନ୍ତର୍ଜାତୀୟ ଜଳପଥକୁ ରାଜସ୍ୱ ଆଦାୟ କିମ୍ବା ରାଜନୈତିକ ଫାଇଦା ହାସଲର ମାଧ୍ୟମ କରିବାକୁ ଦିଆଯିବ ନାହିଁ। ଜାତିସଂଘ ସାମୁଦ୍ରିକ ଆଇନ ସଂସ୍ଥା ନିୟମାନୁସାରେ ମୁକ୍ତ ଏବଂ ଆଇନଗତ ଜାହାଜ ଚଳାଚଳର ସୁରକ୍ଷା ପାଇଁ ଏହି ନିୟମ ରହିଛି। ପ୍ରକାଶଯୋଗ୍ୟ ଯେ, ମଧ୍ୟପ୍ରାଚ୍ୟ ସଙ୍କଟ ମଧ୍ୟରେ ଇରାନ ହର୍ମୁଜ ପ୍ରଣାଳୀ ଉପରେ ନିଜର ନିୟନ୍ତ୍ରଣ ଦାବି କରିବା ସହ ଜାହାଜଗୁଡ଼ିକରୁ ଶୁଳ୍କ ଦାବି କରୁଛି। ଏହି ଜଳପଥ ଦେଇ ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ତୈଳ ଓ ଗ୍ୟାସ ଯୋଗାଣ ହୋଇଥାଏ। ଏଣୁ ସାମୁଦ୍ରିକ ସୁରକ୍ଷା ଓ ନିୟମଭିତ୍ତିକ ବ୍ୟବସ୍ଥା ବଜାୟ ରଖିବାକୁ ଅନ୍ତର୍ଜାତୀୟ ସମୁଦାୟ ସଙ୍କଳ୍ପବଦ୍ଧ ହୋଇଛନ୍ତି।

ଲଦାଖକୁ ନେଇ ଭାରତ-ଚୀନ ମୁହାଁମୁହିଁ

୨୮ଟି ସ୍ଥାନର ନାମକରଣକୁ ଚୀନ୍‌ର ବିରୋଧ, ଜବାବ ଦେଲା ଭାରତ

ନୂଆଦିଲ୍ଲୀ/ବେଜିଂ,୧୩।୧୦(ଏଜେନ୍ସି): ଲଦାଖର ୨୮ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଓ ଭୌଗୋଳିକ ଅଞ୍ଚଳର ନାମକରଣ ପାଇଁ ଭାରତ ସରକାର ନେଇଥିବା ନିଷ୍ପତ୍ତିକୁ ଚୀନ୍ କଡ଼ା ବିରୋଧ କରିଛି। ଅକ୍ଟୋବର ୨ରେ ଭାରତର ଗୃହ ମନ୍ତ୍ରଣାଳୟ ଲଦାଖ ପ୍ରଶାସନ ସହ ପରାମର୍ଶ କରି ସରକାରୀ ମାନଚିତ୍ରରେ ଏହି ସ୍ଥାନଗୁଡ଼ିକର ନାମ ପରିବର୍ତ୍ତନ କରିଥିଲା। ଏଥିରେ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ନିକଟସ୍ଥ ଗୋଗ୍ରା ଓ ହଟ୍ ସ୍ପ୍ରିଙ୍ଗ୍ ପରି ସମ୍ବେଦନଶୀଳ ସୀମାନ୍ତ ଅଞ୍ଚଳ ସମେତ କନିଷ୍କ ପିକ୍, ଜୋରାୱାର ପିକ୍, ଓ ପାର୍ଫିକ୍ ଗ୍ଲାସିୟର ଭଳି ପ୍ରମୁଖ ସ୍ଥାନ ସାମିଲ ରହିଛି। ବେଜିଂରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ମାଓ ନିଙ୍ଗ୍ କହିଛନ୍ତି ଯେ, ଭାରତ ଦ୍ୱାରା ଏକତରଫା ଭାବେ ଗଠିତ 'ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ'କୁ ଚୀନ୍ କେବେବି ସ୍ୱୀକୃତି ଦେଇନାହିଁ। ସେ ଆହୁରି ଦାବି କରିଛନ୍ତି ଯେ ଭାରତର ଏହି ନାମକରଣ ନିଷ୍ପତ୍ତି ବେଆଇନ୍ ଓ ଅସିଦ୍ଧ। ସୀମାର ପଶ୍ଚିମ ସେକ୍ଟରରେ ଥିବା ଅଞ୍ଚଳଗୁଡ଼ିକ ଚୀନ୍‌ର ବୋଲି ସେ ଦାବି କରିଛନ୍ତି। ତେବେ



ଚୀନ୍‌ର ପ୍ରତିକ୍ରିୟାକୁ ଭାରତ ଖାରଜ କରିଛି। ଲଦାଖର କେନ୍ଦ୍ର ଶାସିତ ପ୍ରଦେଶ ଭାରତର ଏକ ଅବିଚ୍ଛେଦ୍ୟ ଅଂଶ। ଚୀନ୍ ଯେତେ ପ୍ରତ୍ୟାଖ୍ୟାନ କଲେ ମଧ ଏହି ସତ୍ୟକୁ ପରିବର୍ତ୍ତନ କରାଯାଇପାରିବ ନାହିଁ ବୋଲି ବୈଦେଶିକ ମନ୍ତ୍ରଣାଳୟ (ଏମ୍‌ଇଏ) ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି। ଗୃହ ମନ୍ତ୍ରଣାଳୟର ବିବୃତ୍ତିକୁ ଉଦ୍ଧୃତ କରି ସେ କହିଛନ୍ତି ଯେ ସରକାରୀ ଭାରତୀୟ ମାନଚିତ୍ରରେ ନାମଗୁଡ଼ିକୁ ପ୍ରଦର୍ଶିତ କରିବା ପାଇଁ କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖ ଏବଂ ସ୍ଥାନୀୟ ଅଂଶୀଦାରମାନଙ୍କ ସହିତ ପରାମର୍ଶ କରାଯାଇ ପଦକ୍ଷେପ ନିଆଯାଇଛି। ସରକାରୀ ମାନଚିତ୍ର ପ୍ରସ୍ତୁତିକୁ ସୁସଂଗଠିତ କରିବା, ସଠିକ୍ ସୀମା ଚିହ୍ନଟ କରିବା ଏବଂ ସମ୍ବେଦନଶୀଳ ସୀମାନ୍ତ ଅଞ୍ଚଳ ବିଷୟରେ ଜନସାଧାରଣଙ୍କ ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଭାରତ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୨୦ ମେ ୫ ରେ ପାଙ୍ଗୋଙ୍ଗ ହ୍ରଦ ଅଞ୍ଚଳରେ ଦୁଇ ଦେଶର ସେନା ମଧ୍ୟରେ ସଂଘର୍ଷ ପରେ ପୂର୍ବ ଲଦାଖରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗୋଗ୍ରା ଓ ହଟ୍ ସ୍ପ୍ରିଙ୍ଗ୍ ସେହି ବିବାଦର ମୁଖ୍ୟ କେନ୍ଦ୍ରବିନ୍ଦୁ ରହିଥିଲା।

ସଂରକ୍ଷଣ ବୃଦ୍ଧି ନିଷ୍ପତ୍ତି ରଦ୍ଦ କଲେ କର୍ଣ୍ଣାଟକ ହାଇକୋର୍ଟ

ବେଙ୍ଗାଲୁରୁ, ୧୩।୧୦ (ଏଜେନ୍ସି): କର୍ଣ୍ଣାଟକ ହାଇକୋର୍ଟ ୨୦୨୨ରେ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁସୂଚିତ ଜାତି (ଏସ୍‌ସି) ଓ ଅନୁସୂଚିତ ଜନଜାତି (ଏସ୍‌ଟି) ପାଇଁ ବୃଦ୍ଧି କରାଯାଇଥିବା ସଂରକ୍ଷଣ ବ୍ୟବସ୍ଥାକୁ ରଦ୍ଦ କରିଛନ୍ତି। ମୁଖ୍ୟ ବିଚାରପତି ବିଭୁ ବାଖରୁ ଏବଂ ବିଚାରପତି କେ. ଏସ. ହେମଲେଖାଙ୍କ ପୀଠ ଏହି ନିଷ୍ପତ୍ତି ଶୁଣାଇଛନ୍ତି। କୋର୍ଟଙ୍କ ଅନୁଯାୟୀ, ୨୦୨୨ ଆଇନ ବଳରେ ଏସସି ସଂରକ୍ଷଣ ୧୫% ରୁ ୧୭% ଏବଂ ଏସଟି ସଂରକ୍ଷଣ ୩% ରୁ ୭% କୁ ବୃଦ୍ଧି କରାଯାଇଥିଲା। ଏହାଦ୍ୱାରା ରାଜ୍ୟରେ ମୋଟ ସଂରକ୍ଷଣ ୫୦% ରୁ ବୃଦ୍ଧି ପାଇ ୫୬% ରେ ପହଞ୍ଚିଥିଲା। ସର୍ବୋଚ୍ଚ ଅଦାଲତଙ୍କ ୧୯୯୨ ଇନ୍ଦ୍ରା ସାହନି ମାମଲାରେ ନିର୍ଦ୍ଧାରିତ ୫୦% ସୀମାକୁ ଏହା ଉଲ୍ଲଂଘନ କରୁଛି। ଏହା ସମ୍ବିଧାନର ଧାରା ୧୪, ୧୫ ଓ ୧୬ ର ପରିପନ୍ଥୀ ହୋଇଥିବାରୁ ହାଇକୋର୍ଟ ଏହି ନିଷ୍ପତ୍ତିକୁ ଅସାମ୍ବିଧାନିକ ବୋଲି କୋର୍ଟ ଘୋଷଣା କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ବସବରାଜ ବୋମ୍ମାଇଙ୍କ ବିଜେପି ସରକାର ସମୟରେ ଏହି ଆଇନ ପାରିତ ହୋଇଥିଲା। ଏହି ରାୟ ଉପରେ ପ୍ରତିକ୍ରିୟା ପ୍ରକାଶ କରି ଉପମୁଖ୍ୟମନ୍ତ୍ରୀ ଜି. ପରମେଶ୍ୱର କହିଛନ୍ତି ଯେ ସରକାର ନ୍ୟାୟପାଳିକାକୁ ସମ୍ମାନ ଦିଅନ୍ତି, କିନ୍ତୁ ସୁପ୍ରିମକୋର୍ଟରେ ଆବେଦନ କରିବା ସହ ସମସ୍ତ ଆଇନଗତ ବିକଳ୍ପ ସମୀକ୍ଷା କରାଯିବ। ଏଥିସହ ୫୦% ସଂରକ୍ଷଣ ସୀମାର ପୁନର୍ବିଚାର କରିବାକୁ ସେ କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି।

ରାହୁଲଙ୍କ ମାନହାନି ମାମଲାର ବିଚାର ଉପରେ 'ସୁପ୍ରିମ' ରୋକ୍

ନୂଆଦିଲ୍ଲୀ,୧୩।୧୦(ଏଜେନ୍ସି): କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ରୁଜୁ ହୋଇଥିବା ଅପରାଧିକ ମାନହାନି ମାମଲାର ବିଚାର ପ୍ରକ୍ରିୟା ଉପରେ ସୁପ୍ରିମକୋର୍ଟ ସାମୟିକ ସ୍ଥଗିତାଦେଶ ଲଗାଇଛନ୍ତି। ରାହୁଲ ୨୦୧୮ର ରାଫେଲ ଯୁଦ୍ଧବିମାନ ଚୁକ୍ତି ବିବାଦ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ 'କମାଣ୍ଡର-ଇନ୍-ଥିଫ୍' ଏବଂ 'ଚୋରଙ୍କ ସର୍ଦ୍ଦାର' ଆଦି ମନ୍ତବ୍ୟ ଦେଇଥିଲେ। ଏହାପରେ ତାଙ୍କ ବିରୋଧରେ ଏତଲା ଦାୟର ହୋଇଥିଲା। ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ଅପରେଶ କୁମାର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ରାହୁଲଙ୍କ ଆବେଦନ ଉପରେ ଶୁଣାଣି କରିଛନ୍ତି। ବିପକ୍ଷ ପକ୍ଷକୁ ନୋଟିସ ଜାରି କରିବା ସହ ୪ ସପ୍ତାହ ମଧ୍ୟରେ ଜବାବ ମାଗିଛନ୍ତି। ଏହାସହ ନିମ୍ନ ଅଦାଲତରେ ଚାଲିଥିବା ମାମଲାର କାର୍ଯ୍ୟାନୁଷ୍ଠାନକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ରାହୁଲଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି ମାମଲା ପରିଚାଳନା କରୁଥିଲେ। ବମ୍ବେ ହାଇକୋର୍ଟଙ୍କ ସେପ୍ଟେମ୍ବର ୮ର ଆଦେଶକୁ ଚାଲେଞ୍ଜ କରି ରାହୁଲ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେଥିରେ ହାଇକୋର୍ଟ ମାନହାନି ମାମଲା ଖାରଜ କରିବାକୁ ମନା କରିଦେଇଥିଲେ।

ଦାମୀ କାର୍ ଦୁର୍ଘଟଣାରେ ୩ ମୃତ

କୋଚି,୧୩।୧୦(ଏଜେନ୍ସି): କେରଳର କୋଚି ନିକଟସ୍ଥ ନେଦୁମ୍ବାସେରୀଠାରେ ଅକ୍ଟୋବର ୧୧ ଭୋର ସମୟରେ ସଡ଼କ ଦୁର୍ଘଟଣାରେ ତିନି ଜଣ ଯୁବକଯୁବତୀଙ୍କର ମୃତ୍ୟୁ ଘଟିଛି। ଏକ ବେପରୁଆ ମିନି କୁପର କାର୍ ସ୍କୁଟରରେ ଯାଉଥିବା ୨୧ ବର୍ଷୀୟ ଦେବିକା, ଗୋପିକା ଓ ଇୟାସଙ୍କୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ହିଁ ସେମାନଙ୍କର ମୃତ୍ୟୁ ଘଟିଥିଲା। ଗାଡ଼ି ଚଳାଉଥିବା ୧୯ ବର୍ଷୀୟ ଯୁବକ ସୁହେଲ ମଦ୍ୟପାନ କରିଥିବା ଅଭିଯୋଗ ହୋଇଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ପୁଲିସ ଜିମା ଦେଇଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଅଭିଯୁକ୍ତ ଯୁବକ ଜଣକ "ବାପା ସବୁ ସମ୍ଭାଳି ନେବେ' ବୋଲି କହିଥିଲେ। କାରରେ ଥିବା ଅନ୍ୟ ତିନି ଜଣ ସହଯାତ୍ରୀ ନିନାଭ୍, ଅମୀର ଓ ଜୋଏଲ୍ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ ହେଁ ପରେ ପୁଲିସ ସେମାନଙ୍କୁ ଗିରଫ କରିଛି। ଦୁର୍ଘଟଣା ସମୟରେ କାରଟି ଘଣ୍ଟାପ୍ରତି ୧୨୦ କିଲୋମିଟରରୁ ଅଧିକ ବେଗରେ ଚାଲୁଥିଲା। ଅଭିଯୁକ୍ତଙ୍କୁ ପୁଲିସ ଜିମା ଦିଆଯାଇଥିଲେ ବି ଏଫଆଇଆରରେ ଗାଡ଼ି ଚାଳକଙ୍କ ନାମ ଓ ଠିକଣାକୁ ଅଜ୍ଞାତ ବୋଲି ଉଲ୍ଲେଖ କରାଯିବା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମୃତକଙ୍କ ପରିବାରବର୍ଗ ଅଭିଯୁକ୍ତଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିବାକୁ ଦାବି କରିଛନ୍ତି।

ସଂସଦଠାରୁ ବିରୋଧୀଙ୍କୁ ଦୂରେଇ ରଖିବାକୁ ଯନ୍ତରମନ୍ତରର ଷଡ଼ଯନ୍ତ୍ର!

ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): ଦିଲ୍ଲୀର ଐତିହାସିକ ଆନ୍ଦୋଳନ ସ୍ଥଳ ଯନ୍ତରମନ୍ତରକୁ ବିକ୍ଷୋଭ ଓ ପ୍ରତିବାଦ ସ୍ଥଳ ଭାବେ ବାତିଲ କରିଛି ଦିଲ୍ଲୀ ପୁଲିସ। ଯନ୍ତରମନ୍ତର ଦୀର୍ଘ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଦେଶର ରାଜନୈତିକ ଓ ସାମାଜିକ ପ୍ରତିବାଦର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏହି ସ୍ଥାନରୁ ଆନ୍ଦୋଳନ ମାନ୍ୟତା ପ୍ରତ୍ୟାହାର କରାଯିବା ପରେ ବିରୋଧୀ ଦଳଗୁଡ଼ିକ ଏବଂ ଇଣ୍ଡିଆ ମେଣ୍ଟ ଶାସକ ବିଜେପିକୁ କଡ଼ା ସମାଲୋଚନା କରିଛନ୍ତି। କେନ୍ଦ୍ର ସରକାର ଜନଆକ୍ରୋଶ ଓ ବିରୋଧୀଙ୍କ ସ୍ୱରକୁ ସଂସଦ ଏବଂ

ସରକାର ଭୟଭୀତ: ଅଖିଳେଶ

କ୍ଷମତା କେନ୍ଦ୍ରଠାରୁ ଦୂରରେ ରଖିବା ପାଇଁ ଏହି ଚାଲ୍ ଚଳାଇଥିବା ଅଭିଯୋଗ ହୋଇଛି। ଦିଲ୍ଲୀ ପୁଲିସ ଯନ୍ତରମନ୍ତର ବଦଳରେ ୩ଟି ନୂଆ ସ୍ଥାନ ରାମଲୀଳା ମୈଦାନ, ବୁରାଡ଼ି ନିରଙ୍କାରୀ ପଡ଼ିଆ ଏବଂ ପୂର୍ବ ଦିଲ୍ଲୀର ସିବିଡି ପଡ଼ିଆକୁ ଆନ୍ଦୋଳନ ପାଇଁ ନିର୍ଦ୍ଧାରିତ କରାଯାଇଥିବା ନିର୍ଦ୍ଦେଶ ଜାରି କରିଛି। ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବିରୋଧରେ ବିରୋଧୀ ଦଳ ଓ କକ୍ରୋଚ୍ ଜନତା ପାର୍ଟି (ସିଜେପି) ପକ୍ଷରୁ ଚାଲିଥିବା ବ୍ୟାପକ ବିକ୍ଷୋଭ ମଧ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି। ଏନେଇ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଭାଜପା ସରକାର ସମ୍ପୂର୍ଣ୍ଣ ଭୟଭୀତ ହୋଇପଡ଼ିଥିବା କହିଛନ୍ତି। ସେହିପରି ଆପ୍ ନେତା ସୌରଭ ଭାରଦ୍ୱାଜ, କଂଗ୍ରେସ ସାଂସଦ ଜୟରାମ ରମେଶ ଏବଂ ସିଜେପି ସଂସ୍ଥାପକ ଅଭିଜିତ୍ ଦୀପକେ ସରକାରଙ୍କୁ ସମାଲୋଚନା କରିଛନ୍ତି। ସିଜେପି ନେତା ଆଶୁତୋଷ ରାଙ୍କା କଟାକ୍ଷ କରି ପ୍ରଶ୍ନ କରିଛନ୍ତି, ସରକାର ମାଉଣ୍ଟ ଏଭରେଷ୍ଟକୁ ବିକ୍ଷୋଭ ସ୍ଥଳ ଭାବେ ଘୋଷଣା କରନ୍ତୁ।

ସେପଟେ ପୁଲିସ ଦ୍ୱାରା ଚିହ୍ନଟ ନୂତନ ସ୍ଥାନଗୁଡ଼ିକ ସଂସଦ ଓ କ୍ଷମତା କେନ୍ଦ୍ରଠାରୁ ବହୁ ଦୂରରେ ଅବସ୍ଥିତ। ରାମଲୀଳା ମୈଦାନ ଯନ୍ତରମନ୍ତରଠାରୁ ୩ କିମି ଦୂରରେ ରହିଛି। ପୁଣି ଏହାର ଦୈନିକ ଭଡ଼ା ୫୦,୦୦୦ ଟଙ୍କା ଏବଂ ସୁରକ୍ଷା ରାଶି ୫୫,୦୦୦ ଟଙ୍କା ଦେବାକୁ ପଡ଼ିଥାଏ। ଏହା ସହିତ ଅଧିକାଂଶ ସମୟ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆଗୁଆ ବୁକ୍ ରହୁଥିବାରୁ ସାଧାରଣ ଆନ୍ଦୋଳନ ପାଇଁ ତାରିଖ ମିଳିବା କଷ୍ଟକର। ସେହିପରି ସିବିଡି ପଡ଼ିଆ (ଶାହଦରା) ପୂର୍ବ ଦିଲ୍ଲୀରେ ୧୦-୧୨ କିମି ଦୂରରେ ଥିବା ଏହି ସ୍ଥାନଟି ଏକ ସାନ୍ଦ୍ର ଆବାସିକ ଅଞ୍ଚଳରେ ଅବସ୍ଥିତ। ପୁଣି ନିରଙ୍କାରୀ ପଡ଼ିଆ (ବୁରାଡ଼ି) ଯନ୍ତରମନ୍ତରଠାରୁ ପ୍ରାୟ ୨୨ କିମି ଦୂର ଦିଲ୍ଲୀ-ଚଣ୍ଡୀଗଡ଼ ରାଜପଥ ନିକଟରେ ଅବସ୍ଥିତ। ସେଠାରେ ଜନସମାଗମ ଓ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିବା ଆହ୍ୱାନପୂର୍ଣ୍ଣ। ସୂଚନାଯୋଗ୍ୟ, ୧୯୯୩ ମସିହା ପୂର୍ବରୁ ସଂସଦ ଭବନ ନିକଟସ୍ଥ 'ବୋଟ୍ କ୍ଲବ୍' ଆନ୍ଦୋଳନର ମୁଖ୍ୟ କେନ୍ଦ୍ର ଥିଲା। ପରେ କଂଗ୍ରେସ ବୋଟ୍ କ୍ଲବ୍‌ରେ ବିକ୍ଷୋଭ ନିଷେଧ କରିବା ପରେ ଯନ୍ତରମନ୍ତର ମୁଖ୍ୟ ବିକ୍ଷୋଭ ସ୍ଥଳ ପାଲଟିଥିଲା। ଏବେ ପୁଣିଥରେ ଗଣତାନ୍ତ୍ରିକ ପ୍ରତିବାଦର ସ୍ୱରକୁ ସହରର ସୀମାନ୍ତକୁ ଠେଲି ଦିଆଯାଉଥିବା ନେଇ ବୁଦ୍ଧିଜୀବୀ ଓ ବିରୋଧୀ ଶିବିରରେ ତୀବ୍ର ଚିନ୍ତା ପ୍ରକାଶ ପାଇଛି।



କଟକଣାକୁ ଚାଲେଞ୍ଜ କରି ସୌରଭ, ଆଶୁତୋଷ ଅଟକ


ନୂଆଦିଲ୍ଲୀ,୧୩।୧୦(ଏଜେନ୍ସି): ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ଏସଆଇଆର ବିବାଦକୁ ନେଇ ଦିଲ୍ଲୀର ଯନ୍ତରମନ୍ତରଠାରେ ବିକ୍ଷୋଭ ପ୍ରଦର୍ଶନ ବେଳେ କକ୍ରୋଚ ଜନତା ପାର୍ଟି (ସିଜେପି)ର ନେତା ସୌରଭ ଦାସ, ଆଶୁତୋଷ ରାଙ୍କା, ଅଜିଙ୍କ୍ୟ ଶିନ୍ଦେଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତାମାନଙ୍କୁ ଦିଲ୍ଲୀ ପୁଲିସ ଅଟକ କରିଛି। ପୁଲିସ ଅନୁଯାୟୀ, ଜନତା ଦଳ (ୟୁନାଇଟେଡ୍) କାର୍ଯ୍ୟାଳୟ ପାର୍ଶ୍ୱରୁ ସିଜେପି ନେତା ଓ କାର୍ଯ୍ୟକର୍ତ୍ତାମାନେ ଏକ ଗେଟ୍ ଏବଂ ବାରିକେଡ୍ ଡେଇଁ ଯନ୍ତରମନ୍ତରରେ ପ୍ରବେଶ କରିଥିଲେ। ଏହି ସମୟରେ ସେମାନେ ହାତରେ ଜାତୀୟ ପତାକା ଧରି 'ଇନ୍‌କିଲାବ ଜିନ୍ଦାବାଦ' ଏବଂ 'ହ୍ୟାଣ୍ଡସ ଅଫ୍ ଯନ୍ତରମନ୍ତର' ଭଳି ସ୍ଲୋଗାନ ଦେଇଥିଲେ। ସେଠାରେ ମୁତୟନ ଥିବା ଦିଲ୍ଲୀ ପୁଲିସ ସେମାନଙ୍କୁ ଗୋଡ଼ାଇ ଅଟକ କରିଥିଲା। ଏହି ପ୍ରତିବାଦ ପୂର୍ବରୁ କେନ୍ଦ୍ର ସରକାର ଓ ଦିଲ୍ଲୀ ପୁଲିସ ଯନ୍ତରମନ୍ତରକୁ ନିର୍ଦ୍ଧାରିତ ବିକ୍ଷୋଭ ସ୍ଥଳ ସୂଚୀରୁ ହଟାଇ ଦେଇଥିଲେ। କେନ୍ଦ୍ର ଗୃହ ମନ୍ତ୍ରଣାଳୟର କମିଟି ସୁପାରିଶ କ୍ରମେ ରାଜଧାନୀରେ ପ୍ରତିବାଦ ପାଇଁ ରାମଲୀଳା ମଇଦାନ, ବୁରାରୀ ମଇଦାନ ଏବଂ ପୂର୍ବ ଦିଲ୍ଲୀର ସିବିଡି ଗ୍ରାଉଣ୍ଡକୁ ତିନୋଟି ନୂତନ ସ୍ଥାନ ଭାବେ ନିର୍ଦ୍ଧାରିତ କରାଯାଇଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରି ସିଜେପି ସଂସ୍ଥାପକ ଅଭିଜିତ ଦୀପକେ କହିଛନ୍ତି ଯେ ଆଗାମୀ ଦିନରେ ସାରା ଦେଶରେ ଯନ୍ତରମନ୍ତର ସୃଷ୍ଟି ହେବ। ସେହିପରି ସୌରଭ ଦାସ ସୋସିଆଲ ମିଡିଆରେ ପୋଷ୍ଟ କରି ଯନ୍ତରମନ୍ତରକୁ ଆମେ ଆସିସାରିଛୁ ଏବଂ ପୁଲିସ ଆମକୁ ସେଥିପାଇଁ ଧରିନେଇଛି ବୋଲି ସନ୍ଦେଶ ଦେଇଛନ୍ତି। ସେ ପୁଲିସକୁ ୨୪ ଘଣ୍ଟାରେ ବିକ୍ଷୋଭ ସ୍ଥଳ ଏବଂ ତାରିଖ ଜଣାଇବାକୁ ଚରମବାଣୀ ଶୁଣାଇଥିବା କହିଥିଲେ। ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଚାପିବାକୁ ଉଦ୍ୟମ କରି ଭାରତ ସରକାର ଦେଶର ଲୋକଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିବା ସେ କହିଛନ୍ତି।

ସାଉଦି ଆରବକୁ ଭାରତରୁ ସବୁ ବିମାନ ସେବା ସ୍ଥଗିତ

ରିୟାଦ,୧୩।୧୦(ଏଜେନ୍ସି): ସାଉଦି ଆରବରେ ବେସାମରିକ ସ୍ଥାପତ୍ୟ ଉପରେ ହୁତି ବିଦ୍ରୋହୀଙ୍କ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏହାପରେ ସେଠାରେ ରହୁଥିବା ଭାରତୀୟ ନାଗରିକଙ୍କ ପାଇଁ ଭାରତୀୟ ଦୂତାବାସ ପକ୍ଷରୁ ନୂତନ ସୁରକ୍ଷା ପରାମର୍ଶ ଜାରି କରାଯାଇଛି। ନାଗରିକମାନଙ୍କୁ ଶାନ୍ତ ଓ ସତର୍କ ରହିବା ସହ ଆକାଶମାର୍ଗରୁ ଆକ୍ରମଣ ସମୟରେ ଘର ଭିତରେ ରହିବାକୁ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ଏହାସହ ଚାଲିଥିବା ସଂଘର୍ଷ ସମ୍ପର୍କିତ କୌଣସି ଭିଡିଓ କିମ୍ବା ଖବର ସୋସିଆଲ ମିଡିଆରେ ପୋଷ୍ଟ କିମ୍ବା ଶେୟାର ନକରିବାକୁ ନିବେଦନ କରାଯାଇଛି। ଗତ ଅକ୍ଟୋବର ୧୦ରେ ରିୟାଦର କିଙ୍ଗ ଖାଲିଦ୍ ଆନ୍ତର୍ଜାତିକ ବିମାନବନ୍ଦର ଉପରେ ଆକ୍ରମଣ ହୋଇଥିଲା। ଏଥିରେ ମହମ୍ମଦ ୟୁସୁଫ୍ ଅଲ୍ଲୀ ନାମକ ଜଣେ ଭାରତୀୟ ନାଗରିକଙ୍କ ମୃତ୍ୟୁ ଘଟିଥିବା ବେଳେ ଏକାଧିକ ଭାରତୀୟ ଆହାତ ହୋଇଛନ୍ତି। ଏହି ଘଟଣା ପରେ ରିୟାଦ ବିମାନବନ୍ଦରରୁ ସେବା ବନ୍ଦ ରହିଛି। ଏୟାର ଇଣ୍ଡିଆ, ଇଣ୍ଡିଗୋ ଓ ଆକାଶା ଏୟାର ଭଳି ଭାରତୀୟ ବିମାନ ସେବା ସଂସ୍ଥାଗୁଡ଼ିକ ଅକ୍ଟୋବର ୧୭ ପର୍ଯ୍ୟନ୍ତ ସେମାନଙ୍କର ଯାତ୍ରା ସ୍ଥଗିତ ରଖିଛନ୍ତି। ଯାତ୍ରୀମାନଙ୍କୁ ସହାୟତା ପାଇଁ ରିୟାଦ ସ୍ଥିତ ଭାରତୀୟ ଦୂତାବାସ ଏବଂ ଜେଦ୍ଦାସ୍ଥିତ ଦୂତାବାସ କାର୍ଯ୍ୟାଳୟ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ସ୍ଥାପନ କରାଯାଇଛି।

ମହାରାଷ୍ଟ୍ରରେ ଜଳ ସଙ୍କଟ ଉତ୍କଟ; ଜଳକାଟ୍ ଘୋଷଣା

ମୁମ୍ବଇ,୧୩।୧୦(ଏଜେନ୍ସି): ଦୁର୍ବଳ ମୌସୁମୀ ଏବଂ ଏଲ୍ ନିନୋର ପ୍ରଭାବ ଯୋଗୁଁ ମହାରାଷ୍ଟ୍ରରେ ଜଳ ସଙ୍କଟ ଅତ୍ୟନ୍ତ ଗମ୍ଭୀର ରୂପ ଧାରଣ କରିଛି। ଅକ୍ଟୋବରରେ ମଧ୍ୟ ତାପମାତ୍ରା ୩୮ ଡିଗ୍ରୀ ସେଲ୍‌ସିୟସରୁ ଅଧିକ ରହୁଥିବାରୁ ଜଳାଶୟଗୁଡ଼ିକରେ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। କମୁଥିବା ଜଳ ସମ୍ପଦକୁ ସୁରକ୍ଷିତ ରଖିବା ପାଇଁ ରାଜ୍ୟ ସରକାର ଓ ବିଭିନ୍ନ ମହାନଗର ନିଗମ ପକ୍ଷରୁ ଜରୁରୀକାଳୀନ କଟକଣା, ଜରିମାନା, ବେଆଇନ୍ ସଂଯୋଗ ବିରୋଧରେ ମାମଲା ଏବଂ ବାଧ୍ୟତାମୂଳକ ଜଳକାଟ ଘୋଷଣା କରାଯାଇଛି। ବର୍ତ୍ତମାନ ରାଜ୍ୟର ଦ୍ୱିତୀୟ ରାଜଧାନୀ ନାଗପୁରର ଜଳାଶୟଗୁଡ଼ିକର କ୍ଷମତା ମାତ୍ର ୫୮%କୁ ହ୍ରାସ ପାଇଛି। ଜଳ ଅପଚୟ ରୋକିବା



ପାଇଁ ନାଗପୁର ମହାନଗର ନିଗମ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଗାଡ଼ି ଧୋଇବା, ରାସ୍ତା କିମ୍ବା ଅଗଣା ସଫା କରିବା, ବଗିଚାରେ ପାଣି ଦେବା ଏବଂ ନିର୍ମାଣ କାର୍ଯ୍ୟରେ ପାନୀୟ ଜଳ ବ୍ୟବହାର କଲେ ୫,୦୦୦ ଟଙ୍କାର ଜରିମାନା ଘୋଷଣା ହୋଇଛି। ସେହିପରି ପୁଣେରେ ମଧ୍ୟ ଜଳ ସଙ୍କଟ ଗମ୍ଭୀର ରୂପ ନେଇଛି। ସହରକୁ ଜଳ ଯୋଗାଉଥିବା ଖଡ଼କୱାସଲା ଡ୍ୟାମ୍ ଚେନ୍‌ରେ ବେଶ୍ କମ୍ ଜଳ ଗଚ୍ଛିତ ଅଛି। ୨୦୨୭ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଏହି ଜଳକୁ ବ୍ୟବହାର ଉପଯୋଗୀ ରଖିବା ପାଇଁ ସରକାର ଅକ୍ଟୋବର ୧୬ରୁ ଜଳ ବ୍ୟବହାରରେ ୧୦% କାଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ୧୫ରୁ ପ୍ରତି ଗୁରୁବାର ସହରସାରା ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିବ। ସେପଟେ ଛତ୍ରପତି ସମ୍ଭାଜୀନଗରରେ ମୁଖ୍ୟ ଜଳାଶୟ ଜାୟକୱାଡ଼ି ଡ୍ୟାମ୍‌ରୁ ପ୍ରଚଣ୍ଡ ଉତ୍ତାପ ଯୋଗୁଁ ଦୈନିକ ପ୍ରାୟ ୧୬୪.୯ କୋଟି ଲିଟର ଜଳ ବାଷ୍ପୀଭୂତ ହୋଇ ନଷ୍ଟ ହେଉଛି। ଏହା ୧୮ ଲକ୍ଷ ଅଧିବାସୀଙ୍କ ପ୍ରାୟ ୭ ଦିନର ଜଳ ଆବଶ୍ୟକତା ସହିତ ସମାନ। ଜଳ ସଙ୍କଟ ଯୋଗୁଁ ସହରଗୁଡ଼ିକ ପାଇଁ ଆଗାମୀ ମାସଗୁଡ଼ିକରେ ଜଳ ପରିଚାଳନା ଏକ ବଡ଼ ଆହ୍ୱାନ ପାଲଟିଛି।

ପାକିସ୍ତାନୀ ସୋସିଆଲ ମିଡିଆରେ ଦିଲ୍ଲୀ ବିକ୍ଷୋଭ ଗୁଜବ ଉପରେ ପୁଲିସ ନଜର

ନୂଆଦିଲ୍ଲୀ,୧୩।୧୦(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ନିକଟରେ ହୋଇଥିବା ବିକ୍ଷୋଭ ପ୍ରଦର୍ଶନ ସମୟରେ ମିଥ୍ୟା ଗୁଜବ ଏବଂ ଭ୍ରାନ୍ତ ଖବର ପ୍ରସାରଣ ଅଭିଯୋଗରେ ଦିଲ୍ଲୀ ପୁଲିସ କଠୋର ପଦକ୍ଷେପ ଗ୍ରହଣ କରିଛି। ଆଇନ ଶୃଙ୍ଖଳା ପରିସ୍ଥିତି ବିଗାଡ଼ିବା ଏବଂ ଭାରତ ବିରୋଧୀ ମନୋଭାବ ସୃଷ୍ଟି କରିବା ଉଦ୍ଦେଶ୍ୟରେ ମିଥ୍ୟା ପ୍ରଚାର କରୁଥିବା ସୋସିଆଲ ମିଡିଆ ହ୍ୟାଣ୍ଡେଲଗୁଡ଼ିକ ବିରୋଧରେ ପୁଲିସ ୪ଟି ଏଫଆଇଆର ରୁଜୁ କରିଛି। ଗତ ଅକ୍ଟୋବର ୧୦ରେ ହୋଇଥିବା ଦିଲ୍ଲୀ ବିକ୍ଷୋଭ ସମୟରେ ଏକାଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ନେଇ ଏହି ହ୍ୟାଣ୍ଡେଲଗୁଡ଼ିକ ମାଧ୍ୟମରେ ମିଥ୍ୟା ଦାବି ପ୍ରଚାର କରାଯାଇଥିଲା। ଦିଲ୍ଲୀ ପୁଲିସ ଏହି ମିଥ୍ୟା ଖବର ପ୍ରସାରଣକୁ ରୋକିବା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାକିସ୍ତାନ ଭିତ୍ତିକ କେତେକ ସୋସିଆଲ ମିଡିଆ ହ୍ୟାଣ୍ଡେଲକୁ ନିଷ୍କ୍ରିୟ କରାଇଛି।

ବିକ୍ଷୋଭ ସ୍ଥଳରୁ ସୁପ୍ରିମକୋର୍ଟଙ୍କ ଆଇନଜୀବୀ ଅଟକ

ନୂଆଦିଲ୍ଲୀ,୧୩।୧୦(ଏଜେନ୍ସି): ନୂଆଦିଲ୍ଲୀର ସଫଦରଜଙ୍ଗ ଫ୍ଲାଇଓଭର ନିକଟରେ ଚାଲିଥିବା ଏକ ପ୍ରତିବାଦ ସ୍ଥଳରୁ ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ଶାହଦାନ ଫରାସତଙ୍କୁ ଦିଲ୍ଲୀ ପୁଲିସ ଅଟକ ରଖିବା ପରେ କିଛି ଦୂର ନେଇ ଛାଡ଼ିଦେଇଛି। ଆଇନଗତ ସହାୟତା ଯୋଗାଇଦେବା ଏବଂ ପ୍ରତିବାଦରେ ସାମିଲ ହେବା ପାଇଁ ଫରାସତ ସେଠାକୁ ଯାଇଥିବା ବେଳେ ପୁଲିସ ତାଙ୍କ ସମେତ ସାଧାରଣ ବାଟୋଇଙ୍କୁ ମଧ୍ୟ ଗାଡ଼ିରେ ଉଠାଇ ନେଇଥିଲା। ଏହି ଘଟଣା ପରେ ଦେଶରେ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ପ୍ରତିବାଦର ଅଧିକାର ସଙ୍କୁଚିତ ହେଉଥିବା ନେଇ ସେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ଫରାସତଙ୍କ ଅନୁଯାୟୀ, ଦିଲ୍ଲୀ ପୁଲିସ ଏବଂ ପ୍ରଶାସନ ଆଇନ ଶୃଙ୍ଖଳା ରକ୍ଷା ନାମରେ ନାଗରିକଙ୍କ ମତବ୍ୟକ୍ତ କରିବାର ମୌଳିକ ଅଧିକାରକୁ ବାଧାପ୍ରାପ୍ତ କରୁଛନ୍ତି। ଏହା ସହିତ, ଭୋଟର ତାଲିକାର ଏସ୍‌ଆଇଆର୍ ପ୍ରକ୍ରିୟାକୁ ନେଇ ମଧ ସେ ନିଜର ଆପତ୍ତି ଉଠାଇଛନ୍ତି।

ଟଳିଲା ବର୍ଷା ଆଶଙ୍କା; ଏସନ ଶୁଖିଲା ଦଶହରା

■ ଭୁବନେଶ୍ୱର,୧୩।୧୦(ସମିସ): ଆଣ୍ଡାମାନରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ବଙ୍ଗୋପସାଗରରେ ୧୩ ତାରିଖରେ ଏକ ଲଘୁଚାପ ସୃଷ୍ଟି ହେବ ବୋଲି ଆଇଏମ୍‌ଡି କହି ଆସୁଥିଲା। ମାତ୍ର ଉଚ୍ଚତା ଅନୁସାରେ ପବନର ବେଗ ଓ ଦିଗର ପରିବର୍ତ୍ତନ ଏବଂ ଶୁଖିଲା ବାୟୁର ପ୍ରବେଶ ଯୋଗୁଁ ଲଘୁଚାପ ସୃଷ୍ଟି କ୍ଷେତ୍ରରେ ପ୍ରତିକୂଳ ବାତାବରଣ ରହୁଛି। ଏଥିପାଇଁ ଲଘୁଚାପର ଆଶଙ୍କା ଟଳି ଯାଇଛି। ଏହି ଲଘୁଚାପକୁ ନେଇ ପୂଜା ସମୟରେ ବର୍ଷା ଆଶଙ୍କା ରହୁଥିଲା। ଏଥିପାଇଁ ରାଜ୍ୟରେ ପୂଜା ମାହୋଲରେ ଭଙ୍ଗା ପଡ଼ିପାରେ ବୋଲି ଆଶଙ୍କା ରହୁଥିଲା। ହେଲେ ଲଘୁଚାପ ଆଶଙ୍କା ଟଳିଯିବା ପରେ ଏବେ ପୂଜା ସମୟରେ ପାଗକୁ ନେଇ ଆଶ୍ୱସ୍ତି ମିଳିଛି। ଅନ୍ୟପଟେ ବର୍ତ୍ତମାନ ରାଜ୍ୟର କିଛି ସ୍ଥାନରେ ବର୍ଷା ହେଉଛି। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ସହ ଉତ୍ତର-ପୂର୍ବ ମୌସୁମୀ ବାୟୁ (ଫେରନ୍ତା ମୌସୁମୀ) ପ୍ରଭାବରେ କିଛି କିଛି ସ୍ଥାନରେ ଏହି ବର୍ଷା ହେଉଛି। ଏହି ସ୍ଥିତି ଆହୁରି ୨-୩ ଦିନ ପର୍ଯ୍ୟନ୍ତ ଜାରି ରହିବାର ଆଶଙ୍କା ରହିଛି। ତେବେ ଏହି ବର୍ଷାର ପ୍ରଭାବ ବିଶେଷ ଅଧିକ ରହିବ ନାହିଁ। କେବଳ ଉପକୂଳବର୍ତ୍ତୀ ଜିଲ୍ଲା ଏବଂ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ଏହି ବର୍ଷା ହେବ। ଏଥିପାଇନ୍ତା ଆସନ୍ତା ୨-୩ ଦିନ ପାଇଁ କିଛି ଜିଲ୍ଲାକୁ ସ୍ୱଳ୍ପରୁ ମଧ୍ୟମ ବର୍ଷା ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-111 ♦WEDNESDAY ♦14 OCTOBER 2026 ♦PAGE-12 ♦₹ 7.00

♦ବର୍ଷ-୪୪ ♦ସଂଖ୍ୟା-୧୧୧ ♦ବୁଧବାର ♦୧୪ ଅକ୍ଟୋବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

ରାଜ୍ୟ କ୍ୟାବିନେଟରେ ୧୬ ପ୍ରସ୍ତାବକୁ ମଞ୍ଜୁରୀ

ଯୁବକଯୁବତୀଙ୍କ ଦକ୍ଷତା ବିକାଶ ପାଇଁ ୪୫୦ କୋଟି; ସହରାଞ୍ଚଳ ଜଳ ନିଷ୍କାସନରେ ୫୦୦ କୋଟି

■ ଭୁବନେଶ୍ୱର, ୧୩।୧୦ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ୧୧ଟି ବିଭାଗର ୧୬ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଶିକ୍ଷା, ଦକ୍ଷତା ବିକାଶ, ଜଳସମ୍ପଦ, କୃଷି, ମତ୍ସ୍ୟ, ଶିଳ୍ପ ଓ ସହରାଞ୍ଚଳ ଭିତ୍ତିଭୂମି ଆଦି କ୍ଷେତ୍ରରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

କ୍ୟାବିନେଟ୍‌ର ଅନ୍ୟତମ ପ୍ରମୁଖ ନିଷ୍ପତ୍ତି ଅନୁଯାୟୀ, ରାଜ୍ୟର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ମାଧ୍ୟମିକ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ଅନୁସୂଚିତ ଜାତି ଓ ଜନଜାତି ବର୍ଗକୁ ବାଦ୍ ଦେଇ ଅନ୍ୟ ଛାତ୍ରଛାତ୍ରୀଙ୍କୁ ନିଃଶୁଳ୍କ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବ। ୨୦୨୫-୨୬ରୁ ୨୦୨୯-୩୦ ପର୍ଯ୍ୟନ୍ତ ୫ ବର୍ଷ ଲାଗି କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନାରେ ୨୮୪.୦୭ କୋଟି ଟଙ୍କା ଖର୍ଚ୍ଚ ହେବ। ଯୁବକଯୁବତୀଙ୍କୁ ନିଯୁକ୍ତି ଉପଯୋଗୀ ପ୍ରଶିକ୍ଷଣ ଦେବା ପାଇଁ ଦକ୍ଷତା ବିକାଶ ଯୋଜନାକୁ ମଧ୍ୟ କ୍ୟାବିନେଟ୍ ମଞ୍ଜୁରି ଦେଇଛି। ୨୦୨୬-୨୭ରୁ ୨୦୨୮-୨୯ ପର୍ଯ୍ୟନ୍ତ ଏହି ଯୋଜନାରେ ୪୫୦ କୋଟି ଟଙ୍କା ବ୍ୟୟ ହେବ। ଏହାଦ୍ୱାରା ୪.୨୦ ଲକ୍ଷ ଯୁବକଯୁବତୀଙ୍କୁ ଶିଳ୍ପର ଆବଶ୍ୟକତା ଅନୁଯାୟୀ ଦକ୍ଷତା ପ୍ରଶିକ୍ଷଣ, ଡିଜିଟାଲ୍ ଦକ୍ଷତା ବିକାଶ, ବିଦେଶରେ ନିଯୁକ୍ତି ପାଇଁ ସହାୟତା ଏବଂ ଆନୁଷ୍ଠାନିକ କ୍ଷମତା ବୃଦ୍ଧିର ସୁଯୋଗ ମିଳିବ।

ନବମ ଓ ଦଶମ ପିଲାଙ୍କୁ ସରକାର ଦେବେ ମାଗଣା ବହି

ସହରାଞ୍ଚଳରେ ଜଳବନ୍ଦୀ ଓ ବର୍ଷାଜଳ ନିଷ୍କାସନ ସମସ୍ୟାର ସମାଧାନ ପାଇଁ ୫ ବର୍ଷିଆ ସହରାଞ୍ଚଳ ବର୍ଷାଜଳ ନିଷ୍କାସନ ପରିଚାଳନା ଓ ଉନ୍ନୟନ କାର୍ଯ୍ୟକ୍ରମକୁ ଅନୁମୋଦନ ମିଳିଛି। ଏଥିରେ ୫୦୦ କୋଟି ଟଙ୍କା ବ୍ୟୟ କରାଯିବ। ଜଳସମ୍ପଦ ବିଭାଗ ଅଧୀନରେ ବଲାଙ୍ଗୀର ଜିଲ୍ଲା ତୁସ୍ରାପଲ୍ଲୀ ଗ୍ରାମ ନିକଟରେ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ନିର୍ମାଣକୁ ମଧ୍ୟ ମଞ୍ଜୁରି ମିଳିଛି। ଏଥିପାଇଁ ୧୦୫ କୋଟି ୬୨ ଲକ୍ଷ ୩୩ ହଜାର ୯୬୦ ଟଙ୍କା ବ୍ୟୟ ଅଟକଳ ହୋଇଥିବାବେଳେ ୩୦ ମାସ ମଧ୍ୟରେ କାମ ଶେଷ କରିବାକୁ ଲକ୍ଷ୍ୟ ରହିଛି। କଟକରେ ମହାନଦୀ ଜଳତଟର ସମନ୍ୱିତ ବିକାଶ ପ୍ରକଳ୍ପ ପାଇଁ ୧୩୩ କୋଟି ୭୧ ଲକ୍ଷ ୯୭ ହଜାର ୧୫ ଟଙ୍କାର ଟେଣ୍ଡର ଫଳାଫଳକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ୨୦୨୮ ନଭେମ୍ବର ସୁଦ୍ଧା ଏହା ଶେଷ କରିବାକୁ ଯୋଜନା ରହିଛି।

କୃଷି କ୍ଷେତ୍ରରେ ଓଡ଼ିଶା ରାଜ୍ୟ ସମବାୟ ବିପଣନ ସଂଘ (ମାର୍କଫେଡ୍) ଓ ଓଡ଼ିଶା ରାଜ୍ୟ ବିହନ ନିଗମ ପାଇଁ କର୍ପସ ପାଣ୍ଠି ଗଠନକୁ ଅନୁମୋଦନ ମିଳିଛି। ୨୦୨୬-୨୭ରୁ ୨୦୨୯-୩୦ ପର୍ଯ୍ୟନ୍ତ ୪ ବର୍ଷରେ ମୋଟ ୧,୩୬୦ କୋଟି ଟଙ୍କା ବ୍ୟୟ ହେବ। ଏଥିରୁ ମାର୍କଫେଡ୍ ପାଇଁ ୯୬୦ କୋଟି ଓ ବିହନ ନିଗମ ପାଇଁ ୪୦୦ କୋଟି ଟଙ୍କା ରଖାଯାଇଛି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ମତ୍ସ୍ୟ ବନ୍ଦରର ଦ୍ୱିତୀୟ ପର୍ଯ୍ୟାୟ ନିର୍ମାଣ ପାଇଁ ଆର୍ଥିକ ବିଡ୍‌କୁ ମଞ୍ଜୁରି ମିଳିଛି। ଜିଏସ୍‌ଟି ବାଦ୍ ଏଥିପାଇଁ ପ୍ରାୟ ୧୩୩.୮୧ କୋଟି ଟଙ୍କା ଖର୍ଚ୍ଚ ହେବ। ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ୧,୯୬୦ଟି ଯନ୍ତ୍ରଚାଳିତ ମାଛଧରା ଡଙ୍ଗା ପାଇଁ ସୁରକ୍ଷିତ ଅବତରଣ ଓ ବର୍ଥ ସୁବିଧା ଉପଲବ୍ଧ ହେବ। ଏଥିସହ ଓଡ଼ିଶା ଅଧସ୍ତନ ମତ୍ସ୍ୟ ସେବା କ୍ୟାଡରର ପୁନର୍ଗଠନକୁ ଅନୁମୋଦନ ମିଳିଛି। ଏହାଦ୍ୱାରା ଅନୁମୋଦିତ ପଦବୀ ସଂଖ୍ୟା ୪୪୫ରୁ ବୃଦ୍ଧି ପାଇ ୭୭୪ ହେବ ଏବଂ ୩୨୯ଟି ଅତିରିକ୍ତ ପଦବୀ ସୃଷ୍ଟି ହେବ।

ଶିଳ୍ପ କ୍ଷେତ୍ରରେ ଶିଳ୍ପନୀତି-୨୦୨୨ରେ ସଂଶୋଧନକୁ ଅନୁମୋଦନ ଦିଆଯାଇଛି। ଶିଳ୍ପ ସଂସ୍ଥାଗୁଡ଼ିକର ମିଶ୍ରଣ, ଏକତ୍ରୀକରଣ, ପୁନର୍ଗଠନ ଓ ସମ୍ପତ୍ତି ହସ୍ତାନ୍ତର ସମୟରେ ଷ୍ଟାମ୍ପ ଶୁଳ୍କ ସମ୍ପର୍କିତ ଖର୍ଚ୍ଚ ଓ ଅନିଶ୍ଚିତତା କମାଇବା ଏହାର ଉଦ୍ଦେଶ୍ୟ। ଏହାବ୍ୟତୀତ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ତହସିଲର ମହୁଲଡିହ ମୌଜାରେ ଡାକ ବିଭାଗର କାର୍ଯ୍ୟାଳୟ, ଆଧାର ▸ପୃଷ୍ଠା-୭

ଦଶହରାକୁ ନେଇ ଦ୍ୱନ୍ଦ୍ୱ

■ ପୁରୀ,୧୩।୧୦(ସମିସ): ଦଶହରା ପାଳନକୁ ନେଇ ଏଥର ଦ୍ୱନ୍ଦ୍ୱ ଦେଖାଦେଇଛି। କେଉଁ ଦିନ ପାଳନ ହେବ ଦଶହରା? ପଞ୍ଜିକାରେ ପୀଠେ ଦଶହରା ଅକ୍ଟୋବର ୨୦ ତାରିଖରେ ଉଲ୍ଲେଖ ଥିବାବେଳେ ଶ୍ରୀମନ୍ଦିର ବାର୍ଷିକ ପର୍ବପର୍ବାଣିରେ ଅକ୍ଟୋବର ୨୧ ତାରିଖକୁ ବିଜୟା ଦଶମୀ ଓ ଦଶହରା ଭାବେ ଦର୍ଶାଯାଇଛି। ତିଥି ଓ ପାଳନକୁ ନେଇ ଏଭଳି ଭିନ୍ନତା ସାଧାରଣ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ଏହାକୁ ନେଇ ଜ୍ୟୋତିର୍ବିଦ୍ ତଥା ପଞ୍ଜିକା ସମୀକ୍ଷକ ହରିଶଙ୍କର ମିଶ୍ର ପ୍ରଶ୍ନ ଉଠାଇଛନ୍ତି।

- ■ ପୀଠେ ଦଶହରା ଅକ୍ଟୋବର ୨୦
- ■ ଶ୍ରୀମନ୍ଦିରରେ ୨୧ରେ ବିଜୟା ଦଶମୀ ଓ ଆୟୁଧ ପୂଜା
- ■ ପଞ୍ଜିକାରେ ତିଥି ଉଲ୍ଲେଖକୁ ନେଇ ପ୍ରଶ୍ନ ଉଠାଇଲେ ଜ୍ୟୋତିର୍ବିଦ୍

ଶ୍ରୀ ମିଶ୍ରଙ୍କ ମତରେ, ମୁକ୍ତିମଣ୍ଡପ ପଣ୍ଡିତ ସଭା ଅନୁମୋଦିତ ପଞ୍ଜିକାରେ ପୀଠେ ଦଶହରା ଅକ୍ଟୋବର ୨୦ ତାରିଖରେ ଉଲ୍ଲେଖ ରହିଛି। ତେଣୁ ଆଶ୍ୱିନ ଶୁକ୍ଳ ଦଶମୀ ତିଥିରେ ଅଭିଜିତ୍ ନକ୍ଷତ୍ର ଅନୁଯାୟୀ ସେହିଦିନ ଦଶହରା ପାଳନ କରିବା ବିଧେୟ। ଶ୍ରୀମନ୍ଦିରରେ ମା' ବିମଳା ବିରାଜମାନ କରୁଥିବାରୁ ପୀଠ ପରମ୍ପରା ଅନୁଯାୟୀ ଅକ୍ଟୋବର ୨୦ ତାରିଖରେ ହିଁ ଦଶହରା ପାଳନ ହେବା ଉଚିତ୍ ବୋଲି ସେ ମତ ଦେଇଛନ୍ତି। ଅନ୍ୟପକ୍ଷରେ, ଅକ୍ଟୋବର ୨୧ ତାରିଖରେ ଶ୍ରୀମନ୍ଦିରରେ ପାଳନ ହେଉଥିବା ପର୍ବକୁ ଦଶହରା ବଦଳରେ ବିଜୟା ଦଶମୀ ଓ ଆୟୁଧ ପୂଜା ଭାବେ ଉଲ୍ଲେଖ କରିବା ଉଚିତ୍ ବୋଲି ଶ୍ରୀ ମିଶ୍ର କହିଛନ୍ତି। ତାଙ୍କ ମତରେ, ଉତ୍କଳୀୟ ପୀଠ ପୂଜା ପରମ୍ପରା ଅନୁଯାୟୀ ଦଶମୀ ତିଥିରେ ଦଶହରା ପାଳନ କରାଯାଏ। ଅନ୍ୟପଟେ, ଅକ୍ଟୋବର ୨୧ରେ ମୃଣ୍ମୟ ଦୁର୍ଗାମୂର୍ତ୍ତିଙ୍କ ପୂଜା ବଙ୍ଗୀୟ ପଦ୍ଧତିରେ ହେଉଥିବାରୁ ସେହି ପରମ୍ପରାରେ ଦଶହରା ପାଳନ କରାଯାଉଛି। ତେବେ ଏହା ଉତ୍କଳୀୟ ପରମ୍ପରାର ଆଧାରରେ ନୁହେଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଭବିଷ୍ୟତରେ ଏଭଳି ତିଥିଗତ ଦ୍ୱନ୍ଦ୍ୱ ଓ ବିଭ୍ରାନ୍ତି ଏଡ଼ାଇବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ବାର୍ଷିକ ପର୍ବପର୍ବାଣି ତାଲିକାରେ 'ଆୟୁଧ ପୂଜା' ଓ ▸ପୃଷ୍ଠା-୭

ରାଜ୍ୟସଭା ନିର୍ବାଚନ କ୍ରସ୍‌ଭୋଟିଂ ମାମଲା

ହାଇକୋର୍ଟ ଲୋଡ଼ିଲେ ଅଧିକ ତଥ୍ୟ

■ କଟକ,୧୩।୧୦(ସମିସ): ରାଜ୍ୟସଭା ନିର୍ବାଚନରେ କ୍ରସ୍‌ଭୋଟିଂ କରିଥିବା ବିଜେଡି ବିଧାୟକଙ୍କ ସଭ୍ୟପଦ ରଦ୍ଦ ପ୍ରସଙ୍ଗକୁ ନେଇ ରୁଜୁ ମାମଲାର ଶୁଣାଣି ଆଜି ନୂଆ ଖଣ୍ଡପୀଠରେ ହୋଇଛି। ପୂର୍ବରୁ ଏହି ମାମଲାର ଶୁଣାଣି କରୁଥିବା ଜଷ୍ଟିସ ଆର.କେ.ପଟ୍ଟନାୟକ ଏହି ମାମଲାର ଶୁଣାଣି ଅନ୍ୟ ଖଣ୍ଡପୀଠରେ କରିବା ପାଇଁ କହିଥିଲେ। ମୁଖ୍ୟବିଚାରପତିଙ୍କ ନିର୍ଦ୍ଦେଶ କ୍ରମେ ଏହି ମାମଲାର ଆଜି ଶୁଣାଣି କରିଛନ୍ତି ଜଷ୍ଟିସ ମୃଗାଙ୍କ ଶେଖର ସାହୁ। ତେବେ ଏହି ମାମଲାକୁ ପୁଣି ବାଚସ୍ପତିଙ୍କ ନିକଟକୁ ପଠାଯିବା ପ୍ରସଙ୍ଗରେ ପ୍ରତିପକ୍ଷଙ୍କ ନିକଟରୁ ଜବାବ ଲୋଡିଛନ୍ତି ହାଇକୋର୍ଟ। ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ଦଳର ହ୍ୱିପ ମାନି ନଥିବା ଓ ଦଳ ବିରୋଧୀ କାର୍ଯ୍ୟରେ ସଂପୃକ୍ତ ଥିବା ଅଭିଯୋଗ ଆଣି ୮ଜଣ ବିଧାୟକଙ୍କ ବିରୋଧରେ ବାଚସ୍ପତିଙ୍କ ନିକଟରେ ଦାଖଲ ପିଟିସନକୁ ବିନା ଶୁଣାଣିରେ ଖାରଜ କରାଯାଇଥିଲା। ନିର୍ଦ୍ଦିଷ୍ଟ ଫର୍ମାଟରେ ସଠିକ ଭାବେ ଏହି ଆବେଦନ କରାଯାଇନଥିବା କାରଣରୁ ବାଚସ୍ପତି ଏହାକୁ ଖାରଜ କରିଥିଲେ। ତେବେ ଉକ୍ତ ଆବେଦନଟି ସଂଶୋଧନ ଯୋଗ୍ୟ ଓ ଏହାର ତ୍ରୁଟି ସଂଶୋଧନ କରି ପୁଣି ଆବେଦନ କରାଯାଇପାରିବ ବୋଲି ହାଇକୋର୍ଟ କହିଛନ୍ତି। ଏଣୁ ଏହି ପ୍ରସଙ୍ଗରେ ପ୍ରତିପକ୍ଷଙ୍କ ଆଇନଜୀବୀ ପରବର୍ତ୍ତୀ ଶୁଣାଣିରେ ଜବାବ ରଖିବାକୁ କହିଛନ୍ତି ହାଇକୋର୍ଟ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅକ୍ଟୋବର୨୯କୁ ଧାର୍ଯ୍ୟ କରାଯାଇଛି।

ମାମଲାରୁ ପ୍ରକାଶ ଯେ ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରି ବିଜେଡିରୁ ନିଲମ୍ବିତ ବିଧାୟକ ଅରବିନ୍ଦ ମହାପାତ୍ର, ସନାତନ ମହାକୁଡ଼,ନବକିଶୋର ମଲ୍ଲିକ, ଦେବୀରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ରମାକାନ୍ତ ଭୋଇ, ସୁବାସିନୀ ଜେନା, ଚକ୍ରମଣି କହଁରଙ୍କ ସଭ୍ୟ ପଦ ରଦ୍ଦ ପ୍ରସଙ୍ଗ ନେଇ ଦାୟର ଆବେଦନଗୁଡ଼ିକୁ ଓଡ଼ିଶା ବିଧାନସଭା ବାଚସ୍ପତି ଖାରଜ କରିଥିଲେ। ▸ପୃଷ୍ଠା-୭

ଏବିଭିପିକୁ ଜିତାଇବା ପାଇଁ ସରକାରଙ୍କ ଆପ୍ରାଣ ଉଦ୍ୟମ : ବିଜେଡି




- ■ ନିର୍ବାଚନରେ ମୁଖ୍ୟ ସଚିବ, ଡିଜିପି, ଜିଲ୍ଲାପାଳଙ୍କ ହସ୍ତକ୍ଷେପ ନିନ୍ଦନୀୟ
- ■ ସଫଳ ହେବ ନାହିଁ ଗଣତନ୍ତ୍ରକୁ ହତ୍ୟା କରି ନିର୍ବାଚନ ଜିତିବା ପ୍ରୟାସ

■ ଭୁବନେଶ୍ୱର,୧୩।୧୦(ସମିସ): ଛାତ୍ର ସଂସଦ ନିର୍ବାଚନରେ ଯେଉଁଠି ବିଜେପି ହାରିବ ବୋଲି ଜାଣୁଛି, ସେଠି ନିର୍ବାଚନ ବାତିଲ କରାଯାଉଛି। ଏବିଭିପି ପ୍ରାର୍ଥୀଙ୍କୁ ବିଜୟ କରାଇବା ପାଇଁ ସରକାରୀ କଳକୁ ବିଜେପି ଉପଯୋଗ କରୁଛି। ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏପରି ଅଭିଯୋଗ କରିଛନ୍ତି ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ତଥା ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡେଇ ଓ ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି

ପ୍ରୀତିରଞ୍ଜନ ଘଡ଼େଇ କହିଥିଲେ ଯେ ଅକ୍ଟୋବର ୧୫ ତାରିଖରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବ। ବିଜେପିର ସବୁ ଚକ୍ରାନ୍ତକୁ ପ୍ରତିହତ କରି ବିସିଜେଡି ପ୍ରାର୍ଥୀ ମାନେ ବିଜୟ ଲାଭ କରିବେ। ବିଜେପି ଯେଉଁ ଦମନଲୀଳା ଚଳାଇଛି, ତାହାକୁ ଜେନ-ଜି ମାନେ ପ୍ରତିହତ କରିବେ। ଜେନ-ଜି ମାନେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ରହିଛନ୍ତି। ତାଙ୍କ ପ୍ରତି ଜେନ-ଜି ମାନଙ୍କ ସମର୍ଥନ ଓ ଭଲ ପାଇବା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବିଜେଡି ପ୍ରତି ଜେନ-ଜି ମାନଙ୍କ ସମର୍ଥନକୁ ବିଜେପି ସହ୍ୟ କରିପାରୁନି । ବିଜେପି ସରକାରରେ ଦୁର୍ନୀତି ଓ ଭ୍ରଷ୍ଟାଚାର ଚରମ ସୀମାରେ ପହଞ୍ଚିଥିବା ବେଳେ ସରକାରୀ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି। ଆଗକୁ ଜେନ-ଜି ମାନେ ସରକାର ପରିବର୍ତ୍ତନ ଆଣିବେ। ଅକ୍ଟୋବର ୧୫ ତାରିଖରେ ଏହାର ଉତ୍ତର ବିଜେପି ସରକାର ପାଇଯିବେ। ଡ.ଲେନିନ ମହାନ୍ତି କହିଥିଲେ ଯେ ଲିଙ୍ଗଡୋ କମିଶନଙ୍କ ନିୟମକୁ ଅବମାନନା କରି ଛାତ୍ର ସଂସଦ ନିର୍ବାଚନରେ ସରକାର ▸ପୃଷ୍ଠା-୭

ଓଲଟ ପାଲଟ



ଦେଉଳକୁ ମୁଖଶାଳା ବଳିଗଲା
କଲେଜର ନିର୍ବାଚନ,
ହୋ ହଲ୍ଲା ପାଇଁ କଲେଜ କ୍ୟାମ୍ପସ
ପ୍ରତି କ୍ଷଣ କମ୍ପମାନ।
ପ୍ରାର୍ଥୀଙ୍କ ପ୍ରଚାର ଶୁଭେ ମୁର୍ଦ୍ଦାବାଦ
ତା ସହିତ ଜୟଗାନ,
କାହିଁ ବୋମା ମାଡ଼ କାହିଁ ଅଣ୍ଡା ମାଡ଼
କାହିଁ ମିଠାଇ ବଣ୍ଟନ।
ଦେଖିଏ ଘଟଣା ଆଖି ମଳି ମଳି
କାନ୍ଦୁ ଅଛି ସମ୍ବିଧାନ॥
- ଯାଯାବର

ନବରଙ୍ଗପୁରରେ ନୂଆ ଡାକ ଡିଭିଜନ

■ ବାରିପଦା/ଭୁବନେଶ୍ୱର,୧୩।୧୦(ସମିସ): ଡାକ ସେବାର ଦକ୍ଷତା ବୃଦ୍ଧି, ବ୍ୟବସାୟିକ ସମ୍ପ୍ରସାରଣ ଓ ରାଜସ୍ୱ ବୃଦ୍ଧି ଲକ୍ଷ୍ୟରେ ଓଡ଼ିଶା ଡାକ ସର୍କଲରେ ବ୍ୟାପକ ପ୍ରଶାସନିକ ପୁନର୍ଗଠନ କରାଯାଇଛି। କେନ୍ଦ୍ର ଯୋଗାଯୋଗ ମନ୍ତ୍ରଣାଳୟ ଅଧୀନ ଡାକ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତ ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ନୂତନ ବ୍ୟବସ୍ଥା ଆସନ୍ତା ୨୦୨୬ ନଭେମ୍ବର ୧ ତାରିଖରୁ କାର୍ଯ୍ୟକାରୀ ହେବାକୁ ଯାଉଛି। ବ୍ରହ୍ମପୁର ରିଜିଅନ୍ ଅଧୀନସ୍ଥ କୋରାପୁଟ ଓ କଳାହାଣ୍ଡି ଡିଭିଜନକୁ ପୁନର୍ବିଭାଜନ କରି ନୂତନ 'ନବରଙ୍ଗପୁର ଡାକ ଡିଭିଜନ' ଗଠନ କରାଯାଇଛି। ଏହି ନୂଆ ଡିଭିଜନର ମୁଖ୍ୟ କାର୍ଯ୍ୟାଳୟ (ହେଡକ୍ୱାର୍ଟର) ଜୟପୁର ମୁଖ୍ୟ ଡାକଘର ପରିସରରେ କାର୍ଯ୍ୟ କରିବ। ଏହି ଡିଭିଜନ ଅଧୀନରେ ୪ଟି ସବ୍‌ଡିଭିଜନ, ୧ଟି ମୁଖ୍ୟ ଡାକଘର, ୩୧ଟି ଉପଡାକଘର ଓ ୩୪୯ଟି ଶାଖା ଡାକଘର ରହିବ। ରାଜ୍ୟର ତିନୋଟି ଯାକ ରିଜିଅନ (ଭୁବନେଶ୍ୱର, ବ୍ରହ୍ମପୁର ଓ ସମ୍ବଲପୁର) ମଧ୍ୟରେ କାର୍ଯ୍ୟଭାର ସନ୍ତୁଳନ ପାଇଁ ଡିଭିଜନର ପୁନର୍ବଣ୍ଟନ କରାଯାଇଛି। ମୟୂରଭଞ୍ଜ ଓ ରାଇରଙ୍ଗପୁର ଡାକ ଡିଭିଜନକୁ ସମ୍ବଲପୁର ରିଜିଅନ ଅନ୍ତର୍ଭୁକ୍ତ କରାଯାଇଛି। ଯାହାକୁ ନେଇ ପୂର୍ବରୁ ଭଞ୍ଜସେନା ପକ୍ଷରୁ ପ୍ରତିବାଦ କରି ରାଷ୍ଟ୍ରପତି ▸ପୃଷ୍ଠା-୭

ଭୁବନେଶ୍ୱରରୁ ସମ୍ବଲପୁର ଅଧୀନକୁ ଗଲା ମୟୂରଭଞ୍ଜ ଓ ରାଇରଙ୍ଗପୁର ଡିଭିଜନ

4001/369/2627

ଟେଣ୍ଟହାଉସ୍ ମାଲିକ ଏବଂ କର୍ମଚାରୀଙ୍କ ପାଇଁ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ

- ଅସ୍ଥାୟୀ ପୂଜା ପେଣ୍ଡାଲ ନିର୍ମାଣ ପୂର୍ବରୁ ଆୟୋଜକମାନଙ୍କଠାରୁ ସୁନିଶ୍ଚିତ କରାନ୍ତୁ ଯେ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରୁ ଆବଶ୍ୟକୀୟ ଅନୁମତି ନିଆଯାଇଅଛି ।
- ବିଦ୍ୟୁତ୍ ଲାଇନ୍ ତଳେ କିମ୍ବା ନିକଟରେ ପୂଜା ମଣ୍ଡପ ନିର୍ମାଣ ଏବଂ ସାଜସଜ୍ଜା କରନ୍ତୁ ନାହିଁ ।
- ବିଦ୍ୟୁତ୍ ଖୁଣ୍ଟ, ସବଷ୍ଟେସନ୍ କିମ୍ବା ଷ୍ଟେ ତାରକୁ ସାଜସଜ୍ଜାରେ କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ ।
- ଲାଇଟ୍, ପଙ୍ଖା, ଏସି, ସାଉଣ୍ଡ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ ନିମନ୍ତେ ଉପଯୁକ୍ତ ୱାରିଙ୍ଗ୍ କରନ୍ତୁ ।
- ଯଥା ସମ୍ଭବ ବିଦ୍ୟୁତ୍ ତାରରେ କୌଣସି ପ୍ରକାର ଜଏଣ୍ଟ ରଖନ୍ତୁ ନାହିଁ ଏବଂ ଆବଶ୍ୟକ ସ୍ଥଳେ ବିଦ୍ୟୁତ୍ କୁପରିବାହୀ ଟେପ୍ ବ୍ୟବହାର କରନ୍ତୁ ।
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ RCCB ବ୍ୟବହାର କରନ୍ତୁ ।
- ଉପଯୁକ୍ତ ରେଟିଙ୍ଗ୍‌ର ISI ମାନକଯୁକ୍ତ ଉପକରଣ ଯଥା ତାର, କେବୁଲ୍, ସର୍କିଟ୍ ବ୍ରେକର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରନ୍ତୁ ।
- ଖୋଲା ସ୍ଥାନରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ, ଉପଯୁକ୍ତ IP (IP ୬୫/IP ୬୬/IP ୫୫) ମାନକଯୁକ୍ତ ଥିବା ଉପକରଣ ବ୍ୟବହାର କରନ୍ତୁ ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର ସୁଇଚ୍ ବ୍ୟବହାର କରନ୍ତୁ।
- ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍‌ଙ୍କ ଦ୍ୱାରା କରାନ୍ତୁ ଏବଂ କାମ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାର ସୁନିଶ୍ଚିତ କରାନ୍ତୁ।



" ଆଜିର ସଚେତନତା, ଆସନ୍ତାକାଲିର ସୁରକ୍ଷା "

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR-4001/4066/2/26-27/0008

ସକାଳ
THE SAKALA

ସମ୍ବିଧାନ ହାତରେ ଧରି ନିର୍ବାଚନୀ ପ୍ରଚାର

ଜିଏମ୍‌ୟୁର ସ୍ୱତନ୍ତ୍ର ପ୍ରାର୍ଥୀଙ୍କ ପରିବର୍ତ୍ତନର ବାର୍ତ୍ତା

ସମ୍ବଲପୁର, ୧୩।୧୦ (ସମିସ) :



ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ଅଭିନବ ଢଙ୍ଗରେ ପ୍ରଚାର କରି ଚର୍ଚ୍ଚାକୁ ଆସିଛନ୍ତି ସ୍ୱତନ୍ତ୍ର ପ୍ରାର୍ଥୀ। ପାରମ୍ପରିକ ନିର୍ବାଚନୀ ପ୍ରଚାରଠାରୁ ଭିନ୍ନ ଭାବେ ହାତରେ ଭାରତୀୟ ସମ୍ବିଧାନ ଧରି ସେମାନେ ଗଣତନ୍ତ୍ର, ସମାନତା, ଧର୍ମନିରପେକ୍ଷତା ଓ ଛାତ୍ର ଅଧିକାରର ବାର୍ତ୍ତା ଦେଇଛନ୍ତି। ଜାତୀୟସ୍ତରରେ ସାମ୍ପ୍ରଦାୟିକତା, ଧାର୍ମିକ ଧ୍ରୁବୀକରଣ ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ନେଇ ଚାଲିଥିବା ବିତର୍କ ମଧ୍ୟରେ ସମ୍ବିଧାନକୁ ପ୍ରଚାରର ମୁଖ୍ୟ ଆଧାର କରିବାର ଏହି ପଦକ୍ଷେପ ଏକ ଭିନ୍ନତା ବହନ କରୁଛି। ସେମାନଙ୍କ ମତରେ, ଛାତ୍ର ରାଜନୀତି କେବଳ ପଦପଦବୀ ହାସଲର ମାଧ୍ୟମ ନୁହେଁ, ଏହା ଗଣତାନ୍ତ୍ରିକ ଚେତନା, ସମାନ ଅଧିକାର ଓ କ୍ୟାମ୍ପସରେ ପ୍ରକୃତ ପରିବର୍ତ୍ତନ ଆଣିବାର ଏକ ମଞ୍ଚ।

ସ୍ୱତନ୍ତ୍ର ପ୍ରାର୍ଥୀମାନେ ୧୦ଟି ମୁଖ୍ୟ ପ୍ରତିଶ୍ରୁତିକୁ ନେଇ ନିଜର ନିର୍ବାଚନୀ ଇସ୍ତାହାର ପ୍ରସ୍ତୁତ କରିଛନ୍ତି। ଇସ୍ତାହାରରେ ନିୟମିତ ପାଠପଢ଼ା, ଅଧ୍ୟାପକଙ୍କ ଉପଲବ୍ଧତା, ଲାଇବ୍ରେରୀର ଆଧୁନିକୀକରଣ, କ୍ୟାମ୍ପସ ସୁରକ୍ଷା, ହଷ୍ଟେଲ ଓ ପରିବହନ ବ୍ୟବସ୍ଥାର ଉନ୍ନତି, ଶସ୍ତା ଓ ସ୍ୱାସ୍ଥ୍ୟକର କ୍ୟାଣ୍ଟିନ୍, ନିଯୁକ୍ତି ଓ ଦକ୍ଷତା ବିକାଶ, ଛାତ୍ର କଲ୍ୟାଣ, କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ଡିଜିଟାଲ୍ କ୍ୟାମ୍ପସ ଏବଂ ଏଆଇ ଭଳି ଆଧୁନିକ ପ୍ରଯୁକ୍ତିବିଦ୍ୟାର ପ୍ରସାରକୁ ଗୁରୁତ୍ୱ ଦିଆଯାଇଛି। ଏଥିସହ ସମ୍ବଲପୁରୀ ଭାଷା, କଳା, ସଙ୍ଗୀତ ଓ ପରମ୍ପରାର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଗବେଷଣା କେନ୍ଦ୍ର, ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ପାଇଁ ପ୍ରଶାସନିକ ସହାୟତା ବ୍ୟବସ୍ଥା, ଭାରତୀୟ ଦର୍ଶନ ଓ ଆଧ୍ୟାତ୍ମିକ ପରମ୍ପରା ଉପରେ ଆଲୋଚନା ସହ ଆନ୍ତଃଧର୍ମୀୟ ସଂଳାପ ଆୟୋଜନ ଭଳି ପ୍ରସ୍ତାବ ମଧ୍ୟ ରହିଛି। ଆଜି ସ୍ୱତନ୍ତ୍ର ପ୍ରାର୍ଥୀମାନେ ନିଜ ସମର୍ଥକଙ୍କ ସହ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କୁ ସାକ୍ଷାତ କରି ଇସ୍ତାହାରରେ ଉଲ୍ଲେଖିତ ବିଭିନ୍ନ ଛାତ୍ର ସମସ୍ୟା ଓ ବିଶ୍ୱବିଦ୍ୟାଳୟର ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ। ଚଳିତ ନିର୍ବାଚନରେ ସଭାପତି ପ୍ରାର୍ଥୀ ପ୍ରିୟଭଦ୍ର ଏସ୍. ପୃଷ୍ଟି, ଉପସଭାପତି ପ୍ରାର୍ଥୀ ଯୋଗେନ୍ଦ୍ର କୁମାର ମଲ୍ଲିକ, ସାଧାରଣ ସମ୍ପାଦକ ପ୍ରାର୍ଥୀ କିସ୍ମତ ପାଣ୍ଡେ, ସାଂସ୍କୃତିକ ସମ୍ପାଦକ ପ୍ରାର୍ଥୀ ସ୍ୱାଗତ ସାହୁ ଏବଂ ସମ୍ପାଦକୀୟ ବୋର୍ଡ ସଦସ୍ୟ ପ୍ରାର୍ଥୀ ମନୋଜ ମହାକୁର ସ୍ୱତନ୍ତ୍ର ଭାବେ ନିର୍ବାଚନ ଲଢୁଛନ୍ତି।

ବିକ୍ଷୋଭ ପରେ କମିଲା କ୍ୟାଣ୍ଟିନ୍ ଖାଦ୍ୟ ଦରଦାମ୍




ସମ୍ବଲପୁର, ୧୩।୧୦ (ସମିସ) : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସର ଏବେ ନିର୍ବାଚନ ପାଇଁ ଚଳଚଞ୍ଚଳ ହୋଇଉଠିଛି। ଛାତ୍ରଛାତ୍ରୀଙ୍କ ସମସ୍ୟାକୁ ନେଇ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ନେତୃବୃନ୍ଦ ସଜାଗ ହୋଇଛନ୍ତି। ଗତକାଲି ଆସନ୍ତା ନିର୍ବାଚନରେ ସଭାପତି ପ୍ରାର୍ଥୀ କରନ୍‌ମୟ ସାହୁ ଓ ଛାତ୍ରଛାତ୍ରୀମାନେ ଗୋଟିଏ ପରିସରରେ ଦୁଇଟି ଦରଦାମକୁ ନେଇ ଅଭିଯୋଗ କରିବାସହ କୁଳପତିଙ୍କ ଚ୍ୟାମ୍ବର ସମ୍ମୁଖରେ ଧାରଣାରେ ବସିଥିଲେ। ବିଶ୍ୱବିଦ୍ୟାଳୟ କ୍ୟାଣ୍ଟିନ୍‌ରେ ଖାଦ୍ୟର ମୂଲ୍ୟ ହ୍ରାସ କରିବାସହ ଛାତ୍ରାବାସ ଦର ସହିତ ସମାନ କରିବାକୁ ସେମାନେ ଦାବି ଜଣାଇଥିଲେ। ଆଜିଠାରୁ କ୍ୟାଣ୍ଟିନ୍‌ରେ ନିରାମିଷ ଓ ଆମିଷ ଖାଦ୍ୟ ଦର କମ୍ କରାଯାଇଥିବା ଜଣାପଡ଼ିଛି। ଛାତ୍ରଛାତ୍ରୀଙ୍କ ଦାବିପତ୍ର ଅନୁଯାୟୀ, ବିଶ୍ୱବିଦ୍ୟାଳୟ କ୍ୟାଣ୍ଟିନ୍‌ରେ ଖାଦ୍ୟର ମୂଲ୍ୟ ତୁଳନାତ୍ମକ ଭାବେ ଅଧିକ ରହିଛି। ନିରାମିଷ ଓ ଆମିଷ ଭୋଜନ ଛାତ୍ରାବାସରେ ପ୍ରାୟ ୪୦ ଟଙ୍କା ଥିବାବେଳେ କ୍ୟାଣ୍ଟିନ୍‌ରେ ୬୦ ରୁ ୮୦ ଟଙ୍କା ରହିଛି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ସୁଲଭ ମୂଲ୍ୟର ଖାଦ୍ୟ ଉପରେ ନିର୍ଭର କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ଏହା ଅତିରିକ୍ତ ଆର୍ଥିକ ବୋଝ ପକାଉଛି। କ୍ୟାଣ୍ଟିନ୍‌ର ବର୍ତ୍ତମାନର ଖାଦ୍ୟ ମୂଲ୍ୟ ସମୀକ୍ଷା କରିବାସହ ଏହାକୁ ହ୍ରାସ କରାଯାଇ, ବିଶେଷକରି, ହଷ୍ଟେଲ ଖାଦ୍ୟ ମୂଲ୍ୟ ସହିତ ସମାନସ୍ତରକୁ ଆଣିବାକୁ ଛାତ୍ରଛାତ୍ରୀମାନେ ଦାବି ଜଣାଇଥିଲେ। ଦାବିକୁ ନେଇ ଛାତ୍ରଛାତ୍ରୀମାନେ ଅଡ଼ି ବସିବାରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତୁରନ୍ତ ଏକ କମିଟି ଗଠନ କରି କ୍ୟାଣ୍ଟିନ୍ ଦାୟିତ୍ୱରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ସହ ଆଲୋଚନା କରିଥିଲେ। ଆମିଷ ଓ ନିରାମିଷ ଖାଦ୍ୟଦର ଯଥାକ୍ରମେ ୪୦ ଓ ୫୦ ଟଙ୍କାକୁ ହ୍ରାସ କରିବାକୁ ନିଷ୍ପତ୍ତିକରି ଲିଖିତ ନୋଟିସ ଜାରି କରାଯିବାପରେ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ହଟିଥିଲା।

ସମ୍ବଲପୁର ଓ ସାନ୍ତ୍ରାଗାଛି ମଧ୍ୟରେ ଚାଲିବ ପୂଜା ସ୍ପେଶାଲ ଟ୍ରେନ୍

ସମ୍ବଲପୁର, ୧୩।୧୦ (ସମିସ) : ଦୁର୍ଗାପୂଜା ସମୟର ଭିଡ଼କୁ ଦୃଷ୍ଟିରେ ରଖି ସମ୍ବଲପୁର ଓ ସାନ୍ତ୍ରାଗାଛି ମଧ୍ୟରେ ସ୍ୱତନ୍ତ୍ର ପୂଜା ଟ୍ରେନ୍ ଚାଲିବ। ଆଗାମୀ ଦୁର୍ଗା ପୂଜା ଓ ଦୀପାବଳି ଉତ୍ସବ ସମୟରେ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ, ଯାତ୍ରୀଙ୍କ ସୁବିଧାଜନକ ଯାତ୍ରା ଏବଂ ଅତିରିକ୍ତ ଭିଡ଼ ପରିଚାଳନା ପାଇଁ ଗୁରୁତ୍ୱପୂର୍ଣ୍ଣ ମାର୍ଗରେ ଅତିରିକ୍ତ ସ୍ୱତନ୍ତ୍ର ପୂଜା ଟ୍ରେନ୍ ଚଳାଚଳ କରାଯିବ। ଟ୍ରେନ୍ ନଂ ୦୮୩୦୩ ସମ୍ବଲପୁର - ସାନ୍ତ୍ରାଗାଛି ସ୍ୱତନ୍ତ୍ର ଟ୍ରେନ୍ ୧୪ ଅକ୍ଟୋବରରୁ ୨୧ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ପ୍ରତ୍ୟେକ ବୁଧବାର ଅପରାହ୍ନ ୪:୧୫ରେ ସମ୍ବଲପୁରରୁ ଛାଡ଼ିବ ଏବଂ ପରଦିନ ଭୋର ୨ଟାରେ ସାନ୍ତ୍ରାଗାଛିରେ ପହଞ୍ଚିବ। ଫେରନ୍ତା ଯାତ୍ରାରେ, ଟ୍ରେନ୍ ନଂ ୦୮୩୦୪ ସାନ୍ତ୍ରାଗାଛି - ସମ୍ବଲପୁର ସ୍ୱତନ୍ତ୍ର ଟ୍ରେନ୍ ୧୫ ଅକ୍ଟୋବରରୁ ୨୨ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ପ୍ରତ୍ୟେକ ଗୁରୁବାର ସନ୍ଧ୍ୟା ୭:୦୫ ରେ ସାନ୍ତ୍ରାଗାଛିରୁ ଛାଡ଼ିବ ଏବଂ ଶୁକ୍ରବାର ସକାଳ ୭:୪୫ରେ ସମ୍ବଲପୁରରେ ପହଞ୍ଚିବ। ଏହି ଟ୍ରେନ୍‌ଗୁଡ଼ିକ ରାସ୍ତାରେ ରେଙ୍ଗାଲି, ଝାରସୁଗୁଡ଼ା ଜଙ୍କସନ୍, ରାଜଗାଙ୍ଗପୁର, ରାଉରକେଲା, ଚକ୍ରଧରପୁର, ଟାଟାନଗର ଜଙ୍କସନ୍, ଖଡ଼ଗପୁର ଜଙ୍କସନ୍ ଏବଂ ଉଲୁବେରିଆ ଆଦିରେ ରହଣୀ କରିବ। ଏହାବ୍ୟତୀତ ବାଗଡିହି, ବାମରା, ଗରପୋଷ, ବିଶ୍ରା, ମନୋହରପୁର, ରାଜଖରସୁଆଁ ଜଙ୍କସନ୍, ଝାଡ଼ଗ୍ରାମ, ପାନ୍ସକୁରା ଏବଂ ବାଗନାନ ଷ୍ଟେସନରେ ମଧ୍ୟ ଅତିରିକ୍ତ ରହଣି ବ୍ୟବସ୍ଥା କରାଯାଇଛି। ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍ (ଏନ୍‌ଟିଇଏସ୍)' କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ ଯାଞ୍ଚ କରିବାକୁ ଅନୁରୋଧ କରାଯାଇଛି।


ସମ୍ବଲପୁରରେ ମହିଳା ସୁରକ୍ଷାକୁ ନେଇ ବଡ଼ ନିଷ୍ପତ୍ତି



- ୧୦ କୋଟି ଟଙ୍କା ବ୍ୟୟରେ ୯ଟି ପ୍ରସ୍ତାବ ଉପରେ ସମୀକ୍ଷା
- ୧୫ଟି ଜରୁରୀକାଳୀନ ଯାନ ବ୍ୟବସ୍ଥା
- ମହିଳାଙ୍କ ପାଇଁ ୪୦ଟି ଇ-ରିକ୍ସା ବ୍ୟବସ୍ଥା

ସମ୍ବଲପୁର, ୧୩।୧୦ (ସମିସ) : ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଜି ମହିଳା ଓ ବାଳିକାଙ୍କ ପାଇଁ ସୁରକ୍ଷିତ, ସମାବେଶୀ ଓ ଭୟମୁକ୍ତ ସହର ଗଠନ ଲକ୍ଷ୍ୟରେ ନିର୍ଭୟା ପଦକ୍ଷେପ ଅଧୀନରେ ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ବିଭିନ୍ନ ଯୋଜନାର ସମୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ପୁଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ଉପସ୍ଥିତ ଥିଲେ। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଆଭାସୀ ମାଧ୍ୟମରେ ଯୋଗଦେଇ ପ୍ରସ୍ତାବିତ ଯୋଜନାଗୁଡ଼ିକର ରୂପରେଖ ଉପସ୍ଥାପନ କରିଥିଲେ। ଏହି ପଦକ୍ଷେପ ଅଧୀନରେ ମୋଟ ୧୦ କୋଟି ଟଙ୍କା ବ୍ୟୟରେ ୯ଟି ପ୍ରମୁଖ ପ୍ରସ୍ତାବ ଦିଆଯାଇଛି। ଏଥିରେ ମହିଳା ପୁଲିସଙ୍କ ଦ୍ୱାରା ତ୍ୱରିତ ସହାୟତା, ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥା, ପ୍ରଯୁକ୍ତିଭିତ୍ତିକ ନିରୀକ୍ଷଣ, ନିରାପଦ ଯାତାୟାତ, ମହିଳା ଅନୁକୂଳ ସାର୍ବଜନୀନ ସୁବିଧା ଓ ସଚେତନତା କାର୍ଯ୍ୟକ୍ରମକୁ ସାମିଲ କରାଯାଇଛି। "ଶକ୍ତି ସାରଥୀ' ଅଧୀନରେ ୧୫ଟି ଦୁଇଚକିଆ ଯାନ ମାଧ୍ୟମରେ ମହିଳା ପୋଲିସ କର୍ମଚାରୀଙ୍କ ପକ୍ଷରୁ ପାଟ୍ରୋଲିଂ ଓ ତ୍ୱରିତ ସହାୟତା ପ୍ରଦାନ ପ୍ରସ୍ତାବ ରହିଛି। "ପ୍ରତିକ୍ରିୟା' ଯୋଜନାରେ ୧୫ଟି ଜରୁରୀକାଳୀନ ପ୍ରତିକ୍ରିୟା ଯାନ ଓ ଡ୍ରୋନ୍ ବ୍ୟବହାର ମାଧ୍ୟମରେ ମହିଳାଙ୍କୁ ଆବଶ୍ୟକ ସହାୟତା ଓ ଉଦ୍ଧାର ସେବା ଯୋଗାଇବାର ଯୋଜନା ରହିଛି। "ଦୃଷ୍ଟି' ଅଧୀନରେ ୨୧୦ଟି ସ୍ଥାନରେ ୮୦୦ଟି ସିସିଟିଭି କ୍ୟାମେରା ସ୍ଥାପନ କରି ନିରୀକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ପ୍ରସ୍ତାବ ରହିଛି। ସେହିପରି "ଏସ୍-ଷ୍ଟପ୍' ଅଧୀନରେ ୫ଟି ପୋଲିସ ସହାୟତା କେନ୍ଦ୍ର ସ୍ଥାପନ କରାଯିବାର ଯୋଜନା ରହିଛି। ମହିଳାଙ୍କ ପାଇଁ ନିରାପଦ ଓ ସୁଲଭ ଯାତାୟାତ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ "ସହଯାତ୍ରୀ' ଅଧୀନରେ ୪୦ଟି ଗୋଲାପୀ ଇ-ରିକ୍ସା ପରିଚାଳନା ପ୍ରସ୍ତାବିତ ହୋଇଛି। "ନିର୍ଭୟା ସଦନ' ଯୋଜନାରେ ଜିଲ୍ଲା ଅଦାଲତ ପରିସର, ରେଳଷ୍ଟେସନ, ବୁର୍ଲା ଚିକିତ୍ସା ଅଞ୍ଚଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାରିଟି ସହାୟତା କେନ୍ଦ୍ର ସ୍ଥାପନ ପ୍ରସ୍ତାବ ରହିଛି। "ସାଥୀ' ଅଧୀନରେ ୬ଟି ଶୌଚାଳୟ ଓ ନର୍ସିଂ ସୁବିଧା ସ୍ଥାପନ ସହ "ଯାତ୍ରା' ଅଧୀନରେ ୫୦ଟି ଶିକ୍ଷାନୁଷ୍ଠାନର ବସ୍ ପାଇଁ ବାସ୍ତବ ସମୟ ଟ୍ରାକିଂ ବ୍ୟବସ୍ଥା ବିକାଶ କରିବାର ପ୍ରସ୍ତାବ ରହିଛି। ଏହା ସହିତ "ସଚେତନା' ଅଧୀନରେ ମହିଳା ସୁରକ୍ଷା ସମ୍ପର୍କିତ ସଚେତନତା, ଆତ୍ମରକ୍ଷା ପ୍ରଶିକ୍ଷଣ, ସ୍ୱାସ୍ଥ୍ୟ ଶିକ୍ଷା ଓ ଗୋଷ୍ଠୀ ସମୁଦାୟଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଅଭିଯାନରେ କିଶୋର ବାଳକମାନଙ୍କୁ ମଧ୍ୟ ସାମିଲ କରି ମହିଳାଙ୍କ ପ୍ରତି ସମ୍ମାନଜନକ ଆଚରଣ, ଲିଙ୍ଗଗତ ସମ୍ବେଦନଶୀଳତା ଓ ସାମାଜିକ ଦାୟିତ୍ୱବୋଧ ସମ୍ପର୍କରେ ସଚେତନ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଗୁରୁତ୍ୱ ଦେଇଥିଲେ। ଯୋଜନାଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ନିମନ୍ତେ ପୋଲିସ, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ସ୍ଥାନୀୟ ପ୍ରଶାସନ ମଧ୍ୟରେ ସମନ୍ୱୟ ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର-ତଥା-ଶାସନ ସଚିବ ଅଶ୍ୱତୀ ଏସ., ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର-ତଥା-ଶାସନ ସଚିବ ଡ. ଏନ୍. ତିରୁମାଲା ନାଏକ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ତଥା-ଶାସନ ସଚିବ ଡ. ମୃଣାଳିନୀ ଦର୍ସୱାଲଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

ଚନ୍ଦ୍ରଘଣ୍ଟା ବେଶରେ ଦର୍ଶନ ଦେଲେ ମା' ପାଟଣେଶ୍ୱରୀ ଓ ମା' କାମାକ୍ଷା





ସମ୍ବଲପୁର, ୧୩।୧୦ (ସମିସ) : ଆରମ୍ଭ ହୋଇଯାଇଛି ନବରାତ୍ର। ବିଭିନ୍ନ ମନ୍ଦିରରେ ମା' ଦଶ ମହାବିଦ୍ୟା ରୂପରେ ଦର୍ଶନ ଦେଉଛନ୍ତି। ପ୍ରତିପଦାରେ ମା' ଶୈଳପୁତ୍ରୀ ଏବଂ ଦ୍ୱିତୀୟାରେ ମା' ବ୍ରହ୍ମଚାରିଣୀ ରୂପରେ ଦର୍ଶନ ଦେଇଥିଲେ। ଆଜି ସମ୍ବଲପୁରର ମା' ପାଟଣେଶ୍ୱରୀ ଏବଂ ବୈଦାର ନୂଆପାଲି କାମାକ୍ଷା ବିହାରସ୍ଥିତ କାମାକ୍ଷା ଦେବୀଙ୍କ ମନ୍ଦିରର ଶାରଦୀୟ ନବରାତ୍ରର ତୃତୀୟା ତିଥିରେ ମା' ଚନ୍ଦ୍ରଘଣ୍ଟା ବେଶରେ ପୂଜା ପାଉଛନ୍ତି। ପାଟଣେଶ୍ୱରୀ ମନ୍ଦିରରେ ପୂଜକ ପଣ୍ଡିତ ରମେଶ ପୁରୋହିତ ଓ ଅନ୍ୟମାନେ ପୂଜା କାର୍ଯ୍ୟ ତୁଲାଇଥିବାବେଳେ କାମାକ୍ଷା ମନ୍ଦିରରେ ପଣ୍ଡିତ ସିଦ୍ଧାର୍ଥ ଦାଶ ଓ ତାଙ୍କ ସହଯୋଗୀମାନେ ପୂଜାର୍ଚ୍ଚନା କରିଥିଲେ। ଉଭୟ ସ୍ଥାନରେ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା। ମନ୍ଦିର କମିଟି ଓ ସ୍ୱେଚ୍ଛାସେବୀମାନେ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରିଥିଲେ।

ନୂଆତିହୁରା କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ



ସମ୍ବଲପୁର, ୧୩।୧୦ (ସମିସ): ସମ୍ବଲପୁର ମାନେଶ୍ୱର ବ୍ଲକ ଅଧୀନ ନୂଆତିହୁରା କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ମୁରା ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଧିକ ସଫଳତା ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ମୁରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ମିତା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅମିୟ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ କ୍ଲଷ୍ଟର ସିଆରସିସି ନରେନ୍ଦ୍ର କାଲୁ ଉପସ୍ଥିତ ଥିଲେ। କୈଳାସ ଚନ୍ଦ୍ର ନାଥ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମୁରା ନୋଡାଲ ଉଚ୍ଚ ବିଦ୍ୟାଳୟ, ସାଙ୍ଗ୍ରାମାଲ (ଏ) ୟୁପି ସ୍କୁଲ, କୁଦପାଲି ୟୁପି ସ୍କୁଲ, ସାଙ୍ଗ୍ରାମାଲ (ବି) ୟୁପି ସ୍କୁଲ ଏବଂ ଡିପିଏ କଲେଜ, ମୁରା ସ୍କୁଲର ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ। ସୁରଭି କାର୍ଯ୍ୟକ୍ରମରେ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ସଙ୍ଗୀତ, କୁଇଜ୍, ସୃଜନଶୀଳ ଲିଖନ, ବକ୍ତୃତା, ଓଡ଼ିଆ ହସ୍ତାକ୍ଷର, ପିଏମ୍ ପୋଷଣ ଚିତ୍ରକଳା, ପିଏମ୍ ପୋଷଣ ଶିଳ୍ପକଳା ଏବଂ ଦଳଗତ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ପୂର୍ଣ୍ଣିମା ସାହୁ, କଲ୍ୟାଣୀ ଭୋଇ, ଏଲୋରା ନାଥ, ସୁମତି ତିରୁ, ଇପ୍ସିତା ସାହୁ, ଆଦିତ୍ୟନାରାୟଣ ଭୋଇ, ନିଳାଦ୍ରୀ ଗୁପ୍ତା, ବିଶ୍ୱନାଥ ସାଏ ଏବଂ ନିହାର ରଞ୍ଜନ ସ୍ୱାଇଁ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ବିତର୍କରେ ପୁନମ୍ ବାରିକ ଓ ଚିତ୍ରାଙ୍କନରେ ଶ୍ରୀମା ସାହୁ ପ୍ରଥମ ହୋଇଥିଲେ। ସେହିପରି ପିଏମ୍ ପୋଷଣ ଚିତ୍ରକଳାରେ ରବିଶଙ୍କର ମାଝୀ ପ୍ରଥମ ସ୍ଥାନ ହାସଲ କରିଥିଲେ। ଜୁନିୟର ବିଭାଗରେ ଅମନ୍ ପ୍ରଧାନ ପ୍ରଥମ ହୋଇଥିଲେ। ଦଳଗତ ସାଂସ୍କୃତିକ ପ୍ରତିଯୋଗିତାରେ ମଧ୍ୟ ମୁରା ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରଥମ ସ୍ଥାନ ହାସଲ କରିଥିଲେ।

ଚିତ୍ରକଳା ପ୍ରଦର୍ଶନୀ 'ଆବାହନୀ' ଉଦ୍‌ଘାଟିତ



ସମ୍ବଲପୁର, ୧୩।୧୦ (ସମିସ) : ପ୍ରାୟ ୬୦ ଜଣ ପ୍ରବୀଣ, ତରୁଣ ଓ ନବୀନ ଚିତ୍ରଶିଳ୍ପୀଙ୍କୁ ନେଇ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ 'ଆବାହନୀ' ଆଜି ସମଲେଶ୍ୱରୀ ମନ୍ଦିର ପାର୍ଶ୍ୱରେ ଥିବା ରିଭରଫ୍ରଣ୍ଟରେ ଉଦ୍‌ଘାଟିତ ହୋଇଯାଇଛି। ଆବାହକ କୁଳଦୀପ ବର୍ମାଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସମ୍ବଲପୁର ସଦର ଉପଜିଲ୍ଲାପାଳ ଡାକ୍ତର ପୁଷ୍ପାଞ୍ଜଳି ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ, ସଂସ୍କୃତି ଗବେଷକ ଡ. ଶ୍ୟାମସୁନ୍ଦର ଧର, ସମାଜସେବୀ ପ୍ରଫୁଲ୍ଲ ହୋତା ଏବଂ ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ କୁମାର ବାବୁ ସମ୍ମାନିତ ଅତିଥି ଥିଲେ। ମଙ୍ଗଳବାର ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ରାତ୍ରି ୯ଟା ଯାଏ ଜନସାଧାରଣଙ୍କ ପାଇଁ ଖୋଲା ରହିବ। ଏହି ଅବସରରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପ୍ରଦର୍ଶନୀରେ ଚିତ୍ରଶିଳ୍ପୀ ପ୍ରଶାନ୍ତ ମାଝୀ, ସଞ୍ଜୟ ସାହୁ, ପବିତ୍ର ବେରିହା, କୁଳଦୀପ ବର୍ମା, ସୁବ୍ରତ ବେହେରା, ଅପର୍ଣ୍ଣା ପଣ୍ଡା, ନମ୍ରତା ନାୟକ, ଅଞ୍ଜନ ପଟ୍ଟନାୟକ, ଯୁଗଳ କିଶୋର ବାରିକ, ଜୀତେନ୍ଦ୍ରିୟ ବେହେରା, ନିତ୍ୟାନନ୍ଦ ପଣ୍ଡା, ଆକୃତି ଦାଶ, ସୁମନ ଶେଖର ପାଲ, ଦେବେନ୍ଦ୍ର ସାହୁ, ଶ୍ରଦ୍ଧାସୁମନ ସାହୁ, ଆକାଂକ୍ଷା ପୂଜାରୀ, ଦୀପାଳି ସେଠ, ରାଜବିନ୍ଦର କୌର, ଶିଳ୍ପୀ ରାମ, ସୁମନ ପଟେଲ, ଜୟଶ୍ରୀ ନାଥ, ବର୍ଷାରାଣୀ ମହାକୁର, ଆୟୁଷ୍ମାନ ଦାସ, ମହମ୍ମଦ କାଶୀମ, ବିକାଶ ରଞ୍ଜନ ପୂଜାରୀ, ପ୍ରଜ୍ଞା ପରମିତା ପୂଜାରୀ, ଶିବାନୀ ଭୋଇ, ରାକ୍ଷୀ ପଣ୍ଡିତ, କମଳିନୀ ମହାଲିଙ୍ଗ, ପ୍ରାଜେକ୍ତା ପଣ୍ଡା, ସିଦ୍ଧିସମୃଦ୍ଧି ପଣ୍ଡା, ସୁମନ ପଟେଲ, ପୂଜା ଜଗଦଲା, ତନୁଶ୍ରୀ ଧର, ରାଜେଶ ବଡ଼ାଇ, ରୋଶନୀ ପଣ୍ଡିତ, ଅଞ୍ଜନ ରାୟ, ଓମ୍ ଦତ୍ତାତ୍ରେୟ ବୈଠାରୁ, ଇପ୍ସା ପ୍ରିୟଦର୍ଶିନୀ ସାହୁ, ଅନୁଷ୍କା ପଣ୍ଡା, ତନିଶା ପଣ୍ଡା, ବିଶ୍ୱରଞ୍ଜନ ସାହୁ, ଦେବଦତ୍ତ ସାହୁ, ପଲ୍ଲବୀ ଶର୍ମା, ଇତିଶା ମହାପାତ୍ର, ଶ୍ରୀମୟ ନାୟକ, ଅମ୍ରିତା ଷଡ଼ଙ୍ଗୀ, ବନ୍ଦନା ସାହୁ, ସ୍ମୃତିଶୁଭମ ମହାରଥୀ, ସୁନୀଲ ବଗର୍ତି, ପ୍ରିୟାଂଶି ପଣ୍ଡା, ନଳିନୀ ମିଶ୍ର, ଅଂଶୁତା ପାଣିଗ୍ରାହୀ, ଅନୁଷ୍କା ମହାକୁର, ମିତାଲି ପଟ୍ଟନାୟକ, ବନ୍ଦିନୀ ପଣ୍ଡା, ପ୍ରତୀକ ପ୍ରସାଦ, ତ୍ରିଷ୍ଣା ତମନ୍ନା ପଟ୍ଟନାୟକ, ଅଙ୍କିତ ଦାଶ ପ୍ରମୁଖଙ୍କ ଚିତ୍ରକଳା ସ୍ଥାନ ପାଇଛି।

ନଭେମ୍ବର ୧୩ରେ ଜିଲ୍ଲାସ୍ତରୀୟ ଡାକଟିକଟ ପ୍ରଦର୍ଶନୀ

ସମ୍ବଲପୁର, ୧୩।୧୦ (ସମିସ) : ସମ୍ବଲପୁର ଡାକ ବିଭାଗର ଆଞ୍ଚଳିକ କାର୍ଯ୍ୟାଳୟଠାରେ ସମ୍ବଲପୁର ଡାକମଣ୍ଡଳ ପକ୍ଷରୁ ଆସନ୍ତା ନଭେମ୍ବର ୧୩ ଓ ୧୪ ତାରିଖ ଆୟୋଜିତ ହେବାକୁଥିବା ଚତୁର୍ଥ ଜିଲ୍ଲାସ୍ତରୀୟ ଡାକଟିକଟ ପ୍ରଦର୍ଶନୀ "ସମ୍ବଲପେକ୍ସ -୨୦୨୬'ର ଲୋଗୋ ଓ ପ୍ରୋସପେକ୍ଟସ୍ ଉନ୍ମୋଚିତ ହୋଇଯାଇଛି। ବୁଢ଼ାରଜା ଉଚ୍ଚ ବିଦ୍ୟାଳୟ ପରିସରରେ ଏହି ପ୍ରଦର୍ଶନୀ ଆୟୋଜିତ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଫିଲାଟେଲି ଦାୟିତ୍ୱରେ ଥିବା ଅଭିଷେକ ପୂଜାରୀ ସଂଯୋଜନା କରିଥିବାବେଳେ ଡାକସେବା ନିର୍ଦ୍ଦେଶକ ଏସ.କେ. ଠାକରେ, ଆଞ୍ଚଳିକ କାର୍ଯ୍ୟାଳୟର ସହକାରୀ ଡାକସେବା ନିର୍ଦ୍ଦେଶକ -୧ ସୁଜିତ ମହାରଣା, ସହକାରୀ ଡାକ ସେବା ନିର୍ଦ୍ଦେଶକ-୨ ସମରଜିତ୍ ନାୟକ, ସମ୍ବଲପୁର ଡାକମଣ୍ଡଳର ଡାକ ଅଧୀକ୍ଷକ ସୁଶାନ୍ତ ପାଣିଗ୍ରାହୀ, ସହକାରୀ ଡାକ ଅଧୀକ୍ଷକ (ମୁଖ୍ୟାଳୟ) ଯେରା ପୋଲାୟା ଓ ସହକାରୀ ଡାକ ଅଧୀକ୍ଷକ ସରୋଜ ବସ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସମ୍ବଲପୁର ଡାକମଣ୍ଡଳର ଅଧୀକ୍ଷକ ଶ୍ରୀ ପାଣିଗ୍ରାହୀ 'ସମ୍ବଲପେକ୍ସ -୨୦୨୬' ପ୍ରଦର୍ଶନୀ ବିଷୟରେ ସୂଚନା ପ୍ରଦାନ କରିବାସହ ଡାକଟିକଟ ସଂଗ୍ରହର ଇତିହାସ ବିଷୟରେ କହିଥିଲେ। ଡାକ ଟିକେଟ ମାଧ୍ୟମରେ ଦେଶର ଇତିହାସ, ସଂସ୍କୃତି ଓ ଐତିହ୍ୟ ବିଷୟରେ ଜନସାଧାରଣ, ବିଶେଷ କରି ଯୁବପିଢ଼ି ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ପ୍ରଦର୍ଶନୀର ମୁଖ୍ୟଲକ୍ଷ୍ୟ ବୋଲି ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। ଡାକସେବା ନିର୍ଦ୍ଦେଶକ ଶ୍ରୀଠାକରେ କହିଲେ ଯେ, ଏହି ଡାକଟିକଟ ସଂଗ୍ରାହକ, ଫିଲାଟେଲିଷ୍ଟ ଏବଂ ଡାକଟିକଟ ପ୍ରତି ଆଗ୍ରହୀ ବ୍ୟକ୍ତିମାନଙ୍କୁ ନିଜ ନିଜର ସଂଗୃହିତ ଡାକଟିକଟ ପ୍ରଦର୍ଶନ ଓ ନିଜ ଅଭିଜ୍ଞତା ପାଇଁ ଏକ ସୁଯୋଗ ପ୍ରଦାନ କରିବ। ଡାକ ବିଭାଗର ଅରୁଣ ଲାଟା, ସତ୍ୟ ଦାସ, ସପ୍ତର୍ଶୀ ପୁରୋହିତ, ଆଶିଷ କୁମ୍ଭାର, ତାପସ ଭୋଇ, ଅଜୟ ପ୍ରଧାନ, ପ୍ରଳୟ ପ୍ରତାପ ବାରିକ ପ୍ରମୁଖ ସହଯୋଗ କରିଥିଲେ।

ପଞ୍ଚଖଣ୍ଡ ହାଇସ୍କୁଲରେ 'ସୁରଭି'

ରେଢ଼ାଖୋଲ, ୧୩।୧୦ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅଧୀନ ବଡବାହାଳ ପଞ୍ଚାୟତ ସ୍ଥିତ ପଞ୍ଚଖଣ୍ଡା ଉଚ୍ଚ ବିଦ୍ୟାଳୟ ପରିସରରେ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ମୋଟ ୧୩୧ ଜଣ ଛାତ୍ରଛାତ୍ରୀ ୨୧ଟି ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରି ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ସରପଞ୍ଚ ମମତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସଭାପତି ଶତ୍ରୁଘ୍ନ ବେହେରା, ସଭାପତି ସନ୍ତୋଷ କୁମାର ମିର୍ଦ୍ଧା, ବିଶ୍ୱରଞ୍ଜନ ପ୍ରଧାନ, କାଳିଆ ସାହୁ ଏବଂ ଜଳଧର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ପ୍ରତାପ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ସିଆରସିସି ସନ୍ତୋଷ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା। ମଞ୍ଚ ପରିଚାଳନା କୈଳାଶ ଚନ୍ଦ୍ର ଦାସ କରିଥିବା ବେଳେ ଏହାର ସଫଳ ଆୟୋଜନରେ ଅନିଲ କୁମାର ମେହେର, ସଦାନନ୍ଦ ପ୍ରଧାନ, ନମିତା ରାଉତ, ସୁପ୍ରିୟା କର, ସୁରମଣି ସାହୁ ଏବଂ କୈଳାସ ଚନ୍ଦ୍ର ବେହେରା ସହଯୋଗ କରିଥିଲେ।

ବାଦ୍ ପଡ଼ିଥିବା ଓ ଯୁବ ଭୋଟରଙ୍କ ନାମ ପଞ୍ଜୀକରଣ ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ

ସମ୍ବଲପୁର, ୧୩।୧୦ (ସମିସ) : ଭାରତ ନିର୍ବାଚନ ଆୟୋଗ ଏବଂ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସମ୍ବଲପୁର ଜିଲ୍ଲାରେ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ଏକ ବ୍ୟାପକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏହିକ୍ରମରେ ଆଜି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିଷ୍ପତ୍ତି ଅନୁଯାୟୀ ଜିଲ୍ଲାର ସମସ୍ତ ମତଦାନ କେନ୍ଦ୍ରର ବୁଥସ୍ତରୀୟ ଅଧିକାରୀ (ବିଏଲ୍‌ଓ) ମାନେ ବର୍ତ୍ତମାନର ଚୂଡ଼ାନ୍ତ ଭୋଟର ତାଲିକା ସହିତ ଏସ୍‌ଆଇଆର୍ ପୂର୍ବର ଭୋଟର ତାଲିକାର ତୁଳନା କରିବେ ଏବଂ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରଙ୍କ ଏକ ସ୍ୱତନ୍ତ୍ର ତାଲିକା ପ୍ରସ୍ତୁତ କରିବେ। ଏହାପରେ ବିଏଲ୍‌ଓମାନେ ଚିହ୍ନଟ ହୋଇଥିବା ଭୋଟରଙ୍କ ଘରକୁ ଘର ବୁଲି ଯାଞ୍ଚ କରିବାସହ ପ୍ରତି ସପ୍ତାହରେ ଅତି କମ୍‌ରେ ୨୦ ରୁ ୨୫ ଜଣ ଭୋଟରଙ୍କୁ ସାମିଲ କରି ଆସନ୍ତା ଗୋଟିଏ ମାସ ମଧ୍ୟରେ ଏହି ପ୍ରକ୍ରିୟା ଶେଷ କରିବେ। ୧ ଅକ୍ଟୋବର ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରୁଥିବା ସମସ୍ତ ନୂତନ ଯୁବକ-ଯୁବତୀ, ଯୋଗ୍ୟ ନାଗରିକ ଓ ବାଦ୍ ପଡ଼ିଥିବା ଭୋଟରଙ୍କ ନାମ ଫର୍ମ-୬ ମାଧ୍ୟମରେ ସାମିଲ କରାଯିବ। ଏହି ଅଭିଯାନକୁ ସଫଳ କରିବା ପାଇଁ ସମ୍ବଲପୁର ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସମସ୍ତ ନାଗରିକ, ଯୁବବର୍ଗ ଏବଂ ରାଜନୈତିକ ଦଳଗୁଡ଼ିକୁ ବିଏଲ୍‌ଓମାନଙ୍କ ଗୃହ ଗସ୍ତ ସମୟରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ନିବେଦନ କରିଛନ୍ତି।

ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ

ବନ୍ୟପ୍ରାଣୀଙ୍କ ଗତିବିଧି ଉପରେ ନଜର ରଖୁଛି ଏଆଇ କ୍ୟାମେରା

ସମ୍ବଲପୁର, ୧୩।୧୦ (ସମିସ) :



ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟରେ ବନ୍ୟପ୍ରାଣୀଙ୍କ ଗତିବିଧି, ଜଙ୍ଗଲ ନିଆଁ ଏବଂ ସମ୍ଭାବ୍ୟ ବିପଦର ଦିନରାତି ନିରୀକ୍ଷଣ ପାଇଁ ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଆଧାରିତ ନିରୀକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଏଥିରେ ଏକ 'ଇ-ଆଇ' ଏଆଇ ସର୍ଭେଲାନ୍ସ ଟାୱାର ସହିତ ୧୮ଟି ସ୍ମାର୍ଟ କ୍ୟାମେରା ଟ୍ରାପ୍ ସଂଯୋଗ କରାଯାଇଛି। ଏହାଦ୍ୱାରା ରିଅଲ୍-ଟାଇମ୍ ତଥ୍ୟ ବିଶ୍ଳେଷଣ ମାଧ୍ୟମରେ ଅଭୟାରଣ୍ୟର ସୁରକ୍ଷା ବ୍ୟବସ୍ଥା ଅଧିକ ସୁଦୃଢ଼ ହୋଇଛି। ପ୍ରଥମ ପର୍ଯ୍ୟାୟରେ, ଡିସେମ୍ବର ୨୦୨୫ରେ ଏଆଇ ଟାୱାର ସହିତ ୫ଟି କ୍ୟାମେରା ଟ୍ରାପ୍ ସଂଯୋଗ କରାଯାଇଥିଲା। ପରବର୍ତ୍ତୀ ସମୟରେ ଅଭୟାରଣ୍ୟ ଭିତରେ ୱାୟାରଲେସ୍ ମେଶ୍ ନେଟୱାର୍କ ବ୍ୟବସ୍ଥା ସ୍ଥିର ଓ କାର୍ଯ୍ୟକ୍ଷମ ହେବାପରେ, ଅକ୍ଟୋବର ୨୦୨୬ରୁ ୧୮ଟି ଏଆଇ କ୍ୟାମେରା ଟ୍ରାପ୍ ସ୍ଥାପନ କରାଯାଇଛି। ଏହି କ୍ୟାମେରାଗୁଡ଼ିକରୁ ବନ୍ୟପ୍ରାଣୀଙ୍କ ଫଟୋ ଓ ଭିଡିଓ ସିଧାସଳଖ ରିଅଲ୍-ଟାଇମ୍‌ରେ କଣ୍ଟ୍ରୋଲ୍ ରୁମ୍‌କୁ ପହଞ୍ଚୁଛି। ଅଭୟାରଣ୍ୟର ଚୌରାଶିମାଳ ଅଞ୍ଚଳରେ ସ୍ଥାପିତ ଏଆଇ ସର୍ଭେଲାନ୍ସ ଟାୱାର ଡିସେମ୍ବର ୨୦୨୫ରୁ କାର୍ଯ୍ୟକ୍ଷମ ହୋଇଛି। ଏହାର ନିରୀକ୍ଷଣ ପରିସର ପ୍ରାୟ ୫୬ କିଲୋମିଟର ଏବଂ ଏହା ପ୍ରାୟ ୭୦ ବର୍ଗ କିଲୋମିଟର ଜଙ୍ଗଲ ଅଞ୍ଚଳ ଉପରେ ନଜର ରଖିପାରୁଛି। ଏଥିରେ ଅପ୍ଟିକାଲ୍ ଓ ଥର୍ମାଲ୍ କ୍ୟାମେରା ସଂଯୁକ୍ତ ଥିବାରୁ ଦିନ ଓ ରାତିରେ ବନ୍ୟପ୍ରାଣୀଙ୍କ ଗତିବିଧି, ମଣିଷ ଓ ଯାନବାହନର ଅନଧିକୃତ ପ୍ରବେଶ ଏବଂ ସମ୍ଭାବ୍ୟ ଜଙ୍ଗଲ ନିଆଁ ଉପରେ ନିରନ୍ତର ନଜର ରଖାଯାଇପାରୁଛି।

ଜଙ୍ଗଲ ଭିତରେ ୧୮ଟି ଏଆଇ କ୍ୟାମେରା ଟ୍ରାପ୍ ରହିଛି। ଅଭୟାରଣ୍ୟର ଦୁର୍ଗମ ଜଙ୍ଗଲ ଅଞ୍ଚଳରେ ୧୮ଟି ଏଆଇ-ସମନ୍ୱିତ କ୍ୟାମେରା ଟ୍ରାପ୍ ସ୍ଥାପନ କରାଯାଇଛି। ଏହି କ୍ୟାମେରାଗୁଡ଼ିକ ୱାୟାରଲେସ୍ ମେଶ୍ ନେଟୱାର୍କ ମାଧ୍ୟମରେ ପରସ୍ପର ସହିତ ସଂଯୁକ୍ତ ହୋଇ ତଥ୍ୟ ପ୍ରେରଣ କରୁଛନ୍ତି। ଫଳରେ ମୋବାଇଲ୍ ନେଟୱାର୍କ ନ ଥିବା ଜଙ୍ଗଲ ଅଞ୍ଚଳରୁ ମଧ୍ୟ ଫଟୋ ଓ ଭିଡିଓ କଣ୍ଟ୍ରୋଲ୍ ରୁମ୍‌କୁ ପଠାଯାଇପାରୁଛି। କୃତ୍ରିମ ବୁଦ୍ଧିମତ୍ତା ସହାୟତାରେ ଏହି କ୍ୟାମେରାଗୁଡ଼ିକ ଗୟଳ, କଳରାପତରିଆ ବାଘ, ସମ୍ବର, ଚିତ୍ରା ହରିଣ, ଭାଲୁ, ନୀଳଗାଇ ଆଦି ବନ୍ୟପ୍ରାଣୀଙ୍କୁ ସ୍ୱୟଂଚାଳିତ ଭାବେ ଚିହ୍ନଟ କରିପାରୁଛନ୍ତି। ସମସ୍ତ ତଥ୍ୟ ଜିରୋ ପଏଣ୍ଟସ୍ଥିତ କେନ୍ଦ୍ରୀୟ କଣ୍ଟ୍ରୋଲ୍ ରୁମ୍‌କୁ ପହଞ୍ଚୁଛି, ଯେଉଁଠାରୁ ବନ କର୍ମଚାରୀମାନେ ବନ୍ୟପ୍ରାଣୀଙ୍କ ଗତିବିଧି ନିରୀକ୍ଷଣ କରିବା ସହ ଆବଶ୍ୟକ ସୁରକ୍ଷା ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ଆଧୁନିକ ପ୍ରଯୁକ୍ତିବିଦ୍ୟା ପାରମ୍ପରିକ ବନ ସୁରକ୍ଷା ଓ ପାଦଚଲା ପାଟ୍ରୋଲିଂର ବିକଳ୍ପ ନୁହେଁ, ବରଂ ଏହାକୁ ଅଧିକ ଦକ୍ଷ ଓ ପ୍ରଭାବଶାଳୀ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ବ୍ୟବସ୍ଥା। ରିଅଲ୍-ଟାଇମ୍ ନିରୀକ୍ଷଣ, ସ୍ୱୟଂଚାଳିତ ପ୍ରଜାତି ଚିହ୍ନଟ ଏବଂ ତ୍ୱରିତ ସୂଚନା ଆଦାନପ୍ରଦାନ ଦ୍ୱାରା ଡେବ୍ରିଗଡ଼ ଅଭୟାରଣ୍ୟର ବନ୍ୟପ୍ରାଣୀ ସୁରକ୍ଷା ଅଧିକ ବୈଜ୍ଞାନିକ, ସକ୍ରିୟ ଓ ଫଳପ୍ରଦ ହୋଇପାରିଛି। ଗତ ତିନିବର୍ଷ ଧରି ଡେବ୍ରିଗଡ଼ ଅଭୟାରଣ୍ୟରେ ପ୍ରତିବର୍ଷ ପ୍ରାୟ ୯୦ ହଜାର କିଲୋମିଟର ପାଦଚଲା ପାଟ୍ରୋଲିଂ ମାଧ୍ୟମରେ ବ୍ୟାପକ ବନ ସୁରକ୍ଷା ଓ ନିରୀକ୍ଷଣ କାର୍ଯ୍ୟ ଜାରି ରହିଛି।

ଛାତ୍ର ସଂସଦ ନିର୍ବାଚନ

ସରିଲା ପ୍ରଚାର; ଦିନକ ପରେ ନିର୍ବାଚନ

ଭୁବନେଶ୍ୱର, ୧୩/୧୦(ସମିସ): ଛାତ୍ର ସଂସଦ ନିର୍ବାଚନ ପାଇଁ ମଙ୍ଗଳବାର ପ୍ରଚାର ଶେଷ ହୋଇଛି। ଶେଷ ଦିନରେ ନିଜର ସମର୍ଥନ ଗୋଟାଇବା ପାଇଁ କେହି କୌଣସି ସୁଯୋଗ ହାତଛଡ଼ା କରି ନାହାଁନ୍ତି। ବିଶାଳ କାର୍ ରାଲି ମାଧ୍ୟମରେ କିଏ ନିଜ ପକ୍ଷକୁ ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରୟାସ କରିଛନ୍ତି, ତ ଆଉ କେଉଁଠି ଡିଜେ ବା ବଜାଇ ନାଚଗୀତ କରିଛନ୍ତି। ଖାଦ୍ୟ ପେୟରେ ମଧ୍ୟ କଣସି କମି ରହୁନି। ଗୁପଚୁପ, ଦହିବରା ଓ ଆଇସ୍କ୍ରିମ ମାଗଣା ରେ ବାଣ୍ଟିଛନ୍ତି। ଛାତ୍ରଛାତ୍ରୀଙ୍କ ଚାହିଦା ଅନୁଯାୟୀ ବିରିୟାନୀ ବଣ୍ଟା ହୋଇଛି। ଦିନକ ପରେ ନିର୍ବାଚନ ଥିବାବେଳେ କଲେଜ କ୍ୟାମ୍ପସରେ ମାହୋଲ ସରଗରମ୍ ରହିଛି। ଏକାଧିକ ଶିକ୍ଷାନୁଷ୍ଠାନରେ ଉତ୍ତେଜନା ପ୍ରକାଶ ପାଇଥିଲା ବେଳେ ଆଗକୁ ଶୈକ୍ଷିକ ବାତାବରଣ ବଜାୟ ରଖିବା ଆଉ ଏକ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି।

ପ୍ରଚାରର ଶେଷ ଦିନରେ ପ୍ରାର୍ଥୀମାନେ କ୍ଲାସ ରୁମରୁ ଆରମ୍ଭ କରି ଡିପାର୍ଟମେଣ୍ଟ ଯାଏଁ ବୁଲି ଛାତ୍ରାଛାତ୍ରୀଙ୍କୁ ଭୋଟ ଭିକ୍ଷା କରିଛନ୍ତି। ଆସନ୍ତାକାଲି ଅର୍ଥାତ୍ ବୁଧବାର ଦିନ 'ହ୍ୱାଇ ଆଇ ଷ୍ଟାଣ୍ଡ ଫର୍' ବୈଠକ ଅନୁଷ୍ଠିତ ହେବ। ପ୍ରାର୍ଥୀମାନେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବେ। କାହିଁକି ଠିଆ ହୋଇଛନ୍ତି କହିବେ। ନିଜ ଲକ୍ଷ୍ୟ, ଯୋଜନା ଓ ପ୍ରତିଶ୍ରୁତି ଛାତ୍ରୀଛାତ୍ରଙ୍କ ସମ୍ମୁଖରେ ରଖିବେ। ସକାଳ ୧୦ଟା ପରଠାରୁ ବିଭିନ୍ନ କ୍ୟାମ୍ପସରେ 'ହ୍ୱାଇ ଆଇ ଷ୍ଟାଣ୍ଡ ଫର୍' ବୈଠକ ଅନୁଷ୍ଠିତ ହେବ। ଆସନ୍ତା ୧୫ ତାରିଖ ସକାଳ ୮ଟାରୁ ଅପରାହ୍ନ ୨ଟା ଯାଏଁ ଭୋଟ ଗ୍ରହଣ ହେବ। ମତଦାନ ସରିବା ପରେ ଅପରାହ୍ନ ୨ଟାରୁ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ। ୧୬ ତାରିଖରେ ବିଜୟୀ ଛାତ୍ର ପ୍ରତିନିଧିମାନେ ଶପଥ ଗ୍ରହଣ କରିବେ।

ଆଜି 'ହ୍ୱାଇ ଆଇ ଷ୍ଟାଣ୍ଡ ଫର୍'

ଛାତ୍ର ସଂସଦ ନିର୍ବାଚନ ପାଇଁ ରାଜ୍ୟର ପ୍ରମୁଖ ବିଶ୍ୱବିଦ୍ୟାଳୟ ଉତ୍କଳରେ ପଡିଆରା ପ୍ରଦର୍ଶନ ଜୋରଦାର ହୋଇଛି। ଶେଷ ଦିନରେ କ୍ୟାମ୍ପସରେ ଛାତ୍ର କଂଗ୍ରେସ ନିଜ ପଡିଆରା ଦେଖାଇଛି। ସଂଗଠନର ପ୍ରାର୍ଥୀମାନେ ବିଶାଳ କାର୍ ରାଲି କରି ପ୍ରଚାର କରିଛନ୍ତି। ଧାଡ଼ି ଧାଡ଼ି କାର୍ ସହ ଏକ ଖୋଲା ଜିପରେ ଠିଆ ହୋଇ ପ୍ରାର୍ଥୀମାନେ କ୍ୟାମ୍ପସ ପରିକ୍ରମା କରୁଛନ୍ତି। ପ୍ରାୟ ଅଧ କିଲୋମିଟର ଯାଏଁ ଲମ୍ବିଥିବା ଏହି ରାଲି କ୍ୟାମ୍ପସରେ ବେଶ ଚର୍ଚ୍ଚା ପାଲଟିଥିଲା। ସେହିପରି ବିସିଜେଡି ପ୍ରାର୍ଥୀମାନେ ସମର୍ଥକଙ୍କୁ ନିର୍ଚାଚନ ହିଂସାରେ ସାମିଲ ନ ହୋଇ ନିଜ ସମସ୍ୟାର ସମାଧାନ କରିପାରୁଥିବା ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଅନୁରୋଧ କରିଥିଲେ। ଏବିଭିପିର ପ୍ରାର୍ଥୀମାନେ ପୁଙ୍ଗି କାର୍ଡ ଏବଂ ନିର୍ବାଚନ ଇସ୍ତାହାର ବଣ୍ଟନ କରିଥିଲେ। ନକଲି ବାଲାଟ ପେପର ମାଧ୍ୟମରେ କିଭଳି ଭୋଟ ଦିଆଯାଏ ଜଣାଇଥିଲେ।

ଅନ୍ୟତମ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ମଧ୍ୟ ଶେଷ ଦିନରେ ପ୍ରଚାର ଜମୁଛି। ନିର୍ବାଚନ ପ୍ରଚାରକୁ ନେଇ ଦୁଇ ଗୋଷ୍ଠୀ ଭିତରେ ବିବାଦ ଦେଖାଦେଉଛି। କ୍ୟାମ୍ପସରେ ଅଣଛାତ୍ର ପ୍ରବେଶ, ବାଲାଟ ପେପର ସଂଖ୍ୟା ପରିବର୍ତ୍ତନ ଭଳି ବିଭିନ୍ନ ଘଟଣାକୁ ନେଇ କ୍ୟାମ୍ପସରେ ଉତ୍ତେଜନା ଦେଖା ଦେଇଛି।

ବନ୍ଦ କୋଠରୀରୁ ଦମ୍ପତିଙ୍କ ମୃତ ଦେହ ଉଦ୍ଧାର



ଖଡ଼ିଆଳ,୧୩।୧୦(ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ଅଧୀନ ଡୁଆଁରର ପଞ୍ଚାୟତର ଭୀମାଖୋଲ ଗ୍ରାମରେ ଏକ କୋଠରିରୁ ଦମ୍ପତିଙ୍କ ମୃତଦେହ ହୋଇଛି। ମୃତକ ହେଲେ ସଂକୀର୍ତ୍ତନ ଗହୀର (୨୩) ଓ ତାଙ୍କ ସ୍ତ୍ରୀ ସୁଭଦ୍ରା ଗହୀର (୨୦)। ସଂକୀର୍ତ୍ତନଙ୍କ ମୃତଦେହ ଖଟଉପରେ ଗୋଡ଼ବନ୍ଧା ଅବସ୍ଥାରେ ପଡ଼ିଥିବାବେଳେ ତାଙ୍କ ସ୍ତ୍ରୀଙ୍କ ମୃତଦେହ କୋଠରି ଭିତରେ ଓଢ଼ଣୀରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଉଭୟେ ରାତିରେ ଖାଇ ଶୋଇଥିବାବେଳେ ସକାଳ ପ୍ରାୟ ୭ଟା ପର୍ଯ୍ୟନ୍ତ ଉଠି ନ ଥିଲେ। ସନ୍ଦେହ ହେବାରୁ ସଂକୀର୍ତ୍ତନଙ୍କ ମାଆ ରୁକ୍ମିଣୀ ଗହୀର ଘରର ସିଡ଼ି ରାସ୍ତା ଦେଇ ଭିତରକୁ ପ୍ରବେଶ କରିଥିଲେ। ସେଠାରେ ପୁଅ ଓ ବୋହୂଙ୍କ ମୃତଦେହ ଦେଖି ଅନ୍ୟମାନଙ୍କ ସହାୟତାରେ ପୁଲିସକୁ ଖବର ଦେଇଥିଲେ। ତେବେ ଦମ୍ପତିଙ୍କ ମୃତ୍ୟୁର ପ୍ରକୃତ କାରଣ ଏଯାଏଁ ସ୍ପଷ୍ଟ ହୋଇନାହିଁ। ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନ ଓ ଥାନା ଅଧିକାରୀ ସୁମନ୍ତ ନାଏକ ପୁଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଅନ୍ୟପକ୍ଷରେ ବୋହୂ ସୁଭଦ୍ରା ତାଙ୍କ ପୁଅକୁ ହତ୍ୟା କରି ପରେ ଆତ୍ମହତ୍ୟା କରିଥିବା ସଂକୀର୍ତ୍ତନଙ୍କ ମାଆ ଅଭିଯୋଗ କରିଛନ୍ତି।

ବାରହା ଫାଶ ଲାଗି ଯୁବକ ମୃତ

ସାନଖେମୁଣ୍ଡି,୧୩।୧୦(ସମିସ) : ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ବାରହା ଫାଶରେ ଲାଗି ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ଜଣଙ୍କ ହେଲେ ପାଟପୁର ଥାନା ପ୍ରତାପଗିରି ଗ୍ରାମର ମେହେଙ୍କାଳ ନାୟକ। ସୂଚନା ମୁତାବକ ସୋମବାର ସଂଧ୍ୟାରେ ମେହେଙ୍କାଳ ନିଜ ଘର କାମ କରିବା ପାଇଁ ଗଙ୍ଗାପୁର ପଞ୍ଚାୟତ ଭାଲୁପଲ୍ଲୀ ଗ୍ରାମକୁ ମିସ୍ତ୍ରି ସନ୍ଧାନରେ ଯାଇଥିଲେ। ମିସ୍ତ୍ରି ବୁଝିସାରି ଘରକୁ ଆସିବା ବେଳେ ଭାଲୁପଲ୍ଲୀ ଗ୍ରାମ ନିକଟରେ ଥିବା ଏକ କଲଭର୍ଟ ପାଖ ଚାଷ ଜମିକୁ ଗୋଡ଼ ଧୋଇବା ପାଇଁ ଯାଇଥିବା ବେଳେ ସେହି କଲଭର୍ଟ ନିକଟରେ ବାରହା ଶିକାର ପାଇଁ ଲଗାଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯାଇଥିଲେ। ଫଳରେ ମେହେଙ୍କାଳ ଛିଟିକି ହୋଇ ପଡ଼ିଯାଇଥିଲେ। ସେହି ରାସ୍ତା ଦେଇ ଯାଉଥିବା ଲୋକେ ମେହେଙ୍କାଳକୁ ଉଦ୍ଧାର କରି ସ୍ଥାନୀୟ ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ମେହେଙ୍କାଳକୁ ମୃତ ଘୋଷଣା କରିଥିଲେ।

ମଜବୁତ ଭିତ୍ତିଭୂମି ଆଗାମୀ ପିଢ଼ିକୁ ସଶକ୍ତ କରିବ: ବିଜେଡି

ଭୁବନେଶ୍ୱର, ୧୩।୧୦ (ସମିସ): ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ୨୦୦୦ରୁ ୨୦୨୪ ମଧ୍ୟରେ ଓଡ଼ିଶାର ଉଚ୍ଚଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଥିଲା। ଛାତ୍ରଛାତ୍ରୀଙ୍କ ନାମଲେଖା ବୃଦ୍ଧି, ନୂତନ ବିଶ୍ୱବିଦ୍ୟାଳୟ ଓ ମେଡିକାଲ କଲେଜ ପ୍ରତିଷ୍ଠା, ଛାତ୍ରବୃତ୍ତି ପ୍ରଦାନ ଏବଂ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ବିକାଶ ଦିଗରେ ବିଜେଡି ସରକାର ଅନେକ ପଦକ୍ଷେପ ନେଇଥିଲେ। ଏହି ମଜବୁତ ଭିତ୍ତିଭୂମି ଆଗାମୀ ପିଢ଼ିକୁ ସଶକ୍ତ କରିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

■ ନବୀନଙ୍କ ନେତୃତ୍ୱରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଐତିହାସିକ ପରିବର୍ତ୍ତନ
■ ମହାବିଦ୍ୟାଳୟ ୫୪୮ରୁ ୧,୦୨୪, ବିଶ୍ୱବିଦ୍ୟାଳୟ ୮ରୁ ୪୨କୁ ବୃଦ୍ଧି

ବିଜେଡିର ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି, ୨୦୦୦ରେ ଉଚ୍ଚଶିକ୍ଷାରେ ଛାତ୍ରଛାତ୍ରୀଙ୍କ ନାମଲେଖା ୩.୨ ଲକ୍ଷ ଥିବାବେଳେ ୨୦୨୩ରେ ଏହା ୬.୫ ଲକ୍ଷକୁ ବୃଦ୍ଧି ପାଇଥିଲା। ଏଥିରେ ୩.୮ ଲକ୍ଷ ବାଳିକା ଥିଲେ। ମୋଟ ନାମଲେଖା ଅନୁପାତ ୧୧ରୁ ୨୧ ପ୍ରତିଶତକୁ ବଢ଼ିଥିଲା। ଏହି ସମୟରେ ମହାବିଦ୍ୟାଳୟ ସଂଖ୍ୟା ୫୪୮ରୁ ୧,୦୨୪କୁ, ବିଶ୍ୱବିଦ୍ୟାଳୟ ୮ରୁ ୪୨କୁ ଏବଂ ମେଡିକାଲ କଲେଜ ୩ରୁ ୧୫କୁ ବୃଦ୍ଧି ପାଇଥିଲା। ଉଚ୍ଚଶିକ୍ଷା ବିଭାଗର ବଜେଟ୍ ୪୭୩ କୋଟିରୁ ୩,୧୭୩ କୋଟି ଟଙ୍କାକୁ ବଢ଼ିଥିବାବେଳେ ଭିତ୍ତିଭୂମି ଖର୍ଚ୍ଚ ୨୦ କୋଟିରୁ ୨୬୦ କୋଟିକୁ ପହଞ୍ଚିଥିଲା।

ରେଭେନ୍ସା, ରମାଦେବୀ ମହିଳା, ଗଙ୍ଗାଧର ମେହେର, ଓଡ଼ିଶା ରାଜ୍ୟ ମୁକ୍ତ, ଖଲ୍ଲିକୋଟ ଏକକ, କଳାହାଣ୍ଡି, ରାଜେନ୍ଦ୍ର ଓ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଉଚ୍ଚଶିକ୍ଷାର ପରିସର ବଢ଼ାଇଥିଲା। ଏଥିସହ ଆଇଆଇଟି, ଏମ୍ସ, ନାଇଜର, ଆଇଜର, ଆଇଆଇଏମ୍ ଓ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରି ଜାତୀୟ ଅନୁଷ୍ଠାନ ପାଇଁ ଭିତ୍ତିଭୂମି ସହାୟତା ଦିଆଯାଇଥିଲା।

ଛାତ୍ରଛାତ୍ରୀଙ୍କୁ ସହାୟତା ପାଇଁ କଳିଙ୍ଗ ଶିକ୍ଷା ସାଥୀ, ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଓ 'ନୂଆ-ଓ' ଛାତ୍ରବୃତ୍ତି ଯୋଜନା ପ୍ରଚଳନ କରାଯାଇଥିଲା। ବିଜୁ ଯୁବ ସଶକ୍ତିକରଣ ଯୋଜନାରେ ମାଗଣା ଲାପଟପ୍ ବଣ୍ଟନ ସହ 'ମୋ କଲେଜ ଅଭିଯାନ' ମାଧ୍ୟମରେ ପୁରାତନ ଛାତ୍ରଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନ ସହ ଯୋଡ଼ାଯାଇଥିଲା। ତେବେ ବର୍ତ୍ତମାନର ବିଜେପି ସରକାର 'ନୂଆ-ଓ' ଛାତ୍ରବୃତ୍ତି ବନ୍ଦ କରିଦେଇଥିବା ବିଜେଡି ଅଭିଯୋଗ କରିଛି।

ଗବେଷଣା, ନବସୃଜନ, ଅଧ୍ୟାପକ ନିଯୁକ୍ତି ଓ କେନ୍ଦ୍ରୀକୃତ ନାମଲେଖା ବ୍ୟବସ୍ଥା ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧିରେ ସହାୟକ ହୋଇଥିଲା। ପ୍ରତ୍ୟେକ ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଉଚ୍ଚଶିକ୍ଷା ଯୋଗାଇବା ନବୀନ ପଟ୍ଟନାୟକଙ୍କ ଲକ୍ଷ୍ୟ ଥିଲା। ଶିକ୍ଷା ହିଁ ନୂଆ ଓଡ଼ିଶାର ଭିତ୍ତି ବୋଲି କହିବା ସହ ଉଚ୍ଚଶିକ୍ଷାର ଆଗାମୀ ବିକାଶ ପାଇଁ ବିଜେଡି ପ୍ରତିବଦ୍ଧ ବୋଲି ସେ କହିଛନ୍ତି।

ଏମ୍‌କେସିଜିରେ ଦୁଇ ମୁଣ୍ଡ ଥିବା ବିରଳ ଶିଶୁପୁତ୍ର ଜନ୍ମ

ବ୍ରହ୍ମପୁର,୧୩।୧୦(ସମିସ): ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ ମହିଳା ଦୁଇଟି ମୁଣ୍ଡ ଥିବା ଏକ ବିରଳ ଶିଶୁପୁତ୍ର ଜନ୍ମ ଦେଇଛନ୍ତି। ଶିଶୁଟିର ଶରୀରର ପ୍ରମୁଖ ଅଙ୍ଗଗୁଡ଼ିକ ଯୋଡ଼ି ହୋଇ ରହିଥିବା ବେଳେ ସ୍ୱାସ୍ଥ୍ୟାବସ୍ଥା ଜଟିଳ ରହିଛି। ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ସ୍ୱତନ୍ତ୍ର ନବଜାତ ଶିଶୁ ଚିକିତ୍ସା ୟୁନିଟ୍ (ଏସଏନସିୟୁ)ରେ ରଖାଯାଇଛି।



■ ସ୍ୱାସ୍ଥ୍ୟବସ୍ଥା ଜଟିଳ, ଆର୍ଥିକ ସହାୟତା ପାଇଁ ସରକାରଙ୍କୁ ନିବେଦନ କଲେ ପରିବାର

ଗତ ରବିବାର କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକ ଅନ୍ତର୍ଗତ ତିଡ଼ିପଦର ଗ୍ରାମର ତ୍ରିଲୋଚନ ମାଝୀ ସ୍ତ୍ରୀ ରୁନି ମାଝୀଙ୍କ ପ୍ରସବ ଯନ୍ତ୍ରଣା ଅନୁଭବ କରିଥିଲେ। ଗତ ରବିବାର ପରିବାର ପକ୍ଷରୁ ତାଙ୍କୁ ମେଡ଼ିକାଲର ସ୍ତ୍ରୀ ଓ ପ୍ରସୂତି ବିଭାଗ ଭର୍ତ୍ତି କରାଯାଇଥିଲା। ଉକ୍ତ ଦିନ ରୁନି ଦୁଇଟି ମୁଣ୍ଡ ଥିବା ଏକ ବିରଳ ଶିଶୁପୁତ୍ରଙ୍କୁ ଜନ୍ମ ଦେଇଛନ୍ତି। ଏମକେସିଜି ମେଡିକାଲ ଶିଶୁ ଶଲ୍ୟ ବିଭାଗର ଡା. ମାନସ ରଞ୍ଜନ ଦାସ କହିଛନ୍ତି ଯେ, ଡାକ୍ତରୀ ଭାଷାରେ ଏହାକୁ "ପାରାପାଗସ' ପ୍ରକାରର ଯୋଡ଼ା ଯମଜ ଶିଶୁ କୁହାଯାଏ। ଶିଶୁର ଦୁଇଟି ମେରୁଦଣ୍ଡ ଥିବା ବେଳେ ଗୋଟିଏ ହୃତ୍‌ପିଣ୍ଡ ଓ ଗୋଟିଏ ଯକୃତ ରହିଛି। ଏଭଳି ଘଟଣା ଅତ୍ୟନ୍ତ ବିରଳ ଏବଂ ପ୍ରାୟ ତିନି ଲକ୍ଷ ଜନ୍ମରେ ଗୋଟିଏ ଏଭଳି ମାମଲା ଦେଖିବାକୁ ମିଳେ ବୋଲି ସେ ସୂଚନା ଦେଇଛନ୍ତି। ଶିଶୁର ଜଟିଳ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସା ଜାରି ରହିଛି। ଅନ୍ୟପକ୍ଷରେ, ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ଥିବାରୁ ଶିଶୁର ଉନ୍ନତ ଚିକିତ୍ସା ପାଇଁ ପରିବାରବର୍ଗ ସରକାରଙ୍କ ସହାୟତା ଲୋଡ଼ିଛନ୍ତି।

ଔଷଧ ଗୋଦାମ ଓ ଦୋକାନରେ ଚଢ଼ଉ ୩୩ ପ୍ରକାରର 'ଏନ୍‌ଆର୍‌ଏକ୍ସ ଡ୍ରଗ୍ସ' ଜବତ

କଟକ,୧୩।୧୦(ସମିସ): ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲରଙ୍କ ନିର୍ଦ୍ଦେଶକ୍ରମେ ଆଜି କଟକ ସହରର ବିଭିନ୍ନ ଅଞ୍ଚଳରେ ଥିବା ଔଷଧ ଗୋଦାମ ଏବଂ ଦୋକାନଗୁଡ଼ିକ ଉପରେ ଚଢ଼ଉ କରାଯାଇଛି। ଏହି ଚଢ଼ଉରେ ବିପୁଳ ପରିମାଣର ବେଆଇନ "ଏନ୍‌ଆରଏକ୍ସ' ଶ୍ରେଣୀର ନିଶା ମିଶ୍ରିତ ଔଷଧ ଜବତ କରାଯାଇଛି। ମିଳିଥିବା ସୂଚନା ମୁତାବକ, ଦୀର୍ଘ ଦିନ ଧରି ମଙ୍ଗଳାବାଗ, ରାଣୀହାଟ, କଲେଜ ଛକ, ଚୌଧୁରୀ ବଜାର, ପିଠାପୁର ଏବଂ ବାଦାମବାଡ଼ି ଭଳି ବହୁଜନସଂଖ୍ୟା ବିଶିଷ୍ଟ ଅଞ୍ଚଳରେ ଥିବା ଏକାଧିକ ଔଷଧ ଗୋଦାମ ଓ ଦୋକାନଗୁଡ଼ିକରେ ଏହି ନିଶା ଔଷଧ ବିକ୍ରୟ କରାଯାଉଥିଲା। ଏହି ଚଢ଼ଉ ସମୟରେ ୩୩ ପ୍ରକାରର ଏନ୍‌ଆରଏକ୍ସ ଔଷଧ ସାମଗ୍ରୀ ଜବତ କରାଯାଇଛି, ଯେଉଁଥିରେ ବିଭିନ୍ନ ପ୍ରକାରର ଟ୍ୟାବଲେଟ୍, ସିରପ୍ ଏବଂ ଇଞ୍ଜେକ୍ସନ ସାମିଲ ରହିଛି। ଏହି ସବୁ ଔଷଧ ମୁଖ୍ୟତଃ ମାରାୟକ ନିଶା ସୃଷ୍ଟି କରିଥାଏ ଏବଂ ଏହାର ବ୍ୟବହାର କେବଳ ଉପଯୁକ୍ତ ସରକାରୀ ଲାଇସେନ୍ସ ଏବଂ ଡାକ୍ତରୀ ପ୍ରେସ୍କ୍ରିପସନ୍ ଅନୁଯାୟୀ କରାଯିବାର ନିୟମ ରହିଛି। କୌଣସି ଡାକ୍ତରଙ୍କ ପରାମର୍ଶ ବିନା ଏହାର ବିକ୍ରୟ ସଂପୂର୍ଣ୍ଣ ଦଣ୍ଡନୀୟ ଅପରାଧ। ଚଢ଼ଉ କରାଯାଇଥିବା ଦୋକାନଗୁଡ଼ିକରୁ କୌଣସି ବୈଧ ଲାଇସେନ୍ସ କିମ୍ବା ଡାକ୍ତରୀ ରେକର୍ଡ ମିଳି ନଥିବା ଯୋଗୁଁ ଏସବୁ ସାମଗ୍ରୀକୁ ଜବତ କରାଯାଇଥିଲା। ଚଢ଼ଉ ସମ୍ପର୍କରେ ସୂଚନା ଦେଇ ଆସିଷ୍ଟାଣ୍ଟ ଡ୍ରଗ୍ କଣ୍ଟ୍ରୋଲର, ସର୍କଲ-୧, ଧର୍ମପଦ ପୁହାଣ କହିଛନ୍ତି ଯେ ଏହି ଚଢ଼ଉ ପୂର୍ବରୁ ସେମାନଙ୍କ ଟିମ୍ ସୂଚନା ସଂଗ୍ରହ କରିଥିଲା। ବାଦାମବାଡ଼ି, କଲେଜଛକ ଏବଂ ରାଣୀହାଟ ଅଞ୍ଚଳରେ ଥିବା ଏକାଧିକ ଫାର୍ମାସିଷ୍ଟ ଦୋକାନୀଙ୍କ ସଂପୃକ୍ତି ପାଇବା ପରେ ଆଜି ଆକସ୍ମିକ ଭାବେ ଟିମ୍ ଗଠନ କରାଯାଇ ଚଢ଼ଉ କରାଯାଇଥିଲା। ବିନା ଡାକ୍ତରୀ ପ୍ରେସ୍କ୍ରିପସନ୍ ଏବଂ ବୈଧ ଲାଇସେନ୍ସ ନ ଥାଇ ଏନଆର୍‌ଏକ୍ସ ଡ୍ରଗ୍ସ ବିକ୍ରି କରାଯାଉଥିଲା।


ଶ୍ରୀ ନରେନ୍ଦ୍ର ମୋଦୀ
ମାନ୍ୟବର ପ୍ରଧାନମନ୍ତ୍ରୀ, ଭାରତ

ODISHA
NEW OPPORTUNITIES

JINDAL FERROUS LIMITED | JSL JINDAL STAINLESS


ଶ୍ରୀ ମୋହନ ଚରଣ ମାଝୀ
ମାନ୍ୟବର ମୁଖ୍ୟମନ ତ୍ରୀ, ଓଡ଼ିଶା

ଓଡ଼ିଶାର ଶିଳ୍ପ
ଅଗ୍ରଗତିରେ ନୂତନ ଅଧ୍ୟାୟ

ଉଦ୍‌ଘାଟନ
ଜିନ୍ଦଲ୍ ଫେରସ୍ ଲିମିଟେଡ୍
୨.୨ MTPA ଇସ୍ପାତ କାରଖାନା

ଭିତ୍ତିପ୍ରସ୍ତର ସ୍ଥାପନ
ଜିନ୍ଦଲ୍ ଷ୍ଟେନ୍‌ଲେସ୍ ଲିମିଟେଡ୍
୧.୦୦ MTPA କୋଲ୍ଡ ରୋଲିଂ ମିଲ୍

ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଗରିମାମୟ ଉପସ୍ଥିତି

ଶ୍ରୀ ପ୍ରଦୀପ ବଳ ସାମନ୍ତ
ମାନ୍ୟବର ମନ୍ତ୍ରୀ, ସମବାୟ, ହସ୍ତତନ୍ତ, ବସ୍ତ୍ରଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ
ମାନ୍ୟବର ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ଓଡ଼ିଶା ସରକାର

ଡଃ ରବିନ୍ଦ୍ର ନାରାୟଣ ବେହେରା
ମାନ୍ୟବର ସାଂସଦ, ଯାଜପୁର

ଶ୍ରୀ ଅଭ୍ୟୁଦୟ ଜିନ୍ଦଲ
ପରିଚାଳନା ନିର୍ଦ୍ଦେଶକ, ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍

(ବୁଧବାର, ଅକ୍ଟୋବର ୧୪, ୨୦୨୬ | ଜେଏସ୍‌ଏଲ୍ ଏବଂ ଜେଏଫ୍‌ଏଲ୍ ପ୍ଲାଣ୍ଟ, କଳିଙ୍ଗ ନଗର, ଯାଜପୁର

ସକାଳ
THE SAKALA

ସମ୍ପାଦକୀୟ



ଆତଙ୍କବାଦକୁ ସମୂଳେ ବିଲୋପ କରିବାର ମୁଖ୍ୟ ଅସ୍ତ୍ର ହେଉଛି ବହି ଓ କଲମ।
-ମଲାଲା ୟୁସୁଫ୍‌ଜାଇ

ନୂଆ ବାଣିଜ୍ୟ ଯୁଦ୍ଧ

ୟୁରୋପୀୟ ସଂଘ ଦ୍ୱାରା ପ୍ରଣୀତ କାର୍ବନ୍ ସୀମା ଶୁଳ୍କ ବ୍ୟବସ୍ଥା(ସିବିଏଏମ୍)ର ତଦନ୍ତ କରିବା ପାଇଁ ଆମେରିକା ଯୋଜନା ପ୍ରସ୍ତୁତ କରିଛି। ଏହାପରେ ଆନ୍ତର୍ଜାତିକ ବାଣିଜ୍ୟରେ ନୂଆ ବିବାଦ ବା ଯୁଦ୍ଧ ଆରମ୍ଭ ହେବାକୁ ଯାଉଛି। ଏହି ସମ୍ଭାବ୍ୟ ଯୁଦ୍ଧର ଫଳାଫଳ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସେ ସମ୍ପର୍କରେ କିଞ୍ଚିତ ଆଲୋଚନା ପ୍ରାସଙ୍ଗିକ ମନେ ହୁଏ।

ୟୁରୋପୀୟ ସଂଘର ଯୁକ୍ତି ଅନୁଯାୟୀ, ୟୁରୋପର ଉତ୍ପାଦକ ବା କମ୍ପାନୀମାନେ ପ୍ରଦୂଷଣ ନିର୍ଗମନ ହ୍ରାସ ପାଇଁ ଅଧିକ ବ୍ୟୟ କରୁଥିବାରୁ ବଜାରରେ ଉତ୍ପାଦର ଦାମ ଅଧିକ ରହୁଛି। ଅପରପକ୍ଷରେ ପ୍ରଦୂଷଣ କଟକଣା ନଥିବା ଦେଶରୁ ଆମଦାନୀ ହେଉଥିବା ସମାନ ସାମଗ୍ରୀ ୟୁରୋପ ବଜାରରେ କମ୍ ଦାମରେ ଉପଲବ୍ଧ ହେଉଥିବାରୁ ୟୁରୋପୀୟ ଉତ୍ପାଦନକାରୀ ସଂସ୍ଥାମାନେ ବଜାରରେ ଟିକ୍ତି ରହିବା ପାଇଁ ପ୍ରବଳ ପ୍ରତିଯୋଗିତାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁଳନାତ୍ମକ ଭାବେ କୋହଳ ପ୍ରଦୂଷଣ ନିୟମ ଲାଗୁ ହୋଇଥିବା ବା ଆଦୌ ଲାଗୁ ହୋଇ ନଥିବା ଦେଶରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ୟୁରୋପୀୟ ସଂଘ ଏକ ନିର୍ଦ୍ଦିଷ୍ଟ ଶୁଳ୍କ(ସିବିଏଏମ୍)ଲାଗୁ କରିଛି। ବିଶେଷକରି ବାହାର ଦେଶରୁ ଆମଦାନୀ ହେଉଥିବା ଇସ୍ପାତ, ଆଲୁମିନିୟମ୍, ସିମେଣ୍ଟ, ସାର, ବିଦ୍ୟୁତ୍ ଉପକରଣ ଆଦି ପ୍ରଦୂଷଣ ସୃଷ୍ଟିକାରୀ ଉତ୍ପାଦ ଉପରେ ଗତ ଜାନୁଆରୀ ମାସରୁ ଏହି ଶୁଳ୍କ ଲାଗୁ ହେଉଛି। ୟୁରୋପୀୟ ସଂଘର ଏହି ଶୁଳ୍କ ଦ୍ୱାରା ଭାରତୀୟ ରପ୍ତାନୀ ଅର୍ଥନୀତି ଅଧିକ ପ୍ରଭାବିତ ହେବାକୁ ଯାଉଛି।

ଅବଶିଷ୍ଟ ବିଶ୍ୱର ଅଭିଯୋଗ ଯେ ପରିବେଶ ସୁରକ୍ଷା ନାମରେ ଏପରି ଶୁଳ୍କ ଲାଗୁ କରିବା କେତେ ନ୍ୟାୟୋଚିତ ସେ ବିଷୟରେ ବହୁପାକ୍ଷିକ ଆଲୋଚନା ହୋଇନାହିଁ। ବିକଶିତ ଦେଶଗୁଡ଼ିକ ବର୍ଷ ବର୍ଷ ଧରି ଶିଳ୍ପାୟନ ଜରିଆରେ ଆର୍ଥିକ ସମୃଦ୍ଧି ହାସଲ କରିଛନ୍ତି। ଶିଳ୍ପାୟନରୁ ସୃଷ୍ଟ ପ୍ରଦୂଷଣ ଏବଂ ତଦ୍‌ଜନିତ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନର ପ୍ରଭାବରେ ବିକାଶଶୀଳ ଦେଶଗୁଡ଼ିକ ଗୁରୁତର ପ୍ରଭାବିତ ହେଉଛନ୍ତି। ଅପରପକ୍ଷରେ ବିକାଶଶୀଳ ଦେଶଗୁଡ଼ିକର ଶିଳ୍ପ ଅର୍ଥନୀତିକୁ ନିରୁତ୍ସାହିତ କରିବା ପାଇଁ ୟୁରୋପୀୟ ସଂଘର ଏହା ଏକ ବିଧିବଦ୍ଧ ଷଡ଼ଯନ୍ତ୍ର। ତେଣୁ ଜଳବାୟୁ ଦାୟିତ୍ୱବୋଧ ସହିତ ବିକାଶର ଅଧିକାରକୁ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ।

ୟୁରୋପୀୟ ସଂଘର କାର୍ବନ୍ ଶୁଳ୍କ ବ୍ୟବସ୍ଥାର ବାଣିଜ୍ୟିକ ପ୍ରଭାବ ଏବଂ ନୀତିଗତ ଯଥାର୍ଥତା ଆମେରିକାର ପ୍ରସ୍ତାବିତ ତଦନ୍ତ ପରିସରଭୁକ୍ତ ହେବାର ସମ୍ଭାବନା ରହିଛି। ଭାରତର ଇସ୍ପାତ, ଆଲୁମିନିୟମ୍ ଓ ଅନ୍ୟାନ୍ୟ ଶିଳ୍ପ ୟୁରୋପୀୟ ବଜାର ସହ ଜଡ଼ିତ। ଦୀର୍ଘକାଳୀନ ଭିତ୍ତିରେ ଅତିରିକ୍ତ କାର୍ବନ୍ ଖର୍ଚ୍ଚ ଯଦି ଭାରତୀୟ ଉତ୍ପାଦକଙ୍କ ପ୍ରତିଯୋଗିତା କ୍ଷମତାକୁ ହ୍ରାସ କରେ ତେବେ ରପ୍ତାନି ଆୟ ଓ ନିଯୁକ୍ତି ଉପରେ ଚାପ ବଢ଼ିବ। ଏହି ପରିସ୍ଥିତିରେ ଆମେରିକାର ତଦନ୍ତ ଭାରତ ପାଇଁ ପ୍ରାସଙ୍ଗିକ। କିନ୍ତୁ ଆମେରିକା ସବୁବେଳେ ତା' ନିଜ ସ୍ୱାର୍ଥକୁ ପ୍ରାଥମିକତା ଦିଏ। ତେଣୁ ଭାରତ ତତ୍କାଳ ଏଥିରୁ କିଛି ଆଶା କରିବା କିମ୍ବା ଅଧିକ ଉତ୍ସାହିତ ହେବା ବୃଥା। କିନ୍ତୁ ଭାରତ-ୟୁରୋପୀୟ ସଂଘ ମଧ୍ୟରେ ଐତିହାସିକ ବାଣିଜ୍ୟ ଚୁକ୍ତି ଏ ପର୍ଯ୍ୟନ୍ତ ସ୍ୱାକ୍ଷର ହୋଇ ନଥିବାରୁ ମୂଳଚାଲ ପାଇଁ ସୁଯୋଗ ସୃଷ୍ଟି କରିପାରେ। ଏହି ପ୍ରସଙ୍ଗରେ ଭାରତ-ୟୁରୋପୀୟ ସଂଘ ବାଣିଜ୍ୟ ରାଜିନାମାରେ ଥିବା 'ଫରୱାର୍ଡ ମୋଷ୍ଟ ଫେଭର୍ଡ ନେସନ୍'(ଏମ୍‌ଏଫ୍‌ଏନ୍) ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ହୋଇପାରେ।

ଭାରତ ଏହି ସୁଯୋଗକୁ କୂଟନୈତିକ ଆଲୋଚନାରେ ନିଜ ସ୍ୱାର୍ଥ ସୁରକ୍ଷା ପାଇଁ ବ୍ୟବହାର କରିବା ଉଚିତ୍। ୟୁରୋପୀୟ ସଂଘ ସହ ଆଲୋଚନାରେ ଭାରତକୁ ଶୁଳ୍କ ହ୍ରାସ ଦାବି ସହିତ ନିର୍ଗମନ ହିସାବର ସରଳୀକରଣ, ଯାଞ୍ଚ ଖର୍ଚ୍ଚର ହ୍ରାସ ଓ ବିକାଶଶୀଳ ଦେଶଗୁଡ଼ିକ ପାଇଁ ଯଥୋଚିତ ନିର୍ଗମନ କଟକଣା ସମୟସୀମା ଦାବି କରିବାକୁ ହେବ। ଆମେରିକାର ତଦନ୍ତ ଭାରତ ପାଇଁ ଅସ୍ଥାୟୀ ସୁଯୋଗ ଆଣିପାରେ; କିନ୍ତୁ ଦୀର୍ଘକାଳୀନ ସମାଧାନ ପାଇଁ ଭାରତ ନିଜ ଶିଳ୍ପକୁ ପରିବେଶ ଅନୁକୂଳ କରିବା ଉଚିତ। ଭାରତର ଇସ୍ପାତ ଶିଳ୍ପର ଏକ ବଡ଼ ଅଂଶ କୋଇଲାଭିତ୍ତିକ। ଏହା ଅଧିକ କାର୍ବନ୍ ନିର୍ଗମନର କାରଣ। ଏହାର ବିକଳ୍ପ ଭାବେ ସ୍କ୍ରାପ୍ ଆଧାରିତ ଇଲେକ୍ଟ୍ରିକ୍ ଆର୍କ ଫର୍ଣ୍ଣେସ୍, ଅକ୍ଷୟ ଶକ୍ତିର ବ୍ୟବହାର, ଉତ୍ପାଦନ ପ୍ରକ୍ରିୟାର ଆଧୁନିକୀକରଣ ଓ ସ୍ୱଚ୍ଛ ପ୍ରଯୁକ୍ତିରେ ପୁଞ୍ଜିନିବେଶ ବଢ଼ାଇବାକୁ ହେବ। ଏଥିପାଇଁ ସରକାରୀ ପ୍ରୋତ୍ସାହନ, ସହଜ ଋଣ ଓ ଗବେଷଣାର ଆବଶ୍ୟକତା ରହିଛି। ଏହାସହିତ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ନିର୍ଗମନ ଯାଞ୍ଚ, ତଥ୍ୟ ସଂଗ୍ରହ ଓ ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ସଂସ୍ଥା ଦ୍ୱାରା ଯାଞ୍ଚ କରାଇବାରେ ସହାୟତା ଦେବା ଜରୁରୀ। କାରଣ କ୍ଷୁଦ୍ର ଉଦ୍ୟୋଗମାନଙ୍କ ପାଇଁ ଏହି ଅତିରିକ୍ତ ଖର୍ଚ୍ଚ ବହନ କରିବା ଅଧିକ କଷ୍ଟକର।

କାର୍ବନ୍ ନିର୍ଗମନ ହ୍ରାସ ବିଶ୍ୱବ୍ୟାପୀ ଏକ ଆହ୍ୱାନ ଓ ଆବଶ୍ୟକତା। କିନ୍ତୁ ଏହି ଲକ୍ଷ୍ୟ ହାସଲ କରିବା ଆଳରେ ବିକଶିତ ଓ ଶିଳ୍ପସମୃଦ୍ଧ ଦେଶମାନେ ବିକାଶଶୀଳ ଦେଶମାନଙ୍କ ଉପରେ ଏକପାଖିଆ ଆର୍ଥିକ ବୋଝ ଲଦିଦେବା ମଧ୍ୟ ଉଚିତ୍ ନୁହେଁ। ପରିବେଶ ସୁରକ୍ଷାର ନିୟମ ସ୍ୱଚ୍ଛ, ନିରପେକ୍ଷ ଓ ସମସ୍ତଙ୍କ ପାଇଁ ଯୁକ୍ତିସଙ୍ଗତ ହେବା ଆବଶ୍ୟକ। ବିଶ୍ୱ ବାଣିଜ୍ୟ ନିୟମ ନିର୍ଦ୍ଧାରଣରେ ବିକଶିତ ଦେଶ ଓ ବିକାଶଶୀଳ ଦେଶ ମଧ୍ୟରେ ଅର୍ଥନୈତିକ ବୈଷମ୍ୟକୁ ବିଚାରକୁ ନେବା ଉଚିତ୍। ଭାରତ ଏହି ଯୁକ୍ତିକୁ ବିଶ୍ୱ ବାଣିଜ୍ୟ ସଂଗଠନ ଓ ଅନ୍ୟାନ୍ୟ ଅନ୍ତର୍ଜାତୀୟ ମଞ୍ଚରେ ଉପସ୍ଥାପନ କରିବାକୁ ହେବ। ଆମେରିକାର ତଦନ୍ତ ଯଦି ସିବିଏଏମ୍ ନିୟମରେ ଅଧିକ ସ୍ୱଚ୍ଛତା ଓ ନମନୀୟତା ଆଣେ, ତେବେ ଭାରତ ସୁଯୋଗର ସଦ୍‌ବ୍ୟବହାର ପାଇଁ ସଦା ପ୍ରସ୍ତୁତ ରହିବା ଉଚିତ।

ଶତାୟୁ ଓଡ଼ିଶାର ରୂପରେଖ

ମୋ ସ୍ୱପ୍ନର ଓଡ଼ିଶା

ଅବିନାଶ ମହାପାତ୍ର

୨୦୩୬ରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ଗଠନର ଶତବର୍ଷ ପୂରଣ କରିବ। ଏହି ଐତିହାସିକ ସମୟକୁ ଦୃଷ୍ଟିରେ ରଖି 'ବିକଶିତ ଓଡ଼ିଶା ୨୦୩୬' ଏବଂ ତାହା ପରବର୍ତ୍ତୀ 'ଶତାୟୁ ଓଡ଼ିଶା'ର ପରିକଳ୍ପନା ହେଉଛି। ଭିନ୍ନ ଭିନ୍ନ ସରକାର ନିଜ ନିଜ ସମୟରେ ଓଡ଼ିଶାର ଭବିଷ୍ୟତ ବିକାଶର ଗୋଲାପୀ ଚିତ୍ର ଲୋକଙ୍କ ସମ୍ମୁଖରେ ରଖିଛନ୍ତି। କିନ୍ତୁ ଏଠାରେ ସାଧାରଣ ପ୍ରଶ୍ନ ଉଠେ ବିକଶିତ ଓଡ଼ିଶାର ସଂଜ୍ଞା କ'ଣ? କେଉଁ ଆଧାରରେ ଆମେ ଓଡ଼ିଶାକୁ 'ବିକଶିତ' ବୋଲି ବିବେଚନା କରିବା? କେବଳ ପ୍ରଶସ୍ତ ରାସ୍ତା, ଶିଳ୍ପ ପ୍ରତିଷ୍ଠାନ, ବନ୍ଦର, ସହର ଭଳି ଭିତ୍ତିଭୂମି ଅବା ସୁବିଧା କିମ୍ବା ରାଜ୍ୟର ଅର୍ଥନୀତିର ଆକାର ବଢ଼ିବାକୁ 'ବିକାଶ'ର ସମ୍ପୂର୍ଣ୍ଣ ପରିଚୟ କୁହାଯାଇପାରିବ ନାହିଁ। ବିକାଶର ପ୍ରକୃତ ମାପକ ହେଉଛି ସାଧାରଣ ଲୋକଙ୍କ ଜୀବନରେ ଆସୁଥିବା ପରିବର୍ତ୍ତନ। ଜଣେ ଶିଶୁ କେତେ ଗୁଣାତ୍ମକ ଶିକ୍ଷା ପାଉଛି, ଜଣେ ମା' କେତେ ସୁରକ୍ଷିତ ଭାବେ ସନ୍ତାନ ପ୍ରସବ କରୁଛନ୍ତି, ଜଣେ କୃଷକଙ୍କ ଆୟ କେତେ ବଢ଼ୁଛି, ଜଣେ ଯୁବକଙ୍କୁ କେତେ ଗୁଣାତ୍ମକ ରୋଜଗାର ମିଳୁଛି ଏବଂ ଗ୍ରାମବାସୀଙ୍କ ନିକଟରେ କେତେ ସହଜରେ ଗୁଣାତ୍ମକ ସ୍ୱାସ୍ଥ୍ୟ, ପାନୀୟଜଳ, ସ୍ୱଚ୍ଛତା ଓ ଅନ୍ୟାନ୍ୟ ମୌଳିକ ସୁବିଧା ପହଞ୍ଚୁଛି - ଏହିଭଳି ଅନେକ ମାପକ ହେଉଛି ବାସ୍ତବ ବିକାଶର ସୂଚକ।

ଅର୍ଥନୈତିକ କ୍ଷେତ୍ରରେ ଓଡ଼ିଶା ଗତ ଦୁଇ ଦଶନ୍ଧିରେ ଉଲ୍ଲେଖନୀୟ ଅଗ୍ରଗତି କରିଛି। ରାଜ୍ୟ ଅର୍ଥନୀତିର ଆକାର ବଢ଼ିଛି ଏବଂ ଶିଳ୍ପ ଓ ସେବା କ୍ଷେତ୍ରର ଭୂମିକା ମଧ୍ୟ ବୃଦ୍ଧି ପାଇଛି। ୨୦୨୫-୨୬ର ଆକଳନ ଅନୁଯାୟୀ ଓଡ଼ିଶାର ମୁଣ୍ଡପିଛା ଆୟ ୧, ୮୨, ୫୪୮ ଟଙ୍କାରେ ପହଞ୍ଚିଛି। ଏହା ପୂର୍ବବର୍ଷର ୧, ୮୨, ୫୪୮ ଟଙ୍କା ତୁଳନାରେ ସାମାନ୍ୟ ଅଧିକ। କିନ୍ତୁ ଜାତୀୟ ତୁଳନାରେ ଚିତ୍ରଟି ଦେଖିଲେ ଓଡ଼ିଶାର ଆଗାମୀ ଯାତ୍ରାର ଦୂରତା ସ୍ପଷ୍ଟ ହୁଏ। ଅନେକ ଅଗ୍ରଣୀ ରାଜ୍ୟ ଏକ୍ଷେତ୍ରରେ ଓଡ଼ିଶାଠାରୁ ଆଗରେ। ଅର୍ଥାତ୍ ରାଜ୍ୟର ଅର୍ଥନୀତି ବଢ଼ୁଥିଲେ ମଧ୍ୟ ସେହି ବୃଦ୍ଧିକୁ ପ୍ରତ୍ୟେକ ପରିବାରର ଆୟ ଓ ଜୀବନମାନରେ ରୂପାନ୍ତରିତ କରିବା ଏବେ ବି ଏକ ବଡ଼ ଆହ୍ୱାନ। ଦାରିଦ୍ର୍ୟ ହ୍ରାସରେ ଓଡ଼ିଶା ଉଲ୍ଲେଖନୀୟ ପ୍ରଗତି କରିଛି। କିନ୍ତୁ ଦାରିଦ୍ର୍ୟକୁ କେବଳ ଆୟର ଅଭାବ ଭାବେ ଦେଖିଲେ ଚିତ୍ରଟି ଅସମ୍ପୂର୍ଣ୍ଣ ହେବ। ଶିକ୍ଷା, ସଠିକ୍ ପୋଷଣ, ସ୍ୱାସ୍ଥ୍ୟ, ବାସସ୍ଥାନ, ପାନୀୟଜଳ ଓ ସ୍ୱଚ୍ଛତା ଭଳି ଅନେକ ମାନଦଣ୍ଡକୁ ନେଇ ଦାରିଦ୍ର୍ୟର ଚିତ୍ରକୁ ଦେଖିବାକୁ ଉଚିତ୍। ନିତି ଆୟୋଗର 'ନିରନ୍ତର ବିକାଶ ଲକ୍ଷ୍ୟ ସୂଚକାଙ୍କ ୨୦୨୩-୨୪' ଅନୁଯାୟୀ ଓଡ଼ିଶାର ଦାରିଦ୍ର୍ୟ ହାର ୧୫.୬୮ ପ୍ରତିଶତ (ଗ୍ରାମାଞ୍ଚଳ ୧୭.୭୨% ଓ ସହରାଞ୍ଚଳ ୫.୪୨%) ଥିବା ବେଳେ ଜାତୀୟ ହାର ୧୪.୯୬ ପ୍ରତିଶତ। ଏହା ଦର୍ଶାଏ ଯେ ଦାରିଦ୍ର୍ୟ ହ୍ରାସରେ ରାଜ୍ୟ ଆଗକୁ ବଢ଼ିଥିଲେ ମଧ୍ୟ ଜାତୀୟସ୍ତର ସହ ସମକକ୍ଷ ହେବା ପାଇଁ ବିଶେଷତଃ ଗ୍ରାମାଞ୍ଚଳରେ ଆହୁରି ପ୍ରୟାସ ଆବଶ୍ୟକ।

ଶିକ୍ଷା କ୍ଷେତ୍ରରେ ଚିତ୍ରଟି ମିଶ୍ର। ୧୫ ବର୍ଷରୁ ଅଧିକ ବୟସର ଲୋକଙ୍କ ସାକ୍ଷରତା ହାରରେ ଓଡ଼ିଶା ୭୫.୬ ପ୍ରତିଶତ ସହ ଜାତୀୟ ହାର ୭୨.୫ ପ୍ରତିଶତଠାରୁ ଆଗରେ ରହିଛି। ଏହା ନିଶ୍ଚିତ ଭାବେ ଏକ ସକାରାତ୍ମକ ସଙ୍କେତ। କିନ୍ତୁ ଶିକ୍ଷାର ପ୍ରକୃତ ଗୁଣବତ୍ତା ଓ ଛାତ୍ରଛାତ୍ରୀଙ୍କ ନିରନ୍ତର ଶିକ୍ଷା ମଧ୍ୟ ସମାନ ଗୁରୁତ୍ୱ ବହନ କରେ। 'ନିରନ୍ତର ବିକାଶ ଲକ୍ଷ୍ୟ ସୂଚକାଙ୍କ ୨୦୨୩-୨୪' ଅନୁଯାୟୀ ଓଡ଼ିଶାର ମାଧ୍ୟମିକ ସ୍ତରର ବାର୍ଷିକ ଡ୍ରପଆଉଟ ହାର ୨୭.୩ ପ୍ରତିଶତ ଥିବା ବେଳେ ଜାତୀୟ ହାର ୯.୫୨ ପ୍ରତିଶତ। ଯଦିଓ ୨୦୨୪-୨୫ରେ ସୁଧାର ଆସିଛି, ମାତ୍ର ଜାତୀୟ ହାରଠାରୁ ଅନେକ ପଛରେ ରହିଛି। ଏହି ବ୍ୟବଧାନ ଏକ ଗୁରୁତର ଚିନ୍ତାର ବିଷୟ। ଏହାଠାରୁ ଅଧିକ ଆବଶ୍ୟକ ହେଉଛି ଯୁବକଯୁବତୀଙ୍କୁ ଗୁଣାତ୍ମକ ଶିକ୍ଷା, ଦକ୍ଷତା ଓ ରୋଜଗାର ସହ ଯୋଡ଼ିବା। ଶିକ୍ଷାର ଶେଷ ଲକ୍ଷ୍ୟ ଭାବେ କେବଳ ପ୍ରମାଣପତ୍ର ନୁହେଁ, ବରଂ ଜ୍ଞାନ, ଦକ୍ଷତା ଓ ଆତ୍ମନିର୍ଭରଶୀଳତା ଉପରେ ଗୁରୁତ୍ୱ ଦେବା ଦରକାର।

ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଓଡ଼ିଶାରେ ଅନେକ ପରିବର୍ତ୍ତନ ଆବଶ୍ୟକ। ଶିଶୁ ପୋଷଣ, ମାତୃ ସ୍ୱାସ୍ଥ୍ୟ ଓ ରକ୍ତହୀନତା ଭଳି ସମସ୍ୟାଗୁଡ଼ିକ ମାନବ ବିକାଶର ମୂଳସୂଚକ। 'ନିରନ୍ତର ବିକାଶ ଲକ୍ଷ୍ୟ ସୂଚକାଙ୍କ ୨୦୨୩-୨୪' ଅନୁଯାୟୀ ଓଡ଼ିଶାର ପାଞ୍ଚ ବର୍ଷରୁ କମ୍ ଶିଶୁଙ୍କ କ୍ଷେତ୍ରରେ କୁପୋଷଣ ହାର ୩୪ ପ୍ରତିଶତ, ଯେଉଁଠାରେ ଜାତୀୟ ହାର ୨୯.୧ ପ୍ରତିଶତ। ସେହିପରି ଗର୍ଭବତୀଙ୍କ ମଧ୍ୟରେ ରକ୍ତହୀନତାର ହାର ଓଡ଼ିଶାରେ ୬୧.୮ ପ୍ରତିଶତ, ଜାତୀୟ ହାର ୪୭.୬ ପ୍ରତିଶତ। ତେଣୁ ଶତାୟୁ ଓଡ଼ିଶା ପାଇଁ ଚିକିତ୍ସା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ସହିତ ସୁସ୍ଥ ମା', ସୁସ୍ଥ ଶିଶୁ ଓ ସୁସ୍ଥ ଯୁବପିଢ଼ି ଗଢ଼ିବାକୁ ସମାନ ପ୍ରାଥମିକତା ଦେବା ଦରକାର।

ଓଡ଼ିଶାର ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ବିନା ଶତାୟୁ ଓଡ଼ିଶାର ପରିକଳ୍ପନା ସଫଳ ହୋଇପାରିବ ନାହିଁ। ୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟର ପ୍ରାୟ ୮୩ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବସବାସ କରୁଥିଲେ। ୧୫ବର୍ଷ ତଳର ତଥ୍ୟ ଆଧାରରେ ଆମେ ତର୍ଜମା କଲେ ଏହି ତଥ୍ୟ ହିଁ ସୂଚାଇ ଦିଏ ଯେ ଓଡ଼ିଶାର ବିକାଶର ମୂଳ ଭିତ୍ତି ଗାଁ ଏବଂ ଗ୍ରାମୀଣ ଅର୍ଥନୀତିରେ ରହିଛି। ଗାଁର ଜୀବନଜୀବିକାରେ ପରିବର୍ତ୍ତନ ନ ଆସିଲେ, ଗ୍ରାମୀଣ ପରିବାରର ଆୟ ନ ବଢ଼ିଲେ, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ସଠିକ୍ ଭାବେ ଉପଲବ୍ଧ ନ ହେଲେ 'ବିକଶିତ ଓଡ଼ିଶା'ର ସ୍ୱପ୍ନ ଅଧୁରା ରହିଯିବ।

କୃଷି ଏବେ ବି ଲକ୍ଷ ଲକ୍ଷ ପରିବାରର ଜୀବିକାର ମୂଳ ଆଧାର। କିନ୍ତୁ କୃଷକଙ୍କ ଆୟ ବଢ଼ାଇବା ପାଇଁ କେବଳ ଉତ୍ପାଦନ ବଢ଼ାଇଲେ ହେବ ନାହିଁ। ସଂରକ୍ଷଣ, ପ୍ରସ୍ତୁତିକରଣ, ମୂଲ୍ୟବୃଦ୍ଧି, ବଜାର ସଂଯୋଗ ଓ ଉଚିତ ମୂଲ୍ୟପ୍ରାପ୍ତିର ସମ୍ପୂର୍ଣ୍ଣ ଶୃଙ୍ଖଳାକୁ ମଜବୁତ କରିବାକୁ ହେବ। ଏଠାରେ ସମବାୟ ସଂସ୍ଥାଗୁଡ଼ିକର ଭୂମିକା ଆହୁରି ବଢ଼ିପାରେ। ଗ୍ରାମୀଣ ଉତ୍ପାଦନ, ପ୍ରସ୍ତୁତିକରଣ, ବଜାର ଓ ଏ ସମ୍ପର୍କିତ ସୁବିଧା କେନ୍ଦ୍ରଗୁଡ଼ିକରେ ବ୍ୟାପକ ପରିବର୍ତ୍ତନ ଆବଶ୍ୟକ। ଉଦ୍ୟୋଗୀକରଣ ଓ ଖଣିଜ ଭିତ୍ତିକ ଅର୍ଥନୀତି ଓଡ଼ିଶାକୁ ରାଜସ୍ୱ ଓ ନିବେଶର ନୂଆ ସୁଯୋଗ ଦେଇଛି। କିନ୍ତୁ ଆଗାମୀ ଦଶକର ପ୍ରଶ୍ନ ହେଉଛି - ଏହି ଅର୍ଥନୈତିକ ବୃଦ୍ଧିର ଲାଭ କେତେମାତ୍ରାରେ ସ୍ଥାନୀୟ ଲୋକଙ୍କ ଜୀବନକୁ ପ୍ରଭାବିତ କରୁଛି? ଶିଳ୍ପ ଆସିବା ସହିତ ସ୍ଥାନୀୟ ଯୁବକଙ୍କ ପାଇଁ ଦକ୍ଷତା ଓ ରୋଜଗାର ବଢ଼ୁଛି କି? କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ନୂଆ ମୂଲ୍ୟ-ଶୃଙ୍ଖଳାରେ ସାମିଲ ହେଉଛନ୍ତି କି? ଗ୍ରାମୀଣ ଅଞ୍ଚଳରେ ନୂଆ ଉଦ୍ୟମ ସୃଷ୍ଟି ହେଉଛି କି? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ହିଁ ନିର୍ଦ୍ଧାରଣ କରିବ ଯେ ଅର୍ଥନୈତିକ ବୃଦ୍ଧି କେତେ ମାତ୍ରାରେ ସମାବେଶୀ।

ଏହି ସମସ୍ତ ସୂଚକକୁ ଏକାଠି ଦେଖିଲେ ଓଡ଼ିଶାର ଚିତ୍ର ନା ସମ୍ପୂର୍ଣ୍ଣ ନୈରାଶ୍ୟଜନକ, ନା ସମ୍ପୂର୍ଣ୍ଣ ସନ୍ତୋଷଜନକ। ନିତି ଆୟୋଗର 'ନିରନ୍ତର ବିକାଶ ଲକ୍ଷ୍ୟ ସୂଚକାଙ୍କ ୨୦୨୩-୨୪'ରେ ଭାରତର ସାମଗ୍ରିକ ସ୍କୋର ୭୧ ଥିବାବେଳେ ଓଡ଼ିଶାର ସ୍କୋର ୬୬। ଅର୍ଥାତ୍ ରାଜ୍ୟକୁ ଜାତୀୟ ମାନଦଣ୍ଡ ସହ ସମକକ୍ଷ ହେବା ପାଇଁ ଆହୁରି ଗତି ବଢ଼ାଇବାକୁ ହେବ। ତେବେ ଏହା ମଧ୍ୟ ଉଲ୍ଲେଖନୀୟ ଯେ ୨୦୧୮ରୁ ୨୦୨୩-୨୪ ମଧ୍ୟରେ ଓଡ଼ିଶାର ନିରନ୍ତର ବିକାଶ ଲକ୍ଷ୍ୟ ସ୍କୋର ୧୫ ପଏଣ୍ଟ ବଢ଼ିଛି। ଅର୍ଥାତ୍ ରାଜ୍ୟରେ ପରିବର୍ତ୍ତନ ଘଟୁଛି; କିନ୍ତୁ ଏହି ପରିବର୍ତ୍ତନର ଗତି ଓ ପରିମାଣକୁ ଆହୁରି ବଢ଼ାଇବା ଦରକାର। ତେଣୁ ଶତାୟୁ ଓଡ଼ିଶାର ରୂପରେଖ କେବଳ ଏକ ଭବିଷ୍ୟତର ଗୋଲାପୀ ଚିତ୍ର ନୁହେଁ; ଏହା ସଭିଙ୍କ କ୍ଷେତ୍ରରେ ପ୍ରତିଫଳିତ ହେଉଥିବା ଏବଂ ବାସ୍ତବ ରୂପ ନେଉଥିବା ସ୍ପଷ୍ଟ ରୋଡମ୍ୟାପ୍ ହେବା ଆବଶ୍ୟକ।

୨୦୩୬ ଏକ ମାଇଲଖୁଣ୍ଟ; କିନ୍ତୁ 'ଶତାୟୁ ଓଡ଼ିଶା' ଏକ ଦୀର୍ଘ ଯାତ୍ରା। ଏହି ଯାତ୍ରାର ସଫଳତା କେବଳ ରାଜ୍ୟର ଜିଏସ୍‌ଡିପି (ରାଜ୍ୟ ଘରୋଇ ଉତ୍ପାଦ) କେତେ ବଢ଼ିଲା, କେତେ ଶିଳ୍ପ ଆସିଲା କିମ୍ବା କେତେ ରାସ୍ତା ନିର୍ମାଣ ହେଲା, ସେଥିରେ ମାପିହେବ ନାହିଁ। ପ୍ରକୃତ ପ୍ରଶ୍ନ ହେବ ସାଧାରଣ ଓଡ଼ିଆଙ୍କ, ଆଦିମ ଜନଜାତିଙ୍କ ଜୀବନ କେତେ ବଦଳିଲା? ଯଦି ଜଣେ ଗ୍ରାମୀଣ ଶିଶୁ ସହରର ଶିଶୁ ପରି ସମାନ ଗୁଣାତ୍ମକ ଶିକ୍ଷା ପାଏ, ଜଣେ କୃଷକ ନିଜ ଉତ୍ପାଦର ଉଚିତ ମୂଲ୍ୟ ପାଏ, ଜଣେ ଯୁବକ ନିଜ ରାଜ୍ୟରେ ସମ୍ମାନଜନକ ରୋଜଗାର ପାଏ, ଜଣେ ମହିଳା ନିରାପଦ ସ୍ୱାସ୍ଥ୍ୟ ଓ ଅର୍ଥନୈତିକ ସୁଯୋଗ ପାଏ ଏବଂ ଜଣେ ପରିବାର ନିଜ ପରବର୍ତ୍ତୀ ପିଢ଼ିର ଭବିଷ୍ୟତକୁ ନେଇ ନିରାପଦ ଅନୁଭବ କରେ, ତେବେ ହିଁ ବିକଶିତ ଓଡ଼ିଶାର ସ୍ୱପ୍ନ ପ୍ରକୃତ ଅର୍ଥରେ ସାକାର ହେବ।

ଭୁବନେଶ୍ୱର, ମୋ: ୯୯୩୭୧୭୬୦୪୯

ପାର୍ବଣ ପ୍ରତିଦ୍ୱନ୍ଦ୍ୱିତା: ପ୍ରଦୂଷଣ ଓ ପ୍ରତିକାର

ପ୍ରାଧ୍ୟାପକ ଶ୍ରୀକାନ୍ତ ନାୟକ

ଦିନ ଥିଲା ଆମ ସମାଜରେ ସୀମିତ ସଂଖ୍ୟକ ଦେବାଦେବୀ ନିର୍ଦ୍ଦିଷ୍ଟ ସ୍ଥାନରେ ନିରାଡ଼ମ୍ବର ଭାବରେ ଭକ୍ତି ଓ ପବିତ୍ରତାର ସହିତ ପୂଜା ପାଉଥିଲେ। ଅଧୁନା ବିଭିନ୍ନ ଦେବାଦେବୀଙ୍କ ଉପାସନା ବିଭିନ୍ନ ଅନୁଷ୍ଠାନ ଦ୍ୱାରା ବର୍ଷତମାମ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ମହାଆଡ଼ମ୍ବରରେ ଅନୁଷ୍ଠିତ ହେଉଛି। ପୂଜା ପାର୍ବଣ କ୍ଷେତ୍ରରେ ଅଧୁନା ପ୍ରତିଦ୍ୱନ୍ଦ୍ୱିତା ମନୋଭାବ ବଢ଼ିଛି। ତେଣୁ କେଉଁଠି ଜିନ୍ ଓ କଳା ଚଷମା ପିନ୍ଧା ସିଗାରେଟ୍ ଟାଣୁଥିବା ଗଣେଶ ମୂର୍ତ୍ତି ତ ଆଉ କେଉଁଠି ଲାଡେନ୍‌କୁ ବଧ କରୁଥିବା ଦୁର୍ଗା ମେଢ଼ ଦେଖିବାକୁ ମିଳୁଛି। ଏପରି ଖିଆଲ ଖୁସିରେ ପ୍ରତିମା ପୂଜା ଦ୍ୱାରା ଜନ ଓ ଜାତିର କି ପ୍ରକାର ମଙ୍ଗଳ ସାଧନ ହେଉଛି ତାହା ସମସ୍ତେ ବିଚାରିବାର ସମୟ ଆସିଛି।

ମନ୍ଦିରକୁ ମୁଖଶାଳା ବଳିଯିବା ପରି ଏବେ ପୂଜା ଅନୁଷ୍ଠାନମାନ ନିଜ ପୂଜା ମଣ୍ଡପକୁ ଆକର୍ଷଣୀୟ କରିବା ଉଦ୍ଦେଶ୍ୟରେ ସୁଉଚ୍ଚ ପ୍ରତିମା ଓ ତୋରଣ ନିର୍ମାଣ କରୁଛନ୍ତି। ପ୍ରତିମାଙ୍କ ଗଳାରେ ଫୁଲହାର ପକାଇବାକୁ ବଡ଼ ବାଡ଼ିର ସାହାରା ନେବାକୁ ପଡୁଛି। ଏହି ବର୍ଷ ଗଣେଶ ପୂଜାରେ ଗୋଟିଏ ପୂଜା ମଣ୍ଡପର ୧୫୦ ଫୁଟ ଉଚ୍ଚର ତୋରଣ କେମିତି ଝଡ଼ ବର୍ଷାରେ ଭୂପତିତ ହେଲା ତାହା ଆମେ ସମସ୍ତେ ଜାଣନ୍ତି। ସୌଭାଗ୍ୟବଶତଃ କେହି ମୃତାହତ ହୋଇ ନ ଥିଲେ। ଶାରଦୀୟ ଦୁର୍ଗାପୂଜାର ଏକ ସ୍ୱତନ୍ତ୍ରତା ରହିଛି। ପୂଜା ଛୁଟିରେ ଦର୍ଶକଙ୍କ ପ୍ରବଳ ଭିଡ଼ ହେବା ସ୍ୱାଭାବିକ। ଅକ୍ଟୋବର ମାସରେ ବାତ୍ୟାର ଆଶଙ୍କା ମଧ୍ୟ ରହୁଛି। ତେଣୁ ଅତିଉଚ୍ଚ ତୋରଣ ନିର୍ମାଣ ଉପରେ ଅଙ୍କୁଶ ଲଗାଇବା ଆବଶ୍ୟକ। ସେହିପରି କଟକଣା ସତ୍ତ୍ୱେ କେତେକ ଅନୁଷ୍ଠାନ ଜୁଲମ କରି ଚାନ୍ଦା ଆଦାୟ କରୁଛନ୍ତି। କେହି ବିରୋଧ କଲେ ହାତାହାତି ପରିସ୍ଥିତି ସୃଷ୍ଟି ହେଉଛି। ପୁଲିସ ଓ ପ୍ରଶାସନ ସବୁ ଜାଣି ବି ନିରବ ରହୁଛନ୍ତି।

ସାମ୍ପ୍ରତିକ ସମୟର ପୂଜାପାର୍ବଣ ମୂଳ ଲକ୍ଷ୍ୟରୁ ଦୂରେଇ ଯାଇ ଧୀରେ ଧୀରେ ବାହ୍ୟିକ ଔପଚାରିକତା ଭିତରେ ଆବଦ୍ଧ ହୋଇଯାଉଛି। ଦେବଦେବୀଙ୍କ ନାମରେ ଆଦାୟ କରାଯାଉଥିବା ଅର୍ଥର ସିଂହ ଭାଗ ମଦ୍ୟପାନ ଏବଂ ତଥାକଥିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବ୍ୟୟ ହେଉଛି। ମନୋରଞ୍ଜନର ଦୋହାଇ ଦେଇ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଶ୍ରୁତିକଟୁ ଦ୍ୱିଅର୍ଥବୋଧକ ଅଶ୍ଳୀଳଗୀତ ସହିତ ଅରୁଚିକର ଠାଣିରେ ତରୁଣତରୁଣୀମାନଙ୍କ ନୃତ୍ୟର ଆସରକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଭାବରେ ଆଖ୍ୟାୟିତ କରାଯାଉଛି। ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଶ୍ରୋତା ଓ ଦର୍ଶକଙ୍କ ବ୍ୟତୀତ ଅନ୍ୟ କେହି ତାହା ଦେଖିବା ବା ଶୁଣିବା ଯୋଗ୍ୟ ନୁହେଁ। ଏହାବ୍ୟତୀତ ଦିନତମାମ ଡାକବାଜି ଯନ୍ତ୍ର ମାଧ୍ୟମରେ ବିକୃତ ଆଲବମ ସଙ୍ଗୀତର ବିକଟାଳ ଗର୍ଜନ ପାର୍ବଣ ପାଳନକାରୀଙ୍କୁ ସାମୟିକ ଖୁସି ଓ ଆତ୍ମସନ୍ତୋଷ ଦେଉ ଥାଇପାରେ; କିନ୍ତୁ ବୃଦ୍ଧବ୍ୟକ୍ତି, ରୋଗୀ, ବିଦ୍ୟାର୍ଥୀ ଓ କର୍ମକ୍ଳାନ୍ତ ନାଗରିକ ତ୍ରାହି ତ୍ରାହି ଡାକୁଛନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ନିୟମାନୁସାରେ ଦିନବେଳା ୪୫ ଡେସିବଲ୍ ଓ ରାତିରେ ୩୫ ଡେସିବଲ୍ ଶବ୍ଦ ବାଞ୍ଛନୀୟ। ଶବ୍ଦ ପ୍ରଦୂଷଣର ଭୟଙ୍କର କୁପରିଣାମକୁ ଦୃଷ୍ଟିରେ ରଖି ଭାରତର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ୨୦୦୫ ମସିହାରେ ପ୍ରଣୀତ ନିୟମାନୁଯାୟୀ ସର୍ବସାଧାରଣ ସ୍ଥାନରେ ରାତି ୧୦ ଟା ପରେ ଉଚ୍ଚଶବ୍ଦ ସୃଷ୍ଟି କରିବା ନିଷେଧ କରାଯାଇଛି। କିନ୍ତୁ ଦୁଃଖର ବିଷୟ ଆଜିର ସଭ୍ୟ ଶିକ୍ଷିତମାନେ ପ୍ରଦୂଷଣର କ୍ଷତିକାରକ ପ୍ରଭାବ ବିଷୟରେ ଜାଣି ବି ଅଜଣା ହେଉଛନ୍ତି। ଡିଜେର ବିକଟାଳ ଗର୍ଜନ କେବଳ ଶବ୍ଦ ପ୍ରଦୂଷଣ ନୁହେଁ, ଜୀବନ ହାନିର କାରଣ ହୋଇଛି। ଗାଁରୁ ସହର ସର୍ବତ୍ର ବର୍ତ୍ତମାନ ଶବ୍ଦ ପ୍ରଦୂଷଣର ଏକଛତ୍ରବାଦ ରାଜୁତି ଚାଲିଛି। ଏହା ଉପରେ କଠୋର କଟକଣା ଜାରି ହେବା ଆବଶ୍ୟକ।

ଏଥିସହିତ ପୂଜା ମଣ୍ଡପ ନିକଟରେ ଡଷ୍ଟବିନ୍ ରଖି ଅଳିଆ ଆବର୍ଜନା ପକାଇବାର ବ୍ୟବସ୍ଥା କରାଯାଉ। ଅପମିଶ୍ରିତ ଖାଦ୍ୟ ଓ ପାନୀୟ ଉପରେ ଖାଦ୍ୟ ସୁରକ୍ଷା ଅଧିକାରୀ ନିରନ୍ତର ଚଢ଼ାଉ ଜାରି ରଖନ୍ତୁ। ଭିଡ଼କୁ ଆଖିରେ ରଖି ଶ୍ରଦ୍ଧାଳୁ ଆତ୍ମସଚେତନ ହୋଇ ନିଜ ସାମଗ୍ରୀ ବିଶେଷତଃ ଟଙ୍କା, ମୋବାଇଲ, ଅଳଙ୍କାର ଆଦି ପ୍ରତି ନିଜେ ସତର୍କ ଓ ଦାୟିତ୍ୱବାନ ହେବା ଉଚିତ୍। ପାର୍ବଣ ସମୟରେ ଓ ଦେବାଦେବୀଙ୍କ ବିସର୍ଜନ ସମୟର ଆଡ଼ମ୍ବରପୂର୍ଣ୍ଣ ଶୋଭାଯାତ୍ରାରେ ନିଶାସକ୍ତ ଯୁବକମାନଙ୍କ ଅରୁଚିକର ଉଦଣ୍ଡ ନୃତ୍ୟ ଯୋଗୁଁ ଯାନବାହାନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ତେଣୁ ପାର୍ବଣ ଆରମ୍ଭରୁ ଶେଷପର୍ଯ୍ୟନ୍ତ ନିଶାବିକ୍ରିକୁ ସମ୍ପୂର୍ଣ୍ଣ ନିଷେଧ କରାଯାଉ। ଚାନ୍ଦା ଆଦାୟକୁ କେନ୍ଦ୍ରକରି ହେଉ ବା ଯେକୌଣସି ସାମାନ୍ୟ କାରଣକୁ ଭିତ୍ତିକରି ହିତାହିତ ଜ୍ଞାନଶୂନ୍ୟ ନିଶାଗ୍ରସ୍ତ ଯୁବକମାନଙ୍କ ଗଣ୍ଡଗୋଳକୁ ନିୟନ୍ତ୍ରଣ କରିବା ପାଇଁ କେବଳ ପୁଲିସ ପ୍ରଶାସନ ନୁହେଁ ବୟୋଜ୍ୟେଷ୍ଠ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ନେଇ ଶାନ୍ତି କମିଟି ଗଠନ କରାଯାଉ।

ପୂଜାପାର୍ବଣ ଧର୍ମାଚରଣର ଏକ ଅଙ୍ଗ ଭାବେ ମହାନ୍ ଭାରତୀୟ ସଂସ୍କୃତିରେ ସ୍ଥାନିତ ହୋଇଛି। ସୁପ୍ତ ଈଶ୍ୱରୀୟ ଚେତନାକୁ ଜାଗ୍ରତ କରି ଦେବୋପମ ଚରିତ୍ରର ଅଧିକାରୀ ହେବା ସହିତ ସୁଖ ଶାନ୍ତି ଓ ଆନନ୍ଦରେ ଜୀବନଯାପନ କରିବା ପୂଜା ପାର୍ବଣର ମୁଖ୍ୟ ଲକ୍ଷ୍ୟ। ଆଜି ସମୟ ଆସିଛି, ଆମ ମନଗଢ଼ା ଅଶାସ୍ତ୍ରୀୟ ପୂଜାର୍ଚ୍ଚନା ପରିବର୍ତ୍ତେ ଶାସ୍ତ୍ରାନୁମୋଦିତ ଉପଚାରରେ ପୂଜା ଆରାଧନା କରିବାକୁ ହେବ। ଦେବାଦେବୀଙ୍କ ପ୍ରତିମା ମାଟି, ସୁନା, ରୁପା ବା ଅଷ୍ଟଧାତୁରେ ନିର୍ମାଣ କରିବା ଉଚିତ। ଜୋରଜୁଲମ୍ କରି ଚାନ୍ଦା ଆଦାୟ ନ କରି ଅନୁଷ୍ଠାନ ସହିତ ଜଡ଼ିତ ଅଞ୍ଚଳବାସୀଙ୍କ ସ୍ୱେଚ୍ଛାକୃତ ଦାନ ଅର୍ଥରେ ପୂଜା ପାଳନ କରାଯାଉ। ପୂଜା ଆରମ୍ଭରୁ ବିସର୍ଜନ ପର୍ଯ୍ୟନ୍ତ ପୂଜା ମଣ୍ଡପରେ ଆଲବମ ସଙ୍ଗୀତ ପରିବର୍ତ୍ତେ ଭଜନ, କୀର୍ତ୍ତନ, ପ୍ରବଚନ ବା ଭକ୍ତିଭାବପୂର୍ଣ୍ଣ ସଙ୍ଗୀତ ଶ୍ରୁତିମଧୁର ସ୍ୱରରେ ପରିବେଷଣ କରାଯାଇ ପରିବେଶକୁ ଆଧ୍ୟାତ୍ମିକ ଚେତନା ସମୃଦ୍ଧ କରି ତୋଳିବା ସମସ୍ତଙ୍କର ଲକ୍ଷ୍ୟ ହେଉ। ବିସର୍ଜନ ଶୋଭାଯାତ୍ରା ନିରାଡ଼ମ୍ବର ହେଉ। ପରିବେଶକୁ ସୁସ୍ଥ ରଖି ପାର୍ବଣ ପାଳନ ସମସ୍ତଙ୍କ ଧ୍ୟେୟ ହେଉ। ପାର୍ବଣ ଅବସରରେ ସରକାର, ପ୍ରଶାସନ, ସୁରକ୍ଷା ବାହିନୀ, ଶାନ୍ତି କମିଟି ତଥା ପାଳନକାରୀ ସତର୍କ ଓ ସଜାଗ ରହିଲେ ପୂଜା ପାର୍ବଣ ସଫଳ ଓ ଉପଭୋଗ୍ୟ ହେବ।

ସିଂହପୁର(ଯାଜପୁର), ମୋ: ୯୯୩୭୮୮୧୧୮୪

ମହାପ୍ରଭୁଙ୍କ ଟାହିଆ

ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ରାଜା ମହାରାଜାମାନେ ବାହାରକୁ ବାହାରିଲେ ସୁନାର ମୁକୁଟ ପିନ୍ଧନ୍ତି। ମୁକୁଟ ହିଁ ସେମାନଙ୍କର ପରିଚୟ। ମହାପ୍ରଭୁ ରାଜାଧିରାଜ। ସେ ଯେତେବେଳେ ବାହାରକୁ ବାହାରନ୍ତି ଫୁଲ, ଦୁବ, ସୋଲ, ଜରି, ବେତ ଓ ବାଉଁଶ କାଠି ଆଦିରେ ନିର୍ମିତ ଏକ ମୁକୁଟ ଲଗେଇ ବାହାରନ୍ତି। ବଡ଼ ଠାକୁର ବଳଭଦ୍ର ମଧ୍ୟ ଏହି ମୁକୁଟ ଲଗେଇ ବାହାରନ୍ତି। ସ୍ଥାନୀୟ ଭାଷାରେ ଏହି ମୁକୁଟକୁ 'ଟାହିଆ' କହନ୍ତି। ମାଆ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନ ଶୂନ୍ୟ ପହଣ୍ଡିରେ ଯାତ୍ରା କରୁଥିବାରୁ ସେମାନେ ଟୋପୋର ଆକାରର ଟାହିଆ ଲାଗି ହୁଅନ୍ତି। ସ୍ନାନଯାତ୍ରା ସମୟରେ ମନ୍ଦିରରୁ ସ୍ନାନମଣ୍ଡପକୁ ଯିବା ଓ ଆସିବା, ଗୁଣ୍ଡିଚା ଯାତ୍ରା ବେଳେ ଶ୍ରୀମନ୍ଦିରରୁ ରଥକୁ ଓ ରଥରୁ ଗୁଣ୍ଡିଚା ମନ୍ଦିରକୁ ବିଜେ କିରବା, ବାହୁଡ଼ା ଯାତ୍ରାରେ ଗୁଣ୍ଡିଚା ମନ୍ଦିରରୁ ରଥକୁ, ତା' ପରେ ନୀଳାଦ୍ରି ବିଜେ ଦିନ ଶ୍ରୀମନ୍ଦିରକୁ ଯାତ୍ରା- ଏହି ପରି ଛଅଥର ଯାତ୍ରା ବେଳେ ଚାରିଠାକୁରଙ୍କଠାରେ ଚବିଶଟି ଟାହିଆ ଲାଗି କରାଯାଏ। ସ୍ନାନ ଯାତ୍ରା ଓ ଗୁଣ୍ଡିଚା ମନ୍ଦିରରେ ବ୍ୟବହୃତ ଟାହିଆ ଶ୍ରୀମନ୍ଦିରରେ ଲାଗୁଥିବା ଟାହିଆଠାରୁ ଛୋଟ।

ବଡ଼ ଟାହିଆ ଲାଗି ହେବା ବେଳେ ଜଗନ୍ନାଥଙ୍କ ଟାହିଆରେ ୩୭ ଖଣ୍ଡ ଓ ବଳଭଦ୍ରଙ୍କ ଟାହିଆରେ ୩୩ ଖଣ୍ଡ ବାଉଁଶ କାଠି ଲାଗେ। ସାନ ଟାହିଆରେ ଜଗନ୍ନାଥଙ୍କର ୨୫ ଓ ବଡ଼ ଠାକୁରଙ୍କ ଟାହିଆରେ ୨୧ ଖଣ୍ଡ ବାଉଁଶ କାଠି ଲାଗେ। ଏଥିରୁ ଜଣାଯାଏ ଯେ ସବୁବେଳେ ମହାପ୍ରଭୁଙ୍କ ଟାହିଆ ବଡ଼ଠାକୁରଙ୍କ ଟାହିଆଠାରୁ ବଡ଼। ଲାଗୁଥିବା କାଠି ସଂଖ୍ୟାରେ ସବୁବେଳେ ଚାରିଟି କାଠିର ଫରକ ଥାଏ। ବିଭିନ୍ନ ପ୍ରକାରର ଫୁଲ, ଦୁବ, ସୋଲରେ ତିଆରି କଦମ୍ବ ଫୁଲ ଓ ପାନ ଖିଲ, ମାଧବୀ ପତ୍ର, ବେତ ଓ ବାଉଁଶ କାଠିରେ ପ୍ରାୟ ଅର୍ଦ୍ଧବୃତ୍ତାକାର ଆକାରରେ ନିର୍ମିତ ଛାଞ୍ଚରେ ସେ ସବୁକୁ ଖଞ୍ଜି ଥରକେ ଦୁଇଟି ସୁନ୍ଦର ଟାହିଆ ତିଆରି କରାଯାଏ। ଟାହିଆ କାରିଗର ଅତ୍ୟନ୍ତ ନିଷ୍ଠାର ସହ ହବିଷ୍ୟାନ୍ନ ଭୋଜନ କରି ମହାପ୍ରଭୁଙ୍କ ପାଇଁ ଟାହିଆ ପ୍ରସ୍ତୁତ କରନ୍ତି। ଶ୍ରୀମସ୍ତକରେ ଟାହିଆ ଲଗେଇ ଦୁଇଭାଇ ପହଣ୍ଡି ବିଜେ ସମୟରେ ସିଂହଠାଣିରେ ଚାଲିଚାଲି ଆସନ୍ତି ଏବଂ ସିଂହର କେଶର ପରି ଟାହିଆ ହଲେଇ ଆସୁଥିବା ବେଳେ ଦେଖୁଥିବା ଭକ୍ତମାନେ ତାଙ୍କୁ 'ନୀଳାଦ୍ରିସିଂହ'ରୂପେ ସମ୍ବୋଧିତ କରନ୍ତି।

ଟାହିଆ ପଛରେ ଏକ ଲୋକକଥା ଶୁଣାଯାଏ। କେତେକ ଏହାକୁ ସତ ଘଟଣା ବୋଲି ମଧ୍ୟ କହନ୍ତି। କଥାଟି ଏହିପରି - ଗଜପତି ପୁରୁଷୋତ୍ତମ ଦେବଙ୍କ ଅମଳର କଥା। ନରେନ୍ଦ୍ର ସରୋବରରେ ମଦନମୋହନ ଦୁଇପତ୍ନୀ ଭୂଦେବୀ ଓ ଶ୍ରୀଦେବୀଙ୍କ ସହ ଚାପ ଖେଳୁଥିବା ସମୟରେ ପ୍ରବଳ ଝଡ଼ ତୋଫାନରେ ମଦନମୋହନଙ୍କ ଚାପ ସହିତ ତିନିଠାକୁର ପାଣିରେ ବୁଡ଼ି ଗଲେ। ଝଡ଼ ଥମିବା ପରେ ସେବକମାନେ ଅନେକ ପରିଶ୍ରମ କରି ଭୂଦେବୀ ଓ ଶ୍ରୀଦେବୀଙ୍କ ବିଗ୍ରହ ପାଣିରୁ ଉଦ୍ଧାର କରିବାରେ ସଫଳ ହେଲେ। କିନ୍ତୁ ମଦନମୋହନ ମିଳିଲେ ନାହିଁ। ମଦନମୋହନ ବାହୁଡ଼ା ବିଜେ ନ କଲେ ମହାପ୍ରଭୁଙ୍କର ଅନ୍ୟ ନୀତି ପ୍ରଭାବିତ ହେବ। ସେବକମାନେ ଗଜପତିଙ୍କୁ ଏ ବିଷୟରେ ଜଣେଇଲେ। ଗଜପତି ମଠ ମହନ୍ତ ଓ ପଣ୍ଡିତମାନଙ୍କର ଏକ ସଭା ଡାକି ପରାମର୍ଶ ଲୋଡ଼ିଲେ। ଅନେକ ବିଚାରବିମର୍ଶ ପରେ ସର୍ବସମ୍ମତି ନିଷ୍ପତ୍ତିକ୍ରମେ ସ୍ଥିର କରାଗଲା ଯେ ମଦନମୋହନଙ୍କ ବିଗ୍ରହ ପରି ଆଉ ଏକ ବିଗ୍ରହ ମିଳିଲେ ତାଙ୍କୁ ମଦନମୋହନ ରୂପେ ଅବସ୍ଥାପିତ କରି ବାକି ନୀତି ଆଗକୁ ବଢ଼ାଯିବ।

ଏହି ସମୟରେ ରାଘବ ଦାସ ମଠର ମହନ୍ତ ଜଣେଇଲେ ଯେ ତାଙ୍କ ମଠରେ ମଦନମୋହନଙ୍କର ଅବିକଳ ଏକ ପ୍ରତିମା ଆରାଧିତ ହେଉଛନ୍ତି। ଏହାପରେ ମଠରୁ ସେମୂର୍ତ୍ତି ଶ୍ରୀମନ୍ଦିରକୁ ଆସିଲେ। ବର୍ତ୍ତମାନର ମଦନମୋହନ ସେହି ରାଘବ ଦାସ ମଠରୁ ଅଣାଯାଇଥିବା ବିଗ୍ରହ। କୃତଜ୍ଞ ରାଜା ଖୁସି ହୋଇ ମହନ୍ତଙ୍କୁ ପ୍ରତିବଦଳରେ କିଛି ମାଗିବାକୁ କହିବାରୁ ମହନ୍ତ କହିଲେ, 'ମୁଁ ଜଣେ ସଂସାରତ୍ୟାଗୀ ସନ୍ୟାସୀ। କୌଣସି ଧନସମ୍ପତ୍ତିର ଆବଶ୍ୟକତା ମୋର ନାହିଁ। ଆପଣ ଯଦି ଖୁସିରେ କିଛି ଦେବାକୁ ଚାହୁଁଛନ୍ତି, ମହାପ୍ରଭୁଙ୍କର କିଛି ଅଙ୍ଗଲାଗି ସେବା ଆମ ମଠକୁ ପ୍ରଦାନ କରିବା ହୁଅନ୍ତୁ।' ରାଜା କିଛି ସମୟ ଚିନ୍ତା କରି ମହନ୍ତଙ୍କୁ ମହାପ୍ରଭୁଙ୍କର କେତେକ ମହାର୍ଘ ସେବା କରିବାର ଅଧିକାର ପ୍ରଦାନ କଲେ।

ସେହି ଅଧିକାର ଅନୁଯାୟୀ ପ୍ରତିବର୍ଷ ରାଘବଦାସ ମଠ ପକ୍ଷରୁ ମହାପ୍ରଭୁଙ୍କର ସମସ୍ତ ଯାତ୍ରାରେ ପୁଷ୍ପାଳଙ୍କାର ବା ଟାହିଆ ସମେତ ସ୍ନାନ ପୂର୍ଣ୍ଣମୀ ଦିନ ମହାପ୍ରଭୁଙ୍କ ଗଜବେଶ, ଅନବସର ସମୟର ଚକଟା ଭୋଗ ଏବଂ ନୀଳାଦ୍ରି ବିଜେ ପୂର୍ବଦିନର ଅଧର ପଣା ଯୋଗାଇ ଦିଆଯାଉଛି।

ମୋ: ୯୯୦୦୦୮୩୪୩୩

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଅବଶିଷ୍ଟାଂଶ...

ଇଣ୍ଡିଆ ମେଣ୍ଟର...

ଗାନ୍ଧୀଙ୍କ ନେତୃତ୍ୱରେ ଯନ୍ତରମନ୍ତର ପ୍ରତିବାଦ, ନିର୍ବାଚନ ସଦନ ଅଭିମୁଖେ ପଦଯାତ୍ରା, ସୁପ୍ରିମ ମାର୍ଚ୍ଚ ଅନୁଷ୍ଠିତ ହୋଇଛି। 'ଭୋଟଚୋରି' ପାଇଁ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଦାୟୀ ବୋଲି ଅଭିଯୋଗ କରି ତାଙ୍କ ଇସ୍ତଫା ଦାବି କରିଛନ୍ତି। ଦେଶରେ ଗଣତନ୍ତ୍ରକୁ ଧ୍ୱଂସ କରି ଦିଆଯାଇଛି। ନିର୍ବାଚନ ବ୍ୟବସ୍ଥା ମଧ୍ୟ ଧ୍ୱଂସ ହୋଇଯାଇଛି। ଦେଶରେ ପ୍ରକୃତ ଗଣତାନ୍ତ୍ରିକ ଶାସନ ପ୍ରତିଷ୍ଠା ପାଇଁ ଆମେ ସଂଘର୍ଷ କରୁଛୁ ଏବଂ ଏଥିରେ ସଫଳ ମଧ୍ୟ ହେବୁ ବୋଲି ବିରୋଧୀ କହିଛନ୍ତି। ଯେଉଁମାନେ ଏଭଳି ଷଡ଼ଯନ୍ତ୍ର ଚଳାଇଛନ୍ତି, ସେମାନେ ଜାଣିବା ଉଚିତ ଯେ ସମ୍ବିଧାନକୁ ଧ୍ୱଂସ କରି ରକ୍ଷା ପାଇପାରିବେ ନାହିଁ। ସେମାନଙ୍କର ଯିବା ବେଳ ଆସଗଲାଣି ବୋଲି ବିରୋଧୀ ଚେତାବନୀ ଦେଇଛନ୍ତି।

ଦୀପାବଳି ପରେ...

ଏହି ଡର ଥିଲା ଯେ, ଯଦି ଚାର୍ଜ ଲାଗୁ ହେବ ତେବେ ଦୋକାନୀ ୟୁପିଆଇ ବଦଳରେ ପୁଣି ଥରେ ନଗଦ କାରବାର ବ୍ୟବସ୍ଥା ଆପଣେଇବେ। ୦.୪% ମର୍ଚ୍ଚାଣ୍ଟ ଫି' ହିସାବ ଅନୁଯାୟୀ, ୧୦ ହଜାର ଟଙ୍କାର ୟୁପିଆଇ ପେମେଣ୍ଟ କ୍ଷେତ୍ରରେ ୪୦ ଟଙ୍କାର ଚାର୍ଜ ଲାଗିବ। ଆଉ ୨୦୦୦ ଟଙ୍କାର ପେମେଣ୍ଟ ଉପରେ ୮ ଟଙ୍କା ଚାର୍ଜ ଲାଗିବ।

ସିଇସିଙ୍କ ଇସ୍ତଫା...

ସମାଜସେବୀ ସଂଗଠନର କର୍ମକର୍ତ୍ତାମାନେ ମଧ୍ୟ ଯୋଗଦେଇଥିଲେ। ଗତକାଲି ସୁପ୍ରିମ କୋର୍ଟ ମାର୍ଚ୍ଚ ପରେ ଆଜି ଏହି ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ମଲ୍ଲିକାର୍ଜୁନ ଖଡ଼ଗେ, ରାହୁଲ ଗାନ୍ଧୀ, ଆରଜେଡିର ମୁଖ୍ୟ ତେଜସ୍ୱୀ ଯାଦବ, ଟିଏମ୍‌ସି ନେତ୍ରୀ ସାଗରିକା ଘୋଷ, ଉଦ୍ଧବ ସେନା ନେତା ସଂଜୟ ରାଉତ, ସମାଜବାଦୀ ପାର୍ଟି ନେତା ଧର୍ମେନ୍ଦ୍ର ଯାଦବ, ଛାତ୍ରୀ ନେତ୍ରୀ ନେହା ବୋରା, ଆଇନଜୀବୀ ପ୍ରଶାନ୍ତ ଭୂଷଣ, ସାମାଜିକ କର୍ମୀ ଯୋଗେନ୍ଦ୍ର ଯାଦବ ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ସମସ୍ତେ ପ୍ରଧାନମନ୍ତ୍ରୀ ମୋଦୀ, କେନ୍ଦ୍ର ଗୃହ ମନ୍ତ୍ରୀ ଶାହ ଏବଂ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ଟାର୍ଗେଟ କରି ଅଭିଯୋଗ କରିଥିଲେ ଯେ ବର୍ତ୍ତମାନର ପରିସ୍ଥିତି ପାଇଁ ଏହି ତିନି ଜଣ ଦାୟୀ। ଏହି ଅବସରରେ ରାହୁଲ କହିଲେ ଯେ ଲକ୍ଷ୍ୟ ହାସଲ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଏହି ଆନ୍ଦୋଳନ ମାସେ, ଦୁଇ ମାସେ କି ବା ।ର୍ଷେ କିମ୍ବା ଦୁଇ ବର୍ଷ ଚାଲିଲେ ମଧ୍ୟ ଆମକୁ ଥକିବାର ନାହିଁ। ଆମେ ଯେତେ ଆଗକୁ ବଢ଼ିବୁ, ସେତିକି ଶକ୍ତି ବଢୁଥିବ। ପରବର୍ତ୍ତୀ ରଣନୀତି ସଂପର୍କରେ ପ୍ରଶ୍ନ ହେବାରୁ ରାହୁଲ କହିଲେ ଯେ ଏହାକୁ ଗୋପନୀୟ ରଖାଯାଇଛି। ଉଚିତ ସମୟରେ ଆନ୍ଦୋଳନ ଠିକ୍ ବାଟରେ ଯିବ। ଭୋଟ ଚୋରି ଅଭିଯୋଗ ଆଣିବା ସହିତ ସେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଏବଂ ଜ୍ଞାନେଶ କୁମାରଙ୍କୁ ଟାର୍ଗେଟ କରି ସେ କହିଲେ ଯେ ଏମାନେ ରକ୍ଷା ପାଇପାରିବେ ନାହିଁ। ସେମାନେ ଗଣତନ୍ତ୍ରକୁ ଧ୍ୱଂସ କରିଛନ୍ତି ଏବଂ ଏଥିପାଇଁ ସେମାନଙ୍କୁ ଜବାବ ଦେବାକୁ ପଡ଼ିବ। ଏହି ଅବସରରେ ସେ କହିଲେ ଯେ ସୁପ୍ରିମ କୋର୍ଟ, ପ୍ରଧାନ ବିଚାରପତି ଏବଂ ବିଚାରବିଭାଗୀୟ ବ୍ୟବସ୍ଥା ପ୍ରତି ବିରୋଧୀ ମେଣ୍ଟର ପୂର୍ଣ୍ଣ ଆସ୍ଥା ରହିଛି। ବିରୋଧୀ ଦଳ ଯେଉଁ ଚିନ୍ତା ପ୍ରକଟ କରିଛନ୍ତି, ତାହାକୁ ଦୂର କରିବାରେ ବିଚାର ବିଭାଗ ଏହାର ଭୂମିକା ଗ୍ରହଣ କରିବ ବୋଲି ରାହୁଲ ଆଶା ପ୍ରକଟ କରିଛନ୍ତି।

ପୂର୍ବରୁ ହାରୁଥିଲେ...

ବିରୋଧୀ ଦଳମାନେ ଲୋକମାନଙ୍କ ମନକଥା ବୁଝନ୍ତୁ ଏବଂ ସେମାନଙ୍କ ସହିତ ଯୋଡ଼ି ହୁଅନ୍ତୁ। ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଅମିତ ଶାହ କହିଲେ ଯେ କଂଗ୍ରେସ ପୂର୍ବରୁ ହାରୁଥିଲା ଏବଂ ୨୦୨୯ରେ ମଧ୍ୟ କ୍ରମାଗତ ଚତୁର୍ଥ ଲାଗି ହାରିବାକୁ ଯାଉଛି। ରାହୁଲ କଂଗ୍ରେସର ନେତା ଏବଂ ଲୋକସଭାରେ ବିରୋଧୀ ଦଳର ନେତା ହେବାପରେ କଂଗ୍ରେସ ପରାଜୟର ସମ୍ମୁଖୀନ ହେବାରେ ଲାଗିଛି। ମିଛ କଥା କହି କଂଗ୍ରେସ ଲୋକମାନଙ୍କ ମନ ଜିଣିପାରିବ ନାହିଁ। ନିଜର ବିଫଳତା ପାଇଁ ରାହୁଲ ଓ କଂଗ୍ରେସ ଆତ୍ମସମୀକ୍ଷା କରନ୍ତୁ ବୋଲି ଶାହ ପରାମର୍ଶ ଦେଇଛନ୍ତି। ସେ କହିଲେ ଯେ ଗତ ୪୧ ବର୍ଷ ମଧ୍ୟରେ କଂଗ୍ରେସ ଗୋଟିଏ ହେଲେ ନିର୍ବାଚନ ଜିତି ପାରିନାହିଁ। ୧୯୮୫ରେ ବିଜୟ ପରେ ସେମାନେ ଆଉ ବିଜୟର ସ୍ୱାଦ ଚାଖି ନାହାନ୍ତି। ପଶ୍ଚିମ ବଙ୍ଗ, ତ୍ରିପୁରା ଏବଂ ଗୁଜରାଟ ଭଳି ରାଜ୍ୟରେ ସେମାନେ ଦଶନ୍ଧୀ ଦଶନ୍ଧୀ ଧରି ନିର୍ବାଚନ ଜିତି ନାହାନ୍ତି। ଏହା କଣ ଏସ୍‌ଆଇଆରର ପରିଣାମ କି ବୋଲି ଗୃହ ମନ୍ତ୍ରୀ ଅମିତ ଶାହ ପ୍ରଶ୍ନ କରିଛନ୍ତି। ନିଜର ପରାଜୟ ପାଇଁ ଏସଆଇଆରକୁ ଦୋଷ ଦେବା ବନ୍ଦ କରନ୍ତୁ ରାହୁଲ। ସେ କହିଛନ୍ତି ଯେ ଏସଆଇଆର ୨୦୨୪ ପରେ ଆରମ୍ଭ ହୋଇଥିବା ବେଳେ ଏହାପୂର୍ବରୁ ମଧ୍ୟ କଂଗ୍ରେସ ହାରିବାରେ ଲାଗିଛି। ଅନୁପ୍ରବେଶକାରୀଙ୍କୁ ଭୋଟର ତାଲିକାରେ ସାମିଲ କରିବା ଲାଗି ରାହୁଲଙ୍କ ଚକ୍ରାନ୍ତ ସଂପର୍କରେ ଦେଶବାସୀ ଜାଣିଗଲେଣି ବୋଲି ସେ କହିଛନ୍ତି।

ରାଜ୍ୟସଭା ଓ କେନ୍ଦ୍ରମନ୍ତ୍ରୀ...

ଶେଷରେ ନିଜ କଥା।' ମୁରୁଗାନଙ୍କ ଇସ୍ତଫା ପରେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଅଦଳବଦଳକୁ ନେଇ ପୁଣି କଳ୍ପନାଜଳ୍ପନା ପ୍ରକାଶ ପାଇଲାଣି। ମୁରୁଗାନଙ୍କ ପୂର୍ବରୁ ଜର୍ଜ କୁରିଅନ ଏବଂ ରଭନୀତ ସିଂ ବିଟ୍ଟୁ ମଧ୍ୟ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ। ଏହାପୂର୍ବରୁ ମୁରୁଗାନ ତାମିଲନାଡୁ ବିଜେପିର ସଭାପତି ଥିଲେ ଏବଂ ମଧ୍ୟପ୍ରଦେଶରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ୨୦୨୧ରେ ସେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ। ରାଜ୍ୟସଭାରେ ତାଙ୍କର କାର୍ଯ୍ୟକାଳ ୨୦୩୦ରେ ସରୁଥିଲା।

ମମତାଙ୍କୁ ହତ୍ୟା...

ଦୌଡ଼ିଯାଇ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ତାଙ୍କୁ ଟିଏମସି କର୍ମୀ ଅଟକାଇଥିଲେ। ମହିଳା ଜଣକ ତଳେ ପଡ଼ିଯିବା ପରେ ମମତାଙ୍କୁ ଗାଳିଗୁଲଜ କରିଥିଲେ। ସେ ନିଜ ଡ୍ରେସ ।ରେ ଛୁରି ଲୁଚାଇ ରଖିଥିଲେ। ଟିଏମ୍‌ସି କର୍ମୀ ତାଙ୍କୁ କାବୁ କରିବା ପରେ ପୁଲିସ ଜିମା ଦେଇଥିଲେ। ମହିଳା ଜଣକ ଡ୍ରଗ୍ସ ସେବନ କରି ନିଶାସକ୍ତ ଥିଲେ ବୋଲି ଟିଏମସି ନେତ୍ରୀ ଡୋଲା ସେନ୍ ଅଭିଯୋଗ କରିଛନ୍ତି।

କ୍ୟାବିନେଟ୍‌ରେ ମୋଦୀଙ୍କୁ...

ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନେଇଛନ୍ତି ଓ ପରାମର୍ଶ ମଧ୍ୟ ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକ ପରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମୋଦୀଙ୍କ ନେତୃତ୍ୱରେ ୨୦୧୪ ପରଠାରୁ ଦେଶର ଭିତ୍ତିଭୂମି, ଶିଳ୍ପାୟନ, ଆତ୍ମନିର୍ଭରଶୀଳତା, ଗରିବ କଲ୍ୟାଣ ଓ ଯୁବଶକ୍ତିର ସଶକ୍ତୀକରଣ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ନିଆଯାଇଛି। ମହିଳା, କୃଷକ, ଗରିବ ଓ ଯୁବବର୍ଗଙ୍କୁ ବିକାଶର ମୁଖ୍ୟସ୍ରୋତରେ ସାମିଲ କରିବା ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। ଗତ ୧୨ ବର୍ଷରେ ୨୫ କୋଟିରୁ ଅଧିକ ଲୋକ ବହୁମୁଖୀ ଦାରିଦ୍ର୍ୟରୁ ମୁକ୍ତ ହୋଇଥିବା ସେ ଦାବି କରିଛନ୍ତି। ଓଡ଼ିଶାର ବିକାଶରେ କେନ୍ଦ୍ରର ଅବଦାନ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୨୦୧୪ ପରଠାରୁ ରାଜ୍ୟରେ ୨,୨୩୬ କିଲୋମିଟର ନୂଆ ରେଳପଥ ନିର୍ମାଣ ହୋଇଛି ଏବଂ ରେଳପଥର ଶତପ୍ରତିଶତ ବିଦ୍ୟୁତୀକରଣ ହୋଇଛି। ୬ଟି ବନ୍ଦେ ଭାରତ ଟ୍ରେନ୍ ୧୭ଟି ଜିଲ୍ଲାକୁ ସଂଯୋଗ କରୁଥିବାବେଳେ ୫୯ଟି ରେଳଷ୍ଟେସନର ପୁନର୍ବିକାଶ କରାଯାଉଛି। ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳପଥ ମଧ୍ୟ ଶୀଘ୍ର ସମ୍ପୂର୍ଣ୍ଣ ହେବାକୁ ଯାଉଛି। ସେହିପରି ୧୧୧ କିଲୋମିଟର ଦୀର୍ଘ ୬ ଲେନ୍ ବିଶିଷ୍ଟ କ୍ୟାପିଟାଲ୍ ରିଜିଅନ୍ ରିଙ୍ଗ୍ ରୋଡ୍ ପାଇଁ ୮,୩୦୮ କୋଟି ଟଙ୍କା ଏବଂ ଓଡ଼ିଶା ଉପକୂଳ ରାଜପଥ ପାଇଁ ପ୍ରାୟ ୮,୩୦୦ କୋଟି ଟଙ୍କା ମଞ୍ଜୁର ହୋଇଛି। ବାହୁଦା ମୁହାଣରେ ୨୧,୫୦୦ କୋଟି ଟଙ୍କାର ଗଭୀର ସମୁଦ୍ର ବନ୍ଦର ଏବଂ କେନ୍ଦ୍ରାପଡ଼ାରେ ୨୪,୭୦୦ କୋଟି ଟଙ୍କାର ଜାହାଜ ନିର୍ମାଣ ଓ ମରାମତି କ୍ଲଷ୍ଟର ପ୍ରକଳ୍ପକୁ ମଧ୍ୟ ଅନୁମୋଦନ ମିଳିଥିବା ସେ କହିଛନ୍ତି। ଏହାବ୍ୟତୀତ ପାରାଦୀପ ତୈଳ ବିଶୋଧନାଗାର ସମ୍ପ୍ରସାରଣ, ଚଣ୍ଡିଖୋଲରେ ରଣନୈତିକ ପେଟ୍ରୋଲିୟମ୍ ଭଣ୍ଡାର, ସମ୍ବଲପୁରରେ ଆଇଆଇଏମ୍ ଓ ବ୍ରହ୍ମପୁରରେ ଆଇଜର ପ୍ରତିଷ୍ଠା, ରାଉରକେଲା ଇସ୍ପାତ କାରଖାନାର ଆଧୁନିକୀକରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟର ଶିଳ୍ପର ବିକାଶ ରାଜ୍ୟର ଅର୍ଥନୀତିକୁ ଗତି ଦେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ସେହିପରି ରାଜ୍ୟର ସଡକ ଭିତ୍ତିଭୂମିକୁ ଗୁରୁତ୍ୱ ଦିଆଯାଇ ୧୧୧ କିଲୋମିଟର ଦୀର୍ଘ ୬-ଲେନ୍ ବିଶିଷ୍ଟ କ୍ୟାପିଟାଲ ରିଜିଅନ୍ ରିଙ୍ଗ୍ ରୋଡ଼ ପାଇଁ ୮ ହଜାର ୩୦୮ କୋଟି ଟଙ୍କା ମଞ୍ଜୁର କରାଯାଇଛି। ପ୍ରାୟ ୮ ହଜାର ୩୦୦ କୋଟି ଟଙ୍କା ବିନିଯୋଗରେ ୧୬୦ କିଲୋମିଟରରୁ ଅଧିକ ଦୈର୍ଘ୍ୟ ବିଶିଷ୍ଟ ଗ୍ରୀନ୍‌ଫିଲ୍ଡ ଓଡ଼ିଶା ଉପକୂଳ ରାଜପଥକୁ ମଧ୍ୟ ମଞ୍ଜୁରୀ ଦିଆଯାଇଛି। ଏହାଦ୍ୱାରା ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଏବଂ ଭଦ୍ରକ ଦେଇ ପଶ୍ଚିମବଙ୍ଗ ସୀମା ନିକଟସ୍ଥ ଦୀଘା ସହିତ ଗୋପାଳପୁର ସଂଯୋଗ ହୋଇପାରିବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମର ଭିଜନ ରହିଛି। ଯେହେତୁ ଓଡ଼ିଶା ୨୦୩୬ରେ ସ୍ୱତନ୍ତ୍ର ରାଜ୍ୟ ଭାବେ ୧୦୦ ବର୍ଷ ପୂରଣ କରୁଛି, ତେଣୁ ଓଡ଼ିଶା ଭିଜନ ପ୍ରସ୍ତୁତି ସମୟରେ ନୀତିଆୟୋଗକୁ ମୁଁ ବିକଶିତ ଭାରତର ଲକ୍ଷ୍ୟ ସହିତ ତାଳ ଦେଇ ଓଡ଼ିଶା ପାଇଁ ଦୁଇଟି ଭିଜନ ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଦେଇଥିଲି। ନୀତିଆୟୋଗ ସହିତ ପ୍ରଧାନମନ୍ତ୍ରୀ ମଧ୍ୟ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ। ତେଣୁ ଓଡ଼ିଶା ପାଇଁ ଭିଜନ ୨୦୩୬ ଓ ୨୦୪୭ ପ୍ରସ୍ତୁତ ହୋଇଛି। ଓଡ଼ିଶାର ଏହି ଭିଜନକୁ ସାକାର କରିବା ଉପରେ ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ଫୋକସ୍ ରହିଛି। ପ୍ରଧାନମନ୍ତ୍ରୀଙ୍କ ଅସାଧାରଣ ନେତୃତ୍ୱ ଏବଂ ଓଡ଼ିଶା ପ୍ରତି ତାଙ୍କର ସ୍ୱତନ୍ତ୍ର ଶ୍ରଦ୍ଧା ଯୋଗୁ ଆମର ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ଶୀଘ୍ର ସାକାର ହେବାର ବିଶ୍ୱାସ ବୃଦ୍ଧି ପାଇଛି ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ରାଜ୍ୟ କ୍ୟାବିନେଟରେ...

କେନ୍ଦ୍ର ଓ ପୋଷ୍ଟ ଅଫିସ୍ ପାସପୋର୍ଟ ସେବା କେନ୍ଦ୍ର ନିର୍ମାଣ ପାଇଁ ୫୦ ଡେସିମିଲ୍ ସରକାରୀ ଜମି ହସ୍ତାନ୍ତର ସହ ଜମିର ପ୍ରିମିୟମ୍, ଆନୁଷଙ୍ଗିକ ଦେୟ ଓ ଜମି ରାଜସ୍ୱ ଛାଡ଼ ପ୍ରସ୍ତାବକୁ ମଞ୍ଜୁରି ମିଳିଛି। ଶିକ୍ଷା ବିଭାଗରେ ଓଡ଼ିଶା ମାଧ୍ୟମିକ ଶିକ୍ଷା (ନିଯୁକ୍ତି ପ୍ରଣାଳୀ ଓ ସେବା ସର୍ତ୍ତାବଳୀ) ନିୟମାବଳୀ, ୨୦୨୬ ପ୍ରଣୟନକୁ ଅନୁମୋଦନ କରାଯାଇଛି। ସରକାରୀ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଓ ସମକକ୍ଷ ପଦବୀର ନିଯୁକ୍ତି ପ୍ରକ୍ରିୟା ଏବଂ ସେବା ସର୍ତ୍ତାବଳୀ ଏହାଦ୍ୱାରା ନିୟନ୍ତ୍ରିତ ହେବ। ସେହିପରି ଓଡ଼ିଶା ପ୍ରାଥମିକ ଶିକ୍ଷା ନିୟମାବଳୀ, ୧୯୯୭ରେ ସଂଶୋଧନକୁ ମଧ୍ୟ କ୍ୟାବିନେଟ୍ ମଞ୍ଜୁରି ଦେଇଛି।

ଦଶହରାକୁ ନେଇ...

'ବିଜୟା ଦଶମୀ' ଉଲ୍ଲେଖ କରିବା ଉଚିତ୍ ବୋଲି ଜ୍ୟୋତିର୍ବିଦ୍ ହରିଶଙ୍କର ମିଶ୍ର ପରାମର୍ଶ ଦେଇଛନ୍ତି। ଏପରି ଉଲ୍ଲେଖ ରହିଲେ ଦଶହରା ପାଳନକୁ ନେଇ ଭକ୍ତ ଓ ସାଧାରଣ ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଦୂର ହୋଇପାରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

ହାଇକୋର୍ଟ ଲୋଡ଼ିଲେ...

ଆବେଦନକାରୀଙ୍କୁ ପକ୍ଷ ରଖିବାକୁ ସୁଯୋଗ ନ ଦେଇ ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସଂପର୍କିତ ପିଟିସନ ଖାରଜ କରାଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ଆବେଦନ ଗୁଡିକର ଗ୍ରହଣୀୟତାକୁ ନେଇ ପ୍ରତିପକ୍ଷଙ୍କ ଓକିଲ ପ୍ରଶ୍ନ ଉଠାଇଥିଲେ ହେଁ ହାଇକୋର୍ଟ ପ୍ରଥମେ ବାଚସ୍ପତିଙ୍କ ନିକଟରେ ସଂଶୋଧିତ ଆବେଦନ କରାଯିବା ପ୍ରସଙ୍ଗରେ ଜବାବ ଲୋଡିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମିଳନ କାନୁନଗୋ ମାମଲା ପରିଚାଳନା କରୁଥିବା ବେଳେ ଆଇନଜୀବୀ ଆଶିଷ କୁମାର ମିଶ୍ର ସହାୟତା କରୁଛନ୍ତି।

ଏବିଭିପିକୁ ଜିତାଇବା ପାଇଁ...

ହସ୍ତକ୍ଷେପ କରୁଛନ୍ତି । ଛାତ୍ର ସଂସଦ ନିର୍ବାଚନକୁ ଜିତିବା ପାଇଁ ବିଜେପି ସରକାରୀ କଳର ଅପବ୍ୟବହାର କରୁଛି। ମୁଖ୍ୟ ସଚିବଙ୍କ ଠାରୁ ଆରମ୍ଭ କରି ଡିଜିପି, ଡିସି, ଜିଲ୍ଲାପାଳ, ଏସପି ମାନେ ଛାତ୍ର ସଂସଦ ନିର୍ବାଚନରେ ହସ୍ତକ୍ଷେପ କରୁଛନ୍ତି । ସରକାରଙ୍କ ନିର୍ଦ୍ଦେଶରେ ବିସିଜେଡି ପ୍ରାର୍ଥୀଙ୍କୁ ଚୋରି କରାଯାଉଛି । କଟକ ଜିଲ୍ଲାର ଜପକୁଦ ମହିଳା ଡିଗ୍ରୀ କଲେଜରେ ଛାତ୍ର ସଂସଦ ନିର୍ବାଚନରେ ବିସିଜେଡି ପ୍ରାର୍ଥୀ ମାନେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜୟ ହୋଇଥିଲେ। କିନ୍ତୁ ୧୨ ତାରିଖରେ ତାହାକୁ ବାତିଲ କରାଯାଇଛି। ଅଗଣତାନ୍ତ୍ରିକ ଉପାୟରେ ଏବିଭିପି ପ୍ରାର୍ଥୀଙ୍କୁ ଜିତେଇବା ପାଇଁ ସରକାର ଲାଗି ପଡ଼ିଛନ୍ତି। ଯେଉଁଠି ବିସିଜେଡି ପ୍ରାର୍ଥୀଙ୍କ ବିଜୟ ସମ୍ଭାବନା ରହୁଛି, ସେଠି ଜାଣିଶୁଣି ନିର୍ବାଚନ ବାତିଲ କରାଯାଉଛି। ନିର୍ବାଚନରେ ଜଣେ ପ୍ରାର୍ଥୀ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବାର ନିୟମ ଥିବାବେଳେ ବିଜେପି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛି। ସରକାର ଛାତ୍ରଛାତ୍ରୀଙ୍କ ମାନଙ୍କ ଗଣତାନ୍ତ୍ରିକ ଅଧିକାରକୁ କ୍ଷୁର୍ଣ୍ଣ ନ କରି ନିରପେକ୍ଷ ଭାବେ ଛାତ୍ର ସଂସଦ ନିର୍ବାଚନ ପରିଚାଳନା କରନ୍ତୁ ବୋଲି ସେ ଦାବି କରିଛନ୍ତି।

ନବରଙ୍ଗପୁରରେ ନୂଆ...

ଦ୍ରୌପଦୀ ମୁର୍ମୁଙ୍କୁ ଏକ୍ସ ଯୋଗେ ଟ୍ୱିଟ କରାଯାଇଥିଲା। ମାତ୍ର ପୂର୍ବ ନିଷ୍ପତ୍ତି ଅନୁସାରେ ବିଭାଗ ପୁନର୍ଗଠନ କରିଛି। ଫଳରେ ମୟୂରଭଞ୍ଜବାସୀ ଭୁବନେଶ୍ୱର ପରିବର୍ତ୍ତେ ସମ୍ବଲପୁର (ଅଧିକ ୧୫୦ କିମି) ଦୂରତା ପାଇଁ ଅସୁବିଧାର ସମ୍ମୁଖୀନ ହେବେ। ସମ୍ବଲପୁର ରିଜିଅନ ଅଧୀନରେ ବଲାଙ୍ଗୀର, ଢେଙ୍କାନାଳ, କେନ୍ଦୁଝର, ରାଉରକେଲା, ସମ୍ବଲପୁର ଓ ସୁନ୍ଦରଗଡ଼ ମଧ୍ୟ ରହିବ। ସେହିପରି ନୟାଗଡ଼ ଡିଭିଜନ ସମେତ ଆସିକା, ବ୍ରହ୍ମପୁର, କଳାହାଣ୍ଡି, କୋରାପୁଟ, ଫୁଲବାଣୀ, ରାୟଗଡ଼ା ଓ ନୂତନ ନବରଙ୍ଗପୁର ଡିଭିଜନ ଏହାର ଅଧୀନରେ ରହିବ। ବାଲେଶ୍ୱର, ଭଦ୍ରକ, ଭୁବନେଶ୍ୱର, କଟକ ସିଟି, କଟକ ସାଉଥ୍, ଯାଜପୁର, କେନ୍ଦ୍ରାପଡ଼ା, ପୁରୀ ଡିଭିଜନ ଓ ପିଏସଡି ଭୁବନେଶ୍ୱର ଏହି ରିଜିଅନ ଅଧୀନରେ କାର୍ଯ୍ୟ କରିବେ। କଟକ ୱେଷ୍ଟ ସବ୍‌ଡିଭିଜନକୁ ଉଚ୍ଛେଦ କରାଯାଇ ଏହାକୁ କଟକ ଇଷ୍ଟ ଓ ସାଲେପୁର ସବ୍‌ଡିଭିଜନ ସହ ମିଶ୍ରଣ କରାଯାଇଛି। ଭଦ୍ରକ ଅଧୀନରେ ନୂତନ 'ଚାନ୍ଦବାଲି ସବ୍-ଡିଭିଜନ' ସୃଷ୍ଟି କରାଯାଇଛି। ସେହିପରି ନୂତନ 'କିଶୋରଗଞ୍ଜ ସବ୍‌ଡିଭିଜନ' ପ୍ରତିଷ୍ଠା ହୋଇଛି। ଅନୁଗୋଳ ଇଷ୍ଟ ଓ ୱେଷ୍ଟକୁ ମିଶାଇ 'ଅନୁଗୋଳ' ତଥା ଢେଙ୍କାନାଳକୁ 'ଢେଙ୍କାନାଳ ଇଷ୍ଟ' ଓ 'ଢେଙ୍କାନାଳ ୱେଷ୍ଟ' ଭାବେ ପୁନର୍ଗଠନ କରାଯାଇଛି। କଟକ ସାଉଥ୍ ଡିଭିଜନ ଅଧୀନରେ ନୂତନ 'ରଘୁନାଥପୁର ସବ୍-ଡିଭିଜନ' ଗଠନ କରାଯାଇଛି। କର୍ମଚାରୀଙ୍କ ସ୍ଥାନାନ୍ତର, ରେକର୍ଡ ଓ ସମ୍ପତ୍ତି ପରିଚାଳନା ନିମନ୍ତେ ଓଡ଼ିଶା ସର୍କଲର ଚିଫ୍ ପୋଷ୍ଟମାଷ୍ଟର ଜେନେରାଲ ଆବଶ୍ୟକ ପଦକ୍ଷେପ ନେବେ। ଏହି ପୁନର୍ଗଠନ ପ୍ରକ୍ରିୟାର ଆର୍ଥିକ ଓ କାର୍ଯ୍ୟକ୍ଷମତା ସମୀକ୍ଷା ବର୍ଷକ ପରେ କରାଯିବ ବୋଲି ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି।

ପୂର୍ବ ତଟ ରେଳପଥ

ଫାଇଲ ସଂ. DRM/Engg/KUR/26-27/E-Tender/52, ତା.06.10.2026ରିଖ

(1) ଟେଣ୍ଡର ସଂ. etenderEastkur-169-2026, ତା.28.09.2026ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର କଟକ-ପାରାଦୀପ ସେକ୍ସନରେ ବଗଡିଆ ପି.ଏଚ୍. ଷ୍ଟେସନରେ ପ୍ରଥମ ଫୁଟ୍ ଓଭର ବ୍ରିଜ୍ (FOB)ର ସମ୍ପାଦନ ନିମନ୍ତେ କାର୍ଯ୍ୟର ଅବଶିଷ୍ଟ ଅଂଶର ପ୍ରସ୍ତାବିତ ନିର୍ମାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 173.83 ଲକ୍ଷ, **EMD :** ₹ 3,47,700/-, ଶେଷ ହେବା ଅବଧି : 09 (ନଅ) ମାସ।

(2) ଟେଣ୍ଡର ସଂ. e-Tender-HQKUR-166-2026, ତା.28.09.2026ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସ୍ୱଚ୍ଛ ଉଚ୍ଚତା ବିଶିଷ୍ଟ ଉପମାର୍ଗ ବ୍ରିଜ୍ ସଂ. 428A, 338A, 30A1, 76A1, 60A, 62A, 25A ଓ 990A ପାଇଁ ଜଳ ଲିକେଜ୍‌ର ନିବାରଣ ନିମନ୍ତେ ବ୍ୟାରିୟର ଟାଇପ୍ ୱାଟରପ୍ରୁଫିଙ୍ଗ ସିଷ୍ଟମର ବ୍ୟବସ୍ଥା ଦ୍ୱାରା ସ୍ୱଚ୍ଛ ଉଚ୍ଚତା ବିଶିଷ୍ଟ ଉପମାର୍ଗର ବକ୍ସ ଜଏଣ୍ଟଗୁଡ଼ିକର ମରାମତି।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 126.71 ଲକ୍ଷ, **EMD :** ₹ 2,53,400/-, ଶେଷ ହେବା ଅବଧି : 06 (ଛଅ) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 21.10.2026, 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟରପାକ୍ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-490/R/26-27

LOST

Notice is hereby given from Shakti Prasad Sahoo that, he has applied for loan to LIC HFL. But at present, his father namely Sunakar Sahoo has lost the Original Link Documents i.e. Sale Deed No. 7606 dtd. 27/08/1990 , which was kept with him and in-spite of her best efforts, failed to trace the same. Therefore, notice is hereby given to general public that if anybody has got any right, title, interest over the property on the missing documents, he/she has to claim before the LIC HFL AT-Saheed Nagar, Bhubaneswar within 15 days from the date of publication. And after that the document will lose its legal force and LIC HFL, Bhubaneswar will not be responsible for any claim What-so-ever on the property after 15 days. Address for Communication, LIC HFL, Saheed Nagar, Bhubaneswar, B. K. Pattanaik, Advocate, Mob. No. 9337395558

LOST

I, Mr. Pradeep Kumar Padhi, S/o-Late Ananta Prasad Padhi, presently resident at Baghra road, Ward no-16, Thakuranigali, Po/Ps-Baripada Town, Dist.-Mayurbhanj, Odisha, Mob. 9692690606, wish to create a mortgage on the property, Khata No-3283/727, Plot No-651/2875/5179, Area-Ac0.040Dec, Mouza-Nayapalli, vide Regd. Sale Deed bearing Document No-8776, dtd-14.12.1978, for Home Loan from SBI, Home Loan Centre (branch code 04485). The lost above my original Regd. Sale deed No-8776, dtd-14.12.1978 executed by Hrushi Behera and others in favour of Mr. Pradeep Kumar Padhi, S/o-Late Ananta Prasad Padhi, along with other necessity land related documents after through search in the road/spot/ office premises. I could not trace it out, I hereby declare that the Original of our land is not created any equitable mortgage/charge with any bank & financial institutions by depositing the said Sale Deed in original as security for any advance, were lost on dtd-01.10.2026 at about 11.00 a.m. Baripada Market Area in this regards, I am going to sale the property to Sambhu Prakash Malik, S/o-Duryadhan Malik for which Mr. Malik going to creat mortgage in SBI, RACPC/Home Loan Center, Bhubaneswar/ Cuttack/Nayapalli or any other financial organization, I filled lost report at Baripada Town Police station, Complaint no -024, dtd-10.10.2026.

AFFIDAVIT

I KHARCHE RAM age about 58 years S/O-TRYAMBAK KHARCHE, QTR NO-CD-12/1, GROUND FLOOR,CD TYPE, JINDAL NAGAR, NISHA, ANGUL, ODISHA, PIN-759111, Declare this affidavit no-1021/2026 Dated-10.10.2026 That onwards I shall be known as **RAM TRYAMBAK KHARCHE** FOR ALL FUTURE PURPOSE.

AFFIDAVIT

I Aruna Kumar Subudhi, aged about 62 years, S/O-Bhubaneswar Subudhi, Flat No-302,C Block, Saishree Enclave, Canal Road, Laxmisagar, Bhubanswar (M.C),Po- Budheswari Colony, Khurdha-751006, Odisha, Declare this affidavit no-1020/2026 Dated- 10-10-2026, That onwards I shall be known as **ARUN KUMAR SUBUDHI** for all future purposes.

AFFIDAVIT

By virtue of an affidavit sworn before Notary Public, Balliguda, dated 09-10-2026, I, Tiamahalu Sukamajhi, Address At-Kupudamaha, Po- Ora, Ps-Kotagarh, Block- Kotagarh, Dist-Kandhamal, State- Odisha, Pincode- 762105, declare that I have changed my name from Tiamahalu Sukamajhi To Saramai Sukamajhi. Henceforth, I shall be known as **SARAMAI SUKAMAJHI** for all purposes.

Saramai Sukamajhi

AFFIDAVIT

By virtue of an affidavit sworn before The Executive Magistrate, Bhubaneswar, dtd. 06.08.2026, I, Nrusingha Charan Nayak, S/o Anirudha Nayak, resident of Qr. No. F/17, IRC Village, P.S.: Nayapalli, Bhubaneswar, Dist.: Khordha-751029 declare that I have changed the name of my minor daughter from Sinha Shree Nayak to Snehashree Nayak. Henceforth, she shall be known as **Snehashree Nayak** for all purposes.

Sd/- Nrusingha Charan Nayak

AFFIDAVIT

By virtue of an affidavit no 3212, sworn before the executive magistrate champua on dtd 12/10/2026. I Mahammad sajad Alam, aged-45 year's, s/o-Mahammad samser Alam, At/p.o/p. s-champua, Dist-keonjhar declared that I have changed myself and my father's name from MOHAMMED SAJAD ALAM, S/O-MOHAMMED SHAMSER ALAM (Old Name) to MAHAMMAD SAJAD ALAM, S/O-MAHAMMAD SAMSER ALAM (New Name). Henceforth i shall be known as Mahammad sajad Alam, s/o-Mahammad samser Alam for all future purposes.

AFFIDAVIT

ମୁଁ ବବିତା ସାହାଣୀ, ବୟସ (୩୩) ସ୍ୱାମୀ / ଦାମଦୋର ସାହାଣୀ, ଗ୍ରାମ- ମୁସ୍ତାଫାପୁର ଥାନା- ଧାମନଗର, ଜିଲ୍ଲା- ଭଦ୍ରକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣା କରୁଅଛିଯେ ମୋର ନାବାଳକ ପୁତ୍ରର ଆଧାର କାଡରେ ନାମସନି ସାହାଣୀ ପରିବର୍ତ୍ତେ ଦର୍ଶନ କୁମାର ସାହାଣୀ ଉଲ୍ଲେଖ ଅଛି ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଆଫିଡେଭିଟ୍ ନଂ-୭୩୭୯ ତା-୯/୧୦/୨୦୨୬ ବଳରେ ମୋ ନାବାଳକ ପୁତ୍ରର ସମସ୍ତ ଦରକାରୀ କାଗଜପତ୍ର ସନି ସାହାଣୀ ନାମରେ ପରିଚିତ କଲି,ଯାହା ଆବଶ୍ୟକ ସ୍ଥଳେ କାର୍ଯ୍ୟରେଆସିବ।

ସ୍ୱା/-ବବିତା ସାହାଣୀ

AFFIDAVIT

By virtue of an affidavit sworn before The Executive Magistrate, Bhadrak, dated: 13/10/2026, I, Surendra Barik, S/o Nanda Kishore Barik, resident of Vill. Taladumuka, P.O. Nandapur, P.S. Pirahat, Dist. Bhadrak, Odisha, declare that I have changed the name of my minor son from Pritik Barik to Pratik Kumar Barik. Henceforth, he shall be known as **Pratik Kumar Barik** for all purposes.

Sd/- Surendra Barik

AFFIDAVIT

I, Sekha Jahur Mahammad, aged about 39 years, S/o- Sk Noor Mohammad, resident of At- Nurpur Road, Po-Motiganj, Ps- Town, Dist-Balasore, Odisha, Pin-756003, do hereby declare by this affidavit No- 2126, dtd-13/10/2026, that now onwards I shall be known as **SK JAHUR MD** for all future purposes.

AFFIDAVIT

By virtue of an affidavit sworn before Executive Magistrate, Khordha, dated 12-10-2026, I, **Ex No.: 14820761K** L/NK Surendra Kumar Champaty, son of Jalandhar Champaty, resident of Raulhaja, P.O.: Nirakarpur, Tahasil: Tangi, Dist.: Khordha, Odisha, do hereby solemnly affirm that my wife's name was Bharati Nayak, daughter of Sri Rama Chandra Nayak. After our marriage on 11.05.2003, she adopted the name Bharati Champaty. I further declare that her correct date of birth is 15.07.1976, as recorded in her HSC Certificate, whereas 06.04.1975 was mentioned in an earlier declaration. Hence, her name may be read as Bharati Champaty and her correct date of birth as 15.07.1976 for all future purposes.

Deponent
Surendra Kumar Champaty

4001/367/2627

GOVERNMENT OF ODISHA
OFFICE OF THE SUPERINTENDING ENGINEER-CUM- DEPUTY ELECTRICAL INSPECTOR, JAYAPUR & NABARANGPUR
AT- PLOT NO-127, OLD LIC OFFICE BUILDING, PUJARIPUT, KORAPUT
E-mail: dejnabarangpur-od@od.gov.in

No. 2559 Dated. 12.10.2026

Corrigendum-1 of Quotation Call Notice No. 01/2026-27

In continuation to this office Quotation Call Notice No-01/2026-27 dated 10.09.2026, it is hereby notified the amendments for the information to all concerned that the last date for submission of sealed quotation / tender documents for hiring of private building for accommodation of office of the SE-Cum-DEI, Jayapur & Nabarangpur, and AEE-Cum-AEI, JED & NED, Jayapur has been extended up to **10.11.2026 at 03:00 PM** and shall be opened on the same day at **04.00 PM** in presence of the bidders or their authorized representatives.

All other terms and conditions of the original quotation call notice no. 01/2026-27 dated 10.09.2026 shall remain unchanged.

Superintending Engineer -Cum-DEI, Jayapur & Nabarangpur

OIPR-4001/4080/1/26-27/0002

ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ,ଓଡ଼ିଶା ସରକାର

ଇ-ସଂଗ୍ରହଣ ବିଜ୍ଞପ୍ତି ସଂଖ୍ୟା:FEDB- 03/ 2026-27

6001/131/2627

ସଂଖ୍ୟା: /FEDB ଦିନାଙ୍କ: ୧୩.୧୦.୨୦୨୬

୧. କାର୍ଯ୍ୟର ନାମ: ବଳରାମଗଡ଼ି ସ୍ଥିତ ଚାନ୍ଦିପୁର ମାଛଧରା ବନ୍ଦର ପରିସରରେ (୨୦୦ମିମି x ୧୫୦ମିମି) ଆକାରର ନଳକୂପ ଖନନ।
୨. ଅଟକଳ ମୂଲ୍ୟ: ୧୪.୯୩ ଲକ୍ଷ ଟଙ୍କା
୩. କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଅବଧି: ୧୫ ଦିନ
୪. ପୋର୍ଟାଲରେ ନିଲାମ ଦସ୍ତାବେଜ ମିଳିବାର ଦିନ ଓ ସମୟ:ତା. ୧୪.୧୦.୨୦୨୬ ରୁତା. ୨୬.୧୦.୨୦୨୬ ର ୧୭.୦୦ ଘଣ୍ଟା ପର୍ଯ୍ୟନ୍ତ।
୫. ପୋର୍ଟାଲରେ ନିଲାମ ଗ୍ରହଣ କରିବାର ଅନ୍ତିମ ଦିନ ଓ ସମୟ: ତା. ୨୬.୧୦.୨୦୨୬ର ୧୭.୦୦ ଘଣ୍ଟା
୬. ନିଲାମ ଡ଼ାକିଥିବା ଅଧିକାରୀଙ୍କ ନାମ ଓ ଠିକଣା: ନିର୍ବାହୀ ଯନ୍ତ୍ରୀ,ମତ୍ସ୍ୟ ଯାନ୍ତ୍ରିକ ବିଭାଜନ, ମତ୍ସ୍ୟ ସଦନ, ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬;ଇ-ମେଲ: eefedbbsr@gmail.com/ee.fedbbsr@gov.in

ଅଧିକ ବିବରଣୀ ପାଇଁ ଇ-ସଂଗ୍ରହଣ ପୋର୍ଟାଲ"https://tendersodisha.gov.in" ଦେଖାଯାଇପାରିବ। ଆବଶ୍ୟକ ସ୍ଥଳେ ଉକ୍ତ ଟେଣ୍ଡର ସମ୍ପର୍କିତ ସମସ୍ତ ବିଜ୍ଞପ୍ତି, ସୂଚନା, ଶୁଦ୍ଧିପତ୍ର, ନାକଚ ବିଜ୍ଞପ୍ତି ଆଦି ଏହି ୱେବସାଇଟ୍ ରେ ପ୍ରକାଶ କରାଯିବ।

ନିର୍ବାହୀ ଯନ୍ତ୍ରୀ
ମତ୍ସ୍ୟ ଯାନ୍ତ୍ରିକ ବିଭାଜନ, ଭୁବନେଶ୍ୱର

OIPR-6001/6018/1/26-27/0005

OHPC ISO Certified

OFFICE OF THE SR. GENERAL MANAGER (ELECTRICAL) 32001/1036/2627
UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, ODISHA, E-mail: sgmel_uihep@ohpcltd.com / sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

NOTICE INVITING TENDER No. UIHEP-29/2026-27 DATED 12.10.2026

Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the **Reputed Manufacturers or its Channel Partners/ Authorized dealer / Reputed Supplier** for supply of the following materials / providing services as mentioned below.

Description of work	Cost of tender paper (Non-refundable) in Rs.	EMD in shape of DD/Banker's Cheque only (Refundable) in Rs.	Period of sale / download of tender document	Last date & time of receipt of tender	Date & time of opening of Techno commercial Bid
Supply of hardware consumable materials for Maintenance Division, UIHEP, Mukhiguda.	4,720/- (inclusive of GST)	6,737/-	From 16.10.2026 to 27.10.2026 upto 12:00 Hrs.	27.10.2026 (upto 13:00 Hrs.)	27.10.2026 at 16:30 Hrs.

For details of the tender documents, terms and conditions please visit our website www.ohpcltd.com

C&P Head
UIHEP, Mukhiguda

OIPR-32001/32136/1/26-27/0025

OFFICE OF MUNICIPAL COUNCIL : SUNABEDA

NO. 5257
13001/2156/2627

Request for Proposal
CALL NOTICE

DATE 08/10/26

Sealed RFP are invited from the WSHG / ALF and Mohasangha for Operation and Maintenance of Biju Patnaik Park & Gandhi Park of Sunabeda Municipality . The RFP notice, specification , EMD & Paper cost & RFP paper will be available in office website i.e www.sunabedamunicipality.in for download and wide publication . The RFP will be open of above mentioned date in the presence of bidders or their authorized representatives.

Sl. No	Name of the work	Available period	Receiving date	Opening date
1	Operation and Maintenance of Biju Patnaik Park & Gandhi Park of Sunabeda Municipality	09.10.2026 at 10.00 A.M to 26.10.2026 up to 5.00 P.M	27.10.2026 up to 11.00 A.M	27.10.2026 at 4.00 P.M

Executive Officer
Sunabeda Municipality

OIPR-13001/13076/1/26-27/0014

ବ୍ୟାଙ୍କ ଅଫ୍ ବଡ଼ୋଦା Bank of Baroda

କ୍ଷେତ୍ରୀୟ କାର୍ଯ୍ୟାଳୟ (ସମ୍ବଲପୁର କ୍ଷେତ୍ର)
ପ୍ରଥମ ମହଲା, ସା: ଖ୍ରୀଷ୍ଟିଆନ୍ ପଡ଼ା, ଜି.ଏମ୍. କଲେଜ ଛକ, ଜିଲ୍ଲା: ସମ୍ବଲପୁର, ଓଡ଼ିଶା-୭୬୮୦୦୧

ସର୍ବସାଧାରଣ ବିଜ୍ଞପ୍ତି

ଏହାଦ୍ୱାରା ସର୍ବ ସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଶ୍ରୀଯୁକ୍ତ ସ୍ମିତ ସରଙ୍ଗି, ପିତା: ସ୍ୱ ସୁଶିଲ ସରଙ୍ଗି ଆମ ବ୍ୟାଙ୍କ ଅଫ୍ ବରୋଦା, ବୀର ସୁରେନ୍ଦ୍ର ସାଏ ମାର୍ଗ ବ୍ରାଞ୍ଚରୁ ମୋଟ ଟ. ୧,୩୫,୦୦,୦୦୦/- (ଏକ କୋଟି ପଇଁତିରିଶ ଲକ୍ଷ ଟଙ୍କା) ଲୋନ ନେଇଛନ୍ତି । ଏହା ବାବଦରେ ସେ ତାଙ୍କର ସ୍ଥାବର ସମ୍ପତ୍ତି ମୌଜା: ରାଣୀଖୁଣ୍ଡା, ଜିଲ୍ଲା: ସମ୍ବଲପୁର, ଖାତା ନଂ.: ୪୬୯/୬୬୫, ମୋଟ ଏରିଆ ୯ ଏକର ୯୭ ଡିସିମିଲି ଏବଂ ମୌଜା: ହଲଦିପାଲି, ଜିଲ୍ଲା: ବରଗଡ, ଖାତା ନଂ.: ୧୨୫/୩୧୧, ମୋଟ ଏରିଆ ୦.୭୦ଡିସିମିଲିକୁ ବନ୍ଧକ ଦେଇଛନ୍ତି । ଉକ୍ତ ସମ୍ପତ୍ତି ବା ଜମି ଉପରେ ଅନ୍ୟ କୌଣସି ବ୍ୟକ୍ତି, ଅଂଶୀଦାର, ବ୍ୟାଙ୍କ କିମ୍ବା ଆର୍ଥିକ ଅନୁଷ୍ଠାନର କୌଣସି ପ୍ରକାରର ଦାବି, ଆପତ୍ତି କିମ୍ବା ଉତ୍ତରାଧିକାରୀ ସୂତ୍ରରେ ସତ୍ତ୍ୱ ଥାଏ, ତେବେ ସେମାନେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୧୫ (ପନ୍ଦର ଦିନ ମଧ୍ୟରେ ଆବଶ୍ୟକୀୟ ଆଇନଗତ ଦଲିଲ ସହ ନିମ୍ନଲିଖିତ ଠିକଣାରେ ଲିଖିତ ଆକାରରେ ନିଜର ଆପତ୍ତି ଦାଖଲ କରିପାରିବେ ।

ମୁଖ୍ୟ ଶାଖା ସହାୟକ, ବ୍ୟାଙ୍କ ଅଫ୍ ବରୋଦା
ବୀର ସୁରେନ୍ଦ୍ର ସାଏ ମାର୍ଗ, ସମ୍ବଲପୁର

ବ୍ୟାଙ୍କ ଅଫ୍ ବଡ଼ୋଦା Bank of Baroda

କ୍ଷେତ୍ରୀୟ କାର୍ଯ୍ୟାଳୟ (ସମ୍ବଲପୁର କ୍ଷେତ୍ର)
ପ୍ରଥମ ମହଲା, ସା: ଖ୍ରୀଷ୍ଟିଆନ୍ ପଡ଼ା, ଜି.ଏମ୍. କଲେଜ ଛକ, ଜିଲ୍ଲା: ସମ୍ବଲପୁର, ଓଡ଼ିଶା-୭୬୮୦୦୧

ନୋଟିସ୍

ଏତଦଦ୍ୱାରା ସର୍ବସାଧାରଣଙ୍କୁ ଏହା ଅବଗତ କରାଇ ଦିଆଯାଉଅଛି ଯେ, ବ୍ୟାଙ୍କ ଅଫ ବରୋଦା, ସୋନପୁର ଶାଖାର ଅନୁରୋଧ କ୍ରମେ ଶ୍ରୀ ଜଗ୍ଗେଶ୍ୱର ମିଶ୍ର, ପିତା: ଶ୍ୟାମ ସୁନ୍ଦର ମିଶ୍ର ଏବଂ ଶ୍ରୀମତୀ ଲକ୍ଷ୍ମୀପିୟା ମିଶ୍ର, ସ୍ୱାମୀ: ଶ୍ରୀ ଜଗ୍ଗେଶ୍ୱର ମିଶ୍ରଙ୍କ ନାମରେ ଥିବା ନିମ୍ନଲିଖିତ ସମ୍ପତ୍ତି: ମୌଜା: ଉଲୁଣ୍ଡା, ପୋ/ଥାନା/ତହସିଲ: ଉଲୁଣ୍ଡାକୁ ଋଣ ସୁବିଧା ପାଇଁ ବନ୍ଧକ ହିସାବରେ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରିଅଛି।

ଯଦି କାହାର ନିମ୍ନ ଦର୍ଶିତ ସମ୍ପତ୍ତି ଉପରେ କୌଣସି ପ୍ରକାରର ମାଲିକାନା/ଅଧିକାର/ଦାବି/ସ୍ୱାର୍ଥ ରହିଥାଏ, ସେମାନେ ୧୦ ଦିନ ମଧ୍ୟରେ ଆବଶ୍ୟକୀୟ ପ୍ରମାଣପତ୍ର ସହିତ ନିଜ ଦାବିକୁ ପ୍ରମାଣିତ କରିବା ନିମନ୍ତେ ବ୍ୟାଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଉଛି।


ଯଦି, ୧୦ ଦିନ ମଧ୍ୟରେ କୌଣସି ଉତ୍ତର ନମିଳେ ତେବେ ଏହା ଅନୁମାନ କରାଯିବ ଯେ ଏହି ସମ୍ପତ୍ତି ଉପରେ କାହାର କୌଣସି ପ୍ରକାରର ଅଧିକାର/ ଦାବି/ ଏନକମ୍ବ୍ରାନ୍ସେସ୍ ନାହିଁ ଏବଂ ବ୍ୟାଙ୍କ ଏହି ବନ୍ଧକ ଉପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବ।

ସମ୍ପତ୍ତିର ବିବରଣୀ (ସର୍ଭେ ନଂ./ପରିମାଣ/ଚାରିପାର୍ଶ୍ୱ ସହିତ) **(୧) ଶ୍ରୀ ଜଗ୍ଗେଶ୍ୱର ମିଶ୍ର,** ପିତା: ଶ୍ୟାମ ସୁନ୍ଦର ମିଶ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଯାହାକି ଖାତା ନଂ.: ୨୭୦/୪୨୧, ପ୍ଲଟ୍ ନଂ.: ୮୬୩/୨୬୩୪, ଖାତା ନଂ.: ୧୫, ପ୍ଲଟ୍ ନଂ.: ୮୬୩, ଖାତା ନଂ.: ୨୭୦/୪୨୦, ପ୍ଲଟ୍ ନଂ.: ୮୬୩/୨୬୩୩, ଖାତା ନଂ.: ୧୪, ପ୍ଲଟ୍ ନଂ.: ୮୫୬/୨୬୬୮, ଖାତା ନଂ.: ୨୭୦/୪୨୨, ପ୍ଲଟ୍ ନଂ.: ୮୬୩/୨୬୩୫, ଖାତା ନଂ.: ୧୫୪, ପ୍ଲଟ୍ ନଂ.: ୮୫୮/୨୭୭୧, ୮୫୯, ୮୬୨, ୯୨୦, କିସମ: ଘରବାରୀ, **ସମୁଦାୟ କ୍ଷେତ୍ର: ଏକର୬.୩୮୦ ଡିସିମିଲି, ପ୍ଲଟ୍ ନଂ.: ୮୪୩/୨୬୦୩,** ଉତ୍ତର: ପ୍ଲଟ୍ ନଂ.: ୮୪୪, ୮୪୫, ଦକ୍ଷିଣ: ପ୍ଲଟ୍ ନଂ.: ୮୪୩, ପୂର୍ବ: ନିଜସ୍ୱ ପ୍ଲଟ୍, ପଶ୍ଚିମ: ରାସ୍ତା, **ପ୍ଲଟ୍ ନଂ.: ୮୬୯,** ଉତ୍ତର: ନିଜସ୍ୱ ପ୍ଲଟ୍, ଦକ୍ଷିଣ: ପ୍ଲଟ୍ ନଂ.: ୮୬୮, ପୂର୍ବ: ନିଜସ୍ୱ ପ୍ଲଟ୍, ପଶ୍ଚିମ: ନିଜସ୍ୱ ପ୍ଲଟ୍, **ପ୍ଲଟ୍ ନଂ.: ୮୫୯,** ଉତ୍ତର: ଗନ୍ଧପଲି ସରହଦ, ଦକ୍ଷିଣ: ନିଜସ୍ୱ ପ୍ଲଟ୍, ପୂର୍ବ: ନିଜସ୍ୱ ପ୍ଲଟ୍ ଏବଂ ପ୍ଲଟ୍ ନଂ.: ୯୧୯, ୯୨୦, ପଶ୍ଚିମ: ନିଜସ୍ୱ ପ୍ଲଟ୍ ଏବଂ ପ୍ଲଟ୍ ନଂ.: ୮୫୭, **ପ୍ଲଟ୍ ନଂ.: ୮୬୨,** ଉତ୍ତର: ନିଜସ୍ୱ ପ୍ଲଟ୍, ଦକ୍ଷିଣ: ପ୍ଲଟ୍ ନଂ.: ୮୬୧, ପୂର୍ବ: ପ୍ଲଟ୍ ନଂ.: ୯୦୬, ପଶ୍ଚିମ: ନିଜସ୍ୱ ପ୍ଲଟ୍, **ପ୍ଲଟ୍ ନଂ.: ୯୨୦,** ଉତ୍ତର: ଗନ୍ଧପଲି ସରହଦ, ଦକ୍ଷିଣ: ପ୍ଲଟ୍ ନଂ.: ୯୧୯, ପୂର୍ବ: ପ୍ଲଟ୍ ନଂ.: ୯୨୧, ପଶ୍ଚିମ: ନିଜସ୍ୱ ପ୍ଲଟ୍ ଏବଂ ଗନ୍ଧପଲି ସରହଦ, **ପ୍ଲଟ୍ ନଂ.: ୮୫୮/୨୭୭୧,** ଉତ୍ତର/ଦକ୍ଷିଣ/ପୂର୍ବ/ପଶ୍ଚିମ: ନିଜସ୍ୱ ପ୍ଲଟ୍, **ପ୍ଲଟ୍ ନଂ.: ୮୬୩/୨୬୩୫,** ଉତ୍ତର/ଦକ୍ଷିଣ/ପୂର୍ବ/ପଶ୍ଚିମ: ନିଜସ୍ୱ ପ୍ଲଟ୍, **ପ୍ଲଟ୍ ନଂ.: ୮୫୬/୨୬୬୮,** ଉତ୍ତର: ପ୍ଲଟ୍ ନଂ.: ୮୫୬ର ଅବଶିଷ୍ଟ ଅଂଶ, ଦକ୍ଷିଣ: ପ୍ଲଟ୍ ନଂ.: ୮୬୪, ପୂର୍ବ: ନିଜସ୍ୱ ପ୍ଲଟ୍, ପଶ୍ଚିମ: ନିଜସ୍ୱ ପ୍ଲଟ୍ ଏବଂ ପ୍ଲଟ୍ ନଂ.: ୮୪୨, **ପ୍ଲଟ୍ ନଂ.: ୮୬୩/୨୬୩୩,** ଉତ୍ତର: ପ୍ଲଟ୍ ନଂ.: ୮୫୭, ଦକ୍ଷିଣ: ପ୍ଲଟ୍ ନଂ.: ୮୭୦, ପୂର୍ବ ଏବଂ ପଶ୍ଚିମ: ନିଜସ୍ୱ ପ୍ଲଟ୍, **ପ୍ଲଟ୍ ନଂ.: ୮୬୩,** ଉତ୍ତର: ନିଜସ୍ୱ ପ୍ଲଟ୍, ଦକ୍ଷିଣ: ପ୍ଲଟ୍ ନଂ.: ୮୭୦, ପୂର୍ବ: ପ୍ଲଟ୍ ନଂ.: ୮୭୧, ପଶ୍ଚିମ: ନିଜସ୍ୱ ପ୍ଲଟ୍, **ପ୍ଲଟ୍ ନଂ.: ୮୬୩/୨୬୩୪,** ଉତ୍ତର: ପ୍ଲଟ୍ ନଂ.: ୮୫୭, ଦକ୍ଷିଣ ପୂର୍ବ ଏବଂ ପଶ୍ଚିମ: ନିଜସ୍ୱ ପ୍ଲଟ୍, **(୨) ଶ୍ରୀ ଜଗ୍ଗେଶ୍ୱର ମିଶ୍ର,** ପିତା: ଶ୍ୟାମ ସୁନ୍ଦର ମିଶ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଯାହାକି ମୌଜା: ବଡଝିଙ୍କି, ପୋ/ଥାନା/ତହସିଲ: ସୋନପୁର, ଖାତା ନଂ.: ୫୭/୧୮୮, ପ୍ଲଟ୍ ନଂ.: ୪୭/୯୦୯, କିସମ: ଘରବାରୀ, **ସମୁଦାୟ କ୍ଷେତ୍ର: ଏକର୦.୦୫୦ ଡିସିମିଲି, ପ୍ଲଟ୍ ନଂ.: ୪୭/୯୦୯,** ଉତ୍ତର: ପ୍ଲଟ୍ ନଂ.: ୪୭/୯୦୫, ଦକ୍ଷିଣ: ରାସ୍ତା, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୪୭/୯୦୫, **(୩) ଶ୍ରୀ ଜଗ୍ଗେଶ୍ୱର ମିଶ୍ର,** ପିତା: ଶ୍ୟାମ ସୁନ୍ଦର ମିଶ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଯାହାକି ମୌଜା: ଧୋବାମୁଣ୍ଡା, ପୋ/ଥାନା/ତହସିଲ: ସୋନପୁର, ଖାତା ନଂ.: ୪୬/୩୮୬, ପ୍ଲଟ୍ ନଂ.: ୩୪୯/୭୪୨, ୧୩୯/୭୪୪, ୩୪୯/୭୪୧, ୧୩୯/୭୪୩, କିସମ: ଘରବାରୀ, **ସମୁଦାୟ କ୍ଷେତ୍ର: ଏକର୦.୧୮୦ ଡିସିମିଲି, ପ୍ଲଟ୍ ନଂ.: ୩୪୯/୭୪୨, ୧୩୯/୭୪୪, ୩୪୯/୭୪୧, ୧୩୯/୭୪୩,** ଉତ୍ତର: ପ୍ଲଟ୍ ନଂ.: ୧୩୯/୩୪୮ର ଅବଶିଷ୍ଟ ଅଂଶ, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୩୪୯/୩୬୬, ପଶ୍ଚିମ: ରାସ୍ତା, **(୪) ଶ୍ରୀ ଜଗ୍ଗେଶ୍ୱର ମିଶ୍ର,** ପିତା: ଶ୍ୟାମ ସୁନ୍ଦର ମିଶ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଯାହାକି ମୌଜା: ବାବୁପାଲି, ପୋ/ଥାନା/ତହସିଲ: ସୋନପୁର, ଖାତା ନଂ.: ୧୯୭/୮୨, ପ୍ଲଟ୍ ନଂ.: ୧୦୭୯/୧୫୮୮, କିସମ: ଘରବାରୀ, **ସମୁଦାୟ କ୍ଷେତ୍ର: ଏକର୦.୨୦୦ ଡିସିମିଲି, ପ୍ଲଟ୍ ନଂ.: ୧୦୭୯/୧୫୮୮,** ଉତ୍ତର: ରାସ୍ତା, ଦକ୍ଷିଣ: ନିଜସ୍ୱ, ପୂର୍ବ: ନିଜସ୍ୱ ଜମି, ପଶ୍ଚିମ: ସଞ୍ଜିବ କୁମାର ମହନା ଏବଂ ସୂର୍ଯ୍ୟ କୁମାର ମହନା, **(୫) ଶ୍ରୀ ଜଗ୍ଗେଶ୍ୱର ମିଶ୍ର,** ପିତା: ଶ୍ୟାମ ସୁନ୍ଦର ମିଶ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଯାହାକି ମୌଜା: ସାନଝିଙ୍କି, ପୋ/ଥାନା/ତହସିଲ: ସୋନପୁର, ଖାତା ନଂ.: ୩୮/୧୦୬, ପ୍ଲଟ୍ ନଂ.: ୧୫/୪୦୩, ୧୪, କିସମ: ଘରବାରୀ, **ସମୁଦାୟ କ୍ଷେତ୍ର: ଏକର୦.୨୦୦ ଡିସିମିଲି, ପ୍ଲଟ୍ ନଂ.: ୧୫/୪୦୩, ୧୪,** ଉତ୍ତର: ପ୍ଲଟ୍ ନଂ.: ୧୪, ଦକ୍ଷିଣ: ପ୍ଲଟ୍ ନଂ.: ୧୫, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୨୦, **(୬) ଶ୍ରୀ ଜଗ୍ଗେଶ୍ୱର ମିଶ୍ର,** ପିତା: ଶ୍ୟାମ ସୁନ୍ଦର ମିଶ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଯାହାକି ମୌଜା: ବୌଦ୍ଧଗଡ, ପୋ/ଥାନା/ତହସିଲ: ବୌଦ୍ଧ, ଖାତା ନଂ.: ୬୧୪/୨୪୧୦, ପ୍ଲଟ୍ ନଂ.: ୧୨୮୮/୪୨୯୪,୧୦୮୮/୪୨୯୩ ଏବଂ ଖାତା ନଂ.: ୬୧୪/୩୦୬୬, ପ୍ଲଟ୍ ନଂ.: ୧୨୮୮/୪୫୭୩, କିସମ: ଘରବାରୀ, **ସମୁଦାୟ କ୍ଷେତ୍ର: ଏକର୦.୦୫୬ ଡିସିମିଲି, ପ୍ଲଟ୍ ନଂ.: ୧୨୮୮/୪୨୯୪, ୧୨୮୮/୪୨୯୩, ୧୨୮୮/୪୫୭୩,** ଉତ୍ତର: ପ୍ଲଟ୍ ନଂ.: ୧୦୮୭, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୧୦୮୮ ଏବଂ ୧୨୨୮ର ଅବଶିଷ୍ଟ ଅଂଶ, ପଶ୍ଚିମ: ପ୍ଲଟ୍ ନଂ.: ୧୦୮୮ ଏବଂ ୧୨୨୭ର ଅବଶିଷ୍ଟ ଅଂଶ, **(୭) ଶ୍ରୀ ଜଗ୍ଗେଶ୍ୱର ମିଶ୍ର,** ପିତା: ଶ୍ୟାମ ସୁନ୍ଦର ମିଶ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଯାହାକି ମୌଜା: ପାଣିସିଆଲି, ପୋ/ଥାନା/ତହସିଲ: ସୋନପୁର, ଖାତା ନଂ.: ୯୩/୪୭, ପ୍ଲଟ୍ ନଂ.: ୫୨୪/୮୨୦, କିସମ: ଘରବାରୀ, **ସମୁଦାୟ କ୍ଷେତ୍ର: ଏକର୦.୦୪୦ ଡିସିମିଲି, ପ୍ଲଟ୍ ନଂ.: ୫୨୪/୮୨୦,** ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୫୨୪/୫୯୧ର ଅବଶିଷ୍ଟ ଅଂଶ, ପୂର୍ବ: ଶ୍ରୀନିବାଶ ମିଶ୍ର ଏବଂ ଅନ୍ୟମାନେ, ପଶ୍ଚିମ: ରାସ୍ତା, **୧) ସମ୍ପତ୍ତିର ପ୍ରକାର:** ପରିବର୍ତ୍ତିତ ବାସୋଯୋଗୀ ଜମି, **ଶ୍ରୀମତୀ ଲକ୍ଷ୍ମୀପିୟା ମିଶ୍ର: (୧) ଶ୍ରୀମତୀ ଲକ୍ଷ୍ମୀପିୟା ମିଶ୍ର,** ସ୍ୱାମୀ: ଶ୍ରୀ ଜଗ୍ଗେଶ୍ୱର ମିଶ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଯାହାକି ମୌଜା: ବାଇଗଣଯୋରି, ପୋ/ଥାନା/ତହସିଲ: ସୋନପୁର, ଖାତା ନଂ.: ୨୮/୪୪୨, ପ୍ଲଟ୍ ନଂ.: ୨୬୬/୩୬୯, କିସମ: ଘରବାରୀ, **ସମୁଦାୟ କ୍ଷେତ୍ର: ଏକର୦.୦୬୦ ଡିସିମିଲି, (୨) ଶ୍ରୀମତୀ ଲକ୍ଷ୍ମୀପିୟା ମିଶ୍ର,** ସ୍ୱାମୀ: ଶ୍ରୀ ଜଗ୍ଗେଶ୍ୱର ମିଶ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଯାହାକି ମୌଜା: ବଡଝିଙ୍କି, ପୋ/ଥାନା/ତହସିଲ: ସୋନପୁର, ଖାତା ନଂ.: ୫୦, ପ୍ଲଟ୍ ନଂ.: ୨୫୮/୯୨୨, ୨୫୮/୯୨୩, ୨୬୨/୯୨୫, ୨୬୯/୯୨୪, ୨୬୧, କିସମ: ଘରବାରୀ, **ସମୁଦାୟ କ୍ଷେତ୍ର: ଏକର୦.୧୯୯ ଡିସିମିଲି, (୩) ଶ୍ରୀମତୀ ଲକ୍ଷ୍ମୀପିୟା ମିଶ୍ର,** ସ୍ୱାମୀ: ଶ୍ରୀ ଜଗ୍ଗେଶ୍ୱର ମିଶ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଯାହାକି ମୌଜା: ବଡଝିଙ୍କି, ପୋ/ଥାନା/ତହସିଲ: ସୋନପୁର, ଖାତା ନଂ.: ୫୭/୫୬, ପ୍ଲଟ୍ ନଂ.: ୫୬୭/୭୩୧, ୫୫୯/୭୩୨, କିସମ: ଘରବାରୀ, **ସମୁଦାୟ କ୍ଷେତ୍ର: ଏକର୦.୦୫୦ ଡିସିମିଲି, ଶାଖା: ବ୍ୟାଙ୍କ ଅଫ୍ ବରୋଦା, ସୋନପୁର ଶାଖା, ସୋନପୁର, ଯୋଗାଯୋଗ ନଂ.: ୭୭୫୨୦୫୦୮୬୫**

ଆଡଭୋକେଟ: ଶ୍ରୀ ବଳଦେବ ପ୍ରସାଦ ବେଦବାକ୍, ମୋ.: ୯୪୩୭୧୯୫୧୨୪ଙ୍କ ସହ ଯୋଗାଯୋଗ କରନ୍ତୁ।

ସକାଳ
THE SAKALA

www.sakalaepaper.com



କୁଶଙ୍ଗର ମା' କୁଶୁଙ୍ଗାଇ | ବଲାଙ୍ଗିରର ମା' ସମଲେଶ୍ୱରୀ

ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ଟିଟିଲାଗଡ଼,୧୩।୧୦(ସମିସ): ଟିଟିଲାଗଡ଼ ସ୍ଥିତ ଜଳରାମ ହୋଟେଲ ପରିସରରେ ଆଥଲେଟିକ୍ ଆସୋସିଏସନ୍‌ର ସକ୍ରିୟ ସଦସ୍ୟ ଧନପତି ଚନ୍ଦନଙ୍କ ବିୟୋଗରେ ଆସୋସିଏସନ୍ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି। ସ୍ୱର୍ଗତ ଚନ୍ଦନ ଜଣେ ଜଣେ ଆଦର୍ଶ ସରକାରୀ ଶିକ୍ଷକ, କ୍ରୀଡ଼ାପ୍ରେମୀ ଏବଂ ରାଜ୍ୟସ୍ତରୀୟ ଫୁଟବଲ୍ ଖେଳାଳି ଥିଲେ। ତାଙ୍କ ବିୟୋଗ ଆଥେଲେଟିକ୍ ଆସୋସିଏସନ୍ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଉପସ୍ଥିତ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। ଆସୋସେସନର ସମ୍ପାଦକ ଶୁଭ୍ରାଂଶୁ ଦାଶ, କାର୍ଯ୍ୟକାରୀ ସମ୍ପାଦକ ଦୀପକ ସମଜଦାର, ଉପସଭାପତି ସନ୍ତୋଷ ପଧାନ, ମଧୁ ମହାଲିଙ୍ଗ, ଲକ୍ଷ୍ମୀକାନ୍ତ ମହାପାତ୍ର, ଘିନୁ ଆଡ଼ୟୁଆଡେ, ହେମନ୍ତ ବେହେରା, ହରି ରାଏଠାଟା ପ୍ରମୁଖ ଉପସ୍ଥିତ ଥିଲେ।

ଜମି କିସମ ପରିବର୍ତ୍ତନ ପାଇଁ ଲାଞ୍ଚ

ଭିଜିଲାନ୍ସ କବ୍‌ଜାରେ ସଇଁତଲା ଆର୍‌ଆଇ

ବଲାଙ୍ଗିର, ୧୩।୧୦(ସମିସ)

ଚାଷ ଜମିକୁ ଘରବାଡ଼ି କିସମରେ ପରିବର୍ତ୍ତନ କରିବାକୁ କ୍ଷେତ୍ର ତଦନ୍ତ ରିପୋର୍ଟ ଦାଖଲ ଓ ଆବଶ୍ୟକ ପ୍ରକ୍ରିୟା ଆଗକୁ ବଢ଼ାଇବା ଲାଗି ଲାଞ୍ଚ ନେବାବେଳେ ବଲାଙ୍ଗିର ଜିଲ୍ଲା ସଇଁତଲା ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଆଲାନ ବେହେରା ଭିଜିଲାନ୍ସ ହାବୁଡ଼ରେ ପଡ଼ିଛନ୍ତି। ମଙ୍ଗଳବାର ଜଣେ ଆବେଦନକାରୀଙ୍କଠାରୁ ୩ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଛି।

ସୂଚନାନୁସାରେ, ସମ୍ପୃକ୍ତ ଆବେଦନକାରୀ ନିଜର କୃଷିଜମିକୁ ଘରବାଡ଼ି କିସମରେ ପରିବର୍ତ୍ତନ କରିବା ସହ ଏଥିପାଇଁ ଆବଶ୍ୟକ ପଟ୍ଟା ପାଇବା ଉଦ୍ଦେଶ୍ୟରେ ଗତ ସେପ୍ଟେମ୍ବର ୭ ରେ ଅନ୍‌ଲାଇନ୍‌ରେ ଆବେଦନ କରିଥିଲେ। ଏଥିପାଇଁ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା କ୍ଷେତ୍ର ତଦନ୍ତ କରାଯାଇ ରିପୋର୍ଟ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ ହେବା ଆବଶ୍ୟକ ଥିଲା। ଆର୍‌ଆଇ ଆଲାନ ବେହେରାଙ୍କୁ ଆବେଦନକାରୀ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ତାଙ୍କ କାମ ନକରି ଦିନ ଗଡ଼ାଇ ଚାଲିଥିଲେ। ଏନେଇ ସେ ୬ ହଜାର ଟଙ୍କା ଦାବି କରିଥିଲେ। ପରେ ୩ ହଜାରରେ କଥା ଛିଡ଼ିଥିଲା। ଏନେଇ



ଆବେଦନକାରୀ ଭିଜିଲାନ୍ସ ଦ୍ୱାରସ୍ଥ ହୋଇଥିଲେ।

ଭିଜିଲାନ୍ସ ଅଧିକାରୀଙ୍କ ଯୋଜନା ମୁତାବକ ଆବେଦନକାରୀ ମଙ୍ଗଳବାର ଆର୍‌ଆଇ ଆଲାନ ବେହେରାଙ୍କୁ ୩ ହଜାର ଟଙ୍କା ଦେବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଅନ୍ୟପକ୍ଷରେ, ଆୟବହିର୍ଭୂତ ସମ୍ପତ୍ତି ଠୁଳ ସମ୍ପର୍କିତ ଦିଗକୁ ନେଇ ଭିଜିଲାନ୍ସ ପକ୍ଷରୁ ଆର୍‌ଆଇଙ୍କ ସହ ସମ୍ପର୍କିତ ଦୁଇଟି ସ୍ଥାନରେ ଏକକାଳୀନ ଚଢ଼ଉ ଚାଲିଛି। ଘଟଣାରେ ସମ୍ବଲପୁର ଭିଜିଲାନ୍ସ ଡିଭିଜନ ଥାନାରେ ମାମଲା ରୁଜୁ ହୋଇଛି।

ପୋଖରୀରୁ ରାଇସମିଲ ମ୍ୟାନେଜରଙ୍କ ମୃତଦେହ ଉଦ୍ଧାର

ସଇଁତଲା,୧୩।୧୦(ସମିସ): ବଲାଙ୍ଗିର ଜିଲ୍ଲା ସଇଁତଲା ଥାନା ଅନ୍ତର୍ଗତ ବେଲଗାଁ ଫାଣ୍ଡି ଅନ୍ତର୍ଗତ କୁସମଖାଲ ଠାରେ ଥିବା ଲକ୍ଷ୍ମୀ ରାଇସମିଲ ନିକଟ ପୋଖରୀରୁ ଜଣେ ରାଇସ୍ ମିଲ ମ୍ୟାନେଜରଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକଙ୍କ ନାମ ପ୍ରମୋଦ କୁମାର ଜୈନା ସେ କଳାହାଣ୍ଡି ଜିଲ୍ଲା ଉକେଲ ଅଞ୍ଚଳରା ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଥିବାବେଳେ ମୃତ୍ୟୁର କାରଣ ଜଣାପଡ଼ିନାହିଁ।

ପୁଲିସ ସୂଚନା ଅନୁସାରେ, ପ୍ରମୋଦ ଲକ୍ଷ୍ମୀ ରାଇସମିଲରେ ମ୍ୟାନେଜର ଭାବରେ କାର୍ଯ୍ୟ କରୁଥିଲେ। ସେ ପ୍ରାୟ ୩ରୁ ୪ବର୍ଷ ହେଲା ଉକ୍ତ ମିଲରେ କାର୍ଯ୍ୟ କରୁଥିଲେ। କିଛିଦିନ ତଳେ ସେ ଛୁଟିରେ ଘରକୁ ଯାଇଥିବାବେଳେ ଗତକାଲି ଫେରିଥିଲେ। ଆଜି ସକାଳୁ ପ୍ରମୋଦ ନିକଟରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇ ନ ଫେରିବାରୁ କର୍ମଚାରୀମାନେ ତାଙ୍କୁ ଖୋଜିବାକୁ ଯାଇ ମୃତଦେହ ଭାସୁଥିବା ଦେଖିଥିଲେ। ଡାକ୍ତରଖାନା ନେବାପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାର ଲୋକେ ସଇଁତଲା ଡାକ୍ତରଖାନାରେ ପହଞ୍ଚିଥିଲେ। ପୁଲିସ ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବଲାଙ୍ଗିର ପଠାଇ ତଦନ୍ତ ଆରମ୍ଭ କରିଛି।

ପୋଖରୀରେ ମାତ୍ର ଆଣ୍ଠୁଏ ପାଣି ଥିବା ବେଳେ ପ୍ରମୋଦ ପହଁରା ଜାଣି ମଧ୍ୟ କିପରି ବୁଡି ମୃତ୍ୟୁବରଣ କଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

ମଦ ନିଶାରେ ବଡ଼ବାପାଙ୍କୁ ହତ୍ୟା କଲା ପୁତୁରା

ଲୋଇସିଂହା,୧୩।୧୦(ସମିସ): ମଦ ନିଶାରେ ବଡ଼ବାପାଙ୍କୁ ହତ୍ୟା କଲା ପୁତୁରା। ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଅନ୍ତର୍ଗତ ମନସାପାଲି ଗାଁରେ ସୋମବାର ଘଟିଛି ଏଭଳି ଅଭାବନୀୟ ଘଟଣା। ମୃତକ ହେଲେ ଗୌର କୁଦେଇ (୫୨)। ପୁଲିସ ପୁତୁରା ଆକାଶ କୁଦେଇ (୧୮)ଙ୍କୁ ଗିରଫ କରିଛି।

ସୂଚନା ଅନୁସାରେ, ଗତ ୧୨ ତାରିଖରେ ମଦ ନିଶାରେ ଥିବା ଆକାଶ ଓ ତାଙ୍କ ବଡ଼ବାପା ଗୌରଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଗଣ୍ଡଗୋଳ ହୋଇଥିଲା। ଆକାଶ ଗୌରଙ୍କୁ ପଥରରେ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ଗୋ÷ରଙ୍କୁ ପ୍ରଥମେ ଲୋଇସିଂହା ଡାକ୍ତରଖାନା ପରେ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୌରଙ୍କ ମୃତ୍ୟୁ ହୋଇଥିଲା।

ଭସାଣିରେ ଡିଜେ ବନ୍ଦ ପାଇଁ ସାମୂହିକ ନିଷ୍ପତ୍ତି

ଟିଟିଲାଗଡ,୧୩।୧୦(ସମିସ): ଚଳିତ ବର୍ଷ ହେବାକୁ ଥିବା ଦୁର୍ଗାପୂଜା ଓ ରାବଣ ଦହନ ପାଇଁ ସ୍ଥାନୀୟ ଉପଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସହରର ୧୩ଟି ପୂଜା କମିଟିର ସଦସ୍ୟ ଯୋଗ ଦେଇଥିଲେ। ପୂଜା ମେଢ଼ ଗୁଡିକରେ ସୁରକ୍ଷା ପାଇଁ ସିସିଟିଭି, ପାନୀୟ ଜଳ, ସୁରକ୍ଷିତ ବିଦ୍ୟୁତ୍ ସଂଯୋଗ, ଅଗ୍ନି ନିରାପତ୍ତା ଓ ପରିମଳ ବ୍ୟବସ୍ଥାକୁ ପ୍ରାଥମିକତା ଦେବାକୁ ନିଷ୍ପତ୍ତି ହୋଇଥିଲା। ପାର୍ବଣରେ ବେଆଇନ ମଦ ବିକ୍ରି ବନ୍ଦ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖାଦ୍ୟ ନିରାପତ୍ତାକୁ ପ୍ରାଧାନ୍ୟ ଦେବା ଓ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବାକୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାରେ ସମାପନ ସହ ଡିଜେ ବନ୍ଦ କରିବାକୁ ସାମୂହିକ ଭାବେ ନିଷ୍ପତ୍ତି ଗୃହୀତ ହୋଇଥିଲା। ସେହିପରି ସହରର ଡିଏଭି କଲେଜ ଖେଳପଡ଼ିଆ ଓ ସରକାରୀ ବାଳକ ହାଇସ୍କୁଲ ଖେଳ ପଡ଼ିଆରେ ହେବାକୁ ଥିବା ରାବଣ ଦହନ କାର୍ଯ୍ୟକ୍ରମ ଶୃଙ୍ଖଳିତ ଭାବରେ କରାଯିବା ନେଇ ବିଭିନ୍ନ ନିଷ୍ପତ୍ତି ଗୃହୀତ ହୋଇଥିଲା। ବୈଠକରେ ତହସିଲଦାର ଶଙ୍କର ବାଗ, ପୌର ନିର୍ବାହୀ ଅଧିକାରୀ ଚନ୍ଦନ ଶତପଥୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତୁଷାର କାନ୍ତ ମହଲା, ଥାନା ଅଧିକାରୀ ମନୋଜ ମୁଣ୍ଡା ପ୍ରମୁଖଙ୍କ ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

କେଭି କଲେଜରେ ଛାତ୍ର ସଂସଦ ନିର୍ବାଚନ ବାତିଲ ଦାବି



ଅଧ୍ୟକ୍ଷଙ୍କୁ କଂଗ୍ରେସର ସ୍ମାରକପତ୍ର


କଣ୍ଟାବାଞ୍ଜି,୧୩।୧୦(ସମିସ): କଣ୍ଟାବାଞ୍ଜି କେଭି କଲେଜରେ ଛାତ୍ର ସଂସଦ ନିର୍ବାଚନକୁ ସମ୍ପୂର୍ଣ୍ଣ ବାତିଲ କରିବାକୁ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ଆଜି କଲେଜ ଅଧ୍ୟକ୍ଷଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ଛାତ୍ର ସଂସଦ ନିର୍ବାଚନକୁ କେନ୍ଦ୍ର କରି କଲେଜ ପରିସରରେ ବିଶୃଙ୍ଖଳା ଆଶଙ୍କା ରହିଛି। ତେଣୁ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିର୍ବାଚନ ବାତିଲ କରିବା ଉଚିତ ବୋଲି କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏଥିସହ ଉଚ୍ଚଶିକ୍ଷା ବିଭାଗର ପ୍ରଚଳିତ ନିୟମ ଓ ନିର୍ଦ୍ଦେଶାବଳୀ ଅନୁଯାୟୀ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ କଲେଜ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଛି। ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା ଏବଂ କଂଗ୍ରେସ ନେତା ଅମିତ ସିଂ ସାଲୁଜାଙ୍କ ନିର୍ଦ୍ଦେଶକ୍ରମେ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ଜଣାପଡିଛି। ରାକେଶ ସେଠ୍, ମୁକୁନ୍ଦ ନାଗ, ମୋହିତ ସେଠ୍, ଦେବଶ ନାଗ, ରୋହିତ ସାହୁ, ରମେଶ କୁମାର, ସୁଧିର କୁମାର, ସନ୍ତୋଷ ଖୁରା, ମୁକେଶ, ଲଳିତ ସାହୁ, ମହେଶ ସେଠ୍, ସୁନି ସେଠ୍, ବିଜେ ସେଠ୍, ସୁଚିଲ ତାଣ୍ଡି ପ୍ରମୁଖ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

ବେହେରେନସିଲେଟ ଗାଁ ମୁହାଁ ଜଙ୍ଗଲୀ ଭାଲୁ

କଣ୍ଟାବାଞ୍ଜି,୧୩।୧୦(ସମିସ): କଣ୍ଟାବାଞ୍ଜି ସହରର ୧୪ ନମ୍ବର ୱାର୍ଡ ଜେଏମ୍‌ଜେ ସ୍କୁଲ ନିକଟରେ ମଙ୍ଗଳବାର ସକାଳ ପ୍ରାୟ ୫ଟା ସମୟରେ ଏକ ବିରାଟ ଭାଲୁକୁ ସ୍ଥାନୀୟ ଲୋକେ ଦେଖିଥିଲେ। ଭାଲୁଟି ଜେଏମ୍‌ଜେ ସ୍କୁଲର ପାଚେରୀ ଡେଇଁ ସ୍କୁଲ ପରିସରକୁ ଯାଉଥିବା ସେମାନେ କହିଛନ୍ତି। ଖବର ପାଇ ବନ ବିଭାଗର କର୍ମଚାରୀମାନେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ଭାଲୁର କୌଣସି ପତ୍ତା ମିଳିନଥିଲା। ସନ୍ଧ୍ୟା ୭ ଟା ପରେ ଭାଲୁଟି କଣ୍ଟାବାଞ୍ଜିରୁ ବେହେରେନସିଲେଟ ଗାଁ ଅଭିମୁଖେ ଯାଉଥିବା ବନବିଭାଗ ଦେଖିବାକୁ ପାଇଛି। ଫଳରେ ଆଖପାଖ ଗାଁ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

ତୈଳିକ ବୈଶ୍ୟ ସମାଜର ନୂଆଁଖାଇ ଭେଟଘାଟ



ବଲାଙ୍ଗିର,୧୩।୧୦(ସମିସ): ବଲାଙ୍ଗିର ସଦର ବ୍ଲକ୍‌ର ଖୁଜେନପାଲି ସ୍ଥିତ ସାନଭି (ମୁକ୍ତି) କଲ୍ୟାଣ ମଣ୍ଡପଠାରେ ତୈଳିକ ସମାଜ ପକ୍ଷରୁ ଭବ୍ୟ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ, ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ଲିକା ସାହୁ, ସଦର ବ୍ଲକ୍ ଅଧ୍ୟକ୍ଷା ସରିତା ବାଗ ମଞ୍ଚାସୀନ ଥିଲେ। ବଳଦେବ ସାହୁ ସଭାପତିତ୍ୱ କରିଥିବା ବେଳେ ଡିଲୁ ସାହୁ ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲା ସମ୍ପାଦକ ଗୋବିନ୍ଦ ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ। ସାଂଗଠାନିକ ସମ୍ପାଦକ ଆନନ୍ଦ ସାହୁ, ସମ୍ପାଦକ ଗୋବିନ୍ଦଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ମହେନ୍ଦ୍ର ସାହୁ, ବଲାଙ୍ଗିର ସବ୍ ଡିଭିଜନ ଉପ ସଭାପତି ଭଜ ସାହୁ, ଟିଟିଲାଗଡ ସବଡିଭିଜନ ଉପ ସଭାପତି ଅଭୟ ସାହୁ, ପାଟଣାଗଡ଼ ସବଡିଭିଜନର ଉପ ସଭାପତି ରାଜକିଶୋର ସାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ୧୪ଟି ବ୍ଲକ୍‌ର ତୈଳିକ ସମାଜର ସଭାପତି ଓ ସମ୍ପାଦକଙ୍କୁ ସମ୍ମାନିତ କରାଯାଇଥିଲା।

କ୍ୟାମ୍ପସ ବାହାରେ ଛାତ୍ର ସଂସଦ ନିର୍ବାଚନ ତାତି

ସର୍କିଟ ହାଉସ୍‌ରେ ବିଜେପି- ଛାତ୍ର ବିଜେଡ଼ି ମୁହାଁମୁହିଁ

ବଲାଙ୍ଗିର,୧୩।୧୦(ସମିସ):

ବଲାଙ୍ଗିରରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ସୃଷ୍ଟି ହୋଇଛି ଅଶାନ୍ତ ପରିବେଶ। ନିର୍ବାଚନ ଜିତିବାକୁ ଛାତ୍ର ବିଜେଡି, ଛାତ୍ର କଂଗ୍ରେସ ଓ ଏବିଭିପି କସରତ ଚଲାଇଥିବା ବେଳେ ମଙ୍ଗଳବାର ଉଭୟ ଛାତ୍ର ବିଜେଡି ଓ ଏବିଭିପି ମୁହାଁମୁହିଁ ହୋଇଛନ୍ତି। ଗୋଟିଏ ପଟେ ଛାତ୍ର ବିଜେଡି ନିର୍ବାଚନ ଜିତିବାକୁ ଏବିଭିପି ଓ ବିଜେପି ଦଳ ମିଶି ସରକାରୀ କଳର ବ୍ୟବହାର କରୁଥିବା ବେଳେ ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଥିବା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିଜ ବ୍ୟକ୍ତିଗତ ସଚିବ ସର୍କିଟ ହାଉସରେ ରହୁଥିବାବେଳେ କିଛି ଛାତ୍ରନେତାଙ୍କୁ ରଖି ନିର୍ବାଚନ ପରିଚାଳନା କରୁଥିବା ଅଭିଯୋଗ କରିଛି।

ଅନ୍ୟପଟେ ଛାତ୍ର ବିଜେଡି ନେତା ତାଙ୍କ ସଙ୍ଗଠନର ପ୍ରାର୍ଥୀମାନଙ୍କୁ ଆକ୍ରମଣ ଓ ଧମକ ଦେଉଥିବା ବିଜେପି ଅଭିଯୋଗ କରିଛି। ଏମିତିରେ ଆଗକୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ହେବାକୁ ଥିବା ନିର୍ବାଚନକୁ ନେଇ କଲେଜ ରାଜନୀତି ସରଗରମ ହେବା ସହ ମାମଲା ଥାନାରେ



- ସର୍କିଟ ହାଉସରୁ ଉଦ୍ଧାର ହେଲେ ଏବିଭିପି ଛାତ୍ରନେତା
- ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅନୁଗତଙ୍କ ନାମରେ ବିଜେଡିର ସାଂଘାତିକ ଅଭିଯୋଗ

ପହଞ୍ଚିଛି। ମଙ୍ଗଳବାର ଛାତ୍ର ଓ ଯୁବ ବିଜେଡିର କିଛି କର୍ମକର୍ତ୍ତା ସ୍ଥାନୀୟ ସର୍କିଟ ହାଉସରେ କିଛି ବିଜେପି ନେତା ଓ ଛାତ୍ର ସଂସଦ ନିର୍ବାଚନର କିଛି ପ୍ରାର୍ଥୀ ରହୁଥିବା ଖବର ପାଇ ପୁଲିସ ସହ ସର୍କିଟ ହାଉସ୍‌ରେ ପହଞ୍ଚିଥିଲେ। ଗୋଟିଏ ରୁମ୍‌ରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ବ୍ୟକ୍ତିଗତ ସଚିବ ଦେବାଶିଷ ଶତପଥୀ ଜଣେ ଯୁବକଙ୍କ ସହ ଥିବାବେଳେ ଆଉ ଏକ ରୁମ୍‌ରେ କିଛି ଯୁବକ ରହିଥିଲେ। ଯେଉଁମାନେ କି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଓ ବଲାଙ୍ଗିର ସରକାରୀ ମହାବିଦ୍ୟାଳୟର ଛାତ୍ର ବୋଲି ଜଣାପଡିଥିଲା। ତେବେ ସର୍କିଟ ହାଉସରେ ସେମାନେ କିଛିଦିନ ହେଲା ରହୁଥିବା ବେଳେ ଉକ୍ତ ରୁମରେ ବ୍ୟାଗ, ଏବିଭିପିର ପତାକା, ହାତଲେଖା ନିର୍ବାଚନୀ ପ୍ଲାକାର୍ଡ ମଧ୍ୟ ଦେଖିବାକୁ ମିଳିଥିଲା। ଯାହାକୁ ନେଇ ଛାତ୍ର ଓ ଯୁବ ବିଜେଡିର କର୍ମକର୍ତ୍ତା ପ୍ରଶ୍ନ ଉଠାଇଥିଲେ। ଏପରିକି ସେମାନଙ୍କୁ ପୁଲିସ ମଧ୍ୟ ପ୍ରଶ୍ନ କରିଥିବା ବେଳେ ସେମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ଫଳରେ ସେମାନଙ୍କୁ ସର୍କିଟ ହାଉସରୁ ଟାଉନ ଥାନାକୁ ନେଇ ପୁଲିସ ତଦନ୍ତ କରିଥିବା ଜଣାପଡିଛି।

ଏହାପରେ ପୁଣିଥରେ ବିଜେପି ଦଳର କିଛି କର୍ମକର୍ତ୍ତା ଆସି ସର୍କିଟ ହାଉସ୍‌ରେ ପାଟିତୁଣ୍ଡ କରିଥିଲେ। ମନ୍ତ୍ରୀଙ୍କ ସଚିବ ଓ ବିଜେପି କର୍ମକର୍ତ୍ତା ରହୁଥିବା ରୁମ୍ ଭିତରକୁ ପଶିବାକୁ ନେଇ ସେମାନେ ପ୍ରତିବାଦ କରିଥିଲେ। ଯାହାକୁ ନେଇ କିଛିସମୟ ସର୍କିଟ ହାଉସରେ ଉତ୍ତେଜନା ଦେଖାଦେଇଥିଲା। ଏସଡିପିଓ ସରୋଜ ଉପାଧ୍ୟାୟ, ଟାଉନ ଥାନା ଅଧିକାରୀ ଅବନୀ ସାହୁ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ।

ତେବେ ଏନେଇ ଯୁବ ବିଜେଡି ନେତା ରାଜେନ୍ଦ୍ର ହୋତା ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ। ତାଙ୍କ ଅଭିଯୋଗକ୍ରମେ ସର୍କିଟ ହାଉସ୍‌କୁ ବିଜେପି ରଙ୍ଗଶାଳାରେ ପରିଣତ କରିଛି। କିଛିଦିନ ହେଲା ଏବିଭିପିର ନେତା ଓ କଲେଜ ପ୍ରତିନିଧିମାନେ ସର୍କିଟ ହାଉସ୍‌ରେ ରହି ନିଶା କାରବାର ସହ ନିର୍ବାଚନ ପ୍ରଭାବିତ କରିବାକୁ ଉଦ୍ୟମ ଚଳାଇଛନ୍ତି। ଏପରିକି କିଛି ଅଣଓଡ଼ିଆ ଯୁବତୀଙ୍କୁ ଡକାଇ ସେଠାରେ ମସ୍ତି କରୁଥିବା ଶ୍ରୀ ହୋତା ଅଭିଯୋଗ କରିଛନ୍ତି। ନିର୍ବାଚନ ଚାଲିଥିବାବେଳେ ସରକାରୀ ସର୍କିଟ୍ ହାଉସ୍‌ରେ କାହିଁକି ଛାତ୍ରନେତାଙ୍କୁ ରଖାଯାଇଥିଲା, ଏହାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ।

ଅନ୍ୟପକ୍ଷରେ ଏବିଭିପି ତରଫରୁ ସାମ୍ବାଦିକ ସମ୍ମିଳନୀ କରି ଛାତ୍ର ବିଜେଡି ଦାଦାଗିରି ଚଳାଇଥିବା ଅଭିଯୋଗ ହୋଇଛି। ଛାତ୍ର ବିଜେଡି ସଭାପତି ସୁମନ ନନ୍ଦ ଛାତ୍ରଛାତ୍ରୀମାନଙ୍କୁ ଫୋନରେ ଧମକ ଦେଉଥିବା ବେଳେ ତାଙ୍କ ପାଖରେ ରେକର୍ଡିଂ ଥିବା ଅଭିଯୋଗ କରିଛନ୍ତି। ଏପରିକି ତାଙ୍କର ଜଣେ ପ୍ରାର୍ଥୀଙ୍କୁ କିଛି ଛାତ୍ର ବିଜେଡି ନେତା ଅପହରଣ କରି ଆକ୍ରମଣ କରିଥିବା ଏବିଭିପି ପକ୍ଷରୁ ଲକ୍ଷ୍ମୀଯୋର ଥାନାରେ ଅଭିଯୋଗ କରାଯାଇଥିବାବେଳେ ପୁଲିସ କାହିଁକି ସେମାନଙ୍କୁ ଗିରଫ କରୁନାହିଁ ବୋଲି ପ୍ରଶ୍ନ କରିଥିଲେ। ତେବେ ଅପହରଣ ଓ ଆକ୍ରମଣ କରିଥିବା ଛାତ୍ର ନେତାଙ୍କ ସହ ସୁମନଙ୍କୁ ମଧ୍ୟ ଗିରଫ କରିବା ପାଇଁ ଏବିଭିପି ଦାବି କରିଛି। ଦିନକ ପରେ ନିର୍ବାଚନ ଥିବାରୁ ୨ ଛାତ୍ରଗୋଷ୍ଠୀ ମୁହାଁମୁହିଁ ହେବା ପରିସ୍ଥିତିକୁ ଉତ୍ତେଜନାପୂର୍ଣ୍ଣ କରିଛି।

ନିତ୍ୟାନନ୍ଦ ସଭାପତି, ଆକାଶ ସମ୍ପାଦକ

ଅଖିଳ ଓଡ଼ିଶା ନ୍ୟାୟିକ କର୍ମଚାରୀ ନିର୍ବାଚନ

ବଲାଙ୍ଗିର,୧୩।୧୦(ସମିସ): ଅଖିଳ ଓଡ଼ିଶା ନ୍ୟାୟିକ କର୍ମଚାରୀ ସଂଘର ରାଜ୍ୟସ୍ତରୀୟ ସାଧାରଣ ପରିଷଦ ବୈଠକ ବଲାଙ୍ଗିର ସ୍ଥିତ ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓ ଦୌରାଜଜ୍ ହିରଣ୍ମୟ ବିଶୋୟୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଭିଜିଲାନ୍ସ ଜଜ୍ ବେଣୁଧର ପାତ୍ର, ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ମିଶ୍ର ଏବଂ ବଲାଙ୍ଗିର ବାର୍ ଆସୋସିଏସନର ସଭାପତି ବାସୁଦେବ ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।



ଅଖିଳ ଓଡ଼ିଶା ନ୍ୟାୟିକ କର୍ମଚାରୀ ସଂଘର ପୂର୍ବତନ ସଭାପତି ରାଜେଶ ଦୋରାଙ୍କ ଅଧ୍ୟକ୍ଷତାରେ ବୈଠକ ପରିଚାଳିତ ହୋଇଥିଲା। ସଂଘର ନୂତନ ରାଜ୍ୟ କାର୍ଯ୍ୟକାରିଣୀ ଗଠନ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ନିତ୍ୟାନନ୍ଦ ଦାସ ସଭାପତି ଓ ଆୟୋଜକ ବଲାଙ୍ଗିର ଜଜ୍‌ସିପ୍‌ର ପ୍ରତିନିଧି ଆକାଶ କୁମାର ତ୍ରିପାଠୀ ସଂଘର ରାଜ୍ୟ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଅନ୍ୟାନ୍ୟ ପଦବୀ ମଧ୍ୟରେ ଦିଲେଶ୍ୱର ଦାଶ ଉପସଭାପତି ଏବଂ ଶୁଭେନ୍ଦୁ ସାହୁ ସଂଗଠନ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସତ୍ୟବ୍ରତ ସାହୁ, ଅଜିତ କୁମାର ଷଡ଼ଙ୍ଗୀ ଓ ବୀରେନ୍ଦ୍ର କର୍ଣ୍ଣ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବାବେଳେ ଗଗନ ପାଣିଗ୍ରାହୀ, ଅଂଶୁମାନ ଦାଶ, ସୁରେଶ କିରୋ ଓ ବିକ୍ରମ ମହାରଣା ସହକାରୀ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ପ୍ରକାଶ ନେପାକଙ୍କ ଅଧ୍ୟକ୍ଷତାରେ ଗଠିତ ନିର୍ବାଚନ କମିଟି ସମଗ୍ର ନିର୍ବାଚନ ପ୍ରକ୍ରିୟାକୁ ସୁଚାରୁ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିଥିଲେ।

ନୂଆଁଖାଇ ଭେଟ୍‌ଘାଟ ପାଇଁ ପ୍ରସ୍ତୁତି

ଦେଓଗାଁ,୧୩।୧୦(ସମିସ): ଦେଓଗାଁ ବ୍ଲକ ଘୁଚିପାଲି ମକରମେଳା ପୀଠରେ ମଙ୍ଗଳବାର ଅପରାହ୍ନରେ ଗୌଣ୍ଡୱାନା ଗୌଣ୍ଡ ସମାଜ ତରଫରୁ ନୂଆଁଖାଇ ଭେଟ୍‌ଘାଟ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ସୁରଥ ଧରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୨୩ ତାରିଖ ଶୁକ୍ରବାର ପୀଠ ପରିସରରେ ନୂଆଁଖାଇ ଭେଟ୍‌ଘାଟ ପାଇଁ ଆଲୋଚନା ହୋଇଥିଲା। ମୁଖ୍ୟ ଅତିଥିଭାବେ ପାନୀୟଜଳ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗଦେବାକୁ ସହମତି ପ୍ରକାଶ କରିଥିବା ବୈଠକରେ ସୂଚନା ଦିଆଯାଇଥିଲା।

ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା

ଦ୍ୱିତୀୟ ଦିନରେ କଡ଼ା ଟକ୍କର

ବଲାଙ୍ଗିର,୧୩।୧୦(ସମିସ):

ବଲାଙ୍ଗିର ଠାରେ ଚାଲିଥିବା ୭୦ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ବ୍ୟାଡମିଣ୍ଟନ, ଫେନ୍ସିଂ, ଥାଙ୍ଗ-ଟା ଓ ବାଳିକା କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ବିଭିନ୍ନ ମ୍ୟାଚ୍ ଗୁଡ଼ିକ ଅତ୍ୟନ୍ତ ରୋମାଞ୍ଚକର ହୋଇଥିଲା। ପି.ଆର. ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ୪ଟି କୋର୍ଟରେ ୪ଟି ବର୍ଗରେ ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗ ଓ ୧୭ ବର୍ଷରୁ କମ ବାଳକ ଓ ବାଳିକା ବିଭାଗରେ ସାରା ରାଜ୍ୟରୁ ପ୍ରତିନିଧିତ୍ୱ କରିଥିବା ଖେଳାଳିମାନଙ୍କ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଟୁର୍ଣ୍ଣାମେଣ୍ଟ ଲିଗ କମ୍ ନକଆଉଟ ଭିତ୍ତିରେ ଅନୁଷ୍ଠିତ ହେଉଅଛି। ଆଜି ଗୋଟିଏ ବର୍ଗରୁ ୨୦ଟି ଲେଖାଏଁ ଏହିପରି ୮୦ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଡ.ରମେଶ ଚନ୍ଦ୍ର ସ୍ୱାଇଁ, ହେମନ୍ତ ପ୍ରଧାନଙ୍କ ସମେତ ରାଜ୍ୟରୁ ଆସିଥିବା ୨୦ଜଣ ଅଫିସିଆଲ ଏହି ଖେଳ ପରିଚାଳନା କରୁଛନ୍ତି।



ସେହିପରି ଟାଉନ୍ ହାଇସ୍କୁଲ ପଡ଼ିଆରେ ଖେଳାଯାଇଥିବା ୧୭ ବର୍ଷରୁ କମ୍ ବାଳିକା କ୍ରିକେଟରେ ଭୁବନେଶ୍ୱର, ସୁନ୍ଦରଗଡ଼, ବଲାଙ୍ଗୀର, ନୂଆପଡା ଦଳ ବିଜୟୀ ହୋଇଥିବା ବେଳେ ମିଶନ ପଡ଼ିଆ ଠାରେ ହୋଇଥିବା ଖେଳରେ କେନ୍ଦୁଝର, କଟକ, ପୁରୀ, ମୟୂରଭଞ୍ଜ ଦଳ ବିଜୟୀ ହୋଇଛି।

ଅନ୍ୟପଟେ ପି.ଆର. ହାଇସ୍କୁଲ ପରିସରରେ ଫେନ୍ସିଂରେ ୧୭ ବର୍ଷରୁ କମ୍ ବାଳକ ବିଭାଗରେ ବଲାଙ୍ଗୀରର ଗଡ଼ତିଆ, ସୌମ୍ୟ ପ୍ରଧାନ, ଆକାଶ ପ୍ରଧାନ ଓ ଭୁବନେଶ୍ୱରର ପ୍ରମଜିତ ଭେସ୍ରା ଓ ୧୭ ବର୍ଷରୁ କମ ବାଳିକା ବିଭାଗର ଝରଣା ସେଠ, ଖୁସି ବରାଡ, ଲିନା ସେଠ, ମୁସ୍କାନ ନାଗ ମେଡାଲ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ଥାଙ୍ଗ-ଟା ପ୍ରତିଯୋଗିତାରେ ବିଭିନ୍ନ ଜିଲ୍ଲାର ପ୍ରତିଯୋଗୀ କ୍ରୀଡ଼ା କୌଶଳ ପ୍ରଦର୍ଶନ କରି ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡା, ରୀନା କୁମାରୀ ବେହେରା, ସେବାଶ୍ରୀ ଭୋଇ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର, ସମଗ୍ର ପ୍ରତିଯୋଗିତାର ପର୍ଯ୍ୟବେକ୍ଷକ ଭାବେ ଓଏସଏସଏ ପ୍ରଦୀପ କୁମାର ନାଗ ପ୍ରମୁଖ ତଦାରଖ କରିଥିଲେ।

ନୃସିଂହନାଥରେ ରଜକ ସମାଜର ନୂଆଁଖାଇ ଭେଟ୍‌ଘାଟ



ପାଇକମାଲ, ୧୩।୧୦(ସମିସ): ପାଇକମାଲ ବ୍ଲକ ନୃସିଂହନାଥ ପୀଠରେ ରଜକ ସମାଜର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଇକମାଳ ମଣ୍ଡଳ ସଭାପତି ଡୋଲାମଣୀ ସେଠଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ବରଗଡ଼ ଜିଲ୍ଲା ସଭାପତି ଉମେଶ ଚନ୍ଦ୍ର ସେଠ, ନୂଆପଡ଼ା ଜିଲ୍ଲା ସଭାପତି ଲୋକନାଥ ସେଠ, ପଦ୍ମପୁର ଉପସଭାପତି ତପନ ସେଠ, ଝାରବନ୍ଧ ବ୍ଲକର ପୂର୍ବତନ ସଭାପତି ଉପେନ୍ଦ୍ର ସେଠ ଓ ମିଠାପାଲିର ପୂର୍ବତନ ସଭାପତି ଗୋପାଳ ସେଠ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପାଇକମାଳ ମଣ୍ଡଳ ସମ୍ପାଦକ ସୌକିଲାଲ ସେଠ ବାର୍ଷିକ ବିବରଣୀ ପାଠ କରିଥିଲେ। ସୀତାରାମ ସେଠ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଚକାନନ୍ଦ ସେଠ, ଗଲୁ ସେଠ, ଚୂଡ଼ା ସେଠ, ମୁକ୍ତି ସେଠ, ଶିବ ସେଠ, ପୁଷ୍ପାଞ୍ଜଳି ସେଠ, ଅରୁଣୀ ସେଠ, ମାଳତୀ ସେଠଙ୍କ ସମେତ ସମାଜର ଅନ୍ୟ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ଶେଷରେ ପାଇକମାଳ ମଣ୍ଡଳ ଉପସଭାପତି ଚକାନନ ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

ସଂଯୁକ୍ତ କୃଷକ ସଙ୍ଗଠନର ଗାଁ ଚାଲ ଅଭିଯାନ



ବରଗଡ଼, ୧୩।୧୦(ସମିସ): ପାଇକମାଲ ବ୍ଲକର ଭୁବନେଶ୍ୱରପୁର, ପାଇକମାଲ ଏବଂ ଝାରବନ୍ଧ ବ୍ଲକର ଜଗଦେଲପୁର ପଞ୍ଚାୟତସ୍ତରୀୟ ରାଜବୋଡାସମ୍ବର କୃଷକ ସଂଗଠନର ବୈଠକ ବସିଥିଲା। ରାଜବୋଡାସମ୍ବର କୃଷକ ସଂଗଠନର ସଂଯୋଜକ ଅଶୋକ ସାହୁ, ସଭାପତି ସୁବାସ ସାମନ୍ତରାୟ, କୈଳାସ ବାରିକ, ରମେଶ ମହାପାତ୍ର, ଲିଙ୍ଗରାଜ ପଧାନ, ଦହିତ ସାହୁ, ଅରକ୍ଷୀତ ପ୍ରଧାନ, ସେସଦେବ ନାୟକ ଯୋଗଦେଇ କୃଷକମାନଙ୍କ ବିଭିନ୍ନ ସମସ୍ୟା ପ୍ରସଙ୍ଗରେ ଆଲୋଚନା କରିଥିଲେ। ବୈଠକରେ ସ୍ଥାନୀୟ କର୍ମକର୍ତ୍ତା ମାନଙ୍କ ମଧ୍ୟରେ ବୈଲୋଚନ ଭୋଇ, ଅମୃଦ ପଟେଲ, ଶଙ୍କର ସିଂ, ଶଙ୍କର୍ଷଣ ପଧାନ, ଅକୁର ପଟେଲ, ଉମାକାନ୍ତ ଭୋଇ, ଭୋଜରାଜ ସାହୁ ମୁକୁନ୍ଦ ସାହୁ ଉପସ୍ଥିତ ଥିଲେ।

ଅବସରକାଳୀନ ସମ୍ବର୍ଦ୍ଧନା ସଭା



ବିଜେପୁର, ୧୩।୧୦(ସମିସ): ସୋହେଲା ବ୍ଲକ କୁଚିପାଲି ଓ ଝର ଗ୍ରାମରେ ଦୁଇଗୋଟି ଭିନ୍ନ ଭିନ୍ନ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାଣୀ ଚିକିତ୍ସା ବିଭାଗରେ କାର୍ଯ୍ୟ କରି ନିକଟରେ ଅବସର ଗ୍ରହଣ କରିଥିବା ମନବୋଧ ଭୋଇ ଓ କାର୍ତ୍ତିକ ସାହୁଙ୍କୁ ଉକ୍ତ ସଭାଦ୍ୱୟରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବରଗଡ଼ ଜିଲ୍ଲା ଏଲଆଇ ୟୁନିଅନ ତରଫରୁ ଆୟୋଜିତ ଉକ୍ତ ସଭାମାନଙ୍କରେ ଜିଲ୍ଲା ସଭାପତି ଦିଲ୍ଲୀପ କୁମାର ଦେବତା ସଭାପତିତ୍ୱ କରିଥିବା ବେଳେ ଉପସଭାପତି ଅହଲ୍ୟା ପ୍ରଧାନ ଓ ଯଶୋବନ୍ତ ସାହୁ, ସମ୍ପାଦକ ନାରାୟଣ ପଧାନ, ସଂଗଠନ ସମ୍ପାଦକ ସୁଶାନ୍ତ ମେହେର, ଉପଦେଷ୍ଟା କିଶୋର ଚନ୍ଦ୍ର ପାଢ଼ୀ, ଚିତ୍ତରଞ୍ଜନ ଦେବତା, ନାରାୟଣ ପ୍ରଧାନ, ପ୍ରଦୀପ ସାହୁ ଓ ଭାଗିରଥି ପଧାନ, ବଲାଙ୍ଗୀର ଜିଲ୍ଲା ସଭାପତି ପ୍ରଦୀପ କୁମାର ମିଶ୍ର, ସମ୍ପାଦକ ସତ୍ୟଜିତ ଛତ୍ରିଆ, ବରଗଡ଼ ଟି ଏଫ କଲେଜ ଅଧ୍ୟକ୍ଷ ଡ ସରୋଜ କୁମାର ଦେବତା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗୋପାଳ ପାଢ଼ୀ, ଭୁବନେଶ୍ୱର ପଧାନ, ଶୋଭାକର ପଧାନ, ଧର୍ମପଦ ସାହୁ ପ୍ରମୁଖ ଉପସ୍ଥିତ ରହି ବିଦାୟୀ ସହକର୍ମୀଙ୍କ ଗୁଣାବଳୀ ବର୍ଣ୍ଣନା କରିବା ସହ ଶୁଭ କାମନା ଜରିଥିଲେ।

ଅତାବିରା ତିହାର ଲୋକମହୋତ୍ସବ ପ୍ରସ୍ତୁତି ବୈଠକ

ବରଗଡ଼, ୧୩।୧୦(ସମିସ): ଅତାବିରା ଅଗ୍ରସେନ୍ ଭବନଠାରେ ତିହାର ଲୋକମହୋତ୍ସବର ଅନ୍ତିମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତିହାର ଲୋକମହୋତ୍ସବ ସମିତିର ସଭାପତି ତଥା ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ସଂଯୋଜକ ରବି ପଣ୍ଡା ବୈଠକକୁ ପରିଚାଳନା କରିଥିଲେ। ଚଳିତବର୍ଷ ତିହାର ଲୋକମହୋତ୍ସବ ଅକ୍ଟୋବର ୧୮, ୧୯ ଓ ୨୦ ତାରିଖ ତିନି ଦିନ ଧରି ଅତାବିରା ସ୍ଥିତ ତିହାର ଲୋକମଣ୍ଡପ ପଡ଼ିଆ ଠାରେ ଅନୁଷ୍ଠିତ ହେବ। ଏହି ବର୍ଷ ମଣ୍ଡପକୁ ତିହାର ଲୋକମହୋତ୍ସବ ସମିତିର କାର୍ଯ୍ୟକାରୀ ସଦସ୍ୟ ସ୍ୱର୍ଗତ ଗୋପୀନାଥ ପ୍ରଧାନ ଏବଂ ସ୍ୱର୍ଗତ ସୁଶାନ୍ତ ଅଗ୍ରୱାଲଙ୍କ ନାମରେ ନାମିତ କରାଯିବ। ଆଜିର ବୈଠକରେ ତିହାର ଲୋକ ମହୋତ୍ସବର ସ୍ମରଣିକା ସମ୍ପାଦକ ସୁରେନ୍ଦ୍ର ନାୟକ, ସାଧାରଣ ସମ୍ପାଦକ ଅରବିନ୍ଦ ପାତ୍ର, ଯୁଗ୍ମ ସମ୍ପାଦକ ନରେନ୍ଦ୍ର ଦାଶ, ରାଜେଶ ଅଗ୍ରୱାଲ, ଶଙ୍କର ବାରିକ, ମନୋଜ ଭୋଇ, ମନୋଜ ଶତପଥୀ, ଅବିନାଶ ପ୍ରଧାନ, ଅଶୋକ ଚନ୍ଦ୍ର ପ୍ରଧାନ, ଶୀତେଶ ଅଗ୍ରୱାଲ, ଦୀପକ ରାୟ, ଅବିନାଶ ସାହୁ, ନିକୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଜାନୁଆରୀ ୧୨ରୁ ୨୨ ବରଗଡ଼ ଧନୁଯାତ୍ରା

ବରଗଡ଼, ୧୩।୧୦(ସମିସ)



ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ବରଗଡ଼ ଧନୁଯାତ୍ରା ମହୋତ୍ସବ ସମିତିର ଉପଦେଷ୍ଟା କମିଟି ଏବଂ କାର୍ଯ୍ୟକାରୀ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଳିତବର୍ଷର ଧନୁଯାତ୍ରା ଜାନୁଆରୀ ୧୨ ରୁ ୨୨ ତାରିଖ ଯାଏଁ ଆୟୋଜନ କରିବାକୁ ଧାର୍ଯ୍ୟ କରାଯାଇଛି। ମାତ୍ର ମହାରାଜ କଂସ ଚୟନକୁ ନେଇ ସମସ୍ୟା ରହିଥିବାବେଳେ ଆସନ୍ତା ୧୫ଦିନ ମଧ୍ୟରେ କିଏ କଂସ ହେବ ଜଣାପଡ଼ିବ ବୋଲି ସୂଚନା ମିଳିଛି।

୭୮ତମ ବର୍ଷ ଆୟୋଜନ ପରିପ୍ରେକ୍ଷୀରେ ଅନୁଷ୍ଠିତ ଏହି ବୈଠକରେ ୨୦୨୫-୨୬ ବର୍ଷର ଆୟ-ବ୍ୟୟ ହିସାବ ସମୀକ୍ଷା କରାଯିବା ସହ ଆଗାମୀ ୨୦୨୬-୨୭ ବର୍ଷର ଧନୁଯାତ୍ରା ମହୋତ୍ସବ ସୁଚାରୁ ରୂପେ ପରିଚାଳନା ପାଇଁ ବିସ୍ତୃତ ଆଲୋଚନା କରାଯାଇଛି। ବୈଠକରୁ ମିଳିଥିବା ସୂଚନା ଅନୁସାରେ, ୨୦୨୪-୨୫ ଆର୍ଥିକ ବର୍ଷ ସୁଦ୍ଧା ୨, ୧୩, ୩୧, ୨୩୯ ଟଙ୍କାର ବଳକା ପାଣ୍ଠି ରହିଥିବା ବେଳେ ୨୦୨୫-୨୬ ବର୍ଷ ପାଇଁ ମୋଟ ୩, ୫୦, ୮୭, ୮୧୬ ଟଙ୍କା ଖର୍ଚ୍ଚ ହୋଇଛି। ଏହି ସମୀକ୍ଷା ସହିତ ବୈଠକରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି ଯେ, ଏଥର ଧନୁଯାତ୍ରା ଶେଷ ହେବାର ୩୦ ଦିନ ମଧ୍ୟରେ ବିଭିନ୍ନ କମିଟି ଏବଂ ସେଗୁଡ଼ିକର ଆବାହକ ମାନେ ସେମାନଙ୍କର ସମସ୍ତ ଖର୍ଚ୍ଚ ହିସାବ ସମିତି ନିକଟରେ ଦାଖଲ କରିବା ପାଇଁ ନିଷ୍ପତ୍ତି ନିଆଗଲା।

୧୫ ଦିନ ପରେ ଜଣାପଡ଼ିବ କିଏ ହେବେ କଂସ

ଏହା ବ୍ୟତୀତ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାର ମୁଖ୍ୟ ଆକର୍ଷଣ ତଥା ମହାନାୟକ କଂସ ଭୂମିକା ପାଇଁ କଳାକାର ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ, ତର୍କସଙ୍ଗତ ଏବଂ ଉଚିତ ସାଂସ୍କୃତିକ ପ୍ରଣାଳୀ ଅନୁସରଣ କରି ଆସନ୍ତା ୧୫ ଦିନ ମଧ୍ୟରେ ସମ୍ପାଦନ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ଜିଲ୍ଲାପାଳ ତଥା ଧନୁଯାତ୍ରା ମହୋତ୍ସବ ସମିତିର ସଭାପତି ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତିବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ପୌରାଧକ୍ଷା କଳ୍ପନା ମାଝୀ, ଏସ୍‌ପି ରବି ନାରାୟଣ ଶତପଥୀ, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଉପଜିଲ୍ଲାପାଳ, ପ୍ରସନ୍ନ ପାଣ୍ଡେ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଏ. ବି. ଶିଲ୍ପା, ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନତ ପାଢ଼ୀ, ଓକିଲ ସଂଘ ସଭାପତି ଭୀଷ୍ମ ଦେବ ସରାଫ, ବରିଷ୍ଠ ଆଇନଜୀବୀ ହରିହର ସାହୁ, ବରିଷ୍ଠ ଆଇନଜୀବୀ ଅଚ୍ୟୁତା ମାହାପାତ୍ର, ତପସ୍ୱିନୀ ଗୁରୁ, ଗୋପାଳ ଦାଶ, ପୂର୍ବତନ ପୌର ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ ବେହେରା, ଚଳଚ୍ଚିତ୍ର ଅଭିନେତା ପ୍ରଦୀପ ଦେବତା, ପ୍ରଭାତାଦିତ୍ୟ ମିଶ୍ର, ସୁଧାଂଶୁ ଗଡ଼ତିଆ, ଅଶୋକ ବେହେରା, ଅକ୍ରୁର ମଲ୍ଲିକଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଏବଂ ସମିତିର ସଭ୍ୟସଭ୍ୟାମାନେ ଉପସ୍ଥିତ ଥିଲେ। ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ ସଭା ପରିଚାଳନା କରିଥିଲେ।

ମାଗଣା ସ୍ୱାସ୍ଥ୍ୟ ଶିବିର; ୬୧୦ ରୋଗୀ ଉପକୃତ



ଥୁଆପାଲି, ୧୩।୧୦(ସମିସ): ଭେଡେନ ବ୍ଲକ ଝରାପାଲି ମାର୍କେଟ ଥୁଆପାଲି ଲାୟନ୍ସ କ୍ଲବ ଓ ମୂରଲି କ୍ରିଷ୍ଣା ଫାଉଣ୍ଡେସନର କ୍ରିଷ୍ଣା ବିକାଶ ହସ୍ପିଟାଲ ମିଳିତ ଆନୁକୂଲ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ସମ୍ମାନୀତ ଅତିଥି ଭାବେ ଲାୟନ୍ସ କ୍ଲବର ପୂର୍ବତନ ଜିଲ୍ଲା ଅଧ୍ୟକ୍ଷ ଲାୟନ୍ସ ଅଶୋକ କୁମାର ଜଲାନ, ଜିଲ୍ଲା ସ୍ୱାସ୍ଥ୍ୟ ଆବାହକ ଲାୟନ୍ସ ପ୍ରଫୁଲ କୁମାର ପ୍ରଧାନ, ଝରାପାଲି ମାର୍କେଟ, ଥୁଆପାଲି ଲାୟନ୍ସ କ୍ଲବର ସଭାପତି ଲାୟନ୍ସ ସନ୍ତୋଷ କୁମାର ପ୍ରଧାନଙ୍କ ଉପସ୍ଥିତିରେ ଫିତାକାଟି ଉଦଘାଟନ କରିଥିଲେ। ଶିବିରରେ ଡାକ୍ତର ଅନୁପମା ମିଶ୍ର, ଡାକ୍ତର ଅମିଷା ପଟେଲ, ଡାକ୍ତର ସୌମ୍ୟଶ୍ରୀ ସାହୁ, ଡାକ୍ତର ଅମନ ଦାଶ, ପ୍ରବୀଣ ନାୟକ ଦେବେନ୍ଦ୍ର ବାରିକ, ରାମକୃଷ୍ଣ ପାଠୀ, ଲିଜା ବିଶ୍ୱାଳ ପ୍ରମୁଖ ଡାକ୍ତରମାନେ ଉପସ୍ଥିତ ଥିଲେ। ୬୧୦ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବାବେଳେ ୯୦ଜଣଙ୍କ ଚକ୍ଷୁ ପରୀକ୍ଷା କରି ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଲାୟନ୍ସ କ୍ଲବ ଓ ଲିଓ କ୍ଲବ ଝରାପାଲି ମାର୍କେଟ ଥୁଆପାଲିର ସମସ୍ତ ସଦସ୍ୟା ଉପସ୍ଥିତ ରହି ସହଯୋଗ କରିଥିଲେ।

ବରଗଡ଼ ଜିଲ୍ଲାରେ ପହଞ୍ଚିଲା ନବରତ୍ନ ଭାରତ ୟୁରିଆ

ବରଗଡ଼, ୧୩।୧୦(ସମିସ): ପଶ୍ଚିମ ଓଡ଼ିଶାର କୃଷିପ୍ରଧାନ ବରଗଡ଼ ଜିଲ୍ଲାରେ ପ୍ରଥମ ଥର ପାଇଁ ନବରତ୍ନ ଭାରତ ୟୁରିଆର ଏକ ରେକ୍ ପହଞ୍ଚିଛି। ଏହି ଅବସରରେ ପାରାଦୀପ ଫସଫେଟ୍ସ ଲିମିଟେଡ୍ ପକ୍ଷରୁ ରେକ୍‌କୁ ସ୍ୱାଗତ କରାଯାଇଥିଲା। ନବରତ୍ନ ଭାରତ ୟୁରିଆର ଏହି ପ୍ରଥମ ରେକ୍ ଆଗମନ ଫଳରେ ଜିଲ୍ଲାରେ ସାର ବିତରଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଦିଗରେ ସହାୟତା ମିଳିବ ବୋଲି ଆଶା ପ୍ରକାଶ ପାଇଛି। ଏହି ଅବସରରେ ଏଚ୍‌ଏନ୍‌ଟି ସଞ୍ଜୀବ ଅଗ୍ରୱାଲଙ୍କ ସମେତ ସିଙ୍ଗଲ୍ ଟ୍ରେଡର୍ସର ଜଗନ୍ନାଥ ଅଗ୍ରୱାଲ, ଜନସହାୟକ, ଭେଙ୍କଟେଶ୍ୱର ଏଜେନ୍ସି, ସୁଜାତା ଟ୍ରେଡର୍ସ ଓ ଚୌଧୁରୀ ଷ୍ଟୋର୍‌ର ପ୍ରତିନିଧିମାନେ ଉପସ୍ଥିତ ଥିଲେ। କମ୍ପାନୀ ପକ୍ଷରୁ ପ୍ରମୁଖ ପ୍ରବନ୍ଧକ ବିଶ୍ୱଜିତ ପଣ୍ଡା, ଶ୍ରୀରାମ ତୋରାଟି, ମାନସ ରଞ୍ଜନ ବାରିକ ଓ ସୁମିତ ରଥ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଦଶହରା କପ ଫୁଟବଲ୍; ଗର୍ଭଣା ବିଜୟୀ

ସୋହେଲା, ୧୩।୧୦(ସମିସ): ସୋହେଲା ଶାରଦୀୟ ନବରାତ୍ର ଦୁର୍ଗାପୂଜା ଅବସରରେ ଅନୁଷ୍ଠିତ ହେଉଥିବା ଶାରଦୀୟ କ୍ରୀଡ଼ା ପ୍ରତିଯୋଗିତାରେ ଆଜି ଦଶହରା କପ ଫୁଟବଲ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ସ୍ଥାନୀୟ ମିନିଷ୍ଟାଡିୟମଠାରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଆଜି ଗର୍ଭଣା ଏବଂ ଲଚିଦା ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ଅମୀମାଂସିତ ରହିବାରୁ ଗର୍ଭଣା ଦଳ ଟ୍ରାଇବେକରରେ ଲଚିଦାକୁ ୫-୩ ଗୋଲ୍‌ରେ ପରାସ୍ତ କରି ସେମିଫାଇନାଲକୁ ପ୍ରବେଶ କରିଛି। ମ୍ୟାଚର ପ୍ରଥମାର୍ଦ୍ଧ ଖେଳ ଗୋଲ୍ ଶୂନ୍ୟ ରହିଥିବା ବେଳେ ଦ୍ୱିତୀୟାର୍ଦ୍ଧ ଖେଳରେ ଗର୍ଭଣା ଦଳର ବିକି ଦଳ ପାଇଁ ପ୍ରଥମ ଗୋଲ କରିଥିଲେ। ଏହାର କିଛିସମୟ ପରେ ଲଚିଦା ଆକ୍ରମଣ କରି ଦଳର କବିର ଗୋଲ ପରିଶୋଧ କରିଥିଲେ। ଆଜିର ମ୍ୟାଚ ପୂର୍ବରୁ ସାର୍ବଜନୀନ ଦୁର୍ଗାପୂଜା କମିଟିର ସଭାପତି ପ୍ରକାଶ ଚନ୍ଦ୍ର ଦେବତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆଜିର ମ୍ୟାଚ୍‌କୁ ଫାଓ ରେଫରି ଅନୀଲ ବାଗ, ଅଶ୍ୱିନୀ ମେହେର, ଜିତେଶ ପଧାନ ଓ ତ୍ରିନାଥ ଭୋଇ ପରିଚାଳନା କରିଥିବା ବେଳେ ଅରୁଣ ଗଡ଼ତିଆ ମ୍ୟାଚ କମିଶନର ଦାୟିତ୍ୱରେ ରହିଥିଲେ। ଲଚିଦା ଦଳର କବିର ଆଜିର ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଗର୍ଭଣା ଦଳର ବିକିଙ୍କୁ ଶ୍ରେଷ୍ଠ ଗୋଲ ପାଇଁ ୧ହଜାର ଟଙ୍କା ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା। ଆସନ୍ତାକାଲି ପ୍ରତିଯୋଗିତାର ଦ୍ୱିତୀୟ ଦିନରେ କାଇଁଶିର ଏବଂ ବରଗଡ଼ ଡ୍ରିମ ଏକାଦଶ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।



● ଧାନ ବିକ୍ରି ବ୍ୟବସ୍ଥାରେ ଜଟିଳତାର ପ୍ରତିବାଦ

ନଭେମ୍ବର ୧୧ରେ ଆର୍‌ଡିସି ଅଫିସ ଘେରିବେ ଚାଷୀ

ବରଗଡ଼, ୧୩।୧୦(ସମିସ): ବରଗଡ଼ ସ୍ଥିତ ସମତା ଭବନଠାରେ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଆବାହକ ଅଶୋକ ପ୍ରଧାନ ଏବଂ ଲିଙ୍ଗରାଜଙ୍କ ସଭାପତିତ୍ୱରେ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଧାନ ବିକ୍ରି ବ୍ୟବସ୍ଥାରେ ଦେଖାଯାଉଥିବା ଜଟିଳତାକୁ ନେଇ ଆସନ୍ତା ନଭେମ୍ବର ୧୧ରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସମ୍ବଲପୁରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ କୃଷକ ବିକ୍ଷୋଭ ଚେତାବନୀ ସମାବେଶ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ଦେବଗଡ଼, ବଲାଙ୍ଗିର, କଳାହାଣ୍ଡି, ସୋନପୁର ଜିଲ୍ଲାରୁ ଶତାଧିକ ଚାଷୀ ଓ ନେତା ଯୋଗଦେଇଥିଲେ। ବର୍ତ୍ତମାନର ଡବଲ ଇଞ୍ଜିନ୍ ସରକାର ଧାନ କ୍ୱିଣ୍ଟାଲ ପ୍ରତି ୩୧୦୦ ଟଙ୍କା ଇନ୍‌ପୁଟ ସହାୟତା ଦେଉଥିଲେ ମଧ୍ୟ ଧାନ କିଣାବିକା ଅବ୍ୟବସ୍ଥା ଯେପରି ଜଟିଳ କରିଚାଲିଛନ୍ତି ଚାଷୀମାନେ ସହାୟକ ଦର ପାଇବାରୁ ମଧ୍ୟ ବଞ୍ଚିତ ହେଉଛନ୍ତି।



ଏଭଳି ପରିସ୍ଥିତିରେ ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସ୍ୱୀକାର କରିଛନ୍ତି କେନ୍ଦ୍ର ସରକାର ଓଡ଼ିଶା ଚାଉଳ ନେଉନାହାନ୍ତି। ଏଥିରୁ ସ୍ପଷ୍ଟ ଅନୁମେୟ ହେଉଛି ଯେ ଧାନ କିଣା ବିକା ଅବ୍ୟବସ୍ଥାରେ ଏକ ଅଚଳାବସ୍ଥା ସୃଷ୍ଟି ହେବାକୁ ଯାଉଛି। ସେଥିପାଇଁ ସରକାରଙ୍କୁ ଏକ ଚେତାବନୀ ଦେବାପାଇଁ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ତରଫରୁ ଏହି ବିକ୍ଷୋଭ ଚେତାବନୀ ସମାବେଶ ଡାକରା ଦେଇଛି। ଧାନକିଣା ପ୍ରକ୍ରିୟା ଆରମ୍ଭ ପୂର୍ବରୁ ସମସ୍ତ ଚାଷୀଙ୍କ ଟୋକନ ଏକକାଳୀନ ପ୍ରଦାନ କରନ୍ତୁ, ଟୋକନରେ କୌଣସି କାଣ୍ଟଛାଣ୍ଟ ନ କରି ପଞ୍ଜିକରଣ ହୋଇଥିବା ସମସ୍ତ ଜମିର ଟୋକନ ପ୍ରଦାନ କରନ୍ତୁ, ଅଣଜଳସେଚିତ ଅଞ୍ଚଳରେ ଅନ୍ତତଃ ଏକର ପ୍ରତି ୨୦ କ୍ୱିଣ୍ଟାଲ ଏବଂ ଜଳସେଚିତ ଅଞ୍ଚଳର ୨୫ କ୍ୱିଣ୍ଟାଲ ଧାନ ସଂଗ୍ରହ ପାଇଁ ବ୍ୟବସ୍ଥା କରନ୍ତୁ, ଚଳିତ ଋତୁରେ ସର୍ବାଧିକ କେତେ ଧାନ ସଂଗ୍ରହ କରିବେ ଘୋଷଣା କରି ସେତିକି ଧାନ କିଣିବା ପାଇଁ ସୁବ୍ୟବସ୍ଥା କରନ୍ତୁ। ଜମି ଜମା ବନ୍ଦୋବସ୍ତନ ହେବା ପର୍ଯ୍ୟନ୍ତ ଏଗ୍ରୀଷ୍ଟକକୁ କରାନଯାଉ। ଏହିସବୁ ଦାବିକୁ ବିକ୍ଷୋଭ ସମାବେଶର ମୁଖ୍ୟ ଦାବି କରାଯିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ ଝାଙ୍କର, ଦିଲ୍ଲୀପ ବଢ଼େଇ, ବିରଞ୍ଚି ସାହୁ, ବାଳକୃଷ୍ଣ ଷାଣ୍ଢ, ଜଗଦୀଶ ଯାଦବ, ଭୌମକେଶ ଠାକୁର, ସୁରେଶ ଦେହୁରୀ, ତରଣି ଭୋଇ, ଜଗଦାନନ୍ଦ ନାୟକ, ସାନ୍ତାନୁ ପ୍ରଧାନ, ଦିଲ୍ଲୀପ ସାହୁ ଶିବ ପ୍ରସାଦ ପ୍ରଧାନ, ସୁଶୀଳ କୁମାର ସାହୁ, ହର ବଣିଆଁ, ମହେଶ୍ୱର ପ୍ରଧାନ, ଚଞ୍ଚଳ ପ୍ରଧାନ, ଅରୁଣ କୁମାର ସାହୁ, ସୁରେନ୍ଦ୍ର ମେହେର ଅରୁଣ ପ୍ରଧାନ, ଯୋଗବିହାରୀ ପରିଡ଼ା ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି’

ବରଗଡ଼, ୧୩।୧୦(ସମିସ): ବରଗଡ଼ ବ୍ଲକ ମାଲିପାଲି ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି’ ସିଆରସିସି ସୁଦର୍ଶନ ଲୁହାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଗାଇସୀମା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବଶଙ୍କର ଦାଶଙ୍କ ସଭାପତିତ୍ୱରେ ପ୍ରାରମ୍ଭିକ ସଭା ଏବଂ ଶିଶୁମାନଙ୍କର ବିଭିନ୍ନ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗାଇସୀମା ସରପଞ୍ଚ ଧିରନ ମହାପାତ୍ର, ସମ୍ମାନୀତ ଅତିଥି ଭାବେ ବରଗଡ଼ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଦାନୁ କୁମାର ତାଣ୍ଡି, ଅତିରିକ୍ତ ଶିକ୍ଷା ଅଧିକାରୀ ଜନ୍ମ ଭୁଏଙ୍କ ସହ ମାଲିପାଲି ସ୍କୁଲର ପ୍ରଧାନ ଶିକ୍ଷକ ଡୋଲାମଣି ସୁନା, ଭକ୍ତ ଚରଣ ପ୍ରଧାନ, ଧବଳେଶ୍ୱର ସାହୁ, ରକ୍ଷପାଲ ସାହୁଙ୍କ ସହ କ୍ଲଷ୍ଟରର ସମସ୍ତ ସ୍କୁଲର ପ୍ରଧାନ ଶିକ୍ଷକ, ଶିକ୍ଷକ ଶିକ୍ଷୟିତ୍ରୀ ସ୍କୁଲ ଚେୟାରମେନ ଅନନ୍ତ ପ୍ରଧାନ, ପରିଚାଳନା କମିଟି ସଦସ୍ୟ, ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ସୋହେଲା ଦୁର୍ଗାପୂଜା ରାମଲୀଲା ମହୋତ୍ସବ

ରାମ, ଲକ୍ଷ୍ମଣ ଏବଂ ବିଶ୍ୱାମିତ୍ରଙ୍କ ଗଙ୍ଗାରେ ନୌକାଯାତ୍ରା ମଞ୍ଚସ୍ଥ

ସୋହେଲା, ୧୩।୧୦(ସମିସ)



ସୋହେଲା ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ଶାରଦୀୟ ନବରାତ୍ର ଦୁର୍ଗାପୂଜା ଅବସରରେ ସ୍ଥାନୀୟ ଚେତନା ମଣ୍ଡପରେ ଅନୁଷ୍ଠିତ ହେଉଥିବା ରାମଲୀଳା ମହୋତ୍ସବରେ ତୃତୀୟ ସନ୍ଧ୍ୟାରେ ମନ୍ଥରାର କୁମନ୍ତ୍ରଣା ଶ୍ରୀରାମ ଲକ୍ଷ୍ମଣ ଓ ସୀତାଙ୍କ ବନବାସ ଗମନ ଶ୍ରୀରାମ ଗୁହକ ଶବର ଭେଟ ଓ ଭରତ ମିଳନ ପ୍ରଭୃତି ଉପାଖ୍ୟାନ ଗୁଡିକ ମଞ୍ଚସ୍ଥ ହୋଇଥିଲା। ସେହିପରି ମୁକ୍ତାକାଶ ମଞ୍ଚରେ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଓ ଋଷି ବିଶ୍ୱାମିତ୍ରଙ୍କ ଗଙ୍ଗାରେ ନୌକାଯାତ୍ରା ଦୃଶ୍ୟ ସ୍ଥାନୀୟ ପୁର୍ଣ୍ଣିବନ୍ଧରେ ଅନୁଷ୍ଠିତ ହୋଇଥିଲା। ସେହିପରି ଭରତ ମିଳନ ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। ଚେତନା ମଣ୍ଡପରେ ଅଯୋଧ୍ୟା ନରେଶ ଦଶରଥ ଜ୍ୟେଷ୍ଠପୁତ୍ର ଶ୍ରୀରାମଙ୍କ ରାଜ୍ୟାଭିଷେକର ଆୟୋଜନ କରୁଥିବା ବାର୍ତ୍ତା ଶୁଣି ଦାସୀ ମନ୍ଥରା ମହାରାଣୀ କୈକେୟୀଙ୍କୁ କୁମନ୍ତ୍ରଣା ଦେଇଛି। ରାଜା ଦଶରଥ କୈକେୟୀଙ୍କୁ ଦୁଇଟି ବର ମାଗିବାକୁ ପ୍ରତିଶ୍ରୁତି ଦେଇଥିବା କଥା ସ୍ମରଣ କରାଇ ମନ୍ଥରା କୈକେୟୀଙ୍କ ମନ ପରିବର୍ତ୍ତନ କରିବାରେ ସକ୍ଷମ ହୋଇଛି। ଦଶରଥଙ୍କୁ ଶପଥ କରାଇ ପ୍ରଥମ ବର ରୂପେ ଭରତ ହେବେ ଅଯୋଧ୍ୟାର ରାଜା ଓ ଦ୍ୱିତୀୟ ବର ରୂପେ ଶ୍ରୀରାମ ୧୪ ବର୍ଷ ପାଇଁ ବନବାସ ଯିବେ ବୋଲି କୈକେୟୀ ବର ମାଗିଛନ୍ତି। ଦଶରଥ ସତ୍ୟ ରକ୍ଷା କରି ବର ଦୁଇଟି ଦେବାକୁ ବାଧ ହୋଇଛନ୍ତି। ପିତୃ ସତ୍ୟ ପାଳନ କରି ଶ୍ରୀରାମ ବନକୁ ଯିବା ଜାଣି ପତ୍ନୀ ସୀତା ଓ ଅନୁଜ ଲକ୍ଷଣ ତାଙ୍କ ସହ ବନ ଗମନ ପାଇଁ ଇଚ୍ଛା ପ୍ରକାଶ କରିବାରୁ ୩ ଜଣ ମିଶି ସମସ୍ତଙ୍କ ଠାରୁ ବିଦାୟ ଘେନି ବନଗାମୀ ହୋଇଛନ୍ତି। ପ୍ରିୟ ପୁତ୍ର ବିରହରେ ରାଜା ଦଶରଥ ପ୍ରାଣତ୍ୟାଗ କରିଛନ୍ତି। ଶ୍ରବଣ କୁମାରଙ୍କ ଅନ୍ଧ ପିତାମାତାଙ୍କ ଅଭିଶାପ ଫଳବତୀ ହୋଇଛି। ବନବାସ ଗମନ କାଳରେ ଗଙ୍ଗା ନଦୀ ନିକଟସ୍ଥ ଶୃଙ୍ଗବୀର ପୁରରେ ରାମ ଭକ୍ତ ଗୁହକ ରାମଙ୍କ ସାକ୍ଷାତ ପାଇଁ ତାଙ୍କୁ ବନବାସ କଷ୍ଟରୁ ଦୁରେଇ ରଖିବା ପାଇଁ ଅନେକ ପ୍ରୟାସ କରି ବିଫଳ ହୋଇଛନ୍ତି। ଶ୍ରୀରାମ ଅନୁଗତ ଭରତ ଯିଏ କି ଏ ସମସ୍ତ ଘଟଣା ସମ୍ବନ୍ଧରେ ଅଜଣା ଥିଲେ ମାମୁ ଘରୁ ଫେରିବା ପରେ ପିତା ଦଶରଥଙ୍କ ମୃତ୍ୟୁ ଓ ରାମ ଲକ୍ଷ୍ମଣ ସୀତାଙ୍କ ବନବାସ ଖବର ଶୁଣି ମର୍ମାହତ ହୋଇଛନ୍ତି। ଏ ସବୁ ଘଟଣା ପଛରେ ମାତା କୈକେୟୀ ଓ ତାଙ୍କ ପ୍ରିୟ ଦାସୀ ମନ୍ଥରାର ହାତ ଥିବା ଜାଣି କୈକେୟୀ ଓ ମନ୍ଥରାକୁ ଭର୍ତ୍ସନା କରିଛନ୍ତି। ନିଜେ ରାଜ ପଦ ଗ୍ରହଣ ନ କରିବା ପାଇଁ ଶପଥ ନେଇ ପିତାଙ୍କ ଅନ୍ତ୍ୟୋଷ୍ଟି କ୍ରିୟା ସମାପନ କରି ରାମ ଲକ୍ଷ୍ମଣ ସୀତାଙ୍କୁ ଫେରାଇ ଆଣିବାକୁ ଭରତ କୁଳଗୁରୁ ବଶିଷ୍ଠ, ମନ୍ତ୍ରୀ ସୁମନ୍ତ ଓ ପ୍ରଜା ଗଣ ସହ ଚିତ୍ରକୂଟ ଯାତ୍ରା କରିଛନ୍ତି। ସେଠାରେ ଅବସ୍ଥାନ କରୁଥିବା ଶ୍ରୀରାମ, ଲକ୍ଷ୍ମଣ, ସୀତାଙ୍କୁ ସାକ୍ଷାତ କରି ସମସ୍ତ ପ୍ରକାର ପ୍ରୟାସ ସତ୍ତ୍ୱେ ଫେରାଇ ଆଣିବାରେ ବିଫଳ ହୋଇଛନ୍ତି। ପରିଶେଷରେ ଶ୍ରୀରାମଙ୍କ ପାଦୁକା (କଠଉ) ଦୁଇଟିକୁ ରାଜ ସିଂହାସନରେ ସ୍ଥାପନ କରି ତାଙ୍କର ପ୍ରତିନିଧି ରୂପେ ଭରତ ରାଜ୍ୟ ଶାସନ କାର୍ଯ୍ୟ ତୁଲାଇବା ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। ଶେଖ ଜଲିଲଙ୍କ ନିର୍ଦ୍ଦେଶନାରେ ଚାଲିଥିବା ରାମଲୀଳା କାର୍ଯ୍ୟକ୍ରମରେ ଆକାଶ, ମନୋଜ ତୁଷାର ରିଙ୍କୁ ପରାଗ ଶମ୍ଭୁ, ସମୀର, ସରୋଜ, ମଧୁ, ଶ୍ୱେତା, ବୀଣା, ଲକ୍ଷ୍ମୀ, ମଧୁସ୍ମିତା, ପୂଜା ପ୍ରମୁଖ କଳାକାର ଜୀବନ୍ତ ଅଭିନୟ କରିଥିଲେ।

ଅନ୍ତର୍ଜାତୀୟ ବାସ୍କେଟ ବଲ୍ ଶିବିରରେ ଓଡ଼ିଶା ଖେଳାଳିଙ୍କ ପ୍ରତିନିଧିତ୍ୱ

ବରପାଲି, ୧୩।୧୦(ସମିସ): ଗୁଜରାଟ ଗାନ୍ଧୀନଗର ସ୍ଥିତ ପଣ୍ଡିତ ଦୀନଦୟାଲ ଏନର୍ଜି ୟୁନିଭର୍ସିଟି ପରିସରରେ ଆୟୋଜିତ ଏନସିସି ଏସିଆ ପାସିଫିକ ବାସ୍କେଟ ବଲ ଅନ୍ତର୍ଜାତୀୟ ଶିବିରରେ ଓଡ଼ିଶାରୁ ଆଥଲେଟ୍ ଦୀପିକା କୁମ୍ଭାର ଓ କୋଚ୍ ବିବେଶିଖା ବେହେରା ଯୋଗ ଦେଇଛନ୍ତି। ଉଭୟେ ବରଗଡ଼ ଜିଲ୍ଲାର ବରପାଲି ସ୍ଥିତ ସରସ୍ୱତୀ ଥେରାପି ଆଣ୍ଡ ରିହାବିଲିଟେସନ୍ ସେଣ୍ଟରରୁ ପ୍ରତିନିଧିତ୍ୱ କରୁଛନ୍ତି। ଅକ୍ଟୋବର ୫ ତାରିଖରୁ ଆରମ୍ଭ ହୋଇଥିବା ଏହି ଶିବିର ଅକ୍ଟୋବର ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଆଥଲେଟ୍ ମାନେ ବାସ୍କେଟବଲ୍ ଖେଳର ବିଭିନ୍ନ କୌଶଳ ଶିଖିବା ସହ ନିଜର ଖେଳ ଦକ୍ଷତା ବିକାଶ କରିବାର ସୁଯୋଗ ପାଇବେ।



ଜିଲ୍ଲାସ୍ତରୀୟ ସ୍ଲୋଗାନ ଓ ଚିତ୍ରାଙ୍କନ ପ୍ରତିଯୋଗିତା

ବରଗଡ଼, ୧୩। ୧୦(ସମିସ): ବରଗଡ଼ ଆଞ୍ଚଳିକ ପରିବହନ ବିଭାଗ ଆନୁକୂଲ୍ୟରେ ସେବା ସଂକଳ୍ପ ଅଭିଯାନ ଓ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାସ୍ତରୀୟ ସ୍ଲୋଗାନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ସ୍ଥାନୀୟ ରାଣାପ୍ରତାପ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତା ଓ ଆଞ୍ଚଳିକ ପରିବହନ ଅଧିକାରୀ ଅଶୋକ କୁମାର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଶିକ୍ଷାଧିକାରୀ ସରୋଜ ଭୁଏ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏଇମିଶନ ସ୍କୁଲ ନିର୍ଦ୍ଦେଶକ ଯଶବୀର ସିଂ ସୈନି ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ଶ୍ରିସନ୍ଥ କୁମାର ପଣ୍ଡା, ପ୍ରତ୍ୟାଶା ଗୁରୁ ଓ ରୁକ୍ମଣୀ ଦୋରା, ସ୍ଲୋଗାନ ପ୍ରତିଯୋଗିତାରେ ଶ୍ରଦ୍ଧା ପ୍ରଧାନ, ଶାଲିନି ସା, ରୀମା ସାହୁ ଯଥା କ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ଡ. ଡୋଳାମଣି ଶତପଥୀ, କପିଳେଶ୍ୱର ବାଗ, ଅରବିନ୍ଦ ଗୁପ୍ତା, ଆଶୁତୋଷ ଛତର, ମନୋଜ ଜେନା, ନିରଞ୍ଜନ ବେହେରା ପ୍ରମୁଖ ମୂଲ୍ୟାଙ୍କନ କରିଥିଲେ। ବର୍ଷା ରାଣୀ ମୁଣ୍ଡା, ବିନୋଦ କୁମାର ଦାଶ, ଅନ୍ତର୍ଯ୍ୟାମୀ ପ୍ରଧାନ, ମନୋଜ କଠାର୍ ପ୍ରମୁଖ ସହଯୋଗ କରିଥିଲେ। ପଣ୍ଡିତ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ୍ ଅର୍ପଣ କରିଥିଲେ।

ବାଇକ୍ ଧକ୍କାରେ ବୃଦ୍ଧ ମୃତ; ୨ ଗୁରୁତର

ଦେବଗଡ଼, ୧୩।୧୦(ସମିସ): ବାରକୋଟ୍ ଥାନା ଅଧୀନ ପୁରୁଣାପାଣି ଗ୍ରାମ ନିକଟରେ ଆଜି ବାଇକ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୁରୁଣାପାଣି ଗ୍ରାମର ବେଞ୍ଜାମିନ ମିଞ୍ଜ (୬୦)। ସୂଚନା ଅନୁଯାୟୀ, ବେଞ୍ଜାମିନ ଆଜି ଗୋରୁପଲ ନେଇ ରାସ୍ତା ପାର୍ ହେଉଥିବା ସମୟରେ ପୁରୁଣାପାଣି ଗ୍ରାମ ନିକଟରେ ବାଇକରେ ଥିବା ୨ଜଣ ଯୁବକ ଦ୍ରୁତଗତିରେ ଆସି ପଛ ପଟୁ ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ବେଞ୍ଜାମିନଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଖବର ପାଇ ଗ୍ରାମବାସୀ କ୍ଷତିପୂରଣ ଦାବିରେ ରାସ୍ତାରୋକ କରିଥିଲେ। ଅନ୍ୟପକ୍ଷରେ ଦୁଇ ବାଇକ ଆରୋହୀଙ୍କୁ ଗୁରୁତର ଅବସ୍ଥାରେ ଗ୍ରାମବାସୀ ବାରକୋଟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବାରକୋଟ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ପୁଲିସ ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଭଅଁରଖୋଲ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ଇବଥର୍ମାଲ, ୧୩।୧୦(ସମିସ): ଲଖନପୁର ବ୍ଲକ ଅଧୀନ ଭଅଁରଖୋଲ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ସିଆରସିସି ସନତ ସାହୁଙ୍କ ସଂଯୋଜନାରେ ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସୁନିମା ପଧାନ, ସମ୍ମାନୀତ ଅତିଥି ଭାବରେ ପ୍ରଧାନ ଶିକ୍ଷକ ସମୀର ପ୍ରଧାନ, ଭଅଁରଖୋଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆରତୀ କୁଲ୍ଲୁ, ସ୍କୁଲ ପରିଚାଳନା ସଭାପତି ରାଜୀବ ପ୍ରଧାନ ଉପସ୍ଥିତ ଥିଲେ। କ୍ଲଷ୍ଟରର ୧୪ ଟି ବିଦ୍ୟାଳୟର ମୋଟ୍ ୨୦୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ବ୍ଲକସ୍ତରୀୟ ସୁରଭିକୁ ମନୋନୀତ ହୋଇଛନ୍ତି। ସିଆରସିସି ସନତ ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ସହକାରୀ ଶିକ୍ଷକ ବଟ ଖମାରି, ତ୍ରିଲୋଚନ ସାହୁ, ଦିଲୀପ ପ୍ରଧାନ, ପ୍ରମୋଦ ବିଶ୍ୱାଳ, ସୁଶୀଲ କୁମାର ଜୟପୁରିଆ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ।

ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

ଦେବଗଡ଼, ୧୩।୧୦(ସମିସ): ବାରକୋଟ ବ୍ଲକ ଅଧୀନ କଲା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ପକ୍ଷରୁ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଜି ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଛି। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଭାସ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସିଡିଏମଓ ଡାକ୍ତର ସଂଘମିତ୍ରା ପଣ୍ଡା, ସମ୍ମାନିତ ଅତିଥିଭାବେ ମନସ୍ତତ୍ତ୍ୱବିତ ରାଜଶ୍ରୀ ମହାନ୍ତି, ଭାରପ୍ରାପ୍ତ ସହକାରୀ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ ଯୋଗ ଦେଇ ଦିବସ ପାଳନର ଅଭିମୁଖ୍ୟ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ସଭାକୁ କଲା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଲୋକନାଥ ସାହୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସିଏଚଓ ସୁଶାନ୍ତ ପ୍ରଧାନଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ସହଯୋଗ କରିଥିଲେ।

ଜୋନାଲ୍‌ସ୍ତରୀୟ ବିଜ୍ଞାନ ନାଟକରେ ଗଞ୍ଜାମ ପ୍ରଥମ

ବୌଦ୍ଧ, ୧୩।୧୦(ସମିସ)



ଦ୍ୱିତୀୟ ସ୍ଥାନରେ ଗଜପତି ଓ ତୃତୀୟରେ ବୌଦ୍ଧ

ବୌଦ୍ଧସ୍ଥିତ ଟାଉନହଲ୍‌ଠାରେ ଜୋନାଲ୍‌ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ପ୍ରଥମ ସ୍ଥାନରେ ଗଞ୍ଜାମ ଜିଲ୍ଲା, ଦ୍ୱିତୀୟ ସ୍ଥାନରେ ଗଜପତି ଜିଲ୍ଲା ଓ ତୃତୀୟ ସ୍ଥାନରେ ବୌଦ୍ଧ ଜିଲ୍ଲା ରହିଛି। ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବ ତଥା ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ସମ୍ମାନୀତ ଅତିଥି ଭାବେ କନ୍ଧମାଳ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ, ଅନ୍ୟତମ ଅତିଥି ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧକ୍ଷା ଦେବସ୍ମିତା ଚକ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ଓ ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ବରୁଣ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ।

ବିଜେତା ୩ ଟିମ୍ ସହ ଶ୍ରେଷ୍ଠ ଅଭିନେତା ଭାବରେ ଗଞ୍ଜାମ ଜିଲ୍ଲାର ଆଦର୍ଶ ନାହାକ, ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଗଜପତି ଜିଲ୍ଲାର ଲକ୍ଷ୍ମୀନାରାୟଣୀ ପାଇକ, ଶ୍ରେଷ୍ଠ ନାଟ୍ୟ ନିର୍ଦ୍ଦେଶକ ଭାବେ ଗଞ୍ଜାମ ଜିଲ୍ଲାର ବ୍ଲେସି ପ୍ରଧାନ, ଶ୍ରେଷ୍ଠ ପଟ୍ଟଲେଖକ ଭାବେ ଗଜପତି ଜିଲ୍ଲାର ପ୍ରହ୍ଲାଦ ସିଆଲଙ୍କୁ ମୁଖ୍ୟଅତିଥି ଏବଂ ଅନ୍ୟ ଅତିଥିମାନେ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ବୌଦ୍ଧ ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟର ଏନସିସି ଦଳ, ପିଏମଶ୍ରୀ ବି ବି ଏନ୍ ଉଚ୍ଚ ବିଦ୍ୟାଳୟ ସରସରାର ବ୍ୟାଣ୍ଡ ପାର୍ଟିଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ଧନ୍ୟବାଦ ଜଣାଇଥିଲେ। ଏଥିରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀ ଓ ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟ ଓ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବୌଦ୍ଧର କର୍ମଚାରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ



ବୌଦ୍ଧ, ୧୩।୧୦(ସମିସ): ଜେଏନ୍‌ୟୁର ଜଣେ ଛାତ୍ରୀଙ୍କ ପ୍ରତି ଅସଦାଚରଣ ଅଭିଯୋଗରେ କଂଗ୍ରେସ ଦଳର ମଣିପୁର ସାଂସଦ ତଥା ପ୍ରଫେସର ଅଙ୍ଗୋମଚା ବିମଲ ଅକୋଇଜାମଙ୍କ ବହିଷ୍କାର ଓ ଘଟଣାର ପ୍ରତିବାଦରେ ବୌଦ୍ଧ ଏନ୍‌ଏସି. ଛକଠାରେ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଶ୍ରୀମତୀ ଶାନ୍ତିଲତା ମହାକୁଡ଼ଙ୍କ ନେତୃତ୍ୱରେ ଏହି ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ସତ୍ୟାନନ୍ଦ ପାଣ୍ଡେ, ଜିଲ୍ଲା ଉପ-ସଭାପତି ଶ୍ୟାମସୁନ୍ଦର ପୁରୋହିତ, ତାପସ ପଟ୍ଟନାୟକ, ଶ୍ରୀମତୀ ନମିତରାଣୀ ଦାସ, ଜିଲ୍ଲା ସମ୍ପାଦକ ରାଜକୁମାର ମେହେର ଏବଂ ନଗର ମଣ୍ଡଳ ସଭାପତି ଗଜେନ୍ଦ୍ର ସାହୁ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।

ଦୁର୍ଗା ମନ୍ଦିରରେ ମା'ଙ୍କ ନବଦିନାତ୍ମକ ପୂଜା



ବୌଦ୍ଧ, ୧୩।୧୦(ସମିସ): ଶ୍ରୀରାମଲୀଳା ପଡ଼ିଆ ପରିସରରେ ନବ ଦିନାତ୍ମକ ପୂଜା ଆରମ୍ଭ ହୋଇ ଷଷ୍ଠ ବର୍ଷରେ ପଦାର୍ପଣ କରିଛି। ଚଳିତବର୍ଷ ମହାନଦୀ ଆଳତୀ ଘାଟରୁ କଳସ ଶୋଭାଯାତ୍ରାରେ ଆଣି ନୀତିକାନ୍ତି ଅନୁସାରେ ପ୍ରତିଦିନ ହୋମଯଜ୍ଞ, ପୂଜା, ଚଣ୍ଡୀପାଠ କରାଯାଉଛି। ପୂଜାରେ ମୁଖ୍ୟ କର୍ତ୍ତାଭାବେ ଶ୍ରୀନିବାସ ମିଶ୍ର ଦାୟିତ୍ୱ ନିର୍ବାହ କରି ଆସୁଥିବାବେଳେ ପୂଜକ ଭାବେ କ୍ଷୀତିଶ କୁମାର ପଣ୍ଡା, ଦିଲ୍ଲୀପ କୁମାର ପଣ୍ଡା, ରାକେଶ କୁମାର ପଣ୍ଡା ନିଷ୍ଠାର ସହ ଦାୟିତ୍ୱ ସମ୍ପର୍ନ୍ନ କରୁଛନ୍ତି। ଦୁର୍ଗାପୂଜା କମିଟି ପକ୍ଷରୁ ମୁଖ୍ୟ ଭାବେ ବିକାଶ କାନୁନଗୋ, ରଞ୍ଜିତ କୁମାର ମହାପାତ୍ର, ଅଜୟ କୁମାର ପଣ୍ଡା, କୁନା ବାଘ, ସୁନିଲ ବଡମାଳି, ଦେବରାଜ ପଟ୍ଟନାୟକ, ସୌମ୍ୟ ମିଶ୍ର, କାହ୍ନା ମିଶ୍ର, ସୁଜିତ୍ କୁମାର ସ୍ୱାଇଁ ପ୍ରମୁଖ ପରିଚାଳନା କରୁଛନ୍ତି। ପ୍ରତ୍ୟେକ ଦିନ ଭକ୍ତମାନଙ୍କୁ ମଧାହ୍ନ ପ୍ରସାଦ ବିତରଣ କରାଯାଉଛି।

ଦୁର୍ଘଟଣାରେ ଯୁବକଙ୍କ ଗୋଡ଼ ଛିଡ଼ିଲା, ଜଣେ ଗୁରୁତର

ବୌଦ୍ଧ, ୧୩।୧୦(ସମିସ): ଜାତୀୟ ରାଜପଥ ନଂ ୫୭ର ବୌଦ୍ଧ ଥାନା ବଲାସିଙ୍ଗା ସାଲୁଙ୍କି ପୋଲ ନିକଟରେ ବୋଲେରୋ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ ଆରୋହୀଙ୍କ ଗୋଡ଼ ଛିଡ଼ି ଯାଇଛି। ସୂଚନା ଅନୁଯାୟୀ ବୌଦ୍ଧ ଥାନା ନାରାୟଣନଗର ଗ୍ରାମର ଲକ୍ଷ୍ମୀକାନ୍ତ ମେହେର କୌଣସି କାମରେ ଜହ୍ନାପଙ୍କ ପଟୁ ବୌଦ୍ଧ ଆଡକୁ ଆସୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ବୋଲୋରୋ ଧକ୍କା ଦେଇଥିଲା। ଫଳରେ ଲକ୍ଷ୍ମୀକାନ୍ତଙ୍କ ଡାହାଣ ଗୋଡ ଆଣ୍ଠୁ ତଳୁ ଛିଡ଼ି ଗୁରୁତର ଆହତ ହୋଇଛନ୍ତି। ପ୍ରଥମେ ତାଙ୍କୁ ବୌଦ୍ଧ, ସେଠାରୁ ବୁର୍ଲା ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ପୁଲିସ୍ ଦୁର୍ଘଟଣା ଘଟାଇଥିବା ବୋଲେରୋ ଓ ବାଇକକୁ ଜବତ କରି ତଦନ୍ତ ଚଳାଇଛି। ସେହିପରି ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ଗ୍ରାମ ନିକଟରେ ଥିବା ଲକ୍ଷ୍ମୀ ସାଗର ଗାଧୁଆ ତୁଠ ନିକଟରେ ଏକ କାର ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିବାବେଳେ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। କାର୍‌ଟି ଆଠମଲ୍ଲିକରୁ ଯାତ୍ରୀଙ୍କୁ ଆଣି ତେଲିବନ୍ଧ ଗ୍ରାମ ପଞ୍ଚାୟତ ରାମପୁର ଗ୍ରାମରେ ଛାଡି ଲକ୍ଷ୍ମୀ ସାଗର ହୁଡାରେ କାରକୁ ନେଇ ଫେରୁଥିବା ବେଳେ ଗାଧୁଆ ତୁଠ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା।

ଗାନ୍ଧୀ ଷ୍ଟାଡିୟମରେ ରାଜ୍ୟସ୍ତରୀୟ ଫୁଟବଲ୍ ଚାମ୍ପିଅନସିପ୍

● ରାଜ୍ୟର ପ୍ରଥମ ୧୪ ବର୍ଷରୁ କମ୍ ବାଳକ ଫୁଟବଲ୍ ଚାମ୍ପିୟନସିପ୍ ଆରମ୍ଭ

ତରଭା, ୧୩।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ଗାନ୍ଧୀ ଷ୍ଟାଡିୟମଠାରେ ମଙ୍ଗଳବାର ୭୦ତମ ରାଜ୍ୟସ୍ତରୀୟ ଫୁଟବଲ୍ ଚାମ୍ପିଅନସିପ୍ ସହିତ ରାଜ୍ୟର ପ୍ରଥମ ୧୪ ବର୍ଷରୁ କମ୍ ବାଳକ ଫୁଟବଲ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ ହୋଇଛି। ୪ ଦିନ ଧରି ଚାଲିବାକୁ ଥିବା ଏହି କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହରେ ବୀରମହାରାଜପୁର ବିଧାୟକ ଇଞ୍ଜିନିୟର ରଘୁନାଥ ଜଗଦଲା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଓଡ଼ିଶାର ସୁନାମଧନ୍ୟ ଆଥଲେଟ୍ ତଥା ସ୍ୱର୍ଣ୍ଣପଦକ ବିଜୟିନୀ ଦୂତୀ ଚାନ୍ଦ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ।



ଏହି ଅବସରରେ ଜିଲ୍ଲାପାଳ ଦେବାଶିଷ ସିଂହ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ, ଶାରୀରିକ ଶିକ୍ଷାର ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡ଼ା, ମୟୂରଭଞ୍ଜ ଜିଲ୍ଲାର ଶାରୀରିକ ଶିକ୍ଷା ଅଧିକାରୀ ଭାଗୀରଥୀ ମଲ୍ଲିକ, କାର୍ଯ୍ୟକ୍ରମର ସଂଯୋଜନା ଓ ଆୟୋଜକ ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଅମ୍ଳାନ ପାଣ୍ଡିଆ, ଶାରୀରିକ ଶିକ୍ଷା ଅଧିକାରୀ ବାଲାଜୀ ବିଶ୍ୱନାଥ ଏବଂ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍‌ର ସଭାପତି ପ୍ରିୟୁଷ ପଣ୍ଡା, ବରିଷ୍ଠ ଫୁଟବଲ ଖେଳାଳି ସାମ୍ବାଦିକ ଗୋରେଖନାଥ ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ଦୂତୀ ଚାନ୍ଦ ଉପସ୍ଥିତ ୧୪ ବର୍ଷରୁ କମ୍ ବୟସର ବାଳକ ଫୁଟବଲ୍ ଖେଳାଳିମାନଙ୍କୁ ଉଦ୍‌ବୋଧନ ଦେଇ ନିଜ ଜୀବନର ସଂଘର୍ଷ ଓ ସଫଳତାର ଅନୁଭୂତି ବାଣ୍ଟିଥିଲେ। ପ୍ରତିଯୋଗିତାର ପ୍ରଥମ ଦିନରେ ଖେଳାଳିମାନଙ୍କ ପକ୍ଷରୁ ଆକର୍ଷଣୀୟ ପତାକା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଉପସ୍ଥିତ ଅତିଥିମାନେ ଏହି ଶୋଭାଯାତ୍ରାକୁ ଅଭିବାଦନ ଜଣାଇବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ନିରଞ୍ଜନ ଶତପଥୀ ଓ ସ୍ମିତାରାଣୀ ନାଏକ ସଂଯୋଜନା କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ସେକ୍ସନ ଅଧିକାରୀ ଚିତ୍ତରଞ୍ଜନ ତରାସିଆ ଧନ୍ୟବାଦ ଦେଇଥିଲେ।

କଣ୍ଟାମାଲ ବ୍ଲକରେ ତିନୋଟି ରାସ୍ତାର ଶିଳାନ୍ୟାସ



କଣ୍ଟାମାଲ, ୧୩।୧୦(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଲ ବ୍ଲକ ଅଞ୍ଚଳରେ ଗମନାଗମନ ବ୍ୟବସ୍ଥାର ଉନ୍ନତିକରଣ ଲକ୍ଷ୍ୟରେ ତିନୋଟି ରାସ୍ତାର ଶିଳାନ୍ୟାସ କରାଯାଇଛି। ଏହି ଅବସରରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଲଯୋରୀ, ଶେଲାମାଲ ଓ ଲାଖପର୍ବତ ଅଞ୍ଚଳରେ ତିନୋଟି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ରାସ୍ତାରଶିଳାନ୍ୟାସ କାର୍ଯ୍ୟକ୍ରମରେ ଅନିଲ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, ମୁଣ୍ଡିମହୁଲ ସରପଞ୍ଚ ପଞ୍ଚାନନ ସାହୁ, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ପ୍ରତିନିଧି ଯୁଗଳକିଶୋର ସାମଲ, ଶୀତିକଣ୍ଠ ମିଶ୍ର, ସ୍ଥାନୀୟ ସମିତି ସଭ୍ୟ ଏବଂ ବିଭାଗୀୟ ଯନ୍ତ୍ରୀ ଶ୍ୟାମସୁନ୍ଦର ହେମ୍ବ୍ରମଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

'କୋଶଳ ପ୍ରସଙ୍ଗ ଛାତ୍ର ନିର୍ବାଚନର ମୁଦ୍ଦା ହେଉ'

ବଲାଙ୍ଗିର, ୧୩।୧୦(ସମିସ): ଦେଶର ବିକାଶ ଓ ଗଣତନ୍ତ୍ରର ସମୃଦ୍ଧି ପାଇଁ ଛାତ୍ର ରାଜନୀତି ନିହାତି ଆବଶ୍ୟକ। ଦୀର୍ଘ ୨୮ ବର୍ଷ ହେଲା କୋଶଳାଞ୍ଚଳର ମୁକ୍ତି ପାଇଁ ଓ ସମ୍ବିଧାନର ଧାରା ୩ ଅନୁଯାୟୀ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ପାଇଁ ପ୍ରୟାସ ଚାଲିଛି। ଏହି ପ୍ରୟାସରେ କୋଶଳାଞ୍ଚଳର ସଂଗ୍ରାମୀ ଯୁବ ଛାତ୍ରମାନଙ୍କର ଏକ ମହତ୍ ଭୂମିକା ରହିଛି। ତେଣୁ ଯେ ଯେଉଁ ସଂଗଠନର ହୁଅନ୍ତୁ ନାଁ କାହିଁକି ଆଗାମୀ ଛାତ୍ର ସଂସଦ ନିର୍ବାଚନରେ କୋଶଳାଞ୍ଚଳର ଛାତ୍ରଛାତ୍ରୀମାନେ କୋଶଳ ରାଜ୍ୟ ଗଠନ ଦାବିକୁ ନେଇ ହିଁ ଆଗାମୀ ଛାତ୍ର ସଂସଦ ନିର୍ବାଚନରେ ଅଂଶଗ୍ରହଣ କରିବା ଆବଶ୍ୟକ। ତେଣୁ କୋଶଳାଞ୍ଚଳର ବିପ୍ଳବୀ ଛାତ୍ର ସମାଜ ଆଗାମୀ ଛାତ୍ର ସଂସଦ ନିର୍ବାଚନରେ କୋଶଳକୁ ହିଁ ମୁଖ୍ୟ ମୁଦ୍ଦା କରି ନିର୍ବାଚନରେ ଅଂଶ ଗ୍ରହଣ କରନ୍ତୁ ବୋଲି କୋଶଳ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ ମିଶ୍ର ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ଆହ୍ୱାନ ଦେଇଛନ୍ତି।

ଡୁଙ୍ଗୁରିପାଲି ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ଡୁଙ୍ଗୁରିପାଲି, ୧୩।୧୦(ସମିସ): ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ମହାବିଦ୍ୟାଳୟ ରେ ଶିକ୍ଷା ବିଭାଗ ତରଫରୁ ପ୍ରଥମ ବର୍ଷ ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍ୱାଗତ ସମାରୋହ ଉତ୍ସବ ଅଧକ୍ଷ ହୃଦାନନ୍ଦ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶତପଥି ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳା ଜ୍ଞାନ ପ୍ରଦାନ କରିବା ସହ ଉଚ୍ଚଶିକ୍ଷା ସ୍ତରରେ କେବଳ ପୁସ୍ତକ ଶିକ୍ଷା ଉପରେ ଗୁରୁତ୍ୱ ନ ଦେଇ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଅଧାପିକା ଗୋପିକା ଦାସ ରାଷ୍ଟ୍ର ଗଠନ ରେ



ପ୍ରଥମେ +୩ ତୃତୀୟ ଏବଂ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ଫୁଲଚନ୍ଦନ ଦେଇ ପ୍ରଥମ ବର୍ଷର ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ କରିଥିଲେ। ବିଭାଗୀୟ ମୁଖ୍ୟ ଶୈଳେଶ ଶତପଥୀ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କୁ କେଜି ରୁ ପିଜି ମାଗଣା ଶିକ୍ଷା ବ୍ୟବସ୍ଥା ର ନୀୟମ ଗୁଡ଼ିକୁ ଛାତ୍ରଛାତ୍ରୀ ମାନଙ୍କ ଆଗରେ ଉପସ୍ଥାପନ କରି ଉପଯୁକ୍ତ ଦିଗଦର୍ଶନ ପ୍ରଦାନ କରିଥିଲେ। ଅଧାପିକା ମଧୁସ୍ମିତା ଯୁବପିଢ଼ୀ ମାନଙ୍କ ଭୂମିକା ଉପରେ ମତ ଦେଇ ଉପଯୁକ୍ତ ମାର୍ଗଦର୍ଶନ କରିଥିଲେ। ଛାତ୍ରୀ ମିନାକ୍ଷୀ ହରିପାଲ ମଞ୍ଚ ପରିଚାଳନା କରିଥିବା ବେଳେ ଛାତ୍ରୀ ସାଗରିକା ନାଏକ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପରିଶେଷରେ ଛାତ୍ରୀ ବର୍ଷା ଜାଲ୍ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ସାହିତ୍ୟିକ ପ୍ରଦୀପ ମିଶ୍ରଙ୍କ ସହ ଭାବବିନିମୟ

ବଲାଙ୍ଗିର, ୧୩।୧୦(ସମିସ): ସାହିତ୍ୟ ସର୍ବଦା ସମାଜର ଦର୍ପଣ। ଏହା ମଣିଷର ଅନୁଭୂତି, ସାମାଜିକ ବାସ୍ତବତା ଓ ଜୀବନର ବିଭିନ୍ନ ଦିଗକୁ ଶବ୍ଦରେ ରୂପ ଦେଇଥାଏ। ଲେଖକଙ୍କ ଜୀବନ, ସାହିତ୍ୟ ସାଧନା ଓ ସୃଜନଶୀଳ ଚିନ୍ତାଧାରାକୁ ନିକଟରୁ ଜାଣିବା ଉଦ୍ଦେଶ୍ୟରେ ଲେଖକଙ୍କ ସହ ଭାବ ବିନିମୟ କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ପ୍ରଦୀପ ମିଶ୍ରଙ୍କ ସହ ଆଲୋଚନା ଓ ଭାବବିନିମୟ ଗାଳ୍ପିକଙ୍କ ବାସଭବନ ସପ୍ତପର୍ଣ୍ଣିରେ ଅନୁଷ୍ଠିତ ହୋଇଥିଲା। ଏହି ସାକ୍ଷାତକାରରେ ପାଠକ ରଞ୍ଜିତ ମିଶ୍ରଙ୍କ ସମେତ ଶିକ୍ଷକ ଚୂଡ଼ାମଣି ସେଠ, ମହେଶ ମିଶ୍ର, ଦଧିବାବନ ବାଘ, ସବ୍ୟସାଚୀ ସାହୁ, ସୁବ୍ରତ ସାହୁ, ହରି ଖେତୀ ଓ ଉପଦେଷ୍ଟା ଲକ୍ଷ୍ମୀ ଖେତୀ ଲେଖକଙ୍କ ସହ ଆଲୋଚନା କରିଥିଲେ। ଲେଖକଙ୍କ ସାହିତ୍ୟିକ ଯାତ୍ରା, ଲେଖନୀର ପ୍ରେରଣା, ଗଳ୍ପ ରଚନାର ପୃଷ୍ଠଭୂମି ଓ ସାହିତ୍ୟ ସୃଷ୍ଟି ପଛରେ ରହିଥିବା ଅନୁଭୂତି ସମ୍ପର୍କରେ ଉପସ୍ଥିତ ସଦସ୍ୟମାନେ ଜାଣିବାର ସୁଯୋଗ ପାଇଥିଲେ। ଏହି ଅବସରରେ ଲେଖକ ପ୍ରଦୀପ ମିଶ୍ର ନିଜର ପ୍ରଥମ ଗଳ୍ପ ଯାହା ଯେମିତି ଘଟୁଥାଏ ସମେତ ତାଙ୍କର ଅନ୍ୟାନ୍ୟ ଗଳ୍ପ ଟ୍ରାପ୍, ନାଭିନାଡ଼, ଅପାରମ୍ପରିକ ଓ ମୋ ବାପାଙ୍କ ଛାମୁଦାନ୍ତ ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ଗଳ୍ପଗୁଡ଼ିକର ରଚନା ପଛରେ ଥିବା ଭାବନା, ଜୀବନର ଅନୁଭବ ଓ ସୃଜନଶୀଳ ଦୃଷ୍ଟିକୋଣ ସମ୍ପର୍କରେ ଲେଖକଙ୍କଠାରୁ ଶୁଣି ସଦସ୍ୟମାନେ ସାହିତ୍ୟର ଅନ୍ତରଙ୍ଗ ଦିଗକୁ ବୁଝିବାର ସୁଯୋଗ ପାଇଥିଲେ। ସାହିତ୍ୟ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ; ଏହା ସମାଜର ବାସ୍ତବ ଚିତ୍ରକୁ ପ୍ରତିଫଳିତ କରିବା ସହ ମାନବୀୟ ମୂଲ୍ୟବୋଧ, ନୈତିକତା ଓ ସାମାଜିକ ଚେତନାର ବିକାଶରେ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଏ। ଲେଖକଙ୍କ ଅନୁଭୂତି ଓ ସୃଜନ ପ୍ରକ୍ରିୟାକୁ ନିକଟରୁ ଜାଣିବା ଦ୍ୱାରା ପାଠକମାନେ ଗୋଟିଏ ସାହିତ୍ୟକୃତିର ଗଭୀରତା ଓ ତାହା ପଛରେ ଥିବା ଚିନ୍ତାଧାରାକୁ ଅଧିକ ଭଲଭାବେ ଅନୁଭବ କରିପାରନ୍ତି। ଏଭଳି ସାକ୍ଷାତକାର କାର୍ଯ୍ୟକ୍ରମ ଲେଖକ ଓ ପାଠକଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ସହ ସାହିତ୍ୟ ଚର୍ଚ୍ଚାକୁ ଅଧିକ ଜୀବନ୍ତ କରିଥାଏ ବୋଲି ଲେଖକ ପ୍ରଦୀପ ମିଶ୍ରଙ୍କ ପତ୍ନୀ ତଥା ଲୋଇସିଂହା ଡିଗ୍ରୀ କଲେଜର ଶିକ୍ଷା ବିଭାଗର ଅଧ୍ୟାପିକା ଶାନ୍ତିପ୍ରିୟା ହୋତା ମତବ୍ୟକ୍ତ କରିଥିଲେ। ବିଶେଷ କରି ଯୁବପିଢ଼ିଙ୍କ ମଧ୍ୟରେ ପୁସ୍ତକ ପଠନ, ଗଳ୍ପ ଲେଖନ ଓ ସୃଜନଶୀଳ ଚିନ୍ତାଧାରା ପ୍ରତି ଆଗ୍ରହ ବୃଦ୍ଧି କରିବାରେ ଏପରି ପ୍ରୟାସ ନିଶ୍ଚିତ ଭାବେ ପ୍ରେରଣାଦାୟକ ହେବ ବୋଲି ଗାଳ୍ପିକ ପ୍ରଦୀପ ମିଶ୍ର ନିଜ ବକ୍ତବ୍ୟରେ କହିଥିଲେ।



ଖଟଖଟିଆ-ଦପଲା ରାସ୍ତା ଶୋଚନୀୟ

କଣ୍ଟାମାଲ, ୧୩।୧୦(ସମିସ)



ବୌଦ୍ଧ ଜିଲ୍ଲା କଣ୍ଟାମାଲ ବ୍ଲକ ଖଟଖଟିଆ ଠାରୁ ଦପଲା ପର୍ଯ୍ୟନ୍ତ ଯାଇଥିବା ରାସ୍ତାଟିରେ ପୂର୍ତ୍ତବିଭାଗ ଦ୍ୱାରା ନିର୍ମାଣ କାର୍ଯ୍ୟ ଚାଲିଛି। କିନ୍ତୁ ରାସ୍ତାରେ ମେଟାଲ୍ ଓ କ୍ରସରଗୁଣ୍ଡ ପକାଇ ତା' ଉପରେ ପାଣି ନ ଛିଞ୍ଚି ରାସ୍ତା ନିର୍ମାଣ ଠିକାଦାର ବନ୍ଦ କରି ଦେଇଛି। ଯାହାଦ୍ୱାରା ଗାଡ଼ିମୋଟର ଯାତାୟତ ସମୟରେ ପ୍ରଚୁର ପରିମାଣର ଧୂଳି ଉଡ଼ି ଲୋକେ ଅଣନିଃଶ୍ୱାସୀ ହୋଇପଡୁଥିବା ଅଭିଯୋଗ ହୋଇଛି। ଠିକାଦାରଙ୍କ ମନମାନି ଯୋଗୁଁ ରାସ୍ତାରେ ଯାତାୟାତ କରୁଥିବା ଲୋକେ ଏଭଳିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାରେ ପାଣି ଛିଞ୍ଚିବା ପାଇଁ ଅଞ୍ଚଳବାସୀ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କୁ ଅନେକଥର ଅଭିଯୋଗ କରି ଆସୁଥିଲେ ହେଁ କେହି ଶୁଣୁ ନଥିବା ଅଭିଯୋଗ ହୋଇଛି। ଏପରିକି ଯନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଠିକାଦାର ମାନୁ ନଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ କିଛିଦିନ ତଳେ ଏହି ରାସ୍ତାରେ ପୁରୁଣା ପିଚୁକୁ କାଢି ମେଟାଲ୍ ଦେବା ପରିବର୍ତ୍ତେ କାଢ଼ିଥିବା ପୁରୁଣା ପିଚୁ ଖଣ୍ଡ ସବୁକୁ ରୋଲର୍ ସାହାଯ୍ୟରେ ଚପାଇ ତା ଉପରେ କ୍ରସର ଗୁଣ୍ଡ ସହ ଆବଶ୍ୟକ ସ୍ଥଳେ ମେଟାଲ ପକାଉଥିବା ଦେଖିବାକୁ ମିଳିଥିଲା। ଯାହା ଫଳରେ ରାସ୍ତାର ସ୍ଥାୟିତ୍ୱକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ କରିଥିଲେ। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ବି ରାସ୍ତାରୁ ପୁରୁଣା ପିଚୁକୁ ଠିକାଦାର ନ ହଟାଇ ରାସ୍ତାକାମ ଚଳାଇଛନ୍ତି। ଗତ ଦେଢ଼ ମାସରୁ ଉର୍ଦ୍ଧ୍ୱ ହେବ ରାସ୍ତା କାମ ବନ୍ଦ ଥିବା ବେଳେ ଠିକାଦାର ରାସ୍ତାରେ ପାଣି ମଧ ସିଞ୍ଚନ କରୁ ନାହିଁ। ପୂର୍ତ୍ତ ବିଭାଗ ଏଥି ପ୍ରତି ଆଦୌ ଦୃଷ୍ଟି ଦେଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଲୋକଙ୍କ ଯାତାୟାତର ସୁବିଧାକୁ ଦୃଷ୍ଟିରେ ରଖି ନିୟମିତ ଭାବରେ ରାସ୍ତାରେ ପାଣି ସିଞ୍ଚନ କରିବା ସହ ଖୁବ୍‌ଶୀଘ୍ର ରାସ୍ତାକାମ ଆରମ୍ଭ କରିବାକୁ ଲୋକେ ଦାବି କରିଛନ୍ତି।

ବିପଦକୁ ଡାକୁଛି ମୁକୁଳା ଟ୍ରାନ୍ସଫର୍ମର

ତରଭା, ୧୩।୧୦(ସମିସ): ତରଭା ସହରର ଏକ ବ୍ୟସ୍ତବହୁଳ ବଡବନ୍ଧ ରାସ୍ତାର ଏନଏମ କଲ୍ୟାଣ ମଣ୍ଡପ ନିକଟରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ଖୋଲାମେଲାରେ ରହିଛି। ସେହିପରି ଅନ୍ତର୍ଡା ଗ୍ରାମ ମୁଣ୍ଡର ଟ୍ରାନ୍ସଫର୍ମର ଅବସ୍ଥା ସମାନ ଅଟେ। ଏହି ଖୋଲାମେଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର୍‌ର ଅବସ୍ଥା ଦେଖିଲେ ଲାଗୁଛି, ଯେପରି କୌଣସି ବଡ଼ ଅଘଟଣକୁ ଅପେକ୍ଷା କରାଯାଉଛି। ବହୁ ଦିନ ଧରି ଟ୍ରାନ୍ସଫର୍ମର୍‌ଟି ସୁରକ୍ଷା ବାଡ଼ ବିନା ରହିଥିବା ବେଳେ ସର୍କିଟ ବକ୍ସରୁ ବାହାରିଥିବା ବିଦ୍ୟୁତ୍ କେବୁଲ୍ ତଳକୁ ଝୁଲି ରହିଛି। ସବୁଠାରୁ ଚିନ୍ତାଜନକ କଥା ହେଲା, ଟ୍ରାନ୍ସଫର୍ମର୍ କଡ଼ ଦେଇ ଏକ ପ୍ରମୁଖ ରାସ୍ତା ଯାଇଛି। ପ୍ରତିଦିନ ଏହି ରାସ୍ତାରେ ସ୍କୁଲ ପିଲା, ମହିଳା, ବୃଦ୍ଧ, ଚାଷୀ ଓ ଗାଈ-ଗୋରୁ ସହ ଅନେକ ଗୃହପାଳିତ ପଶୁ ଯାତାୟାତ କରୁଛନ୍ତି। ବିଦ୍ୟୁତ୍ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏବେ ପ୍ରଶ୍ନ ଉଠୁଛି କୌଣସି ଅଘଟଣ ଘଟିବା ପରେ ଯାଇ କି ବିଦ୍ୟୁତ୍ ବିଭାଗ ଚେତିବ? ନା ତା'ପୂର୍ବରୁ ଟ୍ରାନ୍ସଫର୍ମର୍ ଚାରିପାଖରେ ସୁରକ୍ଷା ବାଡ଼ ନିର୍ମାଣ, ସର୍କିଟ ବକ୍ସର ମରାମତି ଏବଂ ଝୁଲିଥିବା ବିଦ୍ୟୁତ୍ କେବୁଲ୍‌କୁ ସୁରକ୍ଷିତ କରାଯିବ ? ଏହାକୁ ନେଇ ଅଞ୍ଚଳ ବାସୀ ପ୍ରଶ୍ନ କରୁଛନ୍ତି।





ଉତ୍କଳୀୟ ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାର ପ୍ରାଣକେନ୍ଦ୍ର ହେଉଛି ଦେବୀ ଆରାଧନା ବା ଶକ୍ତି ସାଧନା । ଯୁଗ ଯୁଗ ଧରି ଏହି ପବିତ୍ର ମାଟିରେ ଆଦିଶକ୍ତିଙ୍କର ବିଭିନ୍ନ ସ୍ୱରୂପକୁ ପୂଜା କରାଯାଇ ଆସୁଛି, ଯାହାର ଜ୍ୱଳନ୍ତ ପ୍ରତୀକ ହେଉଛନ୍ତି ବାଙ୍କୀର ମା' ଚର୍ଚ୍ଚିକା, ବଡ଼ମ୍ବାର ମା' ଭଟ୍ଟାରିକା ଏବଂ ମୟୂରଭଞ୍ଜ ଖିଚିଂର ମା' କୀଚକେଶ୍ୱରୀ । ଏହି ତିନୋଟି ପୀଠ ଉତ୍କଳର ଅତି ପ୍ରାଚୀନ ଜାଗ୍ରତ ଶକ୍ତିପୀଠ ଭାବେ ପରିଗଣିତ । ପ୍ରକୃତିର ମନୋରମ ପରିବେଶ ଏବଂ ଇତିହାସର ରହସ୍ୟମୟ ପୃଷ୍ଠା ଭିତରେ ସମୃଦ୍ଧ ଏହି ପୀଠଗୁଡ଼ିକ ଆଧ୍ୟାତ୍ମିକତା ସହିତ ଓଡ଼ିଶାର କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ଅନନ୍ୟ ନିଦର୍ଶନ ବହନ କରନ୍ତି । ଏହି ତିନୋଟି ପୀଠରେ ଜଗତଜନନୀ ମା' ଦୁର୍ଗାଙ୍କର ଭିନ୍ନ ଭିନ୍ନ ସ୍ୱରୂପକୁ ପୂଜା କରାଯାଏ । ଓଡ଼ିଶାର ସେହି ଗୌରବମୟ ଇତିହାସ, ସାଂସ୍କୃତିକ ଅନନ୍ୟତା ଏବଂ ଆଧ୍ୟାତ୍ମିକ ରହସ୍ୟକୁ ଗଭୀର ଭାବେ ବୁଝିବା ପାଇଁ ଏହି ତିନୋଟି ଦେବୀ ପୀଠର ସ୍ୱତନ୍ତ୍ରତାକୁ ନେଇ ବିଶେଷ ଆଲେଖ୍ୟ ।

ଆସ୍ଥା, ଐତିହ୍ୟ ଓ ପରମ୍ପରାର ଅପୂର୍ବ ସଙ୍ଗମ

ମା' କୀଚକେଶ୍ୱରୀ ପୀଠ

■ ମନୋଜ ପଣ୍ଡା



କଳାମୁଗୁନି ପଥରରେ ଭଞ୍ଜବଂଶର କଳାଭାସ୍କର୍ଯ୍ୟ

କୀଚକେଶ୍ୱରୀ ମନ୍ଦିର ଓଡ଼ିଶାର ଏକ ପ୍ରସିଦ୍ଧ ଶକ୍ତିପୀଠ । ଏହା ମୟୂରଭଞ୍ଜ ଜିଲ୍ଲାର ଖିଚିଂ ଠାରେ ଅବସ୍ଥିତ । ଏହି ମନ୍ଦିରର ମୁଖ୍ୟ ଆରାଧ୍ୟ ଦେବୀ ହେଉଛନ୍ତି ମା' କୀଚକେଶ୍ୱରୀ । ପୂର୍ବତନ ଭଞ୍ଜବଂଶୀୟ ରାଜାମାନଙ୍କର କୁଳଦେବୀ ଥିଲେ କୀଚକେଶ୍ୱରୀ । କଳାମୁଗୁନି ପଥରର ଅପୂର୍ବ କାରୁକାର୍ଯ୍ୟ, ହଜାରେ ବର୍ଷର ଇତିହାସ ଏବଂ ଭଞ୍ଜ ରାଜପରମ୍ପରାର ଅନନ୍ୟ ସମନ୍ୱୟ ଏହି ପୀଠକୁ ଦେଇଛି ଏକ ସ୍ୱତନ୍ତ୍ର ପରିଚୟ । ଏହାର କଳାକୃତି ଓ ଭାସ୍କର୍ଯ୍ୟ କଳିଙ୍ଗ ସ୍ଥାପତ୍ୟ କଳାର ଏକ ଶ୍ରେଷ୍ଠ ନିଦର୍ଶନ ।

ଶାରଦୀୟ ଦୁର୍ଗାପୂଜାରେ ସ୍ୱତନ୍ତ୍ର ନୀତି

ମହାଷ୍ଟମୀ ଓ ମହାନବମୀ ତିଥିରେ ଏଠାରେ ସମ୍ପୂର୍ଣ୍ଣ ରାଜକୀୟ ଠାଣିରେ ପୂଜା ଅନୁଷ୍ଠିତ ହୁଏ । ପରମ୍ପରା ଅନୁଯାୟୀ, ମୟୂରଭଞ୍ଜର ରାଜପରିବାର ତରଫରୁ ଆଜି ବି ଦେବୀଙ୍କ ନିକଟକୁ ସ୍ୱତନ୍ତ୍ର ପୂଜା ସାମଗ୍ରୀ ପଠାଯାଇଥାଏ ।

ନବମ ଶତାବ୍ଦୀର କୀର୍ତ୍ତିରାଜି ଓ ପୁନରୁଦ୍ଧାରର ଇତିହାସ

ଐତିହାସିକ ତଥ୍ୟ ଅନୁସାରେ, ନବମ-ଦଶମ ଶତାବ୍ଦୀରେ ଭଞ୍ଜ ରାଜବଂଶର ରାଜା ରାୟ ଭଞ୍ଜଙ୍କ ଆଦେଶକ୍ରମେ ମୁଖ୍ୟ ଶିଳ୍ପୀ ଧରିଣୀ ବରାହ ଏହି ଅନନ୍ୟ ମନ୍ଦିର ନିର୍ମାଣ କରିଥିଲେ । ଖିଚିଂ ପୂର୍ବେ 'ଖିଜିଙ୍ଗ କୋଟା' ନାମରେ ପରିଚିତ ଥିଲା ଏବଂ ପ୍ରାୟ ୧୬ ବର୍ଗ ମାଇଲ ପରିମିତ ଅଞ୍ଚଳରେ ଏହା ଭଞ୍ଜ ରାଜାମାନଙ୍କ ରାଜଧାନୀ ଭାବେ ଶୋଭା ପାଉଥିଲା । କାଳକ୍ରମେ ମୂଳ ମନ୍ଦିର ଭଗ୍ନସ୍ତୂପରେ ପରିଣତ ହେବା ପରେ, ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ସମୟରେ (୧୯୨୦) ଏହାର ପୁନରୁଦ୍ଧାର ପ୍ରକ୍ରିୟା ଆରମ୍ଭ ହୋଇଥିଲା । ପରବର୍ତ୍ତୀ ସମୟରେ ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓ ପୁରାତନ ଭଗ୍ନାବଶେଷ ଓ ପ୍ରାଚୀନ କାରୁକାର୍ଯ୍ୟକୁ ଏକତ୍ର କରି ୧୯୩୪ରୁ ୧୯୪୨ ମଧ୍ୟରେ ମନ୍ଦିରର ପୁନର୍ନିର୍ମାଣ କରାଇ ଏହାର ମୂଳ ଗାରିମାକୁ ଫେରାଇ ଆଣିଥିଲେ ।

ତନ୍ତ୍ର ସାଧନା ଓ ନିଆରା ପୂଜାନୀତି

ମା' କୀଚକେଶ୍ୱରୀ ଦେବୀ ଚାମୁଣ୍ଡା ସ୍ୱରୂପରେ ପୂଜିତା । ଦୁର୍ଗାପୂଜା ସମୟରେ ରାଜକୀୟ ଅସ୍ତ୍ର ଭଣ୍ଡାରରୁ ପାରମ୍ପରିକ ଖଣ୍ଡା ଓ ଅସ୍ତ୍ରଶସ୍ତ୍ରକୁ ବାଜା ବଜାଇ ମା'ଙ୍କ ସମ୍ମୁଖକୁ ଅଣାଯାଇ ସ୍ଥାପନ କରାଯାଏ । ମନ୍ଦିରର ସେବାୟତମାନେ ଏହି ନୀତିକାନ୍ତି ସମ୍ପାଦନ କରନ୍ତି । ସନ୍ଧ୍ୟା ଆଳତୀ ପରେ ମହାସ୍ନାନ, ରାତ୍ରିରେ ଷୋଡ଼ଶ ଉପଚାର ପୂଜା, ବେଲବରଣୀ, ନିଶାପୂଜା, ନବପତ୍ରିକା ଓ ନବମାତୃକା ପୂଜା ଅନୁଷ୍ଠିତ ହୁଏ । ମା'ଙ୍କ ନିକଟରେ ଖେଚୁଡ଼ି, କ୍ଷୀରି, ଡାଲି ଓ ବିଭିନ୍ନ ବ୍ୟଞ୍ଜନ ସହିତ ପାରମ୍ପରିକ ରୀତିରେ ମାଛ ଓ ସୋମରସ (ସୁରା) ଭୋଗ ଲାଗିଥାଏ । ପୂର୍ବରୁ ପ୍ରଚଳିତ ପଶୁବଳି ପ୍ରଥା ପ୍ରଶାସନ ଦ୍ୱାରା ବନ୍ଦ ହୋଇସାରିଛି । ବିଜୟାଦଶମୀରେ କରଞ୍ଜିଆ ଉପଜିଲ୍ଲାପାଳ ଶ୍ରୀରାମଙ୍କ ଭୂମିକା ନିର୍ବାହ କରି ରାବଣ ପୋଡ଼ି ସମ୍ପନ୍ନ କରିବାର ସ୍ୱତନ୍ତ୍ର ପରମ୍ପରା ରହିଛି ।

ମାନସିକ ପୂରଣ ପାଇଁ 'ମଣ୍ଡା ଚଢ଼ା'

ମା' କୀଚକେଶ୍ୱରୀଙ୍କ ପୀଠରେ ଫୁଲ ଓ ବେଲପତ୍ରର ମଣ୍ଡା ଏକ ଅତ୍ୟନ୍ତ ରହସ୍ୟମୟ, ଦୁର୍ଲଭ ଏବଂ ପବିତ୍ର ତାନ୍ତ୍ରିକ ଉପଚାର । ଏହାକୁ ମା'ଙ୍କର ମୁଖ୍ୟ ପୂଜକ ସ୍ୱତନ୍ତ୍ର ଭାବେ ତାଜା ଫୁଲ ଏବଂ ଶୁଦ୍ଧ ବେଲପତ୍ରକୁ ଏକାଠି କରି ମଣ୍ଡା ଆକାରରେ ପ୍ରସ୍ତୁତ କରନ୍ତି । କେତେକ ବିଶେଷ ଗୁପ୍ତ ନୀତିରେ ଏହା ମଧ୍ୟରେ ଅନ୍ୟାନ୍ୟ ସୁଗନ୍ଧିତ ଦ୍ରବ୍ୟ ଓ ଚନ୍ଦନ ମଧ୍ୟ ଦିଆଯାଏ । ମାନସିକ ପୂରଣ ପାଇଁ ଶ୍ରଦ୍ଧାଳୁମାନେ ଉପବାସ ରହି ଫୁଲ ଓ ବେଲପତ୍ରରେ ନିର୍ମିତ ଗୋଲାକାର ମଣ୍ଡା ମା'ଙ୍କୁ ଚଢ଼ାଇ ଦଣ୍ଡବତ ପ୍ରଣାମ କରନ୍ତି । ମଣ୍ଡା ଆପେ ଆପେ ନ ଖସିବା ପର୍ଯ୍ୟନ୍ତ ଭକ୍ତ ସେହିପରି ପ୍ରଣତ ରହିବା ଏଠାକାର ଏକ ନିଆରା ବିଶ୍ୱାସ ।

ମା' ଚର୍ଚ୍ଚିକା

■ ଭକ୍ତି ଭୂଷଣ ମହାନ୍ତି



ମହାନଦୀର ନୀଳରାଶି ଏବଂ ରୁଚିକା ପାହାଡ় ଶାନ୍ତ ପରିବେଶରେ ବିରାଜମାନ ମା' ଚର୍ଚ୍ଚିକା । ଏହି ମନ୍ଦିର କଟକ ଜିଲ୍ଲା ବାଙ୍କୀର ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର । ପର୍ଶୁରାମଙ୍କ ଦ୍ୱାରା ସ୍ଥାପିତ ଏହି ଶାକ୍ତ ପୀଠ ଉତ୍କଳୀୟ ସ୍ଥାପତ୍ୟ ଓ ତନ୍ତ୍ର ସାଧନାର ଜୀବନ୍ତ ସ୍ମାରକୀ ।

ଆବିର୍ଭାବ, ପୌରାଣିକ କିମ୍ବଦନ୍ତୀ

ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ, ଭଗବାନ୍ ପର୍ଶୁରାମ ରୁଚିକା ପର୍ବତରେ ମା'ଙ୍କ ସିଦ୍ଧିପ୍ରାପ୍ତ ପାଇଁ ତପସ୍ୟା କରିଥିଲେ । ପ୍ରତିମୂର୍ତ୍ତି ଆଙ୍କି ପାରିଲେ ମୁଁ ବରଦାନ ଦେବି ବୋଲି ମା'ତାଙ୍କୁ କହିଥିଲେ । ପର୍ଶୁରାମ ସର ମୁନରେ ପଥରରେ ମା'ଙ୍କୁ ଆଙ୍କି ସ୍ଥାପନ କରିଥିଲେ । ପରବର୍ତ୍ତୀ ସମୟରେ ସ୍ୱପ୍ନାଦେଶ କ୍ରମେ ରାଜା ମନ୍ଦିର ନିର୍ମାଣ କଲେ । ଯାହାକି ଚର୍ଚ୍ଚିକା ପୀଠ ନାମରେ ସର୍ବତ୍ର ବିଦିତ । ମା' ଚର୍ଚ୍ଚିକାଙ୍କ ପୀଠରେ ଶାରଦୀୟ ଦୁର୍ଗାପୂଜା ଆଡ଼ମ୍ବର ଓ ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳିତ ହୋଇଥାଏ ।

ଘଟସ୍ଥାପନ ଓ ରାଜଗୁରୁଙ୍କ ବରଣ

ଆଶ୍ୱିନ କୃଷ୍ଣପକ୍ଷ ଅଷ୍ଟମୀ (ମୂଳାଷ୍ଟମୀ) ଦିନଠାରୁ ଏହି ପୂଜା ଆରମ୍ଭ ହୋଇଥାଏ । ପରମ୍ପରା ମୁତାବକ, ପ୍ରଥମେ ରାଜଗୁରୁ ମନ୍ଦିରକୁ ଆସି ପ୍ରଦୀପ ପ୍ରଜ୍ୱଳନ କରନ୍ତି । ଏହାପରେ ବାଙ୍କୀ ରାଜାଙ୍କ ପ୍ରତିନିଧି ଭାବେ ତାଙ୍କଠାରୁ ଗୁଆ-ଚାଉଳ ବରଣ ଆଣିବା ପରେ ମନ୍ଦିରରେ ବିଧିବଦ୍ଧ ଭାବେ ଘଟସ୍ଥାପନ କରାଯାଏ ଏବଂ 'ସହସ୍ରାକୁମ୍ଭାଭିଷେକ' ସମ୍ପନ୍ନ ହୋଇ ଷୋଳ ଉପଚାର ପୂଜା ଆରମ୍ଭ ହୁଏ ।

ନୀତିକାନ୍ତି ଓ ସ୍ୱତନ୍ତ୍ର ମାର୍ଜ୍ଜନା

ପ୍ରତ୍ୟୁଷରୁ ପାଳିଆ ଓ ମାଜଣା-ମେକାପ ସେବାୟତମାନେ ଦ୍ୱାର ଫିଟାଇ ଚନ୍ଦନ ଓ କର୍ପୂର ଜଳରେ ମୁଖ ପ୍ରକ୍ଷାଳନ, ଦନ୍ତଧାବନ ଓ ମଙ୍ଗଳ ଆଳତି କରନ୍ତି । ଏହାପରେ ମହାନଦୀରୁ ଅଣାଯାଇଥିବା ୧୦୮ କଳସ ଜଳରେ ମା'ଙ୍କର ମାର୍ଜ୍ଜନା ସମ୍ପନ୍ନ ହୁଏ । ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ପରେ ମା'ଙ୍କୁ ବଲ୍ଲଭ ଭୋଗ ଲାଗି କରାଯାଏ । ଦିନରେ ଚଣ୍ଡୀପାଠ ଓ ରାମାୟଣ ପଠନ ସହ କିଛି ସମୟ ସାହାଣମେଲା ହୋଇଥାଏ ।

> "ଷୋଳଦିନାତ୍ମକ ପୂଜା ଓ ରୀତିନୀତି ଉତ୍ତର -ଭାରତ ନବରାତ୍ର ପୂଜାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଉତ୍କଳୀୟ ଶାକ୍ତ ପରମ୍ପରା ଅନୁସାରେ ଏହି ପୀଠରେ ମୂଳାଷ୍ଟମୀଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ନିଷ୍ଠାର ସହ 'ଷୋଳଦିନାତ୍ମକ ପୂଜା' ପାଳିତ ହୋଇଥାଏ ।"
>
> - ସୁଧୀର କୁମାର ରଣା, ସେବାୟତ

ଭୋଗ ଏବଂ ଭିନ୍ନତା


ପ୍ରଥମ ଭୋଗରେ ସାଧାରଣ ଦିନଗୁଡ଼ିକରେ ଖେଚୁଡ଼ି-ଡାଲ୍ମା ଭୋଗ ଲାଗୁଥିଲେ ହେଁ, ଷୋଳପୂଜାରେ ପ୍ରାୟ ୧୦:୩୦ ରୁ ୧୧:୦୦ ଟା ମଧ୍ୟରେ ଅଟା, ଗୁଡ଼, ନଡ଼ିଆ ପୁର ପ୍ରସ୍ତୁତ 'ମାଣ୍ଡୁଆ' ପିଠା, ଗଜାମୁଗ ଓ ଆଖୁ ଭୋଗ ଲାଗେ । ଦ୍ୱିପ୍ରହର ଧୂପରେ ଖେଚୁଡ଼ି, ଡାଲ୍ମା, ଖଟା, ଶାଗ, ଖିରି, ଘିଅଅନ୍ନ, ଟେଳାଅନ୍ନ ଏବଂ ତମ୍ବା ପାତ୍ରରେ ସ୍ୱତନ୍ତ୍ରଭାବେ ପ୍ରସ୍ତୁତ 'ମାଛ ଭୋଗ' ଲାଗି କରାଯାଏ, ଯାହା ଶାକ୍ତ ପରମ୍ପରାର ଏକ ପ୍ରମୁଖ ଅଙ୍ଗ ।

ରାତ୍ରି ମାଜଣା ଓ ବଡ଼ସିଂହାର ବେଶ

ଅନ୍ୟଦିନରେ ଦ୍ୱିପ୍ରହରରେ ମାଜଣା ହେଉଥିବାବେଳେ ଷୋଳପୂଜାରେ ସନ୍ଧ୍ୟା ଧୂପ ପରେ ରାତ୍ରି ମାଜଣା କରାଯାଏ । ସମସ୍ତ ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାର କାଢ଼ି ମା'ଙ୍କୁ ଫୁଲରେ ସଜ୍ଜିତ କରି 'ବଡ଼ସିଂହାର ବେଶ' କରାଯାଏ ଏବଂ ଶେଷରେ ଅଧରପଣା ଓ ଖଜାଭୋଗ ଲାଗେ ।

ମହାଷ୍ଟମୀ, ନବମୀ ଓ ଦଶହରା ଘଟ ଉଦ୍‌ଯାପନ

ମହାଷ୍ଟମୀ ରାତ୍ରିରେ ବିହିତ ସନ୍ଧିପୂଜା ଏବଂ ମହାନବମୀ ରାତ୍ରିରେ ହୋମଯଜ୍ଞ ହୁଏ । ଦଶହରା ଦିନ ମା'ଙ୍କର ଅପରାଜିତା ପୂଜା ଓ ବେଶ ଅନୁଷ୍ଠିତ ହୁଏ । ଏହାପରେ ଘଟ ଉଦ୍‌ଯାପନ କରାଯାଏ । ପୂଜାର ନିର୍ବିଘ୍ନ ସମାପ୍ତିର ପ୍ରତୀକ ସ୍ୱରୂପ ରାଜଗୁରୁଙ୍କ ଜରିଆରେ ସେହି ଘଟକୁ ସସମ୍ମାନେ ବାଙ୍କୀ ରାଜାଙ୍କ ଖମାରକୁ ପଠାଯାଏ । ଧୂପ ଓ ନୀତି ସମୟରେ ପରଦା ପଡ଼ି ରହୁଥିଲେ ମଧ୍ୟ ଭକ୍ତମାନେ ବାହାରେ ବସି ନିୟମିତ ଭାବେ ଆଳତି ଓ ଦର୍ଶନର ସୌଭାଗ୍ୟ ଲାଭ କରିଥାନ୍ତି ।



ମା' ଭଟ୍ଟାରିକା

■ ରାଜକିଶୋର ବେହେରା, ନବ କିଶୋର ପଣ୍ଡା



କଟକର ପ୍ରାଚୀନ ଶକ୍ତିପୀଠ ମଧ୍ୟରୁ ମା' ଭଟ୍ଟାରିକା ପୀଠ ଅନ୍ୟତମ । ମା' ଭଟ୍ଟାରିକା ହେଉଛନ୍ତି ମହାନଦୀ କୂଳର ଅଧିଷ୍ଠାତ୍ରୀ ଓ ସ୍ଥାନୀୟ ନାବିକ ଓ ମତ୍ସ୍ୟଜୀବୀ ସମ୍ପ୍ରଦାୟଙ୍କର ଆରାଧ୍ୟା ଦେବୀ । ପୁରାଣକାଳରୁ ଏକ ବିଶ୍ୱାସ ରହିଛି ଯେ, ମହାନଦୀରେ ଯାତ୍ରା କରିବା ପୂର୍ବରୁ ନାବିକମାନେ ମାଆଙ୍କ ଆୟୁଧ ଏବଂ ମୂର୍ତ୍ତି ଦର୍ଶନ କରି ନିଜର ନୌ-ଯାତ୍ରା ନିର୍ଘଣ୍ଟ କରନ୍ତି । ମା' ଙ୍କ ପୀଠରେ ଉଭା ଯାତ୍ରା ଏବଂ ଆୟୁଧ ଯାତ୍ରା ସମୟରେ ମହାନଦୀ ଗର୍ଭ ଓ ମନ୍ଦିର ପରିସର 'ଜୟ ମାଆ ଭଟ୍ଟାରିକା' ଧ୍ୱନିରେ ପ୍ରକମ୍ପିତ ହୋଇ ଉଠେ । ପୀଠ କେବଳ ଏକ ଧର୍ମପୀଠ ନୁହେଁ, ବରଂ ଓଡ଼ିଶାର ସନାତନ ସଂସ୍କୃତି ଓ ଲୋକକଳାର ଏକ ପ୍ରମୁଖ ସଂଗମ ସ୍ଥଳ ।

'ଭଟ୍ଟାରିକା' ନାମକରଣର ରହସ୍ୟ

'ଭଟ୍ଟାରିକା' ଶବ୍ଦର ଅର୍ଥ ହେଉଛି 'ଉଦ୍ଧାରକାରିଣୀ' ବା 'ଯିଏ ବିପଦରୁ ରକ୍ଷା କରନ୍ତି' । ବିଶ୍ୱାସ ରହିଛି ଯେ, ଯେଉଁ ଭକ୍ତ କଠିନ ପରିସ୍ଥିତିରେ ବା ଶତ୍ରୁର ଭୟରେ ମାଆଙ୍କ ଶରଣ ପଶେ, ମାଆ ଦିବ୍ୟ ଆୟୁଧ ଧାରଣ କରି ତାକୁ ସମସ୍ତ ବିପଦରୁ ରକ୍ଷା କରିଥାଆନ୍ତି ।

ପୌରାଣିକ ପୃଷ୍ଠଭୂମି ଓ ପର୍ଶୁରାମଙ୍କ କାହାଣୀ

ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ, ମାଆ ଭଟ୍ଟାରିକାଙ୍କ ଏହି ପବିତ୍ର ପୀଠ ସହିତ ଭଗବାନ ବିଷ୍ଣୁଙ୍କ ଷଷ୍ଠ ଅବତାର ମହର୍ଷି ପର୍ଶୁରାମଙ୍କର ଗଭୀର ସମ୍ପୃକ୍ତି ରହିଛି । କୁହାଯାଏ ଯେ, ପିତାଙ୍କ ମୃତ୍ୟୁର ପ୍ରତିଶୋଧ ନେବା ପାଇଁ ପର୍ଶୁରାମ ସହସ୍ରାର୍ଜୁନଙ୍କ ସହ ଯୁକ୍ତିରେ ପରାସ୍ତ ହେବାର ଆଶା କରି ଆଦ୍ୟାଶକ୍ତି ମା' ଦୁର୍ଗାଙ୍କୁ ଆରାଧନା କରିଥିଲେ । ମା'ଙ୍କ କୃପାରୁ ପର୍ଶୁରାମ ଦିବ୍ୟ ଅସ୍ତ୍ରଶସ୍ତ୍ର ବା ଆୟୁଧ ପ୍ରାପ୍ତ କରିଥିଲେ । ଯେଉଁ ଅସ୍ତ୍ର ବଳରେ ସେ ଅଧର୍ମକୁ ବିନାଶ କରିଥିଲେ । ତେବେ ସେହି ଦିବ୍ୟ ଆୟୁଧ ପୂଜାକୁ ସ୍ମରଣ କରି ଏଠାରେ ଆୟୁଧ ଯାତ୍ରା ପାଳନ କରାଯାଏ ।

ଷୋଳଦିନିଆ ଯାତ୍ରା ଏବଂ ପୂଜାବିଧି

ଷୋଳଦିନିଆ ଯାତ୍ରାର ପ୍ରଥମ ଦିନରେ ବିଧିବଦ୍ଧ ଭାବରେ ଘଟ ସ୍ଥାପନ କରାଯାଇ ମା'ଙ୍କୁ ଆବାହନ କରାଯାଏ । ଏହି ସମୟରେ ବୈଦିକ ମନ୍ତ୍ରୋଚ୍ଚାରଣ ସହିତ ପୂଜାର୍ଚ୍ଚନା ଆରମ୍ଭ ହୁଏ । ସମ୍ପୂର୍ଣ୍ଣ ଷୋଳ ଦିନ ଧରି ଦୈନନ୍ଦିନ ନୀତିରେ ମା'ଙ୍କୁ ଷୋଡ଼ଷ ଉପଚାରରେ ପୂଜା କରାଯାଏ । ମନ୍ଦିର ପରିସରରେ ନିୟମିତ ଭାବରେ ଚଣ୍ଡୀପାଠ ଏବଂ ମାର୍କଣ୍ଡେୟ ପୁରାଣ ପାଠ କରାଯାଏ । ସେହିପରି ପ୍ରତିଦିନ ପ୍ରାତଃକାଳରେ ମା'ଙ୍କ ବିଗ୍ରହରେ ସ୍ନାନ ଓ ମାର୍ଜନା ନୀତି ସମ୍ପାଦିତ ହେବା ପରେ ନୂତନ ବସ୍ତ୍ର ଓ ଅଳଙ୍କାରରେ ମା'ଙ୍କୁ ସଜ୍ଜିତ କରାଯାଏ । ମା'ଙ୍କୁ ଦିନକୁ ବିଭିନ୍ନ ପର୍ଯ୍ୟାୟରେ ଯଥା- ବାଳଭୋଗ, ମଧ୍ୟାହ୍ନ ଧୂପ ଏବଂ ସନ୍ଧ୍ୟା ଆଳତି ସମୟରେ ପାରମ୍ପରିକ ପଦ୍ଧତିରେ ପ୍ରସ୍ତୁତ ଭୋଗ ଏବଂ ମିଷ୍ଟାନ୍ନ ଲାଗି କରାଯାଏ । ସନ୍ଧ୍ୟା ସମୟରେ ବିଶେଷ ଆଳତି ଅନୁଷ୍ଠିତ ହୁଏ । ଏହି ସମୟରେ ଘଣ୍ଟ, ଘଣ୍ଟା, କାହାଳୀ ଏବଂ ଶଙ୍ଖ ନାଦରେ ମନ୍ଦିର ପ୍ରକମ୍ପିତ ହୋଇ ଉଠେ । ଷୋଳ ଦିନର ଶେଷ ପର୍ଯ୍ୟାୟରେ ଯଜ୍ଞର ପୂର୍ଣ୍ଣାହୁତି ଏବଂ ବିଧି ଅନୁଯାୟୀ ଯାତ୍ରା ଉଦ୍‌ଯାପିତ ହୋଇଥାଏ ।

ମା'ଙ୍କ ପୀଠରେ ଆଶ୍ୱିନ ମାସରେ ଶାରଦୀୟ ଷୋଡ଼ଶ ଦିବସୀୟ ଦଶହରା ପର୍ବ ପାଳନ କରାଯାଏ । ଶାସ୍ତ୍ରୀୟ ମତରେ ଏହାକୁ ଶାରଦୀୟ ନବରାତ୍ରୀ ପୂଜା କୁହାଯାଇଥାଏ । ଆଶ୍ୱିନ ମାସର ଦ୍ୱିତୀୟ ଦିନରୁ ସଶାଙ୍ଗ ଗ୍ରାମରେ ଥିବା ମା'ଙ୍କ ଗନ୍ତାଘରରୁ ମା'ଙ୍କ ଆୟୁଧ ଶୋଭାଯାତ୍ରାରେ ନିଆଯାଏ । ରାଜା ଦାନ କରିଥିବା ସୁନାରୂପା ଅଳଙ୍କାରରେ ମା' ଙ୍କୁ ଶୃଙ୍ଗାର କରାଯାଇ ଦିନକୁ ୮ ଥର ପୂଜା କରାଯାଏ । ପ୍ରଥମେ ଏହି ଯାତ୍ରା ୩ ଦିନ ଧରି ଆୟୋଜିତ ହୋଇଥାଏ । ଏହି ଯାତ୍ରାକୁ ସୁନ୍ଦର କରିବା ପାଇଁ ଭଟ୍ଟାରିକା ମହୋତ୍ସବ ବର୍ତ୍ତମାନ ୨୫ ବର୍ଷ ପାଳନ କରିବାକୁ ଯାଇଛି ।

ଦଶହରା ଓ ଆୟୁଧ ଯାତ୍ରା

ଦଶହରା ଓ ଆୟୁଧ ଯାତ୍ରା ସମୟରେ ମା'ଙ୍କ ସ୍ୱତନ୍ତ୍ର ପାରମ୍ପରିକ ତୀର, ଧନୁ, ପାଶ, ଅଙ୍କୁଶ ଇତ୍ୟାଦିକୁ ଗର୍ଭଗୃହରୁ ବାହାର କରାଯାଇ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରାଯାଏ । ଅନ୍ୟପକ୍ଷରେ ପୀଠର ବଡ଼ ବିଶେଷତ୍ୱ ହେଉଛି ଏଠାରେ ଦୁର୍ଗା ଓ ମାଧବଙ୍କର ମିଳିତ ପୂଜା କରାଯାଏ । ଆୟୁଧ ଯାତ୍ରା ସମୟରେ ଏକ ଅପୂର୍ବ ଶାନ୍ତି ଓ ଭକ୍ତିର ବାତାବରଣ ସୃଷ୍ଟି ହୁଏ ।

ଶୁବମନ, ଶେଫାଳି ସେପ୍ଟେମ୍ବରର ଶ୍ରେଷ୍ଠ କ୍ରିକେଟର୍

ଦୁବାଇ, ୧୩।୧୦ (ଏଜେନ୍ସି): ଦୁଇ ଭାରତୀୟ ଖେଳାଳି ଶୁବମନ ଗିଲ୍ ଓ ଶେଫାଳି ବର୍ମା ସେପ୍ଟେମ୍ବର ମାସ ଲାଗି ଯଥାକ୍ରମେ ଆଇସିସିର ଶ୍ରେଷ୍ଠ ପୁରୁଷ ଓ ମହିଳା କ୍ରିକେଟର୍ ବିବେଚିତ ହୋଇଛନ୍ତି। ଗିଲ୍ ତାଙ୍କ କ୍ୟାରିୟରରେ ୫ମଥର ଲାଗି ଆଇସିସି'ର ଏହି ସମ୍ମାନଜନକ ପୁରସ୍କାର ହାସଲ କରିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷରେ ଶେଷ ହୋଇଥିବା ଦିନିକିଆ ସିରିଜରେ ଦମ୍‌ଦାର ପ୍ରଦର୍ଶନ ଲାଗି ଗିଲ୍‌କୁ ଏହି ପୁରସ୍କାର ମିଳିଛି। ପ୍ରଥମ ଦିନିକିଆରେ ଗିଲ୍ ଅପରାଜିତ ୧୧୦ ରନ କରିଥିଲେ। ଏହାପରେ ଦ୍ୱିତୀୟ ମ୍ୟାଚରେ ଅବିଶ୍ୱସନୀୟ ପ୍ରଦର୍ଶନ କରି ୨୨୩ ରନର ଅପରାଜିତ ଦ୍ୱି-ଶତକୀୟ ପାଳି ଖେଳିଥିଲେ। ସିରିଜରେ ସେ ମୋଟ୍ ୩୩୪ ରନ କରି ଶ୍ରେଷ୍ଠ ଖେଳାଳି ପୁରସ୍କାର ମଧ୍ୟ ପାଇଥିଲେ। ଏହି ପ୍ରଦର୍ଶନ ଆଧାରରେ ଗିଲ୍‌ଙ୍କୁ ସେପ୍ଟେମ୍ବରର ଶ୍ରେଷ୍ଠ ପୁରୁଷ କ୍ରିକେଟର୍ ବିବେଚିତ କରାଯାଇଛି। ସେହିଭଳି ଭାରତୀୟ ମହିଳା ଦଳକୁ ଏସିଆନ ଗେମ୍ସରେ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଶେଫାଳି। ଏସିଆନ ଗେମ୍ସର ୫ଟି ଇନିଂସରେ ସେ ୨୩୬ ରନ କରିଥିଲେ। ଯେଉଁଥିରେ ୟୁଏଇ ବିପକ୍ଷରେ ୧୮୮ ରନର ମାରାଥନ ଇନିଂସ ସାମିଲ ରହିଛି।

ଯୁବରାଜ କ୍ୟାପିଟାଲ୍ସର ବ୍ୟାଟିଂ କୋଚ୍



ଡର୍ବାନ, ୧୩।୧୦ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୨୦୨୭ ସଂସ୍କରଣ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ଫ୍ରାଞ୍ଚାଇଜ ଏକ ବଡ଼ ନିଷ୍ପତ୍ତି ନେଇଛି। ପୂର୍ବତନ ମହାନ ଅଲ୍‌ରାଉଣ୍ଡର ଯୁବରାଜ ସିଂହଙ୍କୁ କ୍ୟାପିଟାଲ୍ସ ସହାୟକ ତଥା ବ୍ୟାଟିଂ କୋଚ୍ ଭାବରେ ନିଯୁକ୍ତ କରିଛି। ପ୍ରଶିକ୍ଷକ ଭାବରେ ଏହା ଯୁବରାଜଙ୍କ ଏହା ପ୍ରଥମ କାର୍ଯ୍ୟ ହେବ। ମୁଖ୍ୟ କୋଚ୍ ସୌରଭ ଗାଙ୍ଗୁଲିଙ୍କ ସହ ମିଶିକି ଯୁବରାଜ ଏବେ କ୍ୟାପିଟାଲ୍ସ ଦଳକୁ ପ୍ରଶିକ୍ଷଣ ଦେବେ। ଉଲ୍ଲେଖଯୋଗ୍ୟ ୪୪ ବର୍ଷୀୟ ଯୁବରାଜଙ୍କ ଏହା ଦିଲ୍ଲୀ ଫ୍ରାଞ୍ଚାଇଜକୁ ପ୍ରତ୍ୟାବର୍ତ୍ତନ ହୋଇଥିବା କୁହାଯାଉଛି। ଏଥିପୂର୍ବରୁ ୨୦୧୫ ଆଇପିଏଲ୍‌ରେ ଜଣେ ଖେଳାଳି ଭାବେ ସେ ଦିଲ୍ଲୀ ପାଇଁ ଖେଳିଥିଲେ। ସେତେବେଳେ ଦିଲ୍ଲୀ ଡେୟାରଡେଭିଲ୍ସ ନାମରେ ନାମିତ ଏହି ଫ୍ରାଞ୍ଚାଇଜ ଯୁବରାଜଙ୍କୁ ୧୬ କୋଟି ଟଙ୍କାରେ କ୍ରୟ କରିଥିଲା।

ଡର୍ବାନରେ ଅଷ୍ଟ୍ରେଲିଆର ବାଜିମାତ୍

ଡର୍ବାନ, ୧୩।୧୦ (ଏଜେନ୍ସି): ଏଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ୨୧୪ ରନର ବୃହତ୍ ବ୍ୟବଧାନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ୪୨୧ ରନର ଚ୍ୟାଲେଞ୍ଜିଂପୂର୍ଣ୍ଣ ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ଦକ୍ଷିଣ ଆଫ୍ରିକା ମଙ୍ଗଳବାର ଅନ୍ତିମ ତଥା ୫ମ ଦିବସରେ ୨୦୬ ରନ କରି ଦ୍ୱିତୀୟ ପାଳିରେ ଅଲଆଉଟ୍ ହୋଇଯାଇଥିଲା। ଆଇଡେନ ମାର୍କରମ ୭୫ ରନ କରି କିଛି ସମୟ ପାଇଁ ଲଢ଼େଇ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଦ୍ରୁତ ବୋଲର ଜୋଶ ହାଜଲେଉଡ୍ ୪୯ ରନ ବ୍ୟୟରେ ସର୍ବାଧିକ ୬ଟି ୱିକେଟ ମିଳିଥିଲା। ଟେଷ୍ଟରେ ମଧ୍ୟ ଏହା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ହୋଇଛି। ପୂର୍ବରୁ ମ୍ୟାଚର ପ୍ରଥମ ପାଳିରେ ଅଷ୍ଟ୍ରେଲିଆର ୩୯୦ ରନ ଜବାବରେ ଦକ୍ଷିଣ ଆଫ୍ରିକା ୨୮୪ ରନ କରିଥିଲା। ୧୦୬ରେ ଆଗୁଆ ଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ପାଳିରେ ୬ ୱିକେଟରେ ୩୧୪ ରନ କରି ପାଳି ଘୋଷଣା କରିଥିଲା। ତିନି ମ୍ୟାଚବିଶିଷ୍ଟ ସିରିଜର ଦ୍ୱିତୀୟ ମୁକାବିଲା ଅକ୍ଟୋବର ୧୮ରୁ ଆରମ୍ଭ ହେବ।

ହାଇଦରାବାଦ୍‌ରେ ଆଜି ଚତୁର୍ଥ ଟି-୨୦

ସିରିଜ୍ କବ୍‌ଜା ଲକ୍ଷ୍ୟରେ ଭାରତ

ହାଇଦରାବାଦ୍,୧୩।୧୦(ଏଜେନ୍ସି)



ଭାରତ ଓ ୱେଷ୍ଟଇଣ୍ଡିଜ୍ ଚାଲିଥିବା ସୀମିତ ଓଭର (ଦିନିକିଆ ଓ ଟି-୨୦) କ୍ରିକେଟ ସିରିଜ୍‌ରେ ବ୍ୟାଟର ବେଶ ପ୍ରାଧାନ୍ୟ ବିସ୍ତାର କରିଛନ୍ତି। ଏହି ସିରିଜ୍‌ରେ ଏଯାଏ ଖେଳାଯାଇଥିବା ୬ଟି ମୁକାବିଲାରୁ କେବଳ ଗୋଟିଏ ମ୍ୟାଚ୍‌ରେ ଟିମ୍ ସ୍କୋର ଡିଫେଣ୍ଡ କରିପାରିଛି। ତାହା ହେଉଛି ଇନ୍ଦୋରରେ ଖେଳାଯାଇଥିବା ତୃତୀୟ ଟି-୨୦ ମୁକାବିଲାରେ। ଏଠାରେ ମ୍ୟାଚ୍ ଜିତି ଭାରତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ୨-୧ରେ ଆଗୁଆ ରହିଛି। ଆସନ୍ତାକାଲି ହାଇଦରାବାଦର ଉପ୍ପଲ ଷ୍ଟାଡିୟମ୍‌ରେ ଚତୁର୍ଥ ଟି-୨୦ ମୁକାବିଲା ହେବାକୁ ଯାଉଛି। ଏହି ମୁକାବିଲା ଜିତି ଭାରତ ଆଗୁଆ ସିରିଜ୍ ଜିତିବା ଲକ୍ଷ୍ୟରେ ରହିଛି। ଭାରତରେ ଖେଳାଯାଉଥିବା ପିଚ୍ ମଧ୍ୟରୁ ବ୍ୟାଟରଙ୍କୁ ସହାୟତା ଦେଉଥିବା ପିଚ୍ ମଧ୍ୟରେ ହାଇଦରାବାଦ ଅନ୍ୟତମ। ଭାରତରେ ୮ଟି ସର୍ବାଧିକ ଟି-୨୦ ସ୍କୋର ମଧ୍ୟରୁ ଏଠାରେ ଅଧା ବା ୪ଟି ସ୍କୋର ଏହି ତାଲିକାରେ ରହିଛି। କିନ୍ତୁ ଏହି ପିଚ୍ ଯେ ବ୍ୟାଟରଙ୍କୁ ସୁହାଇବ ତାହା ମଧ୍ୟ କହିହେଉନାହିଁ। ଏହାର କାରଣ ହେଲା ନିକଟରେ ନୂଆ ପିଚ୍ ତିଆରି ହୋଇଛି। ଏହି ପିଚ୍ କିପରି ବ୍ୟବହାର କରିବା ତାହା କେହି ଜାଣିନାହାନ୍ତି। ଏଠାରେ ବିସ୍ଫୋରକ ବ୍ୟାଟିଂ ଲାଗି ଖ୍ୟାତି ଲାଭ କରିଥିବା ସନ୍‌ରାଇଜର୍ସ ହାଇଦରାବାଦର ଅଭିଷେକ ଶର୍ମା, ଇଶାନ କିଶାନ ଓ ନୀତୀଶ କୁମାର ରେଡ୍ଡୀଙ୍କ ସହ ସ୍ଥାନୀୟ ଖେଳାଳି ତଥା ଉପଅଧିନାୟକ ତିଲକ ବର୍ମାଙ୍କର ପିଚ୍ ଓ ଭେନ୍ୟୁ ଉପରେ ବେଶ ଅଭିଜ୍ଞତା ରହିଛି। ଏଣୁ ଏମାନଙ୍କ ଉପରେ ଭାରତର ଭାଗ୍ୟ ନିର୍ଭର କରୁଛି।

ଚଳିତ ସିରିଜ୍‌ରେ ୬ଟି ସୀମିତ ଓଭର ମ୍ୟାଚ୍ ଖେଳାଯାଇଥିଲାବେଳେ ରନ୍ ଚେଜ୍ କରିଥିବା ଦଳ ୫ଥର ବିଜୟୀ ହୋଇଛନ୍ତି। କିନ୍ତୁ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ରେକର୍ଡ ଅଲଗା। ଏଠାରେ ଗତ ସିଜନରେ ଖେଳାଯାଇଥିବା ୮ଟି ମ୍ୟାଚ୍ ମଧ୍ୟରୁ ପ୍ରଥମେ ବ୍ୟାଟିଂ କରିଥିବା ଦଳ ୭ଟିରେ ବିଜୟ ହାସଲ କରିଛନ୍ତି। ଏହି ସିରିଜ୍‌ରେ ବୋଲରଙ୍କୁ ନିର୍ମମ ପ୍ରହାରର ଶିକାର ହେବାକୁ ପଡୁଥିବାରୁ ଏଠାରେ ଯେଉଁ ଦଳ ଟସ୍ ଜିତିବ ସେହି ଦଳ ନିଶ୍ଚିତଭାବେ ରନ୍ ଚେଜ୍ କରିବାକୁ ପସନ୍ଦ କରିବ।

ଇନ୍ଦୋରର ହୋଲକାର ଷ୍ଟାଡିୟମ୍ ପିଚ୍‌ରେ କୌଣସି ବିଶ୍ୱରେକର୍ଡ ନ ହେବା ନିଶ୍ଚିତ ପକ୍ଷେ ଏକ ଉଲ୍ଲେଖନୀୟ କଥା। ଏହି ମ୍ୟାଚ୍‌ରେ ବଲ ଲୋ ରହିବା ଓ ସ୍ଲୋ ହେବା ଫଳରେ ୱେଷ୍ଟଇଣ୍ଡିଜ୍ ଟାର୍ଗେଟ ହାସଲ କରିପାରି ନଥିଲା। ଟାର୍ଗେଟ ହାସଲ କରି ନ ପାରିବାର ଆଉ ଏକ କାରଣ ହେଲା ଅଧିନାୟକ ଶୈ ହୋପ୍‌ଙ୍କ ଶୀଘ୍ର ଆଉଟ ହେବା। ଏଠାରେ ମଧ୍ୟ ଭାରତ ମ୍ୟାଚ୍ ଜିତିବାକୁ ହେଲେ ହୋପ୍‌ଙ୍କୁ ଅଟକାଇବାକୁ ହେବ। ଇନ୍ଦୋରରେ ଖେଳିଥିବା ମ୍ୟାଚ୍‌ରେ ଉଭୟ ଦଳ କୌଣସି ଖେଳାଳି ପରିବର୍ତ୍ତନ କରି ନ ପାରନ୍ତି। ସେଠାରେ ପ୍ରଭାବୀ ସ୍ପିନର କୁଲଦୀପ ଯାଦବଙ୍କୁ ବସାଇ ଜଣେ ପେସର ପ୍ରିନ୍ସ ଯାଦବଙ୍କୁ ଚୂଡାନ୍ତ ଏକାଦଶରେ ସାମିଲ କରିଥିଲା। ଏଥିରେ ଦଳକୁ ସଫଳତା ମିଳିଥିଲା। ଏଣୁ ଦଳରେ ପରିବର୍ତ୍ତନ ହେବାର ଆଶା କମ୍। ୱେଷ୍ଟଇଣ୍ଡିଜ୍ ଦଳର ଅଲରାଉଣ୍ଡର ରୋମାରିଓ ସେଫର୍ଡ ଦ୍ୱିତୀୟ ମ୍ୟାଚ୍‌ରେ ଆହତ ହୋଇ ବୋଲିଂ କରି ନ ଥିଲେ ମଧ୍ୟ ବ୍ୟାଟିଂ କରିଥିଲେ। କିନ୍ତୁ ଇନ୍ଦୋରରେ ତାଙ୍କୁ ଖେଳିବାକୁ ସୁଯୋଗ ମିଳି ନ ଥିଲା। ଫିଟ୍ ଥିଲେ ତାଙ୍କୁ ଏହି ମ୍ୟାଚ୍ ଖେଳାଇବା ନିଶ୍ଚିତ ବୋଲି ଦଳ ପକ୍ଷରୁ କୁହାଯାଇଛି।

ଖେଳ ସମୟ- ରାତି ୭ଟା
ପ୍ରସାରଣ- ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ
ଲାଇଭ୍ ଷ୍ଟ୍ରିମିଂ- ଜିଓ ହଟ୍‌ଷ୍ଟାର।

ଏସିଆନ ଚାମ୍ପିଅନ୍ସ ଟ୍ରଫି ହକି

ଓଡ଼ିଶାରୁ ଅମିତ୍, ଶିଳାନନ୍ଦ ଓ ଅମନଦୀପଙ୍କୁ ସୁଯୋଗ



ଅମିତ୍ ରୋହିଦାସ



ଶିଳାନନ୍ଦ ଲାକ୍ରା



ଅମନଦୀପ୍ ଲାକ୍ରା

ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): ଆଗାମୀ ଏସିଆନ ଚାମ୍ପିଅନ୍ସ ଟ୍ରଫି ଲାଗି ମଙ୍ଗଳବାର ଭାରତୀୟ ହକି ଦଳ ଘୋଷଣା କରାଯାଇଛି। ଅଭିଜ୍ଞ ଡିଫେଣ୍ଡର ହରମନପ୍ରୀତ୍ ସିଂହ ଘୋଷିତ ୧୮ ଜଣିଆ ଦଳର ଅଧିନାୟକ ପଦ ବଜାୟ ରଖିଛନ୍ତି। ଘୋଷିତ ଦଳରେ ଓଡ଼ିଶାର ୩ଜଣ ଖେଳାଳିଙ୍କୁ ସୁଯୋଗ ମିଳିଛି। ସେମାନେ ହେଲେ ଅଭିଜ୍ଞ ଡିଫେଣ୍ଡର ଅମିତ୍ ରୋହିଦାସ, ଅମନଦୀପ୍ ଲାକ୍ରା ଓ ଫରୱାର୍ଡ ଶିଳାନନ୍ଦ ଲାକ୍ରା। ଅମିତ୍ ଓ ଶିଳାନନ୍ଦ ନିକଟରେ ଜାପାନରେ ଶେଷ ହୋଇଥିବା ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ବିଜୟୀ ଦଳର ସଦସ୍ୟ ରହିଥିଲେ। ଅପରପକ୍ଷରେ ଏହି ଚାମ୍ପିଅନ ଦଳରୁ ସୁମିତ, ବିବେକ ସାଗର ଓ ଯଶଦୀପ୍ ସିୱାଚଙ୍କୁ ବାଦ୍ ଦିଆଯାଇଛି। ସେହିଭଳି ପାଖାପାଖି ୧୦ ମାସ ହେବ ଦଳରୁ ଦୂରେଇ ରହିଥିବା ଅଭିଜ୍ଞ ଗୋଲକିପର କ୍ରିଷନ ବାହାଦୁର ପାଠକ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତାଙ୍କ ସହ ଦ୍ୱିତୀୟ ଗୋଲକିପର ଭାବରେ ସୁରଜ କେରକେଟା ଦଳରେ ସ୍ଥାନ ପାଇଛନ୍ତି। ଉଲ୍ଲେଖଯୋଗ୍ୟ, ଅକ୍ଟୋବର ୨୭ରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ପଞ୍ଜାବର ଜଳନ୍ଧର ଓ ମୋହାଲିରେ ଏସିଆନ ଚାମ୍ପିଅନ୍ସ ଟ୍ରଫି ହକି ଖେଳାଯିବ। ଡିଫେଣ୍ଡିଂ ଚାମ୍ପିଅନ ଭାରତୀୟ ଦଳ ପ୍ରଥମ ଦିବସରେ ବାଂଲାଦେଶ ସହ ଖେଳି ଅଭିଯାନ ଆରମ୍ଭ କରିବ।

ଜାତୀୟ ସିନିଅର ପୁରୁଷ ହକି

ଓଡ଼ିଶାର ହ୍ୟାଟ୍ରିକ ବିଜୟ

ଭୁବନେଶ୍ୱର, ୧୩।୧୦ (ସମିସ): ଉତ୍ତର ପ୍ରଦେଶର ଝାନ୍‌ସୀରେ ଚାଲିଥିବା ଜାତୀୟ ସିନିଅର ପୁରୁଷ ହକିରେ ଓଡ଼ିଶା ଦଳ ହ୍ୟାଟ୍ରିକ ବିଜୟ ଲାଭ କରିଛି। ମଙ୍ଗଳବାର ଅନୁଷ୍ଠିତ ପୁଲ୍-ଏ'ର ଏକ ମ୍ୟାଚରେ ଓଡ଼ିଶା ୧୦-୧ ଗୋଲ୍‌ରେ ଏକପାଖିଆ ଭାବରେ ଆସାମକୁ ହରାଇଦେଇଛି। ବିଜୟୀ ଓଡ଼ିଶା ପକ୍ଷରୁ ଅନମୋଲ୍ ଏକ୍କା ହ୍ୟାଟ୍ରିକ ଗୋଲ୍‌ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିତିକ ଲାକ୍ରା, ଦୀପକ ମିଞ୍ଜ ୨ଟି ଲେଖାଏ ଏବଂ ପ୍ରସାଦ କୁଜୁର, ଅଜୟ କୁମାର ଏକ୍କା ଓ ସୁଦୀପ ଚିରମାକୋଙ୍କ ଷ୍ଟିକ୍‌ରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା। ଦୀପସାନ ତିର୍କୀଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ ଏଥିପୂର୍ବରୁ ପ୍ରଥମ ଦୁଇଟି ମ୍ୟାଚରେ ଯଥାକ୍ରମେ ୧୮-୧ ଗୋଲରେ ଉତ୍ତରାଖଣ୍ଡକୁ ଏବଂ ୯-୦ ଗୋଲରେ କେରଳକୁ ପରାସ୍ତ କରିଥିଲା। ଫଳରେ ହ୍ୟାଟ୍ରିକ ବିଜୟ ସହ ଓଡ଼ିଶା ଏବେ ୯ ପଏଣ୍ଟ ପାଇ ଟେବୁଲ ଶୀର୍ଷରେ ରହିଛି।

ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ ଫୁଟବଲ ଉଦ୍‌ଯାପିତ

ଓଡିଏମ୍ ଗ୍ଲୋବାଲ୍ ସ୍କୁଲ ଚାମ୍ପିଅନ



ଭୁବନେଶ୍ୱର,୧୩।୧୦(ସମିସ): ଓଡିଏମ୍ ଗ୍ଲୋବାଲ ସ୍କୁଲ ଚତୁର୍ଥ ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ ବା ୟୁନିଲାଇଟ୍ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ମଙ୍ଗଳବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଓଡିଏମ୍ ଗ୍ଲୋବାଲ ସ୍କୁଲ୍ ୪-୧ ଗୋଲରେ କିସ (କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ)କୁ ପରାସ୍ତ କରି ଟାଇଟଲ ବିଜୟୀ ହୋଇଛି। ଭୁବନେଶ୍ୱର ଭେଟେରାନ ଫୁଟବଲ ଆସୋସିଏସନ ଆନୁକୂଲ୍ୟରେ ଏବଂ ରାଜ୍ୟ କ୍ରୀଡ଼ା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଏକାମ୍ର ବିଧାୟକ ବାବୁ ସିଂ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସମାଜସେବୀ ଜଗନ୍ନାଥ ପ୍ରଧାନ, ପୂରାତନ ଖେଳାଳି ମକ୍‌ବୁଲ ଅଲି, ଅନ୍ତର୍ଜାତୀୟ ଖେଳାଳି ଶ୍ରାବଣୀ ନନ୍ଦ ଓ ୟୁନିଲାଇଟ୍‌ର ଭାଇସ୍ ପ୍ରେସିଡେଣ୍ଟ ଦେବବ୍ରତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆସୋସିଏସନର ସଭାପତି ନବରଞ୍ଜନ ପଟ୍ଟନାୟକଙ୍କ ପୌରୋହିତ୍ୟରେ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇଥିଲା।

ଆଇଏସ୍‌ଏଲ୍‌ରେ ଆଜି ଅଭିଯାନ ଆରମ୍ଭ କରିବ ଓଏଫ୍‌ସି

ଭୁବନେଶ୍ୱର, ୧୩।୧୦ (ସମିସ): ଇଣ୍ଡିଆନ ସୁପର୍ ଲିଗ୍‌ର ୧୩ତମ ସିଜନରେ ଓଡ଼ିଶା ଫୁଟବଲ୍ କ୍ଲବ (ଓଏଫ୍‌ସି) ବୁଧବାର ପଞ୍ଜାବ ଏଫ୍‌ସି ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ନୂଆଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମରେ ରାତି ୭ଟା ୩୦ରେ ଏହି ମ୍ୟାଚ୍ ଖେଳାଯିବ। ପଞ୍ଜାବ ଏଫ୍‌ସିର ମଧ୍ୟ ଏହା ପ୍ରଥମ ମ୍ୟାଚ୍ ହେବ। ଗତ ସିଜନରେ ପଞ୍ଜାବ ପ୍ରଭାବୀ ପ୍ରଦର୍ଶନ କରି ୧୩ଟି ମ୍ୟାଚରୁ ୨୨ ପଏଣ୍ଟ ପାଇ ଟେବୁଲ ତାଲିକାର ୬ଷ୍ଠ ସ୍ଥାନରେ ରହିଥିଲା। ତେଣୁ ଏହି ପ୍ରଦର୍ଶନଠୁ ଆହୁରି ଉନ୍ନତ କରିବା ଲକ୍ଷ୍ୟରେ ରହିଛି ପଞ୍ଜାବ। ଅପରପକ୍ଷରେ ଭୁବନେଶ୍ୱରଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ଗତ ସିଜନରେ ୧୩ଟି ମ୍ୟାଚରୁ ମାତ୍ର ୧୧ ପଏଣ୍ଟ ପାଇଥିଲା। ଟେବୁଲ ତାଲିକାରେ ଦଳ ୧୧ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ତେବେ ଚଳିତ ଆଇଏସଏଲ ପୂର୍ବରୁ ଓଡ଼ିଶା ଏଫ୍‌ସି ଦଳ କୌଣସି ପ୍ରି-ସିଜନ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିନାହିଁ। 'ଅଭ୍ୟାସ ମ୍ୟାଚ୍ ଖେଳି ନ ଥିବାରୁ ଏହା ନିଶ୍ଚିତ ଭାବରେ ଆମକୁ ପ୍ରଭାବିତ କରିବ। ତେବେ ପ୍ରଫେଶନାଲ ଖେଳାଳି ଭାବରେ ଆମେ ଏହି ପରିସ୍ଥିତିକୁ ଖାପଖୁଆଇ ନେବୁ' ବୋଲି ଓଏଫ୍‌ସିର ମୁଖ୍ୟ କୋଚ୍ ଟିଜି ପୁରୁଷୋତ୍ତମ କହିଛନ୍ତି।

ଓଡ଼ିଶା ଏଫ୍‌ସି-ପଞ୍ଜାବ ଏଫ୍‌ସି
ଆରମ୍ଭ: ରାତି ୭ଟା ୩୦, **ସ୍ଥାନ:** ନୂଆଦିଲ୍ଲୀ, **ପ୍ରସାରଣ:** ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ

ଭୁବନେଶ୍ୱର କପ୍ ରାଜ୍ୟସ୍ତରୀୟ କ୍ୟାରମ୍

ଆକାଶ, ଗୌତମ-କାଳୀନାରାୟଣ ଚାମ୍ପିଅନ



ଭୁବନେଶ୍ୱର,୧୩।୧୦(ସମିସ): ଖୋର୍ଦ୍ଧାର ଭି ଆକାଶ ଓ କେଭିମାୟାର ଓଡ଼ିଶା ସଚିବାଳୟ ରିକ୍ରିଏସନ କ୍ଲବ୍ ପକ୍ଷରୁ ଆୟୋଜିତ ଭୁବନେଶ୍ୱର କପ୍ ରାଜ୍ୟସ୍ତରୀୟ କ୍ୟାରମ ପ୍ରତିଯୋଗିତାର ପୁରୁଷ ଏକକରେ ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଛନ୍ତି। ସେହିପରି ପୁରୁଷ ଯୁଗଳରେ ପୁରୀର ଗୌତମ ପ୍ରସାଦ ଭୋଳ ଓ କଳୀନାରାୟଣ ପଟ୍ଟନାୟକ ଚାମ୍ପିଅନ ଓ ଖୋର୍ଦ୍ଧାର ତ୍ରିନାଥ ବେହେରା ଓ ତପନ କୁମାର ସେନାପତି ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। ପ୍ରତିଯୋଗିତା ଶେଷରେ ରାଜ୍ୟ ସରକାରଙ୍କ ପୂର୍ବତନ ଅତିରିକ୍ତ ଶାସନ ସଚିବ ଚିତ୍ତରଞ୍ଜନ ହୋତା ମୁଖ୍ୟ ଅତିଥି, ନୃସିଂହଚରଣ ପୃଷ୍ଟି ଓ ରଣଜିତ ମୁଦୁଲି ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟ ରେଫରୀ ବିଭୂତିଭୂଷଣ ସେନାପତି ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ରିକ୍ରିଏସନ କ୍ଲବ୍‌ର କାର୍ଯ୍ୟକାରୀ ସଦସ୍ୟ ଡଃ ପ୍ରିୟରଞ୍ଜନ ଷଡଙ୍ଗୀ, ରୋହିତରଞ୍ଜନ ନାୟକ, ବାମନଚରଣ ପ୍ରତିହାରୀ ଓ ରାକେଶ କୁମାର ପଣ୍ଡାଙ୍କ ସହଯୋଗରେ ଏହି ପ୍ରତିଯୋଗିତା ସଫଳତାର ସହ ଅନୁଷ୍ଠିତ ହୋଇଥିଲା।

ସିକେ ନାଇଡୁ ଟ୍ରଫି: ଓଡ଼ିଶା ବିପକ୍ଷରେ ବିହାର ଇନିଂସ ଅଗ୍ରଣୀ

ବଲାଙ୍ଗିର,୧୩।୧୦(ସମିସ): ବାସୁଦେବ ପ୍ରସାଦ ସିଂ ଓ ସୁମନ କୁମାର ସିଂଙ୍କ ସୁନ୍ଦର ବୋଲିଂ ବଳରେ ସ୍ଥାନୀୟ ଗାନ୍ଧି ଷ୍ଟାଡିୟମ୍‌ରେ ଚାଲିଥିବା ଓଡ଼ିଶା ବିପକ୍ଷ ୨୩ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫି ମୁକାବିଲାରେ ବିହାର ପ୍ରଥମ ଇନିଂସ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଏହି ମ୍ୟାଚ୍‌ର ପ୍ରଥମ ଦିନରେ ବିହାର ୨୦୭ ରନ୍ କରିଥିଲା। ଜବାବରେ ୧ ୱିକେଟରେ ୬୬ ରନ୍ କରିଥିବା ଓଡ଼ିଶା ପ୍ରତିଦ୍ୱନ୍ଦ୍ୱୀ ଦଳ ବୋଲିଂର ଉଚିତ ମୁକାବିଲା କରି ନ ପାରି ୩୮.୩ ଓଭରରେ ୧୫୯ ରନ୍ କରିଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ପାନକଲ ଶଶାଙ୍କ ୩୮ ଓ ଆୟୁଷ ସୂତାର ୩୫ ରନ୍ କରିଥିଲେ। ବିହାର ପକ୍ଷରୁ ବାସୁଦେବ ୫୩ ରନ୍‌ରେ ୬ଟି ଓ ସୁମନ ୩୨ ରନ୍‌ରେ ୩ଟି ୱିକେଟ ଅକ୍ତିଆର କରି ଓଡ଼ିଶାର କ୍ଷତି ଘଟାଇଥିଲେ। ଦ୍ୱିତୀୟ ଦିନ ଖେଳ ଶେଷରେ ବିହାର ୨ ୱିକେଟରେ ୧୫୫ ରନ୍ ସଂଗ୍ରହ କରି ନିଜର ସ୍ଥିତି ମଜଭୁତ କରିବାରେ ସଫଳ ହୋଇଛି। ଶିବମ ୮୪ ଓ ପ୍ରଶାନ୍ତ ଧୀରଜ ୬୨ ରନ୍ କରିଛନ୍ତି।

ବାଦଲଙ୍କୁ ୫ ୱିକେଟ; ନିନାଦଙ୍କ ଅର୍ଦ୍ଧଶତକ

ଗୁଜରାଟର ଦମ୍‌ଦାର ପ୍ରଦର୍ଶନ: ବିପଦରେ ଓଡ଼ିଶା

ଭୁବନେଶ୍ୱର,୧୩।୧୦ (ସମିସ)



ବାଦଲ ବିଶ୍ୱାଳ



ନିନାଦ ରାଠୱା

ଗୁଜରାଟ ଦଳର ଅଲରାଉଣ୍ଡ ସଫଳତା ବଳରେ ଅହମ୍‌ଦାବାଦ୍‌ରେ ଚାଲିଥିବା ଏଲିଟ-ସି' ରଣଜୀ ମୁକାବିଲାରେ ଓଡ଼ିଶା ବିପଦରେ ପଡ଼ିଛି। ଏହି ମ୍ୟାଚ୍‌ର ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଓଡ଼ିଶା ହାତରେ ୬ଟି (ଆହତ ଓପନର ସ୍ୱସ୍ତିକ ସାମଲଙ୍କୁ ମିଶାଇ) ୱିକେଟ ବାକିଥାଇ ମାତ୍ର ୪ ରନ୍‌ରେ ଆଗୁଆ ରହିଛି। ଆସନ୍ତାକାଲି ଶେଷ ଦିନରେ ମ୍ୟାଚ୍‌ର ଫଳାଫଳ ବାହାରିବା ନେଇ ଆଶା କରାଯାଉଛି। ଓଡ଼ିଶାର ବ୍ୟାଟରଙ୍କ ଉପରେ ଦଳ ଗୋଟିଏ ପଏଣ୍ଟ ପାଇବ କି ନାହିଁ ତାହା ନିର୍ଭର କରୁଛି। କିନ୍ତୁ ଆଜି ଗୁଜରାଟ ଖେଳାଳି ଯେପରି ପ୍ରଦର୍ଶନ କରିଛନ୍ତି, ସେଥିରେ ଏହି ମ୍ୟାଚ୍‌କୁ କୌଣସି ପରିସ୍ଥିତିରେ ହାତଛଡ଼ା କରିବ ନାହିଁ ବୋଲି ସ୍ପଷ୍ଟ କରିଛି। ଏହାର ଅର୍ଥ ଏହି ମ୍ୟାଚ୍‌ରୁ ଗୁଜରାଟ ପୂରାପଏଣ୍ଟ ହାତେଇବା ଚକ୍କରରେ ରହିଛି। ଓଡ଼ିଶା ଯଦି ମ୍ୟାଚ୍ ଡ୍ର ରଖିବାକୁ ସଫଳ ହୁଏ ତେବେ ପ୍ରଥମ ଇନିଂସ ପଛୁଆ ଭିତ୍ତିରେ ମାତ୍ର ଗୋଟିଏ ପଏଣ୍ଟ ସଂଗ୍ରହ କରିପାରିବ।

ଏହି ମ୍ୟାଚ୍‌ରେ ଓଡ଼ିଶାର ପ୍ରଥମ ଇନିଂସ ସ୍କୋର ୩୨୪ ରନ୍ ଜବାବରେ ଗୁଜରାଟ ୪୩୯ ରନ୍ କରିଥିଲା। ଦଳ ପକ୍ଷରୁ ଡେବ୍ୟୁଟାଣ୍ଟ ନଂ-୩ ବେଦାନ୍ତ ତ୍ରିବେଦୀ ପ୍ରଥମ ମ୍ୟାଚ୍‌ରେ ଶତକ ହାସଲ କରିବା ସହ ୧୦୮ ରନ୍ କରିଥିଲେ। ଓପନର ଆର୍ଯ୍ୟା ଦେଶାଇ ୯୪, ବିସ୍ଫୋରକ ବ୍ୟାଟର ଉର୍ଭିଲ ପଟେଲ ୬୬ ବଲ୍‌ରେ ୪ଚୌକା ଓ ୭ଛକା ସହ ୮୫, ନଂ-୯ରେ ବ୍ୟାଟିଂ କରିଥିବା ଫାଷ୍ଟ ବୋଲର ହର୍ଷଲ ପଟେଲ ୬୦ ଏବଂ ନଂ-୧୦ ଆର୍ଜନ ନାଗସୱାଲା ୨୮ ରନ୍ କରି ଓଡ଼ିଶା ବିପକ୍ଷରେ ଘରୋଇ ଦଳକୁ ୧୧୫ ରନ୍‌ରେ ପ୍ରଥମ ଇନିଂସ ଅଗ୍ରଣୀ କରାଇବାରେ ସଫଳ ହୋଇଥିଲେ। ଓଡ଼ିଶା ପକ୍ଷରୁ ଯୁବ ବାମହାତୀ ସ୍ପିନର ବାଦଲ ବିଶ୍ୱାଳ ୧୧୮ ରନ୍‌ରେ ୫ଟି ୱିକେଟ ନେଇ ସଫଳ ବୋଲର ସାବ୍ୟସ୍ତ ହୋଇଥିଲେ। ଓଡ଼ିଶା ଏହି ମ୍ୟାଚ୍‌ରେ ଅନ୍ୟତମ ବାମହାତୀ ସ୍ପିନର ସୟଦ ତୁଫେଲ ଅହମ୍ମଦ୍‌ଙ୍କୁ ନ ଖେଳାଇ ଯେଉଁ ତ୍ରୁଟି କରିଛି ତାହା ଫଳାଫଳରୁ ଆସନ୍ତାକାଲି ସ୍ପଷ୍ଟ ହେବ। ଓଡ଼ିଶା ପକ୍ଷରୁ ଦୁଇ ଫାଷ୍ଟ ବୋଲର ରାଜେଶ ମହାନ୍ତି ଓ ଆମଦାନି ବୋଲର ଲଳିତ ଯାଦବ ୨ଟି ଲେଖାଏଁ ୱିକେଟ ପାଇଥିଲେ। ୧୧୫ ରନ୍‌ରେ ପ୍ରଥମ ଇନିଂସ ପଛରେ ଥାଇ ଦ୍ୱିତୀୟ ଇନିଂସ ଖେଳିଥିବା ଓଡ଼ିଶା ପ୍ରତିପକ୍ଷ ଭେଟେରାନ ଫାଷ୍ଟ ବୋଲର ଆର୍ଜନ ନାଗସୱାଲାଙ୍କୁ ମୁକାବିଲା କରି ନ ପାରି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ନାଗସୱାଲା ତାଙ୍କ ସ୍ପେଲ୍‌ରେ ଆହତ ସ୍ୱସ୍ତିକଙ୍କ ସ୍ଥାନରେ ଇନିଂସ ଓପନ କରିଥିବା ଓମଟି ମୁଣ୍ଡେ, ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ଖାତା ଖୋଲିବାକୁ ନ ଦେଇ ପାଭିଲିୟନ ଫେରାଇଦେଇଥିଲେ। ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଗୌରବ ଚୌଧୁରୀ (୧୮)ଙ୍କୁ ସେ ତାଙ୍କ ତୃତୀୟ ଶିକାର ବନାଇଥିଲେ। ଓଡ଼ିଶା ୨୪ ରନ୍‌ରେ ୩ଟି ୱିକେଟ ହରାଇବା ପରେ ସନ୍ଦୀପ ପଟ୍ଟନାୟକ ଓ ଆମଦାନୀ ହୋଇ ଖେଳୁଥିବା ନିନାଦ ରାଠୱା ଲଢୁଆ ବ୍ୟାଟିଂ କରି ସ୍ଥିତି ସମ୍ଭାଳିଥିଲେ। ଖେଳ ଶେଷ ହେବାକୁ ଆଉ ୪ ଓଭର ବାକିଥିଲାବେଳେ ରାଠୱାଙ୍କୁ ବୋଲ୍ଡ କରି ହର୍ଷଲ ପଟେଲ ଏହି ଯୋଡି ଭାଙ୍ଗିଦେଇଥିଲେ। ରାଠୱା ୫୭ ବଲରୁ ୫୩ ରନ୍ କରିବା ସହ ଓଡ଼ିଶା ଲାଗି ପ୍ରଥମ ଅର୍ଦ୍ଧଶତକ ହାସଲ କରିଛନ୍ତି। ଚତୁର୍ଥ ୱିକେଟରେ ସନ୍ଦୀପଙ୍କ ସହ ସେ ୮୯ ରନ୍ ଉଠାଇ ଓଡ଼ିଶାକୁ ଇନିଂସ ପରାଜୟରୁ ଏଡାଇଯାଇଛନ୍ତି। ସନ୍ଦୀପ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ୮୨ବଲ୍‌ରୁ ୬ଚୌକା ଓ ୧ଛକା ସହ ୪୧ ଓ ସମ୍ବିତ ବେଜା ୧ ରନ୍‌ରେ ବ୍ୟାଟିଂ କରୁଥିଲେ। ଓଡ଼ିଶା ଦ୍ୱିତୀୟ ଇନିଂସରେ ୪ ୱିକେଟ ହରାଇ ୧୧୯ ରନ୍ କରିଛି।

ଷଷ୍ଠ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବସନ୍ତ କୁମାର ମହାନ୍ତି
(କୁନିଆ ବାବୁ)
ଖଣ୍ଡପଡ଼ା ଟାଉନ (ଦୋଷନ୍ଦି ସାହି), ନୟାଗଡ଼
ଆବିର୍ଭାବ : ୧୧. ୦୨.୧୯୫୫
ତିରୋଧାନ :୨୦.୦୯.୨୦୨୦
ବାପା ! ଆପଣଙ୍କ ଆଶୀର୍ବାଦ ଆମ ମାନଙ୍କ ଉପରେ ସଦା ସର୍ବଦା ରହିଥାଉ, ଈଶ୍ୱରଙ୍କ ନିକଟରେ ଏତିକି କାମନା ଓ ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ : ଶୋକସନ୍ତପ୍ତ ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁବାନ୍ଧବ ଏବଂ ପରିବାର ବର୍ଗ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY